R.N.I. REGN. No. 65000/96 POSTAL REGN. No. OR/BN-32/12-14

ତ୍ରିଂଶତମ ବର୍ଷ
ସଂଖ୍ୟା : ୨୬୦
ତିଥି : ଦଶମୀ
୨୫ ଜୁନ୍ ୨୦୨୬, ଗୁରୁବାର
ଭୁବନେଶ୍ୱର
ପୃଷ୍ଠା- ୧୨, ମୂଲ୍ୟ- ଟ.୫.୦୦

ସମୟ SAMAYA

# ସମୟ

ପ୍ରତିଷ୍ଠାତା - ବସନ୍ତ କୁମାର ବିଶ୍ୱାଳ

Vol. - XXX, No. 260
25 June 2026, Thursday
Bhubaneswar
Price: 5.00
Online Portal
www.odishasamaya.com
samayaepaper.com
odishasamaya
thesamayanews@gmail.com
www.samayalive.in

Bhubaneswar | Balasore | Angul | Berhampur | Sambalpur

## ଗୋଦାମ ଛାତ ଭୁଶୁଡ଼ି ୪ ମୃତ, ୧୫ ଆହତ



ନୂଆଦିଲ୍ଲୀ,୨୪।୬(ଏଜେନ୍ସି): କୋଲକାତାର ତାରା ତଲା ଅଞ୍ଚଳରେ ୩ ମହଲାର ନିର୍ମାଣଧିନ ଗୋଦାମ ଘର ଭୁଷୁଡି ୪ ଜଣଙ୍କ ମୃତ୍ୟୁ ହେବା ସହ ୧୫ରୁ ଊର୍ଦ୍ଧ୍ୱ ଶ୍ରମିକ ଆହତ ହୋଇଛନ୍ତି। ପ୍ରାୟ ୪୦ରୁ ଅଧିକ ଶ୍ରମିକ ଫଶି ରହିଥିବାର ଆଶଙ୍କା କରାଯାଉଛି। ଉର୍ଦ୍ଧ୍ୱର ଓ ରିଲିଫ କାର୍ଯ୍ୟରେ ସେନା, ଏନଡିଆରଏଫ, ଏସଡିଆରଏଫ, ପୋଲିସ ଓ ଅଗ୍ନିଶମ ବାହିନୀ ନିୟୋଜିତ ଅଛନ୍ତି। ଏବେ ସୁଧା ବହୁ ଲୋକ ଭଗ୍ନାବିଶେଷ ମଧରେ ରହିଥିବା ଆଶଙ୍କା କରାଯାଉଛି। ଉଦ୍ଧାର କାର୍ଯ୍ୟ ଜୋରସୋରରେ ଚାଲିଛି। ଭାଙ୍ଗି ପଡିଥିବା କଙ୍କିଟ ଓ ଷ୍ଟିଲ ମଧରେ କିଛି ଲୋକ ଉଦ୍ଧାର ପାଇ ଚିତ୍କାର କରୁଥିବା ଶୁଣିବାକୁ ମିଳିଛି।

ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ସୁଭେନ୍ଦୁ ଅଧିକାରୀ ଘଟଣାସ୍ଥଳକୁ ଯାଇଛନ୍ତି। ସେ କହିଛନ୍ତି ଯେ, ସବୁ ସଂସ୍ଥା ଗୁଡିକ ମିଳିତ ଭାବେ ଉଦ୍ଧାର କାର୍ଯ୍ୟରେ ଲାଗିଛନ୍ତି। ଆହତମାନଙ୍କୁ ଏସଏସକେଏମ ହସ୍ପିଟାଲକୁ ନିଆଯାଉଛି। ତେବେ କେତେ ସଂଖ୍ୟକ ଶ୍ରମିକ କାମ କରୁଥିଲେ ଏପର୍ଯ୍ୟନ୍ତ ତାହା ଜଣାପଡିନାହିଁ। ପାରମ୍ଭିକ ରିପୋର୍ଟ ଅନୁଯାୟୀ ୪୦ରୁ ୫୦ ଲୋକ କାର୍ଯ୍ୟ କରୁଥିବା ସୂଚନା ମିଳୁଛି। ସ୍ଥାନୀୟ ଲୋକ କହିବା ଅନୁଯାୟୀ ଛାତ ଭୁଷୁଡିବା ଶବ୍ଦ ଶୁଣିବାକୁ ମିଳିଥିଲା। କିଛି ସମୟ ମଧରେ ଲୋକମାନେ ପହଞ୍ଚି ଉଦ୍ଧାର ଓ ସାହାର୍ଯ୍ୟ କାର୍ଯ୍ୟରେ ଲାଗିପଡିଥିଲେ। ଲୁହାର ବଡ଼ ବଡ଼ ବିମ୍ ଓ କଙ୍କିଟ ନିର୍ମାଣ କାର୍ଯ୍ୟରେ ବ୍ୟବହାର ହୋଇଥିଲା। ସେନା ଓ ଏନଡିଆରଏଫ ପକ୍ଷରୁ ଡ୍ରୋନ ଏବଂ ସନ୍ଧାନୀ କୁକୁରଙ୍କୁ ଉଦ୍ଧାର କାର୍ଯ୍ୟରେ ନିୟୋଜିତ କରାଯାଇଛି। ରାଜ୍ୟ ସରକାରଙ୍କ ଅନୁରୋଧକ୍ରମେ ୪ କଲମ ସେନାକୁ ମୃତୟନ କରାଯାଇଛି। ଗ୍ୟାସ କଟର ସାହାର୍ଯ୍ୟରେ ବଙ୍କା ହୋଇଥିବା ଲୁହା ରଡକୁ କାଟିବାକୁ ଉଦ୍ୟମ କରାଯାଉଛି। ଡ୍ରିଲିଂ ମଧ କରାଯାଉଛି। କଲକୋତା ପୋଲିସ ବିପର୍ଯ୍ୟୟ ପରିଚାଳନା ଟିମର ଜଣେ ଅଧିକାରୀ କହିବା ଅନୁଯାୟୀ ଲୋକମାନଙ୍କ ଚିତ୍କାର ଶୁଣି ଆମେ ସେଠାକୁ ସାହାର୍ଯ୍ୟ ପାଇଁ ଯାଉଛୁ। ଶବ୍ଦ ହିଁ ଆମକୁ ରାସ୍ତା ଦେଖାଉଛି। ପ୍ରତ୍ୟେକ ଦର୍ଶୀମାନେ କହିଛନ୍ତି ଯେ, ନିର୍ମାଣ କାର୍ଯ୍ୟ ପୂର ଦମରେ ଚାଲିଥିବା ବେଳେ ହଠାତ ଭାଙ୍ଗି ପଡିଥିଲା। ତଳମହଲାରେ ନିର୍ମାଣ କାର୍ଯ୍ୟ ଚାଲୁଥିଲା। ଦ୍ୱିତୀୟ ଓ ତୃତୀୟ ମହଲାର ଆରସିସି ଢ଼ାଞ୍ଚା ଶେଷ ହୋଇଥିଲା। ତେବେ ସମ୍ପୂର୍ଣ୍ଣ କୋଠାର ଢ଼ାଞ୍ଚା ଭାଙ୍ଗି ପଡିଛି। କଙ୍କ୍ରିଟର କାଷ୍ଟିଂ କାର୍ଯ୍ୟ ଚାଲିଥିବା ବେଳେ ଏଭଳି ଘଟଣା ଘଟିଛି।

## ପାସ୍‌ପୋର୍ଟ ନାଗରିକତ୍ୱର ପ୍ରମାଣପତ୍ର ନୁହେଁ

ନୂଆଦିଲ୍ଲୀ,୨୪।୬(ଏଜେନ୍ସି): ପାସପୋର୍ଟ ହେଉଛି ଯାତ୍ରା କରିବାର ଏକ ଦସ୍ତାବିଜ। ଏହା ଦ୍ୱାରା ନାଗରିକତ୍ୱର ପ୍ରମାଣ କରାଯାଇପାରିବ ନାହିଁ। ଯଦିଓ ଏହାର କେବଳ ଭାରତୀୟ ନାଗରିକଙ୍କୁ ଦିଆଯାଉଛି ତେବେ ଏହା ନାଗରିକତ୍ୱର ପ୍ରମାଣ ଦେବ ନାହିଁ ବୋଲି ବୈଦେଶିକ ବ୍ୟାପର ମନ୍ତ୍ରଣାଳୟ ପକ୍ଷରୁ କୁହାଯାଉଛି।



### ଏହା ଏକ ପରିଭ୍ରମଣର ଦସ୍ତାବିଜ୍ : କେନ୍ଦ୍ର

ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ ୧୪ତମ ପାସପୋର୍ଟ ସେବା ଦିବସରେ ଏହା ସ୍ପଷ୍ଟ କରାଯାଇଛି। ବୈଦେଶିକ ମନ୍ତ୍ରଣାଳୟ କହିଛି ଯେ, ପାସପୋର୍ଟ ହେଉଛି ବିଭିନ୍ନ ସ୍ଥାନକୁ ପରିଦର୍ଶନରେ ଯିବା ଲାଗି ଏକ ଦସ୍ତବିଜ। ଯାହା ବିଦେଶ ଯାତ୍ରା ଲାଗି ସରକାରଙ୍କ ପକ୍ଷରୁ ଦିଆଯାଇଥାଏ। ତେବେ ପାସପୋର୍ଟ ଯେଉଁ ଭଳି ଭାବରେ ଦିଆଯାଉଛି ଏହା ନାଗରିକତ୍ୱକୁ ପ୍ରମାଣ କରୁନାହିଁ। ପାସପୋର୍ଟ ଯଦି ତୁମ ପାଖରେ ରହିଛି ଏହାର ଅର୍ଥ ଏହା ଭାରତ ସରକାରଙ୍କ ଏକ ସମ୍ପତ୍ତି। ଯେତେ ବେଳେ ସରକାର ନିର୍ଦ୍ଦେଶ ଦେବେ ଏହାକୁ ଫେରାଇବାକୁ ପଡିବ। ଚଳିତ ବର୍ଷ ଏସଆଇଆର ସମୟରେ ସୁପ୍ରିମକୋର୍ଟ କହିଥିଲେ ଯେ, ଆଧାରକୁ ମଧ ନାଗରିକତ୍ୱର ପ୍ରମାଣ ଭାବେ ଗ୍ରହଣ କରାଯାଇପାରିବ ନାହିଁ। ପରିଚୟ ପାଇଁ ଏହା ଏକ ଦସ୍ତବିଜ। ଭୋଟ ପରିଚୟ ମଧ ନାଗରିକତ୍ୱର ଦସ୍ତବିଜ ହୋଇପାରିବ ନାହିଁ। ଏହା ତୁମର ପରିଚୟ ବାସିନ୍ଦାକୁ ପ୍ରମାଣ ଦେବ। ନାଗରିକତ୍ୱ ଆଇନରେ ଯଦି ଜଣେ ବ୍ୟକ୍ତି ୧୯୫୦ ଜାନୁଆରୀ ୨୬ ପରେ ଓ ୧୯୮୭ ଜୁଲାଇ ୧ ପୂର୍ବରୁ ଭାରତରେ ଜନ୍ମ ନେଇଛି ସିଏ ଭାରତୀୟ। ତେବେ ଜୁଲାଇ ୧୯୮୭ ପରେ ଜନ୍ମ ନେଇଥିବା ବ୍ୟକ୍ତି ତାଙ୍କ ବାପ ମା ଯଦି ନାଗରିକ ହୋଇଥିବେ ସେ ନାଗରିକ ଦାବି କରିପାରିବ।

## ୯୦ ହଜାରରୁ ଊର୍ଦ୍ଧ୍ୱ ଭିନ୍ନକ୍ଷମଙ୍କୁ ମିଳୁଛି ଭତ୍ତା



ଭୁବନେଶ୍ୱର, ୨୪।୬ (ସବ୍ୟୁ): କେନ୍ଦ୍ର ସାମାଜିକ ନ୍ୟାୟ ଏବଂ ସଶକ୍ତିକରଣ ବିଭାଗ ରାଷ୍ଟ୍ରମନ୍ତ୍ରୀ ରାମଦାସ ଆଠୱାଲେ ଓଡ଼ିଶା ଗସ୍ତରେ ଆସିଛନ୍ତି। ଏହି ଗସ୍ତ ସମୟରେ ପ୍ରଥମ ପର୍ଯ୍ୟାୟରେ ଓଡ଼ିଶା ସରକାରଙ୍କ ବିଭିନ୍ନ ବିଭାଗର ଅଧିକାରୀଙ୍କ ସହ ସମୀକ୍ଷା ବୈଠକ କରିଥିଲେ। ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ, ଅନୁସୂଚିତ ଜନଜାତି, ଅନୁସୂଚିତ ଜାତି ଉନ୍ନୟନ, ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆ ବର୍ଗ କଲ୍ୟାଣ ବିଭାଗ, ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ, ବିଏମସିର ବରିଷ୍ଠ ଅଧିକାରୀଙ୍କ ସହ ବିଭିନ୍ନ ଜନକଲ୍ୟାଣକାରୀ ଯୋଜନାର କାର୍ଯ୍ୟାନ୍ୱୟନ ସମ୍ପର୍କରେ ଆଲୋଚନା କରିଛନ୍ତି।

ସମୀକ୍ଷା ବୈଠକରେ ଅନୁସୂଚିତ ଜାତି, ଓବିସିଙ୍କ ପାଇଁ କାର୍ଯ୍ୟକାରୀ ହେଉଥିବା ଯୋଜନା ସମ୍ପର୍କରେ ଆଲୋଚନା କରି ଛାତ୍ରବୃତ୍ତି, ଉଚ୍ଚ ଶିକ୍ଷା ଓ ଚାକିରୀରେ ସଂରକ୍ଷଣ ସମ୍ପର୍କରେ ପଚାରିବୁଝିଥିଲେ ରାଷ୍ଟ୍ରମନ୍ତ୍ରୀ ଶ୍ରୀ ଆଠୱାଲେ। ନିକଟରେ ଅନୁସୂଚିତ ଜନଜାତିଙ୍କ ସଂରକ୍ଷଣ ହାର ୨୨.୫ % କୁ, ଅନୁସୂଚିତ ଜାତିଙ୍କ ସଂରକ୍ଷଣ ହାର ୧୬.୨୫% କୁ ବୃଦ୍ଧି କରିବା ସହ ସାମାଜିକ ଓ ଶିକ୍ଷାଗତ ଭାବେ ପଛୁଆବର୍ଗର ଛାତ୍ରଛାତ୍ରୀଙ୍କ ପାଇଁ ୧୧.୨୫% ସଂରକ୍ଷଣ ବ୍ୟବସ୍ଥା ଏହି ଶିକ୍ଷା ବର୍ଷଠାରୁ ଲାଗୁ କରାଯାଇଛି। ରାଜ୍ୟ ସରକାରଙ୍କ ଏହି ପ୍ରୟାସ ବିଷୟରେ ଜାଣି ସେ ଖୁସି ବ୍ୟକ୍ତ କରିଥିଲେ।

ସେହିପରି ଜନଆକ୍ରୋସର ଶିକାର ହେଉଥିବା ପୀଡିତଙ୍କୁ ଆର୍ଥିକ ସହାୟତା ଯୋଗାଇ ଦିଆଯାଉଥିବା ନେଇ ସେ ଖୁସି ବ୍ୟକ୍ତ କରିଥିଲେ। ବର୍ତ୍ତମାନ ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ବର୍ଗ ନିଜର ଅଧିକାର ସମ୍ପର୍କରେ ଅଧିକ ସଚେତନ ହେଉଥିବା ନେଇ ସୂଚନା ଦେଇଥିଲେ। ରାଜ୍ୟରେ ଆନ୍ତଃଜାତି ବିବାହିତ ଦମ୍ପତ୍ତିଙ୍କୁ କେନ୍ଦ୍ର ସରକାରଙ୍କ ସହାୟତାକ୍ରମେ ୨.୫ ଲକ୍ଷ ଟଙ୍କାର ପ୍ରୋତ୍ସାହନ ପ୍ରଦାନ କରାଯାଉଛି। ୨୦୨୪-୨୫ ଓ (୯ ପୃଷ୍ଠାରେ)

### ଭୁବନେଶ୍ୱରରେ ୧୪ତମ ମଲ୍ଟି ଏଜେନ୍ସି ମାରିଟାଇମ୍ ସିକ୍ୟୁରିଟି ଗ୍ରୁପ୍ ବୈଠକ

## ସାମୁଦ୍ରିକ ବାଣିଜ୍ୟ, ସୁରକ୍ଷା ହେଉଛି ପ୍ରଗତିର ପ୍ରବେଶ ପଥ : ମୁଖ୍ୟମନ୍ତ୍ରୀ




ଭୁବନେଶ୍ୱର, ୨୪।୬ (ସବ୍ୟୁ) : ଆମର ସମୁଦ୍ର କେବଳ ଏକ ଭୌଗୋଳିକ ସୀମା ନୁହେଁ; ଏହା ବ୍ୟାପକ ସୁଯୋଗ, ସମୃଦ୍ଧି ଏବଂ ଆନ୍ତର୍ଜାତୀୟ ସହଭାଗିତାର ପ୍ରବେଶ ପଥ ବୋଲି ଲୋକସେବା ଭବନ ଠାରେ ୧୪ତମ ମଲ୍ଟି ଏଜେନ୍ସି ମାରିଟାଇମ୍ ସିକ୍ୟୁରିଟି ଗ୍ରୁପ୍ (ପଲିସି) ବୈଠକକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପ୍ରକାଶ କରିଛନ୍ତି।

ସେ କହିଛନ୍ତି ଯେ ଏକବିଂଶ ଶତାବ୍ଦୀ ହେଉଛି ଇଣ୍ଡୋ-ପାସିଫିକ୍ ଶତାବ୍ଦୀ। ଭାରତ ଆଜି ବିଶ୍ୱରେ ଏକ ପ୍ରମୁଖ ସାମୁଦ୍ରିକ ଶକ୍ତି ଭାବେ ଉଭା ହେଉଛି। ପ୍ରଥମ ଥର ପାଇଁ ନୂଆଦିଲ୍ଲୀ ବାହାରେ ଓଡ଼ିଶାରେ ଏହି ଉଚ୍ଚସ୍ତରୀୟ ଜାତୀୟ ବୈଠକର ଆୟୋଜନ ହେବା ଦେଶର ସଂଘୀୟ ବ୍ୟବସ୍ଥା ପ୍ରତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଆଭିମୁଖ୍ୟକୁ ପ୍ରତିଫଳିତ କରୁଛି ବୋଲି ସେ କହିଛନ୍ତି।

ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଆମର ସମୁଦ୍ର, ବନ୍ଦର, ମତ୍ସ୍ୟ ସମ୍ପଦ ଏବଂ ବ୍ଲୁ ଇକୋନୋମି ହେଉଛି ଆମର ମହତ୍ତ୍ୱପୂର୍ଣ୍ଣ ଜାତୀୟ ସମ୍ପତ୍ତି। ଏଗୁଡ଼ିକର ସୁରକ୍ଷା କେବଳ ଦେଶର ସୁରକ୍ଷା ପାଇଁ ଜରୁରୀ ନୁହେଁ, ବରଂ ଆର୍ଥିକ ବିକାଶ ଓ ସମୁଦ୍ର ଉପରେ ନିର୍ଭର କରୁଥିବା ଲକ୍ଷ ଲକ୍ଷ ଉପକୂଳବାସୀଙ୍କ ଜୀବିକାର କଲ୍ୟାଣ ପାଇଁ ଅତ୍ୟନ୍ତ ଜରୁରୀ। ଆଜିର ସମୟରେ ସାମୁଦ୍ରିକ ସୁରକ୍ଷା କେବଳ ପାରମ୍ପରିକ ଆଇନ-ଶୃଙ୍ଖଳା ମଧ୍ୟରେ ସୀମିତ ନାହିଁ, ବରଂ ଏଥିରେ ଜଟିଳ ଭିତ୍ତିଭୂମିର ସୁରକ୍ଷା, ସାମୁଦ୍ରିକ କ୍ଷେତ୍ରର ଗୁରୁତ୍ୱ ଉପରେ ଆମର ସଚେତନତା, ସାଇବର ସୁରକ୍ଷା, ବିପର୍ଯ୍ୟୟ ପରିଚାଳନା ଏବଂ ପରିବେଶ ସୁରକ୍ଷା ଭଳି ଅନେକ ଆହ୍ୱାନ ସାମିଲ ରହିଛି।

ଓଡ଼ିଶାର ସମୃଦ୍ଧ ସାମୁଦ୍ରିକ ଇତିହାସ ସମ୍ପର୍କରେ ଆଲୋକପାତ କରି ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ବଙ୍ଗୋପସାଗର ତଟରେ ଓଡ଼ିଶାର ପ୍ରାୟ ୫୭୫ କିଲୋମିଟର ଦୀର୍ଘ ତଟରେଖା (୯ ପୃଷ୍ଠାରେ)

## କୋଟିପତି କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ଗିରଫ

ସମ୍ବଲପୁର, ୨୪।୬ (ସବ୍ୟୁ): ସମ୍ବଲପୁର କମାଣ୍ଡ ଏରିଆ ଡେଭଲପ୍‌ମେଣ୍ଟ ଅଥରିଟି(କାଡା) ଡିଭିଜନର କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ପଦ୍ମଲୋଚନ ନାୟକଙ୍କୁ ବୁଧବାର ଭିଜିଲାନ୍ସ ପକ୍ଷରୁ ଗିରଫ କରାଯାଇଛି। ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ତାଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରାଯାଇଛି। ସେ ଆସନ୍ତା ଫେବୃଆରୀ, ୨୦୨୭ରେ ଅବସର ଗ୍ରହଣ କରିଥାନ୍ତେ। ଭିଜିଲାନ୍ସ ପକ୍ଷରୁ ୭ଟି ସ୍ଥାନରେ ଏକକାଳୀନ ଚଢଉ ବେଳେ ୪କୋଟି ୩୫ଲକ୍ଷ ଟଙ୍କାରୁ ଅଧିକ ଆୟ ବହିର୍ଭୂତ ସମ୍ପତ୍ତି ଠାବ କରାଯାଇଛି। ଏହା ତାଙ୍କ ଆୟ ଠାରୁ ୧୧୯ ପ୍ରତିଶତରୁ ଅଧିକ ସମ୍ପତ୍ତି ବୋଲି ଭିଜିଲାନ୍ସ ଏସ୍‌ପି ପ୍ରଦ୍ୟୁମ୍ନ କୁମାର ଦ୍ୱିବେଦୀ ସୂଚନା ଦେଇଛନ୍ତି। ଏ ସମ୍ପର୍କରେ ସଂପୃକ୍ତ ଯନ୍ତ୍ରୀ ଜଣକ କୌଣସି ସନ୍ତୋଷ ଜନକ ଉତ୍ତର ଦେଇ ପାରିନଥିଲେ। ଫଳରେ ସମ୍ବଲପୁର ଭିଜିଲାନ୍ସ କେଶ ନମ୍ବର ୭/୨୬ରେ ଏକ ମାମଲା ରୁଜୁ କରି ଅଧିକ ତଦନ୍ତ କରାଯାଉଛି।

ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ଭିଜିଲାନ୍ସ ପକ୍ଷରୁ ବାଲେଶ୍ୱର, ମାଲକାନଗିରି, କଟକ ଏବଂ ସମ୍ବଲପୁର ସମେତ ସମୁଦାୟ ୭ଟି ସ୍ଥାନରେ ଏକକାଳୀନ ଚଢ଼ଉ କରାଯାଇଥିଲା। ଚଢଉ ବେଳେ ବର୍ତ୍ତମାନ ସୁଦ୍ଧା ତାଙ୍କର (୯ ପୃଷ୍ଠାରେ)

## ହତ୍ୟା ଅଭିଯୁକ୍ତ ଚନ୍ଦନକୁ ଏନ୍‌କାଉଣ୍ଟର

ପୁରୀ, ୨୪।୬ (ସବ୍ୟୁ) : ମଙ୍ଗଳବାର ବିଳମ୍ବିତ ରାତ୍ରିରେ ବଳିଆପଣ୍ଡା ଥାନାରେ ଅଧୀନରେ ଏକ ହତ୍ୟାକାଣ୍ଡ ଘଟିଛି। ହୋଟେଲ କର୍ମଚାରୀଙ୍କ ଛୁରା ମାଡରେ ମାଲିକ ପବିତ୍ର ନାୟକଙ୍କ ମୃତ୍ୟୁ ଘଟିଛି। ତେବେ ଏହି ଘଟଣାର ଅଭିଯୁକ୍ତ ଚନ୍ଦନକୁ ପୋଲିସ ଏନ୍‌କାଉଣ୍ଟର କରିଥିବା ଜଣାପଡ଼ିଛି। ଖବର ପାଇ ବଳିଆପଣ୍ଡା ଥାନା ପୋଲିସ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲା। ମୃତ ପବିତ୍ରଙ୍କ ଶବକୁ ପୁଲିସ ଜବତ କରି ପୁରୀ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ବ୍ୟବ ଛେଦ କରାଇଛି।

ପ୍ରାଥମିକ ତଦନ୍ତରୁ ଜଣା ପଡିଥିଲା ହୋଟେଲ କର୍ମଚାରୀ (୯ ପୃଷ୍ଠାରେ)



## ବାଣ ବିସ୍ଫୋରଣ : ପୁଅ ମୃତ, ବାପା-ମା' ଗୁରୁତର

ବ୍ରହ୍ମପୁର, ୨୪।୬ (ସବ୍ୟୁ) : ସାନଖେମୁଣ୍ଡି ବ୍ଲକ ସିଙ୍ଗପୁର ଗ୍ରାମରେ ବୁଧବାର ସନ୍ଧ୍ୟା ସମୟରେ ଘର ଭିତରେ ବାଣ ଭିଡୁଥିବା ବେଳେ କୌଣସି କାରଣ ବଶତଃ ବାଣ ବିସ୍ଫୋରଣ ଘଟି ଜଣେ ୨୨ ବର୍ଷିୟ ପୁଅ ମୃତ୍ୟୁ ବରଣ କରିଥିବା ବେଳେ ବାପା, ମାଁ ଗୁରୁତର ହୋଇଥିବା ଜଣାପଡିଛି। ମୃତକ ଯୁବକ ଜଣକ ହେଲେ ଆକାଶ ଦାସ (୨୪)। ଗୁରୁତର ଦ୍ୱୟ ହେଲେ ବାପା ସନ୍ତୋଷ ଦାସ (୪୮) ଓ ମା' ବିଷ୍ଣୁ ଦାସ (୪୫) ବୋଲି ଜଣାପଡିଛି। ଖବ ଖବର ପାଇ ସ୍ଥାନୀୟ ଲୋକେ ସମସ୍ତଙ୍କୁ ଉଦ୍ଧାର କରି ୧୦୮ ଆମ୍ବୁଲାନ୍ସ ଯୋଗେ ଦିଗପହଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସା ନିମନ୍ତେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ପୁଅ ଆକାଶଙ୍କୁ ମୃତ ଘୋଷଣା କରିଥିଲେ। ବାପା ଓ ମା' ଏବେ ଚିକିତ୍ସିତ ଥିବା ଜଣାପଡିଛି।

ଖବର ପାଇ ପାଟପୁର ପୋଲିସ୍ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚି ମୃତ ଶରୀରକୁ ଜବତ କରି ବ୍ୟବଛେଦ ନିମନ୍ତେ ବ୍ରହ୍ମପୁର ହ୍ମପୁର ବଡ ମେଡିକାଲ୍ ସ୍ଥାନାନ୍ତର କରାଯାଇଛି। ଏନେଇ ଥାନା ମାମାଲା ୧୨/୨୬ ଅନୁଯାୟୀ ଏକ ଅପମୃତ୍ୟୁ ମାମଲା ରୁଜୁକରି ଘଟଣାର ତଦନ୍ତ ଚଳେଇଥିବା ଥାଳା ଆଇ.ଆଇ.ସି ବିଶ୍ୱ ରଞ୍ଜନ ବେହେରା ସୂଚନା ଦେଇଛନ୍ତି।

### ଲକ୍ଷ୍ନୌ କୋଚିଂ ସେଣ୍ଟର ନିଆଁ ପରେ ଚେତିଲେ ସରକାର

## ଅଗ୍ନି ନିରାପତ୍ତା ଅଡିଟ୍ ବାଧ୍ୟତାମୂଳକ

ଭୁବନେଶ୍ୱର, ୨୪।୬(ସବ୍ୟୁ): ଦିଲ୍ଲୀ ପରେ ଲକ୍ଷ୍ନୌର କୋଚିଂ ସେଣ୍ଟରରେ ଦୁଃଖଦ ଅଗ୍ନିକାଣ୍ଡ ଘଟଣା ପରେ ରାଜ୍ୟ ସରକାର ଏବେ ଚେତିଛନ୍ତି।

- ୧୫ ଦିନରେ ରିପୋର୍ଟ ଦାଖଲ ଲାଗି ନିର୍ଦ୍ଦେଶ
- ସୁରକ୍ଷିତ ନିର୍ଗମନ ବ୍ୟବସ୍ଥା, ଦକ୍ଷତା ବୃଦ୍ଧି ଓ ମକ୍‌ଡ୍ରିଲ୍ ହେବ
- ବ୍ୟାପକ ସଚେତନତା ଲାଗି ନିର୍ଦ୍ଦେଶ
- ନିୟମିତ ଯାଞ୍ଚ କଡ଼ାକଡ଼ି କରାଯିବ
- ସବୁ ଶିକ୍ଷାନୁଷ୍ଠାନ କୋଚିଂ ସେଣ୍ଟରରେ ହେବ ଯାଞ୍ଚ



ଛାତ୍ର ଛାତ୍ରୀଙ୍କ ସୁରକ୍ଷା ଦୃଷ୍ଟିରୁ ଓଡ଼ିଶା ରାଜ୍ୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ (ଓଏସଡିଏମଏ) ପକ୍ଷରୁ ସବୁ ଶିକ୍ଷାନୁଷ୍ଠାନ, କୋଚିଂ (୯ ପୃଷ୍ଠାରେ)

## ଆଜି ବିଜେଡିରେ ମିଶିବେ ସୁଜାତା !

ଭୁବନେଶ୍ୱର, ୨୪।୬ (ସବ୍ୟୁ) : ବିଜେଡି ରାଜନୀତିରେ ପୁଣି ଏକ ହଇଚଇ ହେବ ବୋଲି କଳ୍ପନା ଜଳ୍ପନା ପ୍ରକାଶ ପାଇଛି। ଆଇଏଏସ୍ ଚାକିରି ଛାଡ଼ିଥିବା ସୁଜାତା ରାଉତ କାର୍ତ୍ତିକେୟନ୍ ଆସନ୍ତାକାଲି ବିଜେଡିରେ ଯୋଗଦେବେ ବୋଲି କଳ୍ପନା ଜଳ୍ପନା ପ୍ରକାଶ ପାଇଛି। ଶଙ୍ଖ ଭବନରେ ଆସନ୍ତାକାଲି ବିଜେଡି ରାଜ୍ୟ ସଭାପତି ତଥା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ଏକ ବଡ ବୈଠକ ଡାକିଛନ୍ତି। ବୈଠକରେ ସମସ୍ତ ବିଧାୟକ, ଗତ ନିର୍ବାଚନରେ ସାଂସଦ ଓ ବିଧାୟକ ଭାବେ ହୋଇଥିବା ଦଳୀୟ ପ୍ରାର୍ଥୀ, ସାଂସଦ ଏବଂ ଦଳର କର୍ମକର୍ତ୍ତାମାନଙ୍କୁ ଡକାଯାଇଛି। ଏହି ବୈଠକରେ ସୁଜାତା ଆନୁଷ୍ଠାନିକ ଭାବେ ଦଳରେ ସାମିଲ ହେବେ ବୋଲି ରାଜନୈତିକ ମହଲରେ ଆଲୋଚନା ଆରମ୍ଭ ହୋଇଛି।



ସୁଜାତା ଖୁବ୍‌ଶୀଘ୍ର ବିଜେଡିକୁ ଆସୁଛନ୍ତି ବୋଲି କିଛିଦିନ ପୂର୍ବରୁ ମନ୍ମଥ ରାଉତରାୟ ସୂଚନା ଦେଇଥିଲେ। ତେବେ ଆସନ୍ତାକାଲି ବିଜେଡି ପକ୍ଷରୁ ହଠାତ୍ ଏହି ବୈଠକ ଡକାଯିବା ଏହି କଳ୍ପନାଜଳ୍ପନାକୁ ଅଧିକ ବଳ ଦେଇଛି। ତେବେ ସୁଜାତାଙ୍କ ଯୋଗଦାନ ସମ୍ପର୍କରେ ଦଳ ପକ୍ଷରୁ ବିଧିବଦ୍ଧ ସୂଚନା ଦିଆଯାଇନାହିଁ। ଆଜି ନବୀନ ନିବାସରେ ବିଜେଡି ନେତା ଦେବୀ ପ୍ରସାଦ ମିଶ୍ର, ଅତନୁ ସବ୍ୟସାଚୀ ନାୟକ, ପ୍ରତାପ ଜେନା, ପ୍ରମିଳା ମଲ୍ଲିକ ଓ ଟୁକୁନି ସାହୁ ଯାଇଥିବା ଦେଖାଯାଇଥିଲା। ବୈଠକ ପୂର୍ବରୁ ନବୀନ ଏମାନଙ୍କ ସହ ଆଲୋଚନା କରିଛନ୍ତି। ତେବେ ସୁଜାତାଙ୍କ ଯୋଗଦାନ ସମ୍ପର୍କରେ ଏହି ନେତାମାନେ କିଛି କହିନଥିବା ବେଳେ ଟୁକୁନି ସାହୁ କହିଛନ୍ତି ଯେ ଦଳରେ ଯୋଗଦେଲେ ତାଙ୍କୁ ସ୍ୱାଗତ କରାଯିବ। ମହିଳା ସଶକ୍ତିକରଣ କ୍ଷେତ୍ରରେ ତାଙ୍କର ଅବଦାନ ରହିଛି। ଆଜି ନବୀନଙ୍କୁ ଭେଟିଥିବା ନେତାମାନଙ୍କ (୯ ପୃଷ୍ଠାରେ)

## ଇତିହାସ

୧୯୩୨- ଭାରତୀୟ କ୍ରିକେଟ୍ ଟିମ୍ ବ୍ରିଟେନ୍‌ରେ ଏହାର ପ୍ରଥମ ଟେଷ୍ଟ ମ୍ୟାଚ୍ ଖେଳିଲା ।

୧୯୪୭- ଏନ୍ ଫ୍ରାଙ୍କର ଡାଏରୀ ଅଫ୍ ଏୟଙ୍ଗ୍ ଗାର୍ଲ ଆଜିର ଦିନରେ ପ୍ରକାଶିତ ହୋଇଥିଲା । ଏହା ବେଶ୍ ଲୋକପ୍ରିୟ ହୋଇଥିବାବେଳେ ୬୭ଟି ଭାଷାରେ ଏହାକୁ ଅନୁବାଦ କରାଗଲା ।

୧୯୫୦- ଉତ୍ତର ଓ ଦକ୍ଷିଣ କୋରିଆ ମଧ୍ୟରେ ଗୃହଯୁଦ୍ଧ ଆରମ୍ଭ ହେଲା, ଯାହା ଆଗକୁ ଅନ୍ତର୍ଜାତୀୟ ଶୀତଳ ଯୁଦ୍ଧର ରୂପ ନେଇଥିଲା ।

୧୯୫୧- ଆମେରିକା ଟେଲିଭିଜନ୍ ଏବଂ ରେଡିଓ ନେଟ୍‌ୱର୍କ ସିବିଏସ୍ ନ୍ୟୁୟର୍କର ଚାରୋଟି ସହରରେ ପ୍ରଥମ ରଙ୍ଗୀନ ଟିଭି ପ୍ରୋଗ୍ରାମ୍‌ର ପ୍ରସାରଣ କଲା ।

୧୯୭୪- ବଲିଉଡ୍ ଅଭିନେତ୍ରୀ କରିଶ୍ମା କପୁରଙ୍କ ଜନ୍ମ ।

୧୯୭୫- ରାଷ୍ଟ୍ରୀୟ ସୁରକ୍ଷା ପାଇଁ ବିପଦ ଆଶଙ୍କା କରି ତତ୍କାଳୀନ ଭାରତୀୟ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀ ଏକତରଫା ଆପାତକାଳୀନ ସ୍ଥିତି ଘୋଷଣା କଲେ, ଯାହା ଦୁଇବର୍ଷ ପର୍ଯ୍ୟନ୍ତ ବଳବତ୍ତର ରହିଲା ।

୧୯୮୩- ୱେଷ୍ଟଇଣ୍ଡିଜ୍‌କୁ ୪୩ ରନ୍‌ରେ ହରାଇ ଭାରତ ପ୍ରଥମଥର ପାଇଁ ବିଶ୍ୱକପ୍ ଟାଇଟେଲ୍ ଜିତିଲା ।

୧୯୯୩- କିମ୍ କ୍ୟାମ୍ପବେଲ୍ କାନାଡାର ପ୍ରଥମ ମହିଳା ପ୍ରଧାନମନ୍ତ୍ରୀ ହେଲେ ।

୨୦୦୯- ମ୍ୟୁଜିକ୍ ଏବଂ ଡ୍ୟାନ୍ସର ନୂତନ ପରିଭାଷା ଲେଖିଥିବା ମାଇକେଲ୍ ଜ୍ୟାକ୍ସନ୍‌ଙ୍କ ନିଧନ ହୋଇଥିଲା ।

## ପାହାଡ଼ରେ ଝୁଲନ୍ତା ଦୋକାନ



ଚୀନର ହୁନାନ୍ ପ୍ରଦେଶରେ ଥିବା ଶିନିୟୁଝାଇ ନ୍ୟାସନାଲ ଜିଓଲଜିକାଲ ପାର୍କରେ ଏକ ଦୋକାନ ରହିଛି, ଯାହାକୁ ଦୁନିଆର ସବୁଠାରୁ ବିରଳ ଦୋକାନ ବୋଲି କୁହାଯାଏ । ଏହି ଛୋଟ ଦୋକାନଟି ଏକ ବିଶାଳ ପାହାଡ଼ର କୋଣରେ ତିଆରି ହୋଇଛି ଏବଂ ଏହା ଭୂମିରୁ ପ୍ରାୟ ୧୨୦ ମିଟର ଉଚ୍ଚତାରେ ଝୁଲନ୍ତା ଅବସ୍ଥାରେ ରହିଛି । ନିଜର ଏହି ବିରଳ ସ୍ଥାନ ଯୋଗୁଁ ଏହା ସାରା ବିଶ୍ୱରେ ଚର୍ଚ୍ଚାର ବିଷୟ ପାଲଟିଛି । ଏହି ଦୋକାନ ପର୍ଯ୍ୟନ୍ତ ପହଞ୍ଚିବା ପାଇଁ ଲୋକମାନଙ୍କୁ ସିଡ଼ି, ଷ୍ଟିଲ୍ କେବୁଲ୍ ଏବଂ ସୁରକ୍ଷା ସରଞ୍ଜାମ ସାହାଯ୍ୟରେ ସେହି ପାହାଡ଼ ଉପରକୁ ଚଢ଼ିବାକୁ ପଡ଼ିଥାଏ । ଏଠାରେ ମିଳୁଥିବା ଥଣ୍ଡା ପାନୀୟ କିମ୍ବା ଜଳଖିଆ ସାଧାରଣ ହୋଇଥିଲେ ମଧ୍ୟ, ଏହା ସହିତ ଜଡ଼ିତ ରୋମାଞ୍ଚ ଏବଂ ଚତୁର୍ପାର୍ଶ୍ୱର ସୁନ୍ଦର ଦୃଶ୍ୟ ଏହାକୁ ସ୍ୱତନ୍ତ୍ର କରିଥାଏ । ପାହାଡ ଟ୍ରେକିଂରେ ଆସୁଥିବା ପର୍ଯ୍ୟଟକମାନେ ଏହି ଦୋକନରୁ ସାମଗ୍ରୀ କିଣୁଥିବାର ଦେଖିବାକୁ ମିଳିଥାଏ ।

## ସୋସିଆଲ କୋଟ୍ସ



ଇଣ୍ଡିଆସ ଗଟ ଲାଟେଣ୍ଟ ନାମରେ ଏଭଳି କିଛି ଶୋ ଥିବା ମୁଁ ଜାଣିନି । ଶୋ ଅଛି କି ନାହିଁ ଜାଣିନି ଯିବା କଥା କେମିତି କହିବି ।

ବବି ଦେଓଲ, ଅଭିନେତା



ହିଟ ଓ ଫ୍ଲପ କଥା ପରେ ଆସିବ । ଗୋଟିଏ ସେଟରେ ୨ବର୍ଷରୁ ଅଧିକ କାମ କରିବାପରେ ସେଠାରେ ଏକ ପାରିବାରିକ ସମ୍ପର୍କ ଗଢିଉଠିଥାଏ ।

ଅକ୍ଷୟ କୁମାର, ଅଭିନେତା



ଏଭଳି ଷ୍ଟାର କାଷ୍ଟଙ୍କ ସହିତ କାମ କରି ମୁଁ ଖୁବ ଖୁସି । ଆଗକୁ କୌଣସି ପ୍ରୋଜେକ୍ଟରେ ଏଭଳି ଷ୍ଟାରକାଷ୍ଟ ମିଳିବେ କି ନାହିଁ ଜଣାନାହିଁ । ଏହି ଟିମ ସବୁବେଳେ ମନେ ପଡିବେ ।

ସୁନିଲ ସେଟ୍ଟୀ, ଅଭିନେତା

## ଏକୁଟିଆ ୧୪ ବର୍ଷ

ଆର୍କଟିକ ମହାସାଗରରେ ଅବସ୍ଥିତ ଏକ ଦୂରବର୍ତ୍ତୀ ଦ୍ୱୀପପୁଞ୍ଜ 'ସଭାଲବାର୍ଡ'ରେ ପ୍ରାୟ ୩,୦୦୦ ଲୋକ ବାସ କରନ୍ତି, ହେଲେ ଏଠାରେ ଗୋଟିଏ ବି ବିଲେଇ ଦେଖିବାକୁ ମିଳନ୍ତି ନାହିଁ। ଏଠାରେ ସ୍ଥାନୀୟ ବନ୍ୟଜନ୍ତୁଙ୍କ ସୁରକ୍ଷା ପାଇଁ ବିଲେଇ ରଖିବା ଉପରେ ସରକାରୀ ଭାବେ ସମ୍ପୂର୍ଣ୍ଣ ପ୍ରତିବନ୍ଧକ ଲଗାଯାଇଛି । କାରଣ ସେମାନଙ୍କ ଦ୍ୱାରା ରୋଗ ବ୍ୟାପିବାର ଆଶଙ୍କା ଥାଏ । ଏଭଳି ସ୍ଥିତିରେ 'କେଶା' ନାମକ ଏକ ନାଲି ରଙ୍ଗର ବିଲେଇ ଏହି ଅଞ୍ଚଳରେ ବେଶ୍ ଜଣାଶୁଣା ସେଲିବ୍ରିଟି ପାଲଟିଲା । ସଭାଲବାର୍ଡର ବାରେଣ୍ଟସବର୍ଗ ନାମକ ଏକ ରଷୀୟ ଜନବସତିରେ କେଶା ବହୁ ବର୍ଷ ଧରି ବସବାସ କରିଥିଲା । ସେ କିପରି ସେଠାରେ ପହଞ୍ଚିଥିଲା ତାହା ସ୍ପଷ୍ଟ ହୋଇନଥିଲେ ବି ସ୍ଥାନୀୟ ଲୋକକଥା ଅନୁଯାୟୀ, ୨୦୦୦ ଦଶକରେ କିଛି ରଷୀୟ ନାଗରିକ ତାକୁ ଗୋପନରେ ସେଠାକୁ ଆଣିଥିଲେ ଏବଂ 'ଆର୍କଟିକ କେକେଶିଆଲୀ' ଭାବରେ ତାର ନାଁକୁ ପଞ୍ଜିକୃତ କରାଇଥିଲେ। ବିଲେଇଟି ପ୍ରାୟ ୧୪ ବର୍ଷ ଧରି ସେଠାରେ ମୁକ୍ତ ଭାବେ ବୁଲାବୁଲି କରି ଆର୍କଟିକର ସବୁଠାରୁ ପ୍ରିୟ ଏବଂ ପରିଚିତ ଜୀବ ପାଲଟିଥିଲା ।



## ଜୋତା ଆକୃତିର କାର୍

ଆମେରିକାର ହ୍ୟୁଷ୍ଟନ ସହରରେ ଏକ ଅତି ବିଚିତ୍ର ଧରଣର କାର୍ ଏବେ ଲୋକଙ୍କ ଆକର୍ଷଣର କେନ୍ଦ୍ରବିନ୍ଦୁ ପାଲଟିଛି । ଏହି କଷ୍ଟମ୍ କାର୍‌ଟି ଦେଖିବାକୁ ବହୁତ ବଡ଼ ଏବଂ ଏହା ମ୍ୟାକଡୋନାଲ୍ଡସର ପ୍ରସିଦ୍ଧ ଜୋକର 'ରୋନାଲ୍ଡ ମ୍ୟାକଡୋନାଲ୍ଡ'ଙ୍କ ବିଶାଳ ଜୋତା ଭଳି ଦେଖାଯାଉଛି । ଏହି ନାଲି ରଙ୍ଗର କାର୍‌କୁ ସମ୍ପୂର୍ଣ୍ଣ ରୂପେ ଏକ ଜୋତାର ଆକାର ଦିଆଯାଇଥିବା ବେଳେ ଏଥିରେ ଚମକୁଥିବା ସୁନେଲି ରଙ୍ଗର ଫିତା ଲଗାଯାଇଛି । କେବଳ ସେତିକି ନୁହେଁ, ଏହି ଗାଡ଼ିର ୱିଣ୍ଡସିଲ୍ଡକୁ ମ୍ୟାକଡୋନାଲ୍ଡସର ପ୍ରସିଦ୍ଧ 'ଗୋଲ୍ଡେନ ଆର୍ଚେସ' ଲୋଗୋ ଶୈଳୀରେ ତିଆରି କରାଯାଇଛି । ସଡ଼କରେ ଚାଲୁଥିବା ସାଧାରଣ ଗାଡ଼ିଗୁଡ଼ିକ ମଧ୍ୟରେ ଏହି ଅଦ୍ଭୁତ କାର୍‌ଟି ସମ୍ପୂର୍ଣ୍ଣ ଭିନ୍ନ ଦେଖାଯାଉଥିବାରୁ ଯିଏ ବି ଏହାକୁ ଦେଖୁଛି, ସେ ଆଶ୍ଚର୍ଯ୍ୟ ହୋଇ ଚାହିଁ ରହୁଛି । ବର୍ତ୍ତମାନ ସୋସିଆଲ ମିଡିଆରେ ମଧ୍ୟ ଏହି ନିଆରା କାର୍‌ର ସୁନ୍ଦର ଫଟୋ ଏବଂ ଭିଡିଓଗୁଡ଼ିକ ଖୁବ୍ ଦ୍ରୁତ ଗତିରେ ଭାଇରାଲ ହେବାରେ ଲାଗିଛି ।



## ଗୁଜବ ନା ସତ !



ସାଉଥ ଫିଲ୍ମ ଇଣ୍ଡଷ୍ଟ୍ରିର ଲୋକପ୍ରିୟ ଅଭିନେତ୍ରୀ ସାମନ୍ଥା ରୁଥ୍ ପ୍ରଭୁ ଏବେ ନିଜର ବ୍ୟକ୍ତିଗତ ଜୀବନକୁ ନେଇ ବେଶ୍ ଚର୍ଚ୍ଚାରେ ଅଛନ୍ତି । ଗତ ୧୯ ଜୁନ୍ ୨୦୨୬ରେ ମୁକ୍ତିଲାଭ କରିଥିବା ତାଙ୍କର ନୂଆ ତେଲୁଗୁ ଚଳଚ୍ଚିତ୍ର 'ମା ଇଣ୍ଟି ବଙ୍ଗାରମ୍'କୁ ଦର୍ଶକଙ୍କ ଭରପୂର ଭଲପାଇବା ମିଳୁଥିବା ବେଳେ ତାଙ୍କ ଅଭିନୟକୁ ମଧ ବେଶ୍ ପ୍ରଶଂସା କରାଯାଉଛି । ଏହି ସଫଳତା ମଧ୍ୟରେ ସାମନ୍ଥାଙ୍କ ବ୍ୟକ୍ତିଗତ ଜୀବନକୁ ନେଇ ପୁଣି ଥରେ କଳ୍ପନାଜଳ୍ପନା ପ୍ରକାଶ ପାଇଛି । ଯେତେବେଳେ ମେଗାଷ୍ଟାର ଚିରଞ୍ଜୀବୀ ନିଜ ପତ୍ନୀ ସୁରେଖାଙ୍କ ସହ ସାମନ୍ଥା ଏବଂ ତାଙ୍କ ସ୍ୱାମୀ ତଥା ଚଳଚ୍ଚିତ୍ର ନିର୍ମାତା ରାଜ୍ ନିଦିମୋରୁଙ୍କୁ ଭେଟିବାକୁ ପହଞ୍ଚିଥିଲେ, ସେତେବେଳେ ଏହା ଅଧିକ ଚର୍ଚ୍ଚାରେ ରହିଛି । ଏହି ସାକ୍ଷାତକାର ସମୟରେ ଚିରଞ୍ଜୀବୀ ନବଦମ୍ପତିଙ୍କୁ ଗୁଲଦସ୍ତା ଦେଇ ଶୁଭେଚ୍ଛା ଜଣାଇବା ସହ ସାମନ୍ଥାଙ୍କୁ ଶାଢ଼ୀ ଏବଂ ଅନ୍ୟାନ୍ୟ ଉପହାର ପ୍ରଦାନ କରୁଥିବାର ଦେଖିବାକୁ ମିଳିଛି । ଏହି ସାକ୍ଷାତର ଫଟୋ ସୋସିଆଲ ମିଡିଆରେ ଭାଇରାଲ ହେବା ପରେ, ସାମନ୍ଥା ଗର୍ଭବତୀ ଥିବା ନେଇ ପ୍ରଶଂସକଙ୍କ ମଧ୍ୟରେ ଅନୁମାନ ଓ ଚର୍ଚ୍ଚା ଅଧିକ ତୀବ୍ର ହୋଇଛି । ତେବେ ଏହି ଗୁଜବକୁ ନେଇ ସାମନ୍ଥା କିମ୍ବା ରାଜ୍ ନିଦିମୋରୁଙ୍କ ପକ୍ଷରୁ କୌଣସ ସ୍ପଷ୍ଟୀକରଣ ଆସିନାହିଁ। ତେଣୁ ଏହା ଗୁଜବ କି ସତ୍ୟ ତାହା ଜଣା ପଡୁନାହିଁ ।

## କୁକୁର ନାଁରେ ମାମଲା

ଆମେରିକାର ଫ୍ଲୋରିଡାରୁ ଏକ ଅତି ବିଚିତ୍ର ଘଟଣା ସାମ୍ନାକୁ ଆସିଛି, ଯେଉଁଠାରେ ଜଣେ ମହିଳା ନିଜର ପୋଷା କୁକୁର ବିରୋଧରେ ଆଇନଗତ ମାମଲା ଦାୟର କରିଛନ୍ତି । ମହିଳାଙ୍କ ଦାବି ମୁତାବକ, ସେ ନିଜ ରୋଷେଇ ଘରର କାଉଣ୍ଟର ଉପରେ କିଛି ସେକେଣ୍ଡ ପାଇଁ ଏକ ବିଜେତା ଲଟେରୀ ଟିକେଟ୍ ରଖିଥିଲେ, ଯାହାକୁ ତାଙ୍କ କୁକୁରଟି ପାଟିରେ ନେଇ ଚୋବାଇ ଖାଇଯାଇଛି । ସେହି ଟିକେଟ୍‌ଟି ହଜାର ହଜାର ଡଲାରର ପୁରସ୍କାର ରାଶିର ଥିଲା । ଟିକେଟ୍ ନଷ୍ଟ ହେବା ଯୋଗୁଁ ସେ ମାନସିକ ଚାପ, ଆର୍ଥିକ କ୍ଷତି ଏବଂ ଭାବନାତ୍ମକ ଆଘାତର ଶିକାର ହୋଇଥିବା ଦର୍ଶାଇ କୁକୁର ଉପରେ ମାମଲା କରିବାକୁ ଓକିଲଙ୍କ ପାଖକୁ ଯାଇଛନ୍ତି । ତେବେ ଆଇନ ବିଶେଷଜ୍ଞଙ୍କ କହିବା ଅନୁଯାୟୀ, ଜଣେ କୁକୁର ଉପରେ ମାମଲା ଚଳାଇବା ସହଜ ନୁହେଁ କାରଣ ସେ କୌଣସି ଦସ୍ତାବିଜରେ ସ୍ୱାକ୍ଷର କରିପାରିବ ନାହିଁ ଏବଂ କୁକୁର ବିରୋଧରେ ଏପରି କୌଣସି ଅପରାଧିକ ମାମଲା ମଧ୍ୟ ଗ୍ରହଣୀୟ ନୁହେଁ । ଏହି ଘଟଣା ପରେ ଅଧିକାରୀମାନେ ସାଧାରଣ ଲୋକଙ୍କୁ ନିଜର ଲଟେରୀ ଟିକେଟ୍ ପୋଷା ଜୀବଜନ୍ତୁଙ୍କ ପହଞ୍ଚଠାରୁ ଦୂରରେ ରଖିବାକୁ ପରାମର୍ଶ ଦେଇଛନ୍ତି ।





**ମେଷ:** ଧନପ୍ରାପ୍ତି, ଦେବଦର୍ଶନ, ଶତ୍ରୁନାଶ, ଉଚ୍ଚଆଶାରେ ବାଧା, ବିବାଦ ସମାଧାନ, କର୍ମନିଯୁକ୍ତି, ମୋକଦ୍ଦମାରେ ବିଜୟ, ଦୂରଯାତ୍ରା, ପିଲାଙ୍କ ପ୍ରତି ସାବଧାନ, ବ୍ୟବସାୟରେ ଉନ୍ନତି, ବିଦ୍ୟାରେ ସଫଳତା, ଅଶ୍ୱିନୀ ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ନାଲି, ସଂଖ୍ୟା-୩, ଆରାଧନା-ମହାଲକ୍ଷ୍ମୀ ।

**ବୃଷ:** ଧନବ୍ୟୟ, କର୍ମକ୍ଷେତ୍ରେ ଅଶାନ୍ତି, ଦୂରସ୍ଥାନକୁ ଯାତ୍ରା, ଗାଡ଼ିଚାଳନାରେ ସାବଧାନ, ଶତ୍ରୁଦ୍ୱାରା କଷ୍ଟ, ନୂତନ ବାଣିଜ୍ୟ ଆରମ୍ଭ, ଶରୀର ସୁସ୍ଥ, ବିଦ୍ୟାରେ ଅବନତି, କୃତ୍ତିକା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ଧଳା, ସଂଖ୍ୟା-୭, ଆରାଧନା-ମା' ବଗଳାମୁଖୀ ।

**ମିଥୁନ:** ସମ୍ମାନବୃଦ୍ଧି, ଶତ୍ରୁନାଶ, ଉଚ୍ଚଆଶା ସଫଳ, ବ୍ୟବସାୟରେ ଲାଭ, ଭୂସମ୍ପତ୍ତିର ସମାଧାନ, ଦୂରଯାତ୍ରା, ବିବାଦ ସମାଧାନ, ଶରୀର ସୁସ୍ଥ, ସ୍ତ୍ରୀ ସହଯୋଗ, ପିଲାଙ୍କ ଖୁସି, ମୃଗଶିରା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ଗୋଲାପି, ସଂଖ୍ୟା-୧, ଆରାଧନା-କୁବେର ଭଗବାନ ।

**କର୍କଟ:** ଗଠନମୂଳକ କାର୍ଯ୍ୟରେ ବିବାଦ, ଅର୍ଥସମସ୍ୟା, ବ୍ୟବସାୟରେ ସ୍ୱଳ୍ପଲାଭ, ଶତ୍ରୁସମସ୍ୟା, ଶରୀର ସୁସ୍ଥ, ନୂତନ କାର୍ଯ୍ୟରେ ଲାଭ, ଉତ୍ସବ ରହିବ, ପୁନର୍ବସୁ ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ଧଳା, ସଂଖ୍ୟା-୩, ଆରାଧନା-ମା' ଭଗବତୀ ।

**ସିଂହ:** ଦ୍ରବ୍ୟଲାଭ, କାର୍ଯ୍ୟରେ ଉନ୍ନତି, ସମ୍ମାନପ୍ରାପ୍ତି, ଅର୍ଥସମସ୍ୟା ସମାଧାନ, ଈଶ୍ୱର ପୂଜାରେ ଶାନ୍ତି, ଆମୋଦପ୍ରମୋଦ, ଲମ୍ବାଯାତ୍ରା, ବ୍ୟବସାୟରେ ଆଗ୍ରହ, ଶତ୍ରୁ ପରାଜିତ ବିଦ୍ୟାରେ ସଫଳ, ମଘା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ହଳଦୀ, ସଂଖ୍ୟା-୪, ଆରାଧନା-ଭଗବାବ ବିଷ୍ଣୁ ।

**କନ୍ୟା:** ସମସ୍ୟା ସମାଧାନ, ଅନୁଷ୍ଠାନରୁ ଲାଭ, ବିଦ୍ୟାରେ ସଫଳ, ଶତ୍ରୁବୃଦ୍ଧି, ବ୍ୟବସାୟରେ ସ୍ୱଳ୍ପଲାଭ, ହଠାତ୍ ଦୂରଯାତ୍ରା, ମାନସିକ ଶାନ୍ତି, ଉତ୍ତରାଫାଲଗୁନି ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ପିଙ୍କ, ସଂଖ୍ୟା-୯, ଆରାଧନା-ଶଙ୍କର ଭଗବାନ ।

**ତୁଳା:** କର୍ମକ୍ଷେତ୍ରେ ଶୁଭ, ଦୂରଯାତ୍ରା, ଉଚ୍ଚଆଶା ବିଳମ୍ବ, ଶତ୍ରୁ ପରାଜିତ ବ୍ୟବସାୟରେ ମାନ୍ଦା, ସୁସମାଚାର, ମୋକଦ୍ଦମାକଷ୍ଟ, ପଡ଼ୋଶୀକଳହ, ମାନସିକ ଦୁଃଖ, ଚିତ୍ରା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ଧଳା, ସଂଖ୍ୟା-୧୨, ଆରାଧନା-ପ୍ରଭୁ ରାଧାବଲ୍ଲଭ ।

**ବିଛା:** ଅସନ୍ତୁଷ୍ଟ, ଶତ୍ରୁସମସ୍ୟା, କର୍ମକ୍ଷେତ୍ରେ ସ୍ୱଳ୍ପ ସମସ୍ୟା, ଅର୍ଥସମସ୍ୟା, ବ୍ୟବସାୟରେ ସ୍ୱଳ୍ପଲାଭ, ଗୃହନିର୍ମାଣ, ମୋକଦ୍ଦମାରେ ସନ୍ତୁଷ୍ଟ, ଦୂରଯାତ୍ରା, ବିଦ୍ୟାରେ ସଫଳ, ବିଶାଖା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ହଳଦୀ, ସଂଖ୍ୟା-୯, ଆରାଧନା-ପ୍ରଭୁ ଜଗନ୍ନାଥ ।

**ଧନୁ:** ସଫଳତା, ବ୍ୟବସାୟରେସ୍ୱଳ୍ପଲାଭ, ଅର୍ଥସମସ୍ୟା, ସୁସମ୍ବାଦପ୍ରାପ୍ତି, ବିବାଦସମାଧାନ, ଆଶା ସଫଳ, ଗାଡ଼ିଚାଳନାରେ ସାବଧାନ, ଶତ୍ରୁସମସ୍ୟା, ବିଦ୍ୟାରେ ସଫଳ, ମୂଳା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ମେରୁନ, ସଂଖ୍ୟା-୯, ଆରାଧନା-ପିତାମାତାଙ୍କ ସେବା ।

**ମକର:** ଦ୍ରବ୍ୟପ୍ରାପ୍ତି, ଅଳ୍ପସମସ୍ୟା, ଦୂରଯାତ୍ରା, ବାଣିଜ୍ୟରେ ଲାଭ, ଶତ୍ରୁସମସ୍ୟା, ସମ୍ମାନପ୍ରାପ୍ତି, ସନ୍ତାନସୁଖ, ଲୋକସମ୍ପର୍କ ବୃଦ୍ଧି, ପୁରାତନ ରୋଗ, ସୁମିଷ୍ଟ ଭୋଜନ, ଉତ୍ତରାଷାଢ଼ା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ବାଇଗଣି, ସଂଖ୍ୟା-୬, ଆରାଧନା-ଲକ୍ଷ୍ମୀନାରାୟଣ ।

**କୁମ୍ଭ:** ସଫଳତା, ସମ୍ମାନବୃଦ୍ଧି, ବ୍ୟବସାୟରେ ଲାଭ, ବିବାଦ ସମାଧାନ, ଋଣଗ୍ରସ୍ତ, ଦୂରସ୍ଥାନକୁ ଯାତ୍ର, ମୋକଦ୍ଦମାରେ କଷ୍ଟ, ସୁସମ୍ବାଦ, ସନ୍ତାନଖୁସି, ଧନିଷ୍ଠା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ନୀଳ, ସଂଖ୍ୟା-୫, ଆରାଧନା-ଶ୍ରୀ ଗଣେଶ ।

**ମୀନ:** କିଛି କିଣାକିଣିରେ ଖୁସି, ଋଣଗ୍ରସ୍ତ, ସମ୍ପର୍କରେ ଉନ୍ନତି, ଶତ୍ରୁବୃଦ୍ଧି, ମୋକଦ୍ଦମାରେ ପଡ଼ିପାରନ୍ତି, ବ୍ୟବସାୟରେ ସ୍ୱଳ୍ପଲାଭ, ଶରୀର କଷ୍ଟ, ମାନସିକ ଅଶାନ୍ତି, ପିଲାଙ୍କଚିନ୍ତା, ପୂର୍ବଭାଦ୍ର ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ଗୋଲାପି, ସଂଖ୍ୟା-୬, ଆରାଧନା-ଲକ୍ଷ୍ମୀନୃସିଂହ ।

**ଜ୍ୟେଷ୍ଠ ଶୁକ୍ଳପକ୍ଷ ଏକାଦଶୀ**

**୨୫.୬.୨୦୨୬, ଗୁରୁବାର**



ପଣ୍ଡିତ: ସତ୍ୟଶିବ ନନ୍ଦ
(ଜ୍ୟୋତିଷ ଭାସ୍କର ଓ କର୍ମକାଣ୍ଡ ସୌରଭ)
ମୋ:୮୯୧୭୨୮୪୩୩୮

ମୁଖ୍ୟମନ୍ତ୍ରୀଙ୍କୁ ଭେଟିଲେ କେନ୍ଦ୍ରମନ୍ତ୍ରୀ ରାମଦାସ ଅଠାୱଲେ

# ସାମାଜିକ କଲ୍ୟାଣ କାର୍ଯ୍ୟକ୍ରମକୁ ବ୍ୟାପକ କରିବା ପାଇଁ କେନ୍ଦ୍ର ଓ ରାଜ୍ୟ ମଧ୍ୟରେ ସମନ୍ୱୟକୁ ଆହୁରି ସୁଦୃଢ କରାଯିବ

ଭୁବନେଶ୍ୱର, (ସବ୍ୟୁ) : କେନ୍ଦ୍ର ସାମାଜିକ ନ୍ୟାୟ ଓ ସଶକ୍ତିକରଣ ରାଷ୍ଟ୍ରମନ୍ତ୍ରୀ ରାମଦାସ ଅଠାୱଲେ ବୁଧବାର ଲୋକ ସେବା ଭବନଠାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଏକ ସୌଜନ୍ୟମୂଳକ ସାକ୍ଷାତ କରିଛନ୍ତି। ଏହି ସାକ୍ଷାତକାରରେ କେନ୍ଦ୍ରମନ୍ତ୍ରୀ ଶ୍ରୀ ଅଠାୱଲେ ମୁଖ୍ୟମନ୍ତ୍ରୀଙ୍କ ସହ ରାଜ୍ୟରେ ସାମାଜିକ ନ୍ୟାୟ ସମ୍ପର୍କିତ ବିଭିନ୍ନ ପ୍ରସଙ୍ଗ ସମ୍ପର୍କରେ ଆଲୋଚନା କରିଥିଲେ। ଏହି ଆଲୋଚନାରେ ସାମାଜିକ କଲ୍ୟାଣ ଦିଗରେ କେନ୍ଦ୍ର ଓ ରାଜ୍ୟ ସରକାର ପକ୍ଷରୁ କରାଯାଉଥିବା ସମସ୍ତ



ଜନହିତକର କାର୍ଯ୍ୟରେ ସମ୍ପୂର୍ଣ୍ଣ ସମନ୍ୱୟ ରକ୍ଷା କରାଯାଇ ସାମାଜିକ ସୁରକ୍ଷା ବ୍ୟବସ୍ଥାକୁ ଆହୁରି ସୁଦୃଢ କରାଯିବ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ଓଡିଶାରେ ସାମାଜିକ ସୁରକ୍ଷା ପାଇଁ ଅନେକ ପଦକ୍ଷେପ ନିଆଯାଉଛି ବୋଲି ପ୍ରକାଶ କରି ମଧୁବାବୁ ପେନସନ ଯୋଜନାରେ ଆଉ ୬ ଲକ୍ଷ ହିତାଧିକାରୀଙ୍କୁ ସାମିଲ କରିବା, ମୁଖ୍ୟମନ୍ତ୍ରୀ ଅନ୍ନପୂର୍ଣ୍ଣା ଯୋଜନାରେ ଅଧିକ ୫ କିଲୋ ଚାଉଳ ଯୋଗାଇଦେବା ଆଦି ବିଭିନ୍ନ ସାମାଜିକ ସୁରକ୍ଷା କାର୍ଯ୍ୟକ୍ରମ ଉପରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ, କେନ୍ଦ୍ରମନ୍ତ୍ରୀଙ୍କୁ ଜଣାଇଥିଲେ।

ଜଷ୍ଟିସ୍ ନାଇଡୁ କମିସନଙ୍କ ରିପୋର୍ଟ ଗାଏବ୍ ଘଟଣା

# ସିବିଆଇ ତଦନ୍ତ ପ୍ରାର୍ଥନା କରି ହାଇକୋର୍ଟରେ ମାମଲା

କଟକ, (ସବ୍ୟୁ) : ସ୍ୱାମୀ ଲକ୍ଷ୍ମଣାନନ୍ଦ ସରସ୍ୱତୀଙ୍କ ହତ୍ୟା ଘଟଣାରେ ତଦନ୍ତ କରୁଥିବା ଜଷ୍ଟିସ୍ ଏ.ଏସ୍ ନାଇଡୁ କମିସନଙ୍କ ତଦନ୍ତ କମିସନଙ୍କ ରିପୋର୍ଟ ଗାଏବ୍ ହେବା ଘଟଣାରେ ସିବିଆଇ ତଦନ୍ତ ପ୍ରାର୍ଥନା କରି ହାଇକୋର୍ଟରେ ମାମଲା ରୁଜୁ ହୋଇଛି। ଇ. ଦେବାଶିଷ ହୋତା ଏହି ମାମଲା ରୁଜୁ କରିଛନ୍ତି । ଶ୍ରୀ ହୋତା ଲକ୍ଷ୍ମଣାନନ୍ଦ ସରସ୍ୱତୀଙ୍କ ହତ୍ୟା ଘଟଣାରେ ସିବିଆଇ ତଦନ୍ତ ପ୍ରାର୍ଥନା କରି ହାଇକୋର୍ଟରେ ଏକ ମାମଲା ରୁଜୁ କରିଥିଲେ। ସେହି ମାମଲା ଏବେ ବି ବିଚାରଧୀନ ରହିଥିଲାବେଳେ ଏଥିରେ ଆବେଦନକାରୀ ଏକ ଅନ୍ତରୀଣ ପିଟିସନ୍ ରୁଜୁ କରିଛନ୍ତି। ଏହି ଅନ୍ତରୀଣ ପିଟିସନ୍‌ରେ ଆବେଦନକାରୀ ହଜିଯାଇଥିବା ତଦନ୍ତ କମିସନଙ୍କ ରିପୋର୍ଟ ଘଟଣାରେ ସିବିଆଇ ତଦନ୍ତ ପାଇଁ ପ୍ରାର୍ଥନା କରିଛନ୍ତି। ଆବେଦନକାରୀ ଅଭିଯୋଗ କରିଛନ୍ତି ଯେ, ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟରୁ ଏହି ରିପୋର୍ଟ ହଜିବା ନେଇ କ୍ୟାପିଟାଲ ଥାନାରେ ଏତଲା ଦିଆଯାଇଛି। କିନ୍ତୁ ଏହା ପଛରେ ଷଡ଼ଯନ୍ତ୍ର ରହିଛି। ଏହି ଘଟଣାର ତଦନ୍ତ ପାଇଁ ରାଜ୍ୟ ତଦନ୍ତକାରୀ ସଂସ୍ଥା ଯଥେଷ୍ଟ ନୁହେଁ ବା ସେମାନେ ଅକ୍ଷମ। ତେଣୁ ଏଭଳି ଏକ ସମ୍ବେଦନଶୀଳ ଘଟଣାର ସିବିଆଇ ତଦନ୍ତ ପାଇଁ ଅଦାଲତ ନିର୍ଦ୍ଦେଶ ଦେବାକୁ ଆବେଦନକାରୀ ପ୍ରାର୍ଥନା କରିଛନ୍ତି । ଇଂ ଶ୍ରୀ ହୋତା ନିଜେ ଏହି ମାମଲା ପରିଚାଳନା କରୁଛନ୍ତି।

## ଦୋକାନରୁ ବ୍ୟବସାୟୀଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

ସୋର,(ସବ୍ୟୁ): : ସୋର ଥାନା ବାଗୁଡି ବଜାରରେ ଥିବା ଏକ ତେଜରାତି ଦୋକାନରୁ ବ୍ୟବସାୟୀଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର କରାଯାଇଛି ।ମିଳିଥିବା ସୂଚନା ଅନୁସାରେ ମହୁମୁହାଣ ପଞ୍ଚାୟତ ଆଙ୍ଗୁଳା ଗ୍ରାମର ଚିତ୍ତରଞ୍ଜନ ଜେନା (୬୬) ବାଗୁଡି ବଜାରରେ ଏକ ତେଜରାତି ଦୋକାନ କରିଛନ୍ତି । ସେ ବୁଧବାର ମଧ୍ୟାହ୍ନରେ ଘରକୁ ଖାଇବାକୁ ଯାଇଥିବା ବେଳେ ଖାଇ ସାରି ତୁରନ୍ତ ଘରୁ ଫେରିଆସିଥିଲେ । ତାଙ୍କ ସ୍ତ୍ରୀ ତାଙ୍କୁ ଘରେ ନପାଇ ବିଭିନ୍ନ ସ୍ଥାନରେ ଖୋଜାଖୋଜି କରିବା ପରେ ଦୋକାନକୁ ଆସିଥିଲେ । ଦୋକାନ ସଟର ଖୋଲିବା ପରେ ଚିତ୍ତରଞ୍ଜନ ଦୋକାନରେ ଲାଗିଥିବା ଫ୍ୟାନରେ ବେକରେ ରଶି ଲଗାଇ ଝୁଲିଥିବା ଦେଖି ସ୍ଥାନୀୟ ଲୋକଙ୍କ ସହାୟତାରେ ତାଙ୍କୁ ଉଦ୍ଧାର କରି ସୋର ଡାକ୍ତରଖାନାରେ ଭର୍ତ୍ତି କରିଥିଲେ । ମାତ୍ର ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ଖବର ପାଇ ସୋର ପୁଲିସ ଡାକ୍ତରଖାନାରେ ପହଞ୍ଚି ଶବ ଜବତ କରି ବ୍ୟବଚ୍ଛେଦ ପାଇଁ ରଖିବା ସହିତ ଘଟଣାର ତଦନ୍ତ ଆରମ୍ଭ କରିଛି । ତେବେ ପାରିବାରିକ କଳହରୁ ଚିତ୍ତରଞ୍ଜନ ଆତ୍ମହତ୍ୟା କରିଥିବା ସନ୍ଦେହ କରାଯାଉଛି ।

# ଝାରପଡା ଜେଲ୍ : ଚାରିକାନ୍ଥ ମଧ୍ୟରେ ଅସୁରକ୍ଷିତ ଅନ୍ତେବାସୀ

## ନିଶାଯୁକ୍ତ ଥଣ୍ଡା ବଟିକା, କାଶ ଔଷଧ ଖାଇ ଅସୁସ୍ଥ ହୋଇଛନ୍ତି ବିଚାରାଧୀନ ବନ୍ଦୀ

ଭୁବନେଶ୍ୱର, (ସବ୍ୟୁ) : ଝାରପଡା ଜେଲ୍ ଚାରିକାନ୍ଥ ମଧ୍ୟରେ ଅସୁରକ୍ଷିତ ଅନ୍ତେବାସୀ । କଏଦୀମାନେ ଏକପ୍ରକାର ଜେଲ୍ ପ୍ରଶାସନ ନିୟନ୍ତ୍ରଣରେ ନାହାନ୍ତି । ନିଶା କାରବାରକୁ ନେଇ ବାରମ୍ବାର ଚର୍ଚ୍ଚା ହେଉଥିଲେ ମଧ୍ୟ ଜେଲ୍ କର୍ତ୍ତୃପକ୍ଷ ତାହା ଅସ୍ୱୀକାର କରୁଛନ୍ତି । ମଙ୍ଗଳବାର ସନ୍ଧ୍ୟାରେ ଅସୁସ୍ଥ ହୋଇଥିବା କଏଦୀମାନେ ନିଶାଯୁକ୍ତ ଥଣ୍ଡା ବଟିକା ଓ କାଶ ଔଷଧ ଖାଇ ଗୁରୁତର ହୋଇଥିବା କ୍ୟାପିଟାଲ ଆଇସିୟୁ ଇନ୍‌ଚାର୍ଜ କହିଛନ୍ତି । ଜେଲ୍ ସୁପରିଟେଣ୍ଡେଣ୍ଟଙ୍କ କହିବାନୁଯାୟୀ କ'ଣ ଖାଇ ବିଚାରାଧୀନ ବନ୍ଦୀମାନେ ଅସୁସ୍ଥ ହେଲେ ତାହା ସ୍ପଷ୍ଟ ହେବା ସିସିଟିଭି ଫୁଟେଜ ଆଧାରରେ ତଦନ୍ତ ଚାଲିଛି ।

ଜେଲ୍ ସୁପରିଟେଣ୍ଡେଣ୍ଟ ଗଣମାଧ୍ୟମକୁ ଦେଇଥିବା ମତାମତରୁ ଜଣାପଡ଼ିଛି ଯେ, ମଙ୍ଗଳବାର ସନ୍ଧ୍ୟା ସାଢେ ୭ଟା ବେଳେ ଅସୁସ୍ଥ ୫ କଏଦୀ ଜେଲ୍ ଡିସ୍‌ପେନ୍‌ସାରୀକୁ ଯାଇ ଔଷଧ ଆଣି ଖାଇବା ପରେ ଅଚେତ ହୋଇଯିବା ସହ ବିଳିବିଳାଇଥିଲେ । ପରିସ୍ଥିତିକୁ ମୁକାବିଲା କରିବା ପାଇଁ ସେମାନଙ୍କୁ ସଂଗେ ସଂଗେ କ୍ୟାପିଟାଲ ହସ୍ପିଟାଲ ଅଣାଯାଇଥିଲା । ସେଠାରେ ଜଣଙ୍କ ଅବସ୍ଥା ଗୁରୁତର ଦେଖି ଏମ୍ସ ସ୍ଥାନାନ୍ତର କରାଯାଇଥିଲା । ତାଙ୍କ କହିବାନୁଯାୟୀ ଜଣେ ବିଚାରାଧୀନ ଅସୁସ୍ଥ ବନ୍ଦୀ ସୁସ୍ଥ ହେବା ପରେ ଜେଲ୍‌କୁ ଫେରିଲାଣି । ଅନ୍ୟ ପକ୍ଷରେ ଆଇସିୟୁ ଇନ୍‌ଚାର୍ଜ ଡାକ୍ତରଙ୍କ କହିବା କଥା ଅସୁସ୍ଥ ବିଚାରାଧୀନ ବନ୍ଦୀମାନେ କାଲି ବିଳିବିଳାଉଥିଲେ, ଆଜି ମଧ୍ୟ ବିଳିବିଳାଉଛନ୍ତି । ତାଙ୍କ ରକ୍ତ ନମୂନା ସଂଗ୍ରହ କରାଯାଇ ପରୀକ୍ଷା ହୋଇଛି ତାହା ନର୍ମାଲ ଅଛି । ହୁଏତ ସେମାନେ ସେଟ୍ରିଜିନ୍, ଲିଭୋସେଟ୍ରିଜିନ୍ ଓ କାଶ ଔଷଧ ମାତ୍ରାଧିକ ଖାଇ ଏଭଳି ଆଚରଣ କରୁଥାଇ ପାରନ୍ତି । ଗଣମାଧ୍ୟମ ପ୍ରତିନିଧିଙ୍କ ବ୍ରାଉନସୁଗର ଖାଇବା ପ୍ରଶ୍ନର ଉତ୍ତରରେ ଆଇସିୟୁ ଇନ୍‌ଚାର୍ଜ କହିଥିଲେ ତାହା ଠିକ୍ ନୁହେଁ । ନିଶା ଔଷଧ ଓ କଫ୍ ସିରପ୍ ଅଧିକ ଖାଇ ବିଚାରାଧୀନ ବନ୍ଦୀମାନେ ଅସୁସ୍ଥ ହୋଇଥିଲେ । ଚାରିକାନ୍ଥ ମଧ୍ୟରେ ଅନ୍ତେବାସୀ ଅସୁରକ୍ଷିତ ଥିଲେ ମଧ୍ୟ ଜେଲ୍ କର୍ତ୍ତୃପକ୍ଷ ତାହା ଠିକ୍ ଭାବେ କହୁନାହାନ୍ତି । ଝାରପଡା ଜେଲ୍ କର୍ତ୍ତୃପକ୍ଷ ଯେତେ ଲୁଚାଇଲେ ମଧ୍ୟ ତାଙ୍କ ପ୍ରଶାସନିକ ଦୁର୍ବଳତା ଲୁଚୁନାହିଁ । ଲୁଚିଛି ନା ଗୋଡ ଦୁଇଟା ଦିଶୁଛି ମର୍ମରେ ଜେଲ୍ ଭିତରେ କ'ଣ ହେଉଛି ତାହା ବାହାରେ ଚର୍ଚ୍ଚା ହେଉଛି । କେତେବେଳେ ବିଚାରାଧୀନ ବନ୍ଦୀମାନେ ପରସ୍ପର ମଧ୍ୟରେ ମାର୍‌ପିଟ୍ ହେଉଛନ୍ତି ତ ଆଉ କେତେବେଳେ ୱାର୍ଡେନଙ୍କୁ ଆକ୍ରମଣ ମଧ୍ୟ କରୁଛନ୍ତି । ଜେଲ୍ କର୍ମଚାରୀଙ୍କ ପାଇଁ ଜେଲ୍ ଭିତରକୁ ନିଶା ଯାଉଛି ଓ ହୋଟେଲ ଖାଦ୍ୟ ମଧ୍ୟ ସପ୍ଲାଏ ହେଉଛନ୍ତି । ଅସୁସ୍ଥ କଏଦୀମାନଙ୍କ ଅବସ୍ଥା ଏକପ୍ରକାର ସୁସ୍ଥ ହୋଇ ଆସିଲାଣି । ଜଣେ ଜେଲ୍‌ରୁ ଫେରି ଗଲାଣି, ଅବଶିଷ୍ଟ ୪ଜଣଙ୍କ ଅବସ୍ଥା ସୁସ୍ଥ ଅବସ୍ଥାକୁ ଆସିଲାଣି । ଆଜି କିମ୍ବା କାଲି ସମସ୍ତେ ଜେଲ୍‌କୁ ଫେରିବେ ବୋଲି ଜେଲ୍ ସୁପରିଟେଣ୍ଡେଣ୍ଟ କହିଛନ୍ତି ।

# ନିର୍ଦ୍ଧାରିତ ସମୟର ବର୍ଷେ ପୂର୍ବରୁ ଓଡ଼ିଶାରେ ୨୬ ଲକ୍ଷରୁ ଅଧିକ 'ଲକ୍ଷପତି ଦିଦି': ଉପମୁଖ୍ୟମନ୍ତ୍ରୀ

## ସୁଭଦ୍ରା ଶକ୍ତି ଭିଜନ ସମ୍ମିଳନୀ

ଭୁବନେଶ୍ୱର, (ସବ୍ୟୁ) : ମିଶନ ଶକ୍ତି ବିଭାଗ ପକ୍ଷରୁ ବୁଧବାର ଭୁବନେଶ୍ୱରସ୍ଥିତ ମିଶନ ଶକ୍ତି ଭବନରେ ରାଜ୍ୟସ୍ତରୀୟ 'ସୁଭଦ୍ରା ଶକ୍ତି ଭିଜନ ସମ୍ମିଳନୀ' ଆୟୋଜିତ ହୋଇଯାଇଛି। ଏହି ସମ୍ମିଳନୀରେ ରାଜ୍ୟର ୩୦ଟି ଜିଲ୍ଲାରୁ ପ୍ରାୟ ୩୩୦ ଜଣ ଜିଲ୍ଲାସ୍ତରୀୟ ମହାସଂଘର କାର୍ଯ୍ୟନିର୍ବାହୀ କମିଟିର ସଦସ୍ୟାମାନେ ଅଂଶଗ୍ରହଣ କରିଥିଲେ। ଏହି ଅବସରରେ ଉପ-ମୁଖ୍ୟମନ୍ତ୍ରୀ ଶ୍ରୀମତୀ ପ୍ରଭାତୀ ପରିଡ଼ା ମହୋଦୟାଙ୍କ କରକମଳରେ ୨,୮୮,୧୯୮ ଟି ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ୧୪୭.୭୬ କୋଟି ଟଙ୍କାର ସୁଧ ଫେରସ୍ତ କରାଯାଇଛି। ଏହି ସ୍ୱତନ୍ତ୍ର ଉତ୍ସବ ଅବସରରେ ୨୬ଟି ଜିଲ୍ଲାର ୨୩,୫୩୬ଟି ସ୍ୱୟଂ ସହାୟକ ଗୋଷ୍ଠୀକୁ ୪୫.୭୧ କୋଟି ଟଙ୍କାର ଆବର୍ତ୍ତନ ପାଣ୍ଠି ପ୍ରଦାନ କରାଯାଇଛି। ଯେଉଁଥିରେ ଖୋର୍ଦ୍ଧାର ଜିଲ୍ଲାର ୬୨୪ଟି ଗ୍ରାମପଞ୍ଚାୟତ ସ୍ତରୀୟ ମହାସଂଘକୁ ୧୮୯.୫୭ କୋଟି ଟଙ୍କାର ଗୋଷ୍ଠୀ ବିନିଯୋଗ ପାଣ୍ଠି ପ୍ରଦାନ କରାଯାଇଛି। ଯେଉଁଥିରେ ପୁରୀର ଅଭୟମୁଖୀ ଓ



୨.୮୮ ଲକ୍ଷ ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ୧୪୭ କୋଟି ଟଙ୍କା ସୁଧ ଫେରସ୍ତ

ମା ମଙ୍ଗଳା ଓ ଶ୍ରୀରାମ ସ୍ୱୟଂ ସହାୟକ ଗୋଷ୍ଠୀର ମା'ମାନେ ଯଥାକ୍ରମେ ୩୦,୦୦୦ ଟଙ୍କାର ଚେକ୍ ମନ୍ତ୍ରୀଙ୍କ କରକମଳରୁ ସାକ୍ଷାତ ଭାବେ ଗ୍ରହଣ କରିଛନ୍ତି। ଗ୍ରାମାଞ୍ଚଳର ମହିଳାମାନଙ୍କୁ ସଂଗଠିତ କରିବା ପାଇଁ ୨୭ଟି ଗୁଆଳିପଡା ଗ୍ରାମପଞ୍ଚାୟତସ୍ତରୀୟ ସଂଘର ମାଦମାନେ ଯଥାକ୍ରମେ ୩୫ ଲକ୍ଷ ଟଙ୍କାର ଚେକ୍ ସିଧାସଳଖ ଭାବରେ ପାଇଛନ୍ତି। ଏହା ବ୍ୟତୀତ, ୧୫ଟି ଜିଲ୍ଲାର ୬୫୬ଟି ଆଞ୍ଚଳିକ ମହାସଂଘ କୁ ୯.୬୪ କୋଟି ଟଙ୍କାର ନିରାପତ୍ତା ପାଣ୍ଠି ମଧ୍ୟ ପ୍ରଦାନ କରାଯାଇଛି, ଯେଉଁଥିରେ ଯାଜପୁରର ରାମପୁର ଓ ଜହ୍ନା ଆଞ୍ଚଳିକ ମଞ୍ଚର ମା'ମାନେ ଯଥାକ୍ରମେ ୧.୫୦ ଲକ୍ଷ ଟଙ୍କାର ଚେକ୍ ନିରାପତ୍ତା ପାଣ୍ଠି ବାବଦକୁ ପ୍ରତ୍ୟକ୍ଷ ଭାବରେ ଗ୍ରହଣ କରିଛନ୍ତି। ଏହି ଅବସରରେ ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପ୍ରଭାତୀ ପରିଡ଼ା ସମ୍ମିଳନୀର ଉଦ୍‌ଘାଟନ କରି କହିଥିଲେ ଯେ, ଓଡ଼ିଶା ସରକାର ୨୦୩୬ ସୁଦ୍ଧା ରାଜ୍ୟକୁ ଏକ ସମୃଦ୍ଧ ଓ ବିକଶିତ ଅର୍ଥନୀତିରେ ପରିଣତ କରିବାର ସଂକଳ୍ପ ନେଇଛନ୍ତି, ଯେଉଁଥିରେ ମହିଳାମାନେ ପରିବର୍ତ୍ତନର ପ୍ରମୁଖ ବାହକ ଅଟନ୍ତି। ପ୍ରତ୍ୟେକ ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟାଙ୍କୁ ଆତ୍ମନିର୍ଭରଶୀଳ ଉଦ୍ୟୋଗୀ ଭାବେ ଗଢ଼ି ତୋଳିବା ସରକାରଙ୍କ ପ୍ରମୁଖ ଲକ୍ଷ୍ୟ ହୋଇଥିବା ବେଳେ, ରାଜ୍ୟ ସରକାର ନିର୍ଦ୍ଧାରିତ ସମୟର ୧ ବର୍ଷ ପୂର୍ବରୁ ହିଁ ୨୫ ଲକ୍ଷର ମାଇଲଖୁଣ୍ଟ ଅତିକ୍ରମ କରି ବର୍ତ୍ତମାନ ଲକ୍ଷପତି ଦିଦିଙ୍କ ସଂଖ୍ୟାକୁ ୨୬,୩୯,୯୦୯ରେ ପହଞ୍ଚାଇ ପାରିଛନ୍ତି ବୋଲି ଉପମୁଖ୍ୟମନ୍ତ୍ରୀ ପ୍ରକାଶ କରିଛନ୍ତି । ଏହି ସମ୍ମିଳନୀରେ ଓଡ଼ିଶା ଭିଜନ ୨୦୩୬ରେ ମହିଳାଙ୍କ ଭୂମିକା, ଲକ୍ଷପତି ଦିଦି, ମହାଲକ୍ଷପତି ଦିଦି ଓ କୋଟିପତି ଦିଦି ସୃଷ୍ଟି, ମହିଳା-ନେତୃତ୍ୱାଧୀନ ଉଦ୍ୟୋଗ, ପ୍ରଡ୍ୟୁସର ଗ୍ରୁପ୍ ଓ ପ୍ରଡ୍ୟୁସର କମ୍ପାନୀର ପ୍ରୋତ୍ସାହନ, ବଜାର ସଂଯୋଗ, ଆର୍ଥିକ ସହାୟତା ଏବଂ ବିଭିନ୍ନ ଜିଲ୍ଲାର ସଫଳ ଉଦ୍ୟୋଗର ଅନୁଭୂତି ବିନିମୟ ଉପରେ ବିସ୍ତୃତ ଆଲୋଚନା କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ମିଶନ ଶକ୍ତି ବିଭାଗର କମିଶନର-ତଥା-ଶାସନ ସଚିବ ଶ୍ରୀମତୀ ମାନସୀ ନିମ୍ଭାଲ, ନିର୍ଦ୍ଦେଶିକା ଡଃ ମୋନିକା ପ୍ରିୟଦର୍ଶିନୀ, ପ୍ରଣବ କୁମାର ବିଶ୍ୱାସଙ୍କ ସମେତ ବିଭାଗର ବରିଷ୍ଠ ଅଧିକାରୀ, ଜିଲ୍ଲାସ୍ତରୀୟ ମହାସଂଘର କାର୍ଯ୍ୟନିର୍ବାହୀ ସଦସ୍ୟା, ବ୍ୟାଙ୍କ ଓ ସହଯୋଗୀ ସଂସ୍ଥାର ପ୍ରତିନିଧିମାନେ,ଆଭାଷୀ ମାଧ୍ୟମରେ ଜିଲ୍ଲାର ସମସ୍ତ ଅଧିକାରୀ ଓ ମା ମାନେ ଉପସ୍ଥିତ ଥିଲେ।

# ଉତ୍କର୍ଷ ୨୦୨୬ ଅଲ୍ ଓଡ଼ିଶା ବ୍ୟବସାୟ ସମ୍ମିଳନୀ ୨୮ ରେ

ଭୁବନେଶ୍ୱର, (ସବ୍ୟୁ) : ଭାରତ ସରକାରଙ୍କ ଜାତୀୟ ବ୍ୟବସାୟୀ କଲ୍ୟାଣ ବୋର୍ଡ (ଏନଟିଡବ୍ଲୁବି) ସହଯୋଗରେ ଫେଡେରେସନ ଅଫ୍ ଟ୍ରେଡ୍ ଆଣ୍ଡ ଇଣ୍ଡଷ୍ଟ୍ରି ଅଫ୍ ଇଣ୍ଡିଆ (ଏଫଟିଆଇଆଇ) ପକ୍ଷରୁ ଆସନ୍ତା ୨୮ ତାରିଖରେ ଭୁବନେଶ୍ୱରସ୍ଥିତ ହୋଟେଲ ଲେମନ୍ ଟ୍ରି ପ୍ରିମିୟରଠାରେ ଅଲ୍ ଓଡ଼ିଶା ବ୍ୟବସାୟିକ ସମ୍ମିଳନୀ ଉତ୍କର୍ଷ ୨୦୨୬ ଆୟୋଜିତ ହେବାକୁ ଯାଉଛି। ଏହି କାର୍ଯ୍ୟକ୍ରମ ସକାଳ ୧୦:୩୦ ଘଟିକାରୁ ଆରମ୍ଭ ହେବ। ଏହି ସମ୍ମିଳନୀରେ ଭାରତ ସରକାରଙ୍କ ଜାତୀୟ ବ୍ୟବସାୟୀ କଲ୍ୟାଣ ବୋର୍ଡ (ଏନଟିଡବ୍ଲୁବି)ର ଅଧ୍ୟକ୍ଷ ସୁନିଲ ଯେ ସିଂଘୀ ମୁଖ୍ୟ ଅତିଥି ଭାବେ ଅଧ୍ୟକ୍ଷତା କରିବେ। ଉତ୍କର୍ଷ ୨୦୨୬ର ଉଦ୍ଦେଶ୍ୟ ହେଉଛି ବ୍ୟବସାୟ ଓ ଶିଳ୍ପ କ୍ଷେତ୍ରରେ ସହଜ ବ୍ୟବସାୟିକ ପରିବେଶ ସୃଷ୍ଟି ପାଇଁ ସରକାରଙ୍କ ଦ୍ୱାରା ଗ୍ରହୀତ ସମ୍ପ୍ରତିକ ପଦକ୍ଷେପଗୁଡ଼ିକ ସମ୍ପର୍କରେ ବ୍ୟାପକ ସଚେତନତା ସୃଷ୍ଟି କରିବା। ଏହାର ଅନ୍ତର୍ଗତ ବାଣିଜ୍ୟ ଓ ଶିଳ୍ପର ବିକାଶରେ ବାଧକ ସାଜୁଥିବା ଶତାଧିକ ପୁରୁଣା ଓ ଅପ୍ରାସଙ୍ଗିକ ଆଇନ ଏବଂ ନିୟମାବଳୀକୁ ରଦ୍ଦ କରାଯାଇଥିବା ବିଷୟରେ ମଧ୍ୟ ଆଲୋଚନା କରାଯିବ। ଏହି ସମ୍ମିଳନୀର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ବାଣିଜ୍ୟ ଓ ଶିଳ୍ପ କ୍ଷେତ୍ରର ନେତୃବୃନ୍ଦଙ୍କୁ ସେହି ନିୟାମକ ସଂସ୍କାର ସମ୍ପର୍କରେ ଅବଗତ କରାଇବା ଯାହା ଅନୁପାଳନ ପ୍ରକ୍ରିୟାକୁ ସରଳ କରିବା ସହ କାରବାର ସମ୍ବନ୍ଧୀୟ ଖର୍ଚ୍ଚକୁ ହ୍ରାସ କରୁଛି। ଏହା ସହିତ ବ୍ୟବସାୟୀ କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ (ଏସଏମଇଏସ) ଏବଂ ଶିଳ୍ପ ସଂଘଗୁଡ଼ିକ ଏହି ନୂତନ ପ୍ରୋତ୍ସାହନ ଓ ସୁବିଧାଗୁଡ଼ିକର ସର୍ବାଧିକ ଲାଭ କିପରି ଉଠାଇପାରିବେ ସେଥିପାଇଁ ବ୍ୟବହାରିକ ମାର୍ଗଦର୍ଶନ ମଧ୍ୟ ପ୍ରଦାନ କରାଯିବ। ଏହା ବ୍ୟତୀତ ସରକାରୀ ଅଧିକାରୀ ଓ ବ୍ୟବସାୟ ନେତାମାନଙ୍କ ମଧ୍ୟରେ ଖୋଲା ଆଲୋଚନାର ଏକ ମଞ୍ଚ ସୃଷ୍ଟି କରି ସ୍ଥାନୀୟ ସ୍ତରରେ ନୀତି କାର୍ଯ୍ୟକାରିତାରେ ଦେଖାଦେଉଥିବା ସମସ୍ୟା ଓ ପ୍ରତିବନ୍ଧକଗୁଡ଼ିକର ସମାଧାନ କରିବା ଏହି କାର୍ଯ୍ୟକ୍ରମର ଅନ୍ୟତମ ଲକ୍ଷ୍ୟ ସେହିପରି ଓଡ଼ିଶାର ବିଭିନ୍ନ ଶିଳ୍ପ କ୍ଷେତ୍ରର ଅଗ୍ରଣୀ ବ୍ୟକ୍ତିବିଶେଷ ଓ ସଂଗଠନମାନଙ୍କ ମଧ୍ୟରେ କୌଶଳଗତ ନେଟୱର୍କିଂ ସହଯୋଗ ଏବଂ ଭାଗୀଦାରିକୁ ପ୍ରୋତ୍ସାହିତ କରିବା ମଧ୍ୟ ଏହି ସମ୍ମିଳନୀର ଏକ ପ୍ରମୁଖ ଉଦ୍ଦେଶ୍ୟ।

# ଘରୋଇ ନିଦାନ କେନ୍ଦ୍ର - ଲଗାମ ନାହିଁ

ଭୁ ବ ନେ ଶ୍ୱ ର , ( ତ ଥ୍ୟ) :ସରକାରୀ ଡାକ୍ତରଖାନା ଗୁଡିକରେ ରୋଗୀମାନଙ୍କୁ ମାଗଣାରେ ନିଦାନ ସେବା ବା ବିଭିନ୍ନ ପ୍ରକାର ପରୀକ୍ଷା ନିରୀକ୍ଷା ଉପଲବ୍ଧ ହେଉଥିବାବେଳେ ଘରୋଇ ସଂସ୍ଥାଗୁଡିକ କିନ୍ତୁ ମନଇଚ୍ଛା ଶୋଷଣ କରୁଛନ୍ତି। ଯଦିଓ ଏମାନେ ସରକାରଙ୍କ ଠାରୁ ଅନୁମତି ପାଇ ନିଦାନ କେନ୍ଦ୍ର ଖୋଲିଛନ୍ତି, କିନ୍ତୁ ଏମାନଙ୍କର ଦର ଉପରେ ସରକାରଙ୍କର କୌଣସି ନିୟନ୍ତ୍ରଣ ଥିବା ଲକ୍ଷ୍ୟ କରାଯାଉ ନାହିଁ। ସରକାରୀ ଡା କ୍ତ ର ଖା ନା ଗୁ ଡି କ ରେ ରୋ ଗୀ ସ ଂ ଖ୍ୟା ବଢୁଥିବାବେଳେ ନିଦାନ ବ୍ୟବସ୍ଥା ବୃଦ୍ଧି ପାଉନାହିଁ। ବିଶେଷକରି ଯେଉଁ ଗୁରୁତର ରୋଗୀମାନଙ୍କର ତତ୍କାଳ ବିଭିନ୍ନ ପରୀକ୍ଷା ନିରୀକ୍ଷା ଆବଶ୍ୟକ ହେଉଛି ସେମାନେ ସରକାରୀ ଡାକ୍ତରଖାନାରେ ଘଣ୍ଟାଘଣ୍ଟା। ଘଣ୍ଟାଘଣ୍ଟା କିମ୍ବା ଦିନ ଦିନ ଧରି ଅପେକ୍ଷା କରିବା ପରିବର୍ତ୍ତେ ଆଖପାଖରେ ଥିବା ଘରୋଇ ପରୀକ୍ଷାକେନ୍ଦ୍ରକୁ ଯାଉଛନ୍ତି। ସେଠାରେ ତତ୍କାଳ ପରୀକ୍ଷା କରିବା ସହିତ ରିପୋର୍ଟ ଆଣି ଡାକ୍ତରଙ୍କୁ ଦେଖାଇ ପାରୁଛନ୍ତି। ହେଲେ ଏହିସବୁ ଘରୋଇ ନିଦାନ କେନ୍ଦ୍ରରେ କେଉଁସବୁ ପରୀକ୍ଷା ପାଇଁ କେତେ ଅର୍ଥ ଆଦାୟ କରାଯିତ ତାହାର କିଛି ନିର୍ଦ୍ଦିଷ୍ଟତା ନାହିଁ। ଯିଏ ଯେମିତି ପାରୁଛି ମନଇଚ୍ଛା ଆଦାୟ କରୁଛି। ସାମାନ୍ୟ ମଧୁମେହ ପରୀକ୍ଷାର ଦର ବିଭିନ୍ନ ସ୍ଥାନରେ ଭିନ୍ନ ଭିନ୍ନ ରହୁଛି। ହୃଦ୍‌ରୋଗ, ବୃକକ୍, ଯକୃତ ଆଦିର ବିଭିନ୍ନ ପରୀକ୍ଷା ନିରୀକ୍ଷାର ଦର ଆକାଶଛୁଆଁ। ବାସ୍ତବରେ ଏହିସବୁ ପରୀକ୍ଷା ପାଇଁ କେତେକ ଦର ଦେବାକୁ ପଡିବ ତାହା ଧାର୍ଯ୍ୟ ହୋଇନଥିବାରୁ ଘରୋଇ ନିଦାନ କେନ୍ଦ୍ରଗୁଡିକ ଯେତିକି ଦେବାକୁ କହୁଛନ୍ତି ରୋଗୀମାନେ କାନମୁଣ୍ଡା ଆଉଁଷି ସେତିକି ଦେବାକୁ ବାଧ୍ୟ ହେଉଛନ୍ତି। ଏହାର ସୁଯୋଗ ନେଇ ସରକାରୀ ଡାକ୍ତରଖାନା ଚାରିପଟେ ଏବେ ମାଳ ମାଳ ଘରୋଇ ନିଦାନ କେନ୍ଦ୍ର ଖୋଲିଛି। କଟକର ଏସ୍‌ସିବି ହେଉ କିମ୍ବା ରାଜଧାନୀର କ୍ୟାପିଟାଲ ହସ୍ପିଟାଲ ହେଉ, ଏହାର ଚାରିପଟେ ମାଳ ମାଳ ଘରୋଇ ନିଦାନ କେନ୍ଦ୍ର। ରୋଗିଟି ଯଦି ସହଜରେ ସରକାରୀ ଡାକ୍ତରଖାନାରେ ମାଗଣା ପରୀକ୍ଷାର ସୁବିଧା ପାଆନ୍ତା ତେବେ ସିଏ ଆଦୌ ଘରୋଇ ନିଦାନ କେନ୍ଦ୍ରରେ ପଇସା ଗଣନ୍ତା ନାହିଁ। ସେହିଭଳି ଘରୋଇ ନିଦାନ କେନ୍ଦ୍ରଗୁଡିକର ନିୟମିତ ଯାଞ୍ଚ ହେଉନଥିବାରୁ ସେମାନେ ଲୋକଙ୍କୁ କେଉଁ କିସମର ସେବା ଯୋଗାଣ କରୁଛନ୍ତି ତାହା ବି ସରକାର ଜାଣିପାରୁ ନାହିଁ। ବିଶେଷକରି ସେମାନେ ବିଭିନ୍ନ ପରୀକ୍ଷା ନିରୀକ୍ଷା ପାଇଁ କେଉଁ ମାନର କେମିକାଲ ବ୍ୟବହାର କରୁଛନ୍ତି ତାହା ଉପରେ ନଜର ରଖିବାକୁ ଏବେ ସାଧାରଣରେ ଦାବି ହେଉଛି। ଏଥି ସହିତ ମଧୁମେହ, ଅଲଟ୍ରାସାଉଣ୍ଡ, ଏକ୍ସ-ରେ ଆଦି ପାଇଁ ସରକାର ଗୋଟିଏ ନିର୍ଦ୍ଦିଷ୍ଟ ଦର ଧାର୍ଯ୍ୟ କଲେ ସାଧାରଣ ଲୋକେ ଉପକୃତ ହୋଇପାରନ୍ତେ ବୋଲି କୁହାଯାଉଛି।

# ଟ୍ରାକ୍ଟର ଚୋରି ଘଟଣାରେ ଅଭିଯୁକ୍ତ ଅଟକ, ଟ୍ରାକ୍ଟର ଜବତ

ନିଳଗିରି,(ସବ୍ୟୁ): ଟ୍ରାକ୍ଟର ମାଲିକଙ୍କୁ ଭକୁଆ ବନାଇ ଏକାଧିକ ଟ୍ରାକ୍ଟର ଲିଜ୍ ସୂତ୍ରରେ ଆଣି ମାସିକ କାହାକୁ ୩୦/୨୦ହଜାର ଟଙ୍କା ସୂତ୍ରରେ ଏଗ୍ରିମେଣ୍ଟ ପେପର୍ କରି ଏକାଧିକ ଟ୍ରାକ୍ଟର ଚାନ୍ଦିପୁର ଥାନା ଅଂଚଳରେ ସେମାନଙ୍କୁ ମଧ୍ୟ ଲିଜ ସୂତ୍ରରେ ଦେଇ ହଜାର ହଜାର ଟଙ୍କା ଆଣି ପ୍ରକୃତ ଟ୍ରାକ୍ଟର ମାଲିକଙ୍କୁ ଟଙ୍କାଟିଏ ଦେଉ ନ ଥିଲା । ଏପରିକି ମାଲିକଙ୍କୁ ଟ୍ରାକ୍ଟର କୋଉଠି ଅଛି, ତାହା ମଧ୍ୟ ଦଲାଲ୍ ଦେଖାଉ ନ ଥିଲା । ଶେଷରେ ସମସ୍ତ ଟ୍ରାକ୍ଟର ମାଲିକ ନିଳଗିରି ଥାନାରେ ଅଭିଯୋଗ କରିଥିଲେ । ନିଳଗିରି ଆଇ ଆଇ ସି ଗୋବର୍ଦ୍ଧନ ନାୟକ ଗୁରୁତର ସହ ଘଟଣାକୁ ଦୃଷ୍ଟିରେ ରଖି ମିତ୍ରପୁର ଚତିରିରିଖୁଣ୍ଟା ଗ୍ରାମର ଯୋଗେଶ କୁମାର ନାୟକକୁ ଥାନାରେ ଅଟକ ରଖି ତଦନ୍ତ କରୁଛି । ରିଙ୍ଗ ମାଷ୍ଟର୍ ଯୋଗେଶ କୁମାର ନାୟକ ନିଳଗିରି ଅଞ୍ଚଳର ବିଭିନ୍ନ ଗ୍ରାମରୁ ମୟୂରଭଞ୍ଜ ଜିଲ୍ଲାର ବିଭିନ୍ନ ଅଞ୍ଚଳରୁ ବିଭିନ୍ନ ଟ୍ରାକ୍ଟର ମାଲିକଙ୍କୁ ଟଙ୍କାର ଲୋଭ ଦେଖାଇ ଲିଜ ସୂତ୍ରରେ ନେଇ ଚାନ୍ଦିପୁର ଥାନା ଅଂଚଳରେ ଲିଜ ସୂତ୍ରରେ ଦେଇ ମୋଟା ଅଙ୍କର ଟଙ୍କା ନେଇ ଆସିଥିଲା । ଆଇ ଆଇ ସି ଗୋବର୍ଦ୍ଧନ ନାୟକଙ୍କ ନେତୃତ୍ୱରେ ଏକ ଟିମ୍ ଚାନ୍ଦିପୁର ଅଂଚଳରେ ଚଢ଼ାଉ କରିଥିବା ବେଳେ ଟ୍ରାକ୍ଟର ଗୁଡିକୁ ଲୁଚାଇ ରଖି ଦେଇଥିଲେ । ମଙ୍ଗଳବାର ଦିନ ବିଶେଷ ସୂତ୍ରରୁ ଖବର ପାଇ ନୀଳଗିରି ପୋଲିସ ନିଳଗିରି ଅଞ୍ଚଳରୁ ଏକ ସୋନାଲିକା ଟ୍ରାକ୍ଟରର ଇଞ୍ଜିନ ଜବତ କରିଥିବା ବେଳେ ଖୁବ୍ ଶୀଘ୍ର ଅନ୍ୟସବୁ ଟ୍ରାକ୍ଟର ଜବତ ହେବ ବୋଲି ପ୍ରକାଶ କରିଛନ୍ତି ।

# ଶିଳ୍ପକୁ ଜମି - ବର୍ଷ ବର୍ଷ ଧରି ଅବ୍ୟବହୃତ

ଭୁବନେଶ୍ୱର, (ତଥ୍ୟ) ଶିଳ୍ପ ପ୍ରତିଷ୍ଠାପାଇଁ ଜମି ଖଣ୍ଡେ ପାଇବାକୁ ବିଭିନ୍ନ କମ୍ପାନୀ ଧାଁ ଦଉଡ କରୁଥିବାବେଳେ ରାଜ୍ୟରେ ଜମି ପାଇଥିବା ଶିଳ୍ପସଂସ୍ଥାମାନେ କିନ୍ତୁ ବର୍ଷ ବର୍ଷ ଧରି ଏହାକୁ ଅବ୍ୟବହୃତ ଭାବେ ପକାଇ ରଖିଛନ୍ତି। ଅଳ୍ପ କେତେକ କ୍ଷେତ୍ରରେ ରାଜ୍ୟ ସରକାର ଉକ୍ତ ଜମିକୁ ଫେରାଇ ଆଣିଥିବାବେଳେ କେତେକ କ୍ଷେତ୍ରରେ କମ୍ପାନୀମାନଙ୍କୁ କାରଣଦର୍ଶାଅ ନୋଟିସ୍ ଜାରି ହୋଇଛି। ମିଳିଥିବା ସୂଚନା ଅନୁଯାୟୀ ୨୦ଟି କମ୍ପାନୀ ଜମି ପାଇଥିଲେ ମଧ୍ୟ ୧୦ବର୍ଷରୁ ଅଧିକ ସମୟ ଧରି ତାହାକୁ ପକାଇ ରଖିଛନ୍ତି। ଏହିସବୁ କମ୍ପାନୀ ମଧ୍ୟରେ ତାପଜ ବିଦ୍ୟୁତ୍, ଇସ୍ପାତ, ସିମେଣ୍ଟ ଆଦି ରହିଛନ୍ତି। ଏହି ୨୦ଟି କମ୍ପାନୀକୁ ରାଜ୍ୟରେ ୭୨୪୭ ଏକର ଜମି ଯୋଗାଇ ଦିଆଯାଇଥିଲା। ଏଥି ମଧ୍ୟରେ ୪୪୮୫ ଏକର ସରକାରୀ ଜମି ଥିବାବେଳେ ୨୭୬୨ ଏକର ଘରୋଇ ଜମି ରହିଥିଲା। ସରକାରୀ ଜମିକୁ ରାଜ୍ୟ ସରକାର ଚୁକ୍ତିବଦ୍ଧ ଶିଳ୍ପସଂସ୍ଥାଗୁଡିକୁ ସୁରୁଖୁରୁରେ ପ୍ରଦାନ କରିଥିବାବେଳେ ଘରୋଇ ଜମି ଆଣିବାକୁ କିନ୍ତୁ ନାକେଦମ ହୋଇଛନ୍ତି। ଘରୋଇ ଜମି ପାଇଁ ସ୍ଥାନୀୟ ଲୋକଙ୍କ ବିରୋଧକୁ ସାମ୍ନା କରିବା ସହିତ ସେମାନଙ୍କର ଭିନ୍ନ ଭିନ୍ନ ଦାବି ପୂରଣ କରିବାକୁ ପଡିଛି। ହେଲେ କମ୍ପାନୀମାନେ ଜମି ପାଇବାପରେ ବି କାରଖାନା ନିର୍ମାଣରୁ ଓହରି ଯାଇଛନ୍ତି। ଫଳରେ ରାଜ୍ୟ ସରକାର ଯାଜପୁର ଜିଲ୍ଲାରେ ଜମି ପାଇଥିବା ଭିସା, ଚେଟିନାଡ ସିମେଣ୍ଟର ଜମିକୁ ବାତିଲ କରିଦେଇଛନ୍ତି। ସେହିଭଳି ମୟୁରଭଞ୍ଜ ଜିଲ୍ଲାରେ ଜମି ପାଇଥିବା କେରବ୍ ଇଣ୍ଡିଆ ପ୍ରାଇଭେଟ ଲିମିଟେଡ ଓ ଝାରସୁଗୁଡା ଜିଲ୍ଲାରେ ଜମି ପାଇଥିବା କୋଣାର୍କ ଇସ୍ପାତ ସମେତ ଅର୍ବିଟ ମୋଟର, ବ୍ରହ୍ମା ଆଇରନ ଆଦିକୁ କାରଣ ଦର୍ଶାଅ ନୋଟିସ୍ ଜାରି କରାଯାଇଛି। ଯାଜପୁର ଜିଲ୍ଲାରେ ଜମି ନେଇଥିବା ଉତ୍ତମ ଗାଲ୍‌ଭା କମ୍ପାନୀର ଜମିକୁ ସରକାର ବାତିଲ କରିଦେଇଥବଲେ ମଧ୍ୟ ସେହି ମାମଲା ଏବେ ଅଦାଲତକୁ ଯାଇଛି। ରାଜ୍ୟ ସରକାର ଓଡିଶାକୁ ଆସୁଥିବା ଶିଳ୍ପସଂସ୍ଥାଗୁଡିକୁ ବିଭିନ୍ନ ସ୍ଥାନରେ ଜମି ଯୋଗାଇ ଦେବାପାଇଁ ଲ୍ୟାଣ୍ଡ ବ୍ୟାଙ୍କ୍ ପ୍ରତିଷ୍ଠା କରିଛନ୍ତି। ଏଥିଯୋଗୁଁ ରାଜ୍ୟରେ କାରଖାନା ପ୍ରତିଷ୍ଠା ସହଜ ହେବା ସହିତ ବ୍ୟାପକ ପୁଞ୍ଜି ଆସିବାର ଲକ୍ଷ୍ୟ ରହିଛି। ହେଲେ ବହୁ ଆଡମ୍ବରରେ ରାଜ୍ୟ ସରକାରଙ୍କ ସହିତ ଚୁକ୍ତିନାମା କରି ପୁଞ୍ଜି ଖଟାଇବାର ସ୍ୱପ୍ନ ଦେଖାଉଥିବା କମ୍ପାନୀଗୁଡିକ ଜମି ପାଇବାପରେ ବି ବର୍ଷ ବର୍ଷଧରି କାରଖାନା ପ୍ରତିଷ୍ଠା ନକରିବା ଏବେ ସରକାରଙ୍କୁ ଅଡୁଆରେ ପକାଇ ଦେଉଛି। କେବଳ ବଡ ବଡ ଶିଳ୍ପସଂସ୍ଥା ନୁହେଁ, ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ପ୍ରତିଷ୍ଠା ପାଇଁ ବିଭିନ୍ନ ଜିଲ୍ଲାରେ ଥିବା ୧୫୦ଟି ଶିଳ୍ପ ପାର୍କ ୧୪ହଜାର ଏକରରୁ ଅଧିକ ପରିମିତ ଜମିରେ ପ୍ରତିଷ୍ଠା କରାଯାଇ ସେଠାରେ ୬୬୬୧ ଟି ଶିଳ୍ପ ସଂସ୍ଥାଙ୍କୁ ଲିଜ୍ ସୂତ୍ରରେ ଜମି ଯୋଗାଇ ଦିଆଯାଇଛି। ତେବେ ଏମାନଙ୍କ ମଧ୍ୟରୁ ୧୮୯ଟି ଶିଳ୍ପସଂସ୍ଥା ପାଇଥିବା ପ୍ରାୟ ୧୨୦ ଏକର ଜମିରେ ଶିଳ୍ପ ପ୍ରତିଷ୍ଠା ନକରି ତାହାକୁ ପକାଇ ରଖିଛନ୍ତି। କେତେକ ଶିଳ୍ପସଂସ୍ଥା କାରଖାନା ପ୍ରତିଷ୍ଠାପାଇଁ ପାଇଥିବା ଜମିରେ ଧିରେ ଧିରେ ଶିକ୍ଷାନୁଷ୍ଠାନ, ହଷ୍ଟେଲ, ଗାଡିମୋଟର ସୋରୁମ୍ ସହିତ ଆବାସିକ ଘର କରି ଭଡା ଲଗାଉଥିବା ଦେଖିବାକୁ ମିଳୁଛି। ଇଡ୍‌କୋ ପକ୍ଷରେ ମଝିରେ ମଝିରେ ଚଢଉ ହେଉଥିଲେ ମଧ୍ୟ ଅମାନିଆ ଶିଳ୍ପସଂସ୍ଥାମାନେ କିନ୍ତୁ କାରଖାନା ପ୍ରତିଷ୍ଠା ନକରି ଜମିକୁ ନିଜ ଅକ୍ତିଆରରେ ରଖୁଛନ୍ତି।

# ପରିଚୟ ଫାଉଣ୍ଡେସନର ୧୧ତମ ଶ୍ରୀ ପୁରସ୍କାର ସମାରୋହ

ଭୁବନେଶ୍ୱର, (ସବ୍ୟୁ) : ପରିଚୟ ଫାଉଣ୍ଡେସନ୍ ପରମ୍ପରା ମହୋତ୍ସବ ୨୦୨୬ର ଦ୍ୱାଦଶ ସଂସ୍କରଣ ଏବଂ ୧୧ତମ ଶ୍ରୀ ପୁରସ୍କାର ସମାରୋହକୁ ଆୟୋଜନ କରିଥିଲା, ଯାହା ଭାରତର ସମୃଦ୍ଧ ସାଂସ୍କୃତିକ ଐତିହ୍ୟକୁ ପାଳନ କରି ବିଭିନ୍ନ କ୍ଷେତ୍ରରେ ଉତ୍କର୍ଷତାକୁ ସମ୍ମାନିତ କରିଥିଲା। ଏହି କାର୍ଯ୍ୟକ୍ରମରେ ପଦ୍ମଶ୍ରୀ ପ୍ରତିଭା ପ୍ରହଲାଦ, ଆନ୍ତର୍ଜାତୀୟ ସ୍ତରରେ ପ୍ରଶଂସିତ ନୃତ୍ୟଶିଳ୍ପୀନ୍ତ ପଦ୍ମଶ୍ରୀ ରୁଟଗର କୋର୍ଟେନହୋର୍ଷ୍ଟ, ପ୍ରସିଦ୍ଧ ସାମାଜିକ ଉଦ୍ୟୋଗୀ,ବିଶିଷ୍ଟ ଶିକ୍ଷାବିତ୍ ପଞ୍ଜାବ ନ୍ୟାସନାଲ୍ ବ୍ୟାଙ୍କର ମୁଖ୍ୟ ମହାପ୍ରବନ୍ଧକ ସୁନୀଲ ସୋନି, ଏବଂ କଳା, ସଂସ୍କୃତି, ସାହିତ୍ୟ, ଗଣମାଧ୍ୟମ ଏବଂ ସମାଜ ସେବା କ୍ଷେତ୍ରର ଅନେକ ପ୍ରତିଷ୍ଠିତ ବ୍ୟକ୍ତିତ୍ୱ ଯୋଗ ଦେଇଥିଲେ । ସନ୍ଧ୍ୟା ଷ୍ଟାରଲାଇଟ୍ ମ୍ୟୁଜିକର ସନ୍ତୋଷ ମିଶ୍ରଙ୍କ ଦ୍ୱାରା ଏକ ମନୋରମ



ସଙ୍ଗୀତ ପରିବେଷଣ ସହିତ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲ। ପରେ ପ୍ରେମାନନ୍ଦ ସାହୁଙ୍କ ଦ୍ୱାରା ଏକ ମନୋରମ ଓଡ଼ିଶୀ ନୃତ୍ୟ ପରିବେଷଣ କରାଯାଇଥିଲା। କୋଲକାତାର ଅଭିରୂପ ସେନଗୁପ୍ତ ଏବଂ ତାଙ୍କ ଦଳ ଦ୍ୱାରା ଏକ ଭକ୍ତିପୂର୍ଣ୍ଣ ବନ୍ଦନା ସୁନ୍ଦର ଭାବରେ ପରିବେଷଣ କରାଯାଇଥିଲା। ଏହି ଅବସରରେ ପରିଚୟ ଫାଉଣ୍ଡେସନର ପ୍ରତିଷ୍ଠାତା ସଭାପତି ଡକ୍ଟର ରୋଜାଲିନ୍ ପାଟାସାଣି ମିଶ୍ରଙ୍କ ଦ୍ୱାରା "ଓଡ଼ିଶା ଆମ ପରିବାର"ର ଶୁଭାରମ୍ଭ। ସମାବେଶକୁ ସମ୍ବୋଧିତ କରି, ପଞ୍ଜାବ ନ୍ୟାସନାଲ ବ୍ୟାଙ୍କର ସିଜିଏମ୍ ଶ୍ରୀ ସୁନୀଲ ସୋନି ଏବଂ ସମ୍ମାନିତ ଅତିଥିମାନେ ଭାରତର ସମୃଦ୍ଧ ସାଂସ୍କୃତିକ ପରମ୍ପରାକୁ ସଂରକ୍ଷଣ ଏବଂ ପ୍ରୋତ୍ସାହିତ କରିବା ଏବଂ ସାମାଜିକ ସଦ୍ଭାବକୁ ବୃଦ୍ଧି କରିବାରେ ପରିଚୟ ଫାଉଣ୍ଡେସନର ପ୍ରୟାସକୁ ପ୍ରଶଂସା କରିଥିଲେ।ପ୍ରତିଷ୍ଠିତ ୧୧ତମ ଶ୍ରୀ ପୁରସ୍କାର ସମାରୋହରେ ଦେଶ ସାରା ୧୮ ଜଣ କୃତିତ୍ୱ ହାସଲକାରୀଙ୍କୁ ସେମାନଙ୍କ ନିଜ ନିଜ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ଏବଂ ଉତ୍କର୍ଷତା ପାଇଁ ସମ୍ମାନିତ କରାଯାଇଥିଲା।

## ବନ୍ଧକସୁନା ଫେରସ୍ତକୁ ନେଇ ଆକ୍ରମଣ ମାମଲା

# ଗୁରୁତର ବିଶ୍ୱନାଥ ମୃତ, ଅଭିଯୁକ୍ତ ଗିରଫ

କେନ୍ଦୁଝର, (ଜିପ୍ର) : କେନ୍ଦୁଝରଜିଲ୍ଲା ନନ୍ଦିପଦା ଥାନା ବଡ଼ ରମ୍ପାସ ପଞ୍ଚାୟତ ନୂଆରମ୍ପାସ ଗ୍ରାମରେ ବନ୍ଧକସୁନା ଫେରସ୍ତକୁ ନେଇ ହୋଇଥିବା ଆକ୍ରମଣରେ ଗୁରୁତର ଅବସ୍ଥାରେ ଚିକିତ୍ସିତ ହେଉଥିବା ବିଶ୍ୱନାଥ ଓଝାଙ୍କ ଆଜି (ବୁଧବାର) ମୃତ୍ୟୁ ଘଟିଛି । ଏହାପରେ ପୁଲିସ ମାମଲାକୁ ହତ୍ୟାରେ ପରବର୍ତ୍ତିତ କରିବା ସହ ଅଟକ ଥିବା ଅଭିଯୁକ୍ତ ପ୍ରଦୀପକୁ ଗିରଫ କରିଛି । ଅପରପକ୍ଷରେ ଘଟଣାକୁ ନେଇ ନୂଆରମ୍ପାସ ଗ୍ରାମରେ ଉତ୍ତେଜନା ପ୍ରକାଶ ପାଇଛି । ଗ୍ରାମରେ ବ୍ୟାପକ ପୁଲିସ ମୁତୟନ ହୋଇଛନ୍ତି । ଗିରଫ ପରେ ଏହାପରେ ପ୍ରଦୀପକୁ ଘଟଣାସ୍ଥଳକୁ ଆଣି ସିନ ରିକ୍ରିଏସନ କରିଛି । ଏହି ଘଟଣାରେ ମୁଖ୍ୟ ଅଭିଯୁକ୍ତ ବାବୁଲି ପହି ଓ ତାର ବଡ଼ପୁଅ ଚଗୁଲୁ ଫେରାର ଥିବାରୁ ପୋଲିସ ବିଭିନ୍ନ ସ୍ଥାନରେ ଚଢ଼ାଉ ଜାରି ରଖିଛି । ନୂଆରମ୍ପାସ ଗ୍ରାମର ବିଶ୍ୱନାଥ ଓଝା ଗତ ୩ବର୍ଷ ତଳେ ସେହି ଗ୍ରାମର ବାବୁଲି ପହିଙ୍କ ପନିୀ ରମାମଣିଙ୍କ ନିକଟରେ ୩ ଭରି ଓଜନର ସୁନା ଅଳଙ୍କାର ବନ୍ଧା ଦେଇ ୧୫ ହଜାର ଟଙ୍କା କରଜ ସୂତ୍ରରେ ଆଣିଥିଲେ । ପରବର୍ତ୍ତୀ ସମୟରେ ଆଣିଥିବା ଟଙ୍କାର ସୁଧ ମୂଳ ସହ ଫେରସ୍ତ କରି ସୁନା ଫେରାଇବାକୁ କହିବାରୁ ବାବୁଲି ସାହୁ ଆଉ ବନ୍ଧକ ସୁନା ଫେରସ୍ତ କରି ନଥିଲା । ଯାହାକୁ ନେଇ ଉଭୟଙ୍କ ଭିତରେ ପାଟିତୁଣ୍ଡ ହୋଇଥିଲା । ପଞ୍ଚାୟତରେ ବୈଠକ ବସିବା ପରେ ସୁନା ଫେରସ୍ତ ନକରିବାରୁ ବିଶ୍ୱନାଥ ଥାନାରେ ଅଭିଯୋଗ କରିଥିଲା । ଏହାକୁ ନେଇ ବାବୁଲିଙ୍କ ପରିବାର ଲୋକେ ଉତ୍ୟକ୍ତ ହୋଇଥିଲେ ।ବିଶ୍ୱନାଥ ସାଇକେଲ ଧରି ଘରକୁ ଫେରୁଥିବା ସମୟରେ ବାବୁଲି ପହି, ତା ସ୍ତ୍ରୀ ରମାମଣି ପୁଅ ଚଗୁଲୁ ଓ ବଗୁଲୁ ଓ ତାଙ୍କ ଗାଡି ଡ୍ରାଇଭର ସମସ୍ତେ ମିଶି ବିଶ୍ୱନାଥକୁ ଆକ୍ରମଣ କରିବାରୁ ବିଶ୍ୱନାଥ ଗୁରୁତର ହୋଇ ପଡିଥିଲେ । କଟକର ଏକ ଘରୋଇ ଡାକ୍ତରଖାନାରେ ଚିକିତ୍ସାଧିନ ଅବସ୍ଥାରେ ଆଜି ମୃତ୍ୟୁ ଘଟିଛି । ପୋଲିସ ବାବୁଲି ପହିର ସ୍ତ୍ରୀ ରମାମଣି ଓ ପୁଅ ପ୍ରଦୀପ (ବଗୁଲୁ) କୁ ଧରିବାରେ ସଫଳ ହୋଇଛି । ଆଜି ସାଇଣ୍ଟିଫିକ ଟିମ ସହଯୋଗରେ ପୋଲିସ ତଦନ୍ତ ଚଳାଇ ଥିବା ବେଳେ ଗିରଫ ପ୍ରଦୀପକୁ ଘଟଣା ସ୍ଥଳକୁ ଆଣି ସିନ ରିକ୍ରିଏସନ କରିଛି । ଏନେଇ ମୃତ ବିଶ୍ୱନାଥଙ୍କ ପତ୍ନୀ କାଞ୍ଚନ ଓଝାଙ୍କ ଅଭିଯୋଗ ଆଧାରରେ ଥାନା କେସ ନଂ ୨୭୧/୨୦୨୬ରେ ଏକ ମାମଲା ରୁଜୁ କାରି ତଦନ୍ତ ଚଳାଇଛି ।

## ବୋଲେରୋ ଧକ୍କାରେ ହାଇୱା ତଳେ ପଶିଲା ବାଇକ : ୨ ଗୁରୁତର

ଆନନ୍ଦପୁର,(ସବ୍ୟୁ) :କେନ୍ଦୁଝର ଜିଲା ଆନନ୍ଦପୁର ରିଙ୍ଗ ରୋଡ଼ରେ ବୁଧବାର ଦିନ ଏକ ଭୟଙ୍କର ସଡ଼କ ଦୁର୍ଘଟଣା ଘଟିଛି । ଏକ ବୋଲେରୋ ଗୋଟିଏ ବାଇକୁ ଧକ୍କାଦେବା ପରେ ବାଇକ ସହ ଚାଳକ ଓ ଆରୋହୀ ରାସ୍ତା ଉପରେ ପଡ଼ିଯାଇଥିଲେ । ଏହି ସମୟରେ ପଛପଟୁ ଆସୁଥିବା ଚଳନ୍ତା ଚିପ୍ସ ବୋଝେଇ ହାଇୱା ତଳେ ବାଇକ ପଶି ଯିବାରୁ ବାଇକ ଆରୋହୀ ଦୁଇଜଣ ଯୁବକ ଗୁରୁତର ହୋଇଛନ୍ତି । ସ୍ଥାନୀୟ ଲୋକଙ୍କ ସହଯୋଗରେ ସେମାନଙ୍କୁ ଉଦ୍ଧାର କରାଯାଇ ଆନନ୍ଦପୁର ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି । ଘଟଣା ଘଟାଇଥିବା ବୋଲେରୋ ଚାଳକ ଦୁର୍ଘଟଣା ପରେ ଫେରାର ହୋଇଯାଇଥିବା ବେଳେ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି । ଫେରାର ଗାଡ଼ି ଓ ଚାଳକଙ୍କୁ ଚିହ୍ନଟ କରିବା ପାଇଁ ପୋଲିସ ସିସିଟିଭି ଫୁଟେଜ ଯାଞ୍ଚ କରୁଥିବା ଜଣାପଡ଼ିଛି ।

# ଟାଇମ୍ସ ହାୟର ଏଜୁକେସନ ସଷ୍ଟେନେବିଲିଟି ଇମ୍ପାକ୍ଟ ରାଙ୍କିଂ ୨୦୨୬



- ▸▸ ଚତୁର୍ଥ ସ୍ଥାନକୁ ଉଠିଲା କିଟ୍
- ▸▸ ଭାରତରେ କିଟ୍‌ର ଓଭରାଲ ରାଙ୍କ ୪

ଭୁବନେଶ୍ୱର, (ସବ୍ୟୁ) : ଟାଇମ୍ସ ହାୟର ଏଜୁକେସନ୍ ସଷ୍ଟେନେବିଲିଟି ଇମ୍ପାକ୍ଟ ରାଙ୍କିଙ୍ଗ୍ସ ୨୦୨୬ରେ ଭାରତର ସମସ୍ତ ସରକାରୀ ଏବଂ ଘରୋଇ ଶିକ୍ଷାନୁଷ୍ଠାନ ମଧ୍ୟରେ କିଟ୍ ୪ର୍ଥ ସ୍ଥାନ ହାସଲ କରିଛି । ଗତ ବର୍ଷ କିଟ୍ ଏହି ରାଙ୍କିଂର ୫ମ ସ୍ଥାନରେ ଥିଲା । ଏହା ସହିତ ବିଶ୍ୱ ସ୍ତରରେ କିଟ୍ ୧୦୧-୨୦୧ କୋହୋର୍ଟରେ ରହିଛି । ଏଥିରେ ଜାତିସଂଘ ସ୍ଥାୟୀ ବିକାଶ ଲକ୍ଷ୍ୟ (ଏସ୍‌ଡିଜି)ର ସମସ୍ତ ୧୭ ଟି ଲକ୍ଷ୍ୟ ପୂରଣ କରିଛି । କିଟ୍ ୪ଟି ନିର୍ଦ୍ଦିଷ୍ଟ ଲକ୍ଷ୍ୟ ପାଇଁ ଭାରତରେ ଶୀର୍ଷ ସ୍ଥାନ ହାସଲ କରିଛି । ସେଗୁଡ଼ିକ ହେଲା- ଅସମାନତା ହ୍ରାସ (ଏସ୍‌ଡିଜି ୧୦) ଜଳ ତଳେ ଜୀବନ (ଏସ୍‌ଡିଜି ୧୪), ଭୂମି ଉପରେ ଜୀବନ (ଏସ୍‌ଡିଜି ୧୫) ଓ ଶାନ୍ତି, ନ୍ୟାୟ ଓ ଦୃଢ଼ ପ୍ରତିଷ୍ଠାନ (ଏସ୍‌ଡିଜି ୧୬) । ଏହା ସହିତ, କିଟ୍ ଶିଳ୍ପ, ନବସର୍ଜନା ଓ ଭିତ୍ତିଭୂମି (ଏସ୍‌ଡିଜି ୯) ପାଇଁ ସମଗ୍ର ଭାରତରେ ଦ୍ୱିତୀୟ ସ୍ଥାନ ହାସଲ କରିବା ସହ ଅନ୍ୟ ସମସ୍ତ ଏସ୍‌ଡିଜିରେ ଦେଶର ଶ୍ରେଷ୍ଠ ୧୦ ର୍‌ୟାଙ୍କ ବଜାୟ ରଖିଛି । ସେହିପରି ଅନେକ ପ୍ରମୁଖ ମାନଦଣ୍ଡରେ କିଟ୍ ଶତ ପ୍ରତିଶତ ସ୍କୋର ହାସଲ କରିଛି । ଏଥିରେ ସ୍ୱାସ୍ଥ୍ୟସେବା ସହଯୋଗ (ଏସ୍‌ଡିଜି ୩), ଗୁଣାତ୍ମକ ଶିକ୍ଷା ପାଇଁ ଗୁଣାତ୍ମକ ଶିକ୍ଷା ପଦକ୍ଷେପ (ଏସ୍‌ଡିଜି ୪), ଶକ୍ତି ସଂରକ୍ଷଣ ପାଇଁ ପ୍ରୟାସ (ଏସ୍‌ଡିଜି ୭), ଅସମାନତା ହ୍ରାସ କରିବା ପାଇଁ ପଦକ୍ଷେପ (ଏସ୍‌ଡିଜି ୧୦) ଓ ସରକାରଙ୍କ ସହ ସକ୍ରିୟ ସହଯୋଗ (ଏସ୍‌ଡିଜି ୧୭) ଆଦି ଅନ୍ତର୍ଭୁକ୍ତ । ସୂଚନାଯୋଗ୍ୟ, ଟାଇମ୍ସ ହାଇୟର ଏଜୁକେସନ୍ ବିଶ୍ୱବିଦ୍ୟାଳୟଗୁଡ଼ିକର ଗ୍ଲୋବାଲ୍ ରାଙ୍କିଂ କରିବା ବ୍ୟତୀତ ଜାତିସଂଘ ସ୍ଥାୟୀ ବିକାଶ ଲକ୍ଷ୍ୟ ଆଧାରରେ କେଉଁ ସବୁ ବିଶ୍ୱବିଦ୍ୟାଳୟ କେତେ ପରିମାଣରେ ସାମାଜିକ ପ୍ରଭାବ ସୃଷ୍ଟି କରିଛନ୍ତି ତା ଉପରେ ମଧ୍ୟ ରାଙ୍କିଂ କରିଥାଏ । ସେହି ଆଧାରରେ କିଟ୍‌ର ଭୂମିକା ଗୁରୁତ୍ୱପୂର୍ଣ୍ଣ ଥିବାରୁ କିଟ୍ ଭଲ ରାଙ୍କ ପ୍ରଦର୍ଶନ କରିଆସୁଛି । ଏଥିରେ ସନ୍ତୋଷ ବ୍ୟକ୍ତ କରି କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ କହିଛନ୍ତି ଗତବର୍ଷଠାରୁ ଚଳିତବର୍ଷ ଉଭୟ କିଟ୍ ଜାତୀୟ ଓ ଅନ୍ତର୍ଜାତୀୟସ୍ତରରେ ଇମ୍ପାକ୍ଟ ରାଙ୍କିଂରେ ଚମତ୍କାର ପ୍ରଦର୍ଶନ କରିଛି । ଗତ କିଛିବର୍ଷ ଧରି ଏଥିରେ କିଟ୍ ଅଂଶଗ୍ରହଣ କରିବା ସହ ଉନ୍ନତ ପ୍ରଦର୍ଶନ କରିଆସୁଛି ବୋଲି ଶ୍ରୀ ସାମନ୍ତ ପ୍ରକାଶ କରିଛନ୍ତି ।

## ମାଙ୍କଡ଼ ଆକ୍ରମଣରେ ୪ ଆହତ

ବାସୁଦେବପୁର ,(ସବ୍ୟୁ): ବାସୁଦେବପୁର ବ୍ଲକର ବିନାୟକପୁର ପଞ୍ଚାୟତର ବୃଦ୍ଧି ପାଉଛି ମାଙ୍କଡ ଉପଦ୍ରବ । ମାଙ୍କଡ ଆକ୍ରମଣରେ ରକ୍ତାକ୍ତ ଅବସ୍ଥାରେ ଚାରି ଜଣଙ୍କୁ ଡାକ୍ତରଖାନାରେ ଭର୍ତ୍ତି । ବିନାୟକପୁର ଗ୍ରାମ ଧରିତ୍ରୀ ବାରିକ ମନ୍ଦିର ପାଖରେ ପୂଜା ସାରି ଫେରୁଥିବା ବେଳେ ମାଙ୍କଡ କାମୁଡି ରକ୍ତାକ୍ତ କରିଦେବାରୁ ଚିତ୍କାର ଛାଡିଥିଲେ । ଲୋକମାନେ ଦୌଡି ଆସିବାରୁ ଛାଡି ପଳାଇ ଯାଇଥିଲା । ପୂର୍ଣ୍ଣିମ ପ୍ରଣତୀ ଯୁବତୀ ସାଇକେଲରେ ଘରକୁ ଫେରୁଥିବା ବେଳେ ଆଙ୍କୁଡାଶୁଣୀ ମନ୍ଦିର ନିକଟରେ ମାଙ୍କଡ ଗୋଡକୁ କାମୁଡି ରକ୍ତାକ୍ତ କରିଦେଇଥିଲା । ତେଲିସାହିର ନିଶାକର ରଣାଙ୍କ ଗୋଡକୁ ମାଙ୍କଡ କାମୁଡି ରକ୍ତାକ୍ତ କରିଦେଇଛି । ଗୁରୁତର ଆହତ ଅବସ୍ଥାରେ ବାସୁଦେବପୁର ଡାକ୍ତରଖାନାରେ ଚିକିତ୍ସା ପାଇଁ ଭର୍ତ୍ତି କରିଛନ୍ତି । ପ୍ରାଥମିକ ଚିକିତ୍ସା ପରେ ଭଦ୍ରକ ରେଫର କରାଯାଇଛି । ବେହେରା ସାହିର ନିତ୍ୟାନନ୍ଦ ବେହେରାଙ୍କୁ ମାଙ୍କଡ ଆକ୍ରମଣ କରି ରକ୍ତାକ୍ତ କରିଦେଇଛି ।ମଙ୍ଗଳବାର ଦିନ ବିନାୟକପୁର ପଞ୍ଚାୟତର ଛଅ ଜଣଙ୍କୁ ମାଙ୍କଡ କାମୁଡି ରକ୍ତାକ୍ତ କରିଦେଇଥିଲା ।

# ମିଠା ଦୋକାନରେ ଯୋଗାଣ ବିଭାଗ ଚଢ଼ଉ

## ୨୫ ଗ୍ୟାସ୍ ସିଲିଣ୍ଡର ଜବତ

ବାଲେଶ୍ୱର, (ସବ୍ୟୁ): ଭୋଗରାଇର ମହାରସାହି ପଞ୍ଚାୟତ ଅଧୀନ କାଳେହି ସ୍କୁଲ ଛକ ନିକଟରେ ଥିବା କାଳୀମାତା ସୁଇଟ୍ସ ଦୋକାନରେ ଯୋଗାଣ ବିଭାଗ ପକ୍ଷରୁ ଚଢ଼ଉ କରାଯାଇଥିଲା । ଭୋଗରାଇ ଯୋଗାଣ ବିଭାଗର ଅଧିକାରୀ ଅମ୍ବିକା ପ୍ରସାଦ ରଥ ଏବଂ ଟିମ୍ ଏହି ଚଢ଼ଉରେ ସାମିଲ ଥିଲେ । ଇଣ୍ଡେନ ଏବଂ ଭରତ କମ୍ପାନୀର ୨୫ଟି ଘରୋଇ ଗ୍ୟାସ ସିଲିଣ୍ଡର, ୨ଟି କମର୍ସିଆଲ ଚୁଲା ଜବତ ହୋଇଛି । ମିଠା ଦୋକାନୀ ହେଲେ ଉତ୍ତମ ବାରିକ ଏବଂ ତାଙ୍କ ପିତା ଅନନ୍ତ ବାରିକ । ମିଠା ଦୋକାନୀମାନେ କମର୍ସିଆଲ ଗ୍ୟାସ୍ ବ୍ୟବହାର ନକରି ଘରୋଇ ଗ୍ୟାସ୍‌ରେ କାମ ଚଳାଇଥିବା ବେଳେ ଗ୍ୟାସ୍ ଦର ବୃଦ୍ଧି ପାଇଥିବା କଥା କହି ୫ ଟଙ୍କାର ମିଠାକୁ ୭ଟଙ୍କାରେ ବିକ୍ରି କରୁଛନ୍ତି । ଗ୍ୟାସ୍ କଳାବଜାରୀ ସମ୍ପର୍କରେ ଖବର ପାଇ ଯୋଗାଣ ଅଧିକାରୀ ଶ୍ରୀ ରଥ ଚଢ଼ଉ କରିଥିଲେ । ଏଥିରେ ଇଣ୍ଡେନ କମ୍ପାନୀର ୧୨ଟି ଖାଲି ଓ ୮ଟି ରିଫିଲିଙ୍ଗ ଏବଂ ଭାରତ କମ୍ପାନୀର ୫ଟି ଖାଲି ଘରୋଇ ଟଙ୍କି ଜବତ କରି ନେଇ ଯାଇଥିଲେ ।

## ଗାଡ଼ି ଧକ୍କାରେ ଯୁବକ ମୃତ

ଠାକୁରମୁଣ୍ଡା ,(ସବ୍ୟୁ): ଠାକୁରମୁଣ୍ଡା ଥାନାଅନ୍ତର୍ଗତ ଚମକପୁର ଛକରେ ଏକ ଅଜଣା ଗାଡି ଧକ୍କାରେ ଜଣେ ଯୁବକର ମୃତ୍ୟୁ ହୋଇ ଥିବା ବେଳେ ଆଉ ଜଣେ ଯୁବକ ଆହତ ହୋଇଛନ୍ତି । ସାଲେଇଡୋ ଗ୍ରାମର ହିନ୍ଦୁରାମ ସୁଁ, (୩୪),ଲାଲମୋହନ ସୁଣ୍ଡି (୨୮) ସୋମବାର ରାତିପ୍ରାୟ ସାଢ଼େ ୯ଟାରେ ମିନିଟରେ ଘରୁ ଏକ ବାଇକ ଯୋଗେ କୌଣସି କାମରେ ଠାକୁରମୁଣ୍ଡା ଆସୁଥିଲେ । ଚମକପୁର ଛକ ନିକଟରେ ବିପରୀତ ଦିଗରୁ ଏକ ଅଜଣା ଟ୍ରକ ଦ୍ରୁତ ଗତିରେ ଆସି ରାସ୍ତା କଡରେ ଶୋଇଥିବା ଗାଇ ବାଛୁରୀକୁ ଧକ୍କାଦେଇ ବାଇକକୁ ମଧ୍ୟ ଯୋରଦାର ଧକ୍କାଦେଇ ଫେରାର ହୋଇଯାଇଥିଲା । ବାଛୁରୀଟିର ଘଟଣାସ୍ଥଳରେ ମୃତ୍ୟୁ ହୋଇଥିବା ବେଳେ ୨ ଭାଇ ବାଇକ ସହିତ ତଳେ ପଡି ଗୁରୁତର ଆହତ ହୋଇ ଥିଲେ । ଉଭୟଙ୍କୁ ଠାକୁରମୁଣ୍ଡା ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ରକୁ ଅଣାଯାଇଥିଲା । ସେଠାରେ ଚିକିତ୍ସା ଚାଲିଥିବା ବେଳେ ସାନ ଭାଇ ଲାଲମୋହନର ମୃତ୍ୟୁ ମୃତ୍ୟୁ ଘଟିଥିଲା । ଖବର ପାଇ ଠାକୁରମୁଣ୍ଡା ପୁଲିସ ବାଇକ ଓ ଶବକୁ ଜବତ କରି ୨୩ ତାରିଖ ଶବ ବ୍ୟବଛେଦ କରଞ୍ଜିଆ ପଠାଇ ୭୮ ନଂ ରେ ଏକ ମକଦ୍ଦମା ରଜୁ କରି ତଦନ୍ତ ଆରମ୍ଭ କରିଛି ।

# ବିଧାନସଭା ପରିସରରେ ନବକୃଷ୍ଣ ଚୌଧୁରୀଙ୍କ ଶ୍ରାଦ୍ଧଦିବସ ପାଳିତ

ଭୁବନେଶ୍ୱର, (ସବ୍ୟୁ) : ମହାନ ବିପ୍ଳବୀ, ସର୍ବୋଦୟ ନେତା, ବିଶିଷ୍ଟ ଜନନାୟକ ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ନବକୃଷ୍ଣ ଚୌଧୁରୀ ଥିଲେ ଜଣେ ଆଦର୍ଶବାଦୀ ଓ ସଫଳ ବ୍ୟକ୍ତିତ୍ୱର ଅଧିକାରୀ । ସେ ସର୍ବଦା ଦରିଦ୍ର ଅବହେଳିତ, ଦଳିତଙ୍କ ସେବାକୁ ଜୀବନର ବ୍ରତ ଭାବେ ଗ୍ରହଣ କରିନେଇଥିଲେ । ଜଣେ ନିଷ୍ଠାପର ଜନନାୟକ ଏବଂ ବିପ୍ଳବୀର ସମସ୍ତ ଗୁଣ ତାଙ୍କଠାରେ ପରିପୂର୍ଣ୍ଣ ଥିଲା । ସେ ସଂଭ୍ରାନ୍ତ ଓ ଜମିଦାର ପରିବାରରେ ଜନ୍ମଗ୍ରହଣ କରିଥିଲେ ମଧ୍ୟ ସମାଜର ଦଳିତ ଓ ନିଷ୍ପେସିତ ବର୍ଗର ଲୋକଙ୍କ ପାଇଁ ସାରା ଜୀବନ ସଂଗ୍ରାମ ଜାରି ରଖିଥିଲେ ବୋଲି ବିଶିଷ୍ଟ ବ୍ୟକ୍ତିମାନେ ମତପ୍ରକାଶ କରିଛନ୍ତି । ନବକୃଷ୍ଣ ଚୌଧୁରୀ ଥିଲେ ଜଣେ ଆଦର୍ଶ ଦେଶସେବକ ଓ ନିଷ୍ଠାପର କର୍ମୀ ତଥା ଓଡ଼ିଶାର ଦଳିତ, ଅବହେଳିତ,



ନିଷ୍ପେସିତଙ୍କ ପ୍ରକୃତ ବନ୍ଧୁ ଏବଂ ଜଣେ ବିପ୍ଳବୀ ଜନନାୟକ । କ୍ଷମତା ନବକୃଷ୍ଣ ଚୌଧୁରୀଙ୍କ ପରି ବ୍ୟକ୍ତିତ୍ୱଙ୍କୁ କରାୟତ କରିପାରିନଥିଲା ଓ ଦୁର୍ନୀତି ତାଙ୍କୁ ସ୍ପର୍ଶ କରିପାରି ନଥିଲା । ସ୍ୱର୍ଗତ ନବକୃଷ୍ଣ ଚୌଧୁରୀଙ୍କ ୪୨ତମ ଶ୍ରାଦ୍ଧବାର୍ଷିକୀ ଅବସରରେ ବାଚସ୍ପତି ଶ୍ରୀମତୀ ସୁରମା ପାଢ଼ୀ, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ, ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପ୍ରଭାତୀ ପରିଡ଼ା, ଗ୍ରାମ ଉନ୍ନୟନ, ପଞ୍ଚାୟତିରାଜ ଓ ପାନୀୟ ଜଳ ମନ୍ତ୍ରୀ ରବି ନାରାୟଣ ନାଏକ, ଉପମୁଖ୍ୟ ସଚେତକ ଗୋବିନ୍ଦ ଚନ୍ଦ୍ର ଦାସ, ବିଧାୟକ ବାବୁ ସିଂ, ପୂର୍ବତନ ମନ୍ତ୍ରୀ ଅରବିନ୍ଦ ଢାଲି, ଉତ୍କଳ ସମ୍ମିଳନୀର ବରିଷ୍ଠ ସଦସ୍ୟ ବିଧାନସଭା ପରିସରରେ ଥିବା ନବକୃଷ୍ଣ ଚୌଧୁରୀଙ୍କ ପ୍ରତିମୂର୍ତ୍ତିରେ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ । ଏହି କାର୍ଯ୍ୟକ୍ରମରେ ଶାଶ୍ୱତୀ ସାମାଜିକ ଓ ସାଂସ୍କୃତିକ ଅନୁଷ୍ଠାନର ଶିଳ୍ପୀବୃନ୍ଦଙ୍କ ଦ୍ୱାରା ଦେଶାତ୍ମବୋଧକ ସଂଗୀତ ପରିବେଷଣ କରାଯାଇଥିଲା । ସୁଶ୍ରୀ ରୋଜାଲିନ୍ ସାହୁ କାର୍ଯ୍ୟକ୍ରମ ସଂଚାଳନା କରିଥିଲେ ।

## ଗୃହନିର୍ମାଣ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ

# ସହରାଞ୍ଚଳ ଜନସମ୍ପର୍କ ଓ ନାଗରିକ ସହଭାଗିତା କାର୍ଯ୍ୟକ୍ରମର ଶୁଭାରମ୍ଭ

ପୁରୀ, (ସବ୍ୟୁ) : ଏକ ସ୍ୱଚ୍ଛ, ନାଗରିକ-କେନ୍ଦ୍ରିକ ଏବଂ ଭବିଷ୍ୟତ-ଉପଯୋଗୀ ସହରୀ ଶାସନ ପ୍ରତି ନିଜର ପ୍ରତିବଦ୍ଧତାକୁ ଦୋହରାଇ, ଗୃହନିର୍ମାଣ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ବୁଧବାର ପୁରୀ ମହାନଗର ନିଗମ ଠାରେ "ବିକାଶର ଧାରା ଓଡ଼ିଶା ସାରା ଆଭିମୁଖ୍ୟରେ ରାଜ୍ୟସ୍ତରୀୟ ସହରାଞ୍ଚଳ ଜନସମ୍ପର୍କ ଓ ନାଗରିକ ସହଭାଗିତା କାର୍ଯ୍ୟକ୍ରମ ୨୦୨୬ ଆୟୋଜିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ଗତ ଦୁଇ ବର୍ଷ ମଧ୍ୟରେ ଓଡ଼ିଶାର ସହରାଞ୍ଚଳରେ ହୋଇଥିବା ରୂପାନ୍ତରଣକାରୀ ପଦକ୍ଷେପଗୁଡ଼ିକୁ ପ୍ରଦର୍ଶିତ କରାଯାଇଥିଲା ଏବଂ ନାଗରିକ, ହିତାଧିକାରୀ ଓ ସରକାରୀ ପ୍ରତିନିଧିମାନଙ୍କ ମଧ୍ୟରେ ସିଧାସଳଖ ଆଲୋଚନା ପାଇଁ ଏକ ମଞ୍ଚ ପ୍ରଦାନ କରାଯାଇଥିଲା । ସମାବେଶକୁ ସମ୍ବୋଧିତ କରି ଗୃହନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଡକ୍ଟର କୃଷ୍ଣ ଚନ୍ଦ୍ର ମହାପାତ୍ର ସହରୀ ଭିତ୍ତିଭୂମି, ଗୃହନିର୍ମାଣ, ଯାତାୟାତ, ପାନୀୟ ଜଳ ଯୋଗାଣ, ପରିମଳ ଏବଂ ଡିଜିଟାଲ ଶାସନ କ୍ଷେତ୍ରରେ ପୁଞ୍ଜିନିବେଶ ମାଧ୍ୟମରେ ସ୍ୱଚ୍ଛ, ସ୍ମାର୍ଟ, ଅଧିକ ସମାବେଶୀ ଓ ସୁଦୃଢ଼ ସହର ଗଠନ ପାଇଁ ରାଜ୍ୟ ସରକାରଙ୍କ ପ୍ରୟାସ ଉପରେ ଆଲୋକପାତ କରିଥିଲେ । ସେ



କହିଥିଲେ ଯେ ବିକାଶର ସୁଫଳ ଯେପରି ସହରର ପ୍ରତ୍ୟେକ ପରିବାର ଏବଂ ନାଗରିକ ପାଖରେ ପହଞ୍ଚିପାରିବ, ତାହା ସରକାର ନିଶ୍ଚିତ କରୁଛନ୍ତି । ଏଥିସହିତ ପୁରୀକୁ ଭୁବନେଶ୍ୱର-କଟକ-ପୁରୀ-ପାରାଦୀପ ଅର୍ଥନୈତିକ ଅଞ୍ଚଳ ଆଧାରରେ ସାମିଲ କରାଯିବା ଏକ ବଡ଼ ପରିବର୍ତ୍ତନ ଆଣିବ ବୋଲି ସେ ପ୍ରକାଶ କରିଥିଲେ । ଏହି ବୃହତ ଆଞ୍ଚଳିକ ବିକାଶର ମୁଖ୍ୟ ମୁଖ୍ୟ ଶକ୍ତି ଭାବେ, ପୁରୀ ଏକ ପ୍ରମୁଖ ସାଂସ୍କୃତିକ ଓ ଐତିହ୍ୟ କେନ୍ଦ୍ର ରୂପେ ଗୁରୁତ୍ୱପୂର୍ଣ୍ଣ ପର୍ଯ୍ୟଟନ, ଆତିଥ୍ୟ ଏବଂ ଉପକୂଳବର୍ତ୍ତୀ ଭିତ୍ତିଭୂମି ପ୍ରକଳ୍ପଗୁଡ଼ିକୁ ଆଗକୁ ବଢ଼ାଇବ, ଯାହା ରାଜ୍ୟର ଅର୍ଥନୀତିକୁ ବିକାଶ କେନ୍ଦ୍ରରେ ପରିଣତ କରିବାରେ ସହାୟକ ହେବ । ପୁରୀ ସହରରେ ଏକ ହଜାରରୁ ଉର୍ଦ୍ଧ୍ୱ ସଂଖ୍ୟା ବିଶିଷ୍ଟ ଆଧୁନିକ କନଭେନସନ ହଲ କରାଯିବ । ରାଜ୍ୟର ୫୦ ଟି ସହରାଞ୍ଚଳକୁ ମୁଖ୍ୟମନ୍ତ୍ରୀ ସ୍ମାର୍ଟ ଯୋଜନାରେ ସାମିଲ କରାଯିବ । ପୁରୀ ମହାନଗର ନିଗମକୁ ବିଶ୍ୱ ସ୍ତରୀୟ କରାଯିବ ବୋଲି ମନ୍ତ୍ରୀ ସୂଚନା ଦେଇଥିଲେ । କାର୍ଯ୍ୟକ୍ରମରେ ପୁରୀ ବିଧାୟକ ସୁନୀଲ କୁମାର ମହାନ୍ତି ଯୋଗ ଦେଇଥିଲେ । ଏହି କାର୍ଯ୍ୟକ୍ରମରେ ବିଭିନ୍ନ ପ୍ରମୁଖ ସହରୀ ପଦକ୍ଷେପଗୁଡ଼ିକୁ ନେଇ କେତେକ ଭିଡିଓ ପ୍ରଦର୍ଶିତ କରାଯାଇଥିଲା । ଉଠା ଦୋକାନୀ, ପିଏମଏୱାଇ ହିତାଧିକାରୀ, ପାନୀୟ ଜଳ ଗ୍ରାହକ ଏବଂ ସହରୀ ଭିତ୍ତିଭୂମିର ଉପଭୋକ୍ତାଙ୍କ ସମେତ ବିଭିନ୍ନ ଯୋଜନାର ହିତାଧିକାରୀମାନେ ସେମାନଙ୍କର ସଫଳତାର କାହାଣୀ ଓ ଅନୁଭୂତି ବାଣ୍ଟିଥିଲେ ଏବଂ ସରକାରୀ ସହାୟତା ସେମାନଙ୍କ ଜୀବନରେ କିପରି ସକାରାତ୍ମକ ପ୍ରଭାବ ପକାଇଛି, ତାହା ଉଲ୍ଲେଖ କରିଥିଲେ । ହିତାଧିକାରୀଙ୍କୁ ଅତିଥିମାନେ ସମ୍ବର୍ଦ୍ଧିତ କରିଥିଲେ । ପୂର୍ବରୁ, ଗୃହନିର୍ମାଣ ଓ ନଗର ଉନ୍ନୟନ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଉଷା ପାଢ଼ୀ ଅଂଶଗ୍ରହଣକାରୀମାନଙ୍କୁ ସ୍ୱାଗତ କରିଥିଲେ । ସେ ଗୁରୁତ୍ୱ ଦେଇ କହିଥିଲେ ଯେ ଓଡ଼ିଶାର ସହରାଞ୍ଚଳ ରୂପାନ୍ତରଣ ଏକ ଜନ-କେନ୍ଦ୍ରିକ ଆଭିମୁଖ୍ୟ ଦ୍ୱାରା ପରିଚାଳିତ, ଯାହା ନାଗରିକମାନଙ୍କୁ ଯୋଜନା ଓ କାର୍ଯ୍ୟାନ୍ୱୟନର କେନ୍ଦ୍ରବିନ୍ଦୁରେ ରଖିଥାଏ । କାର୍ଯ୍ୟକ୍ରମ ଅବସରରେ ଶ୍ରେଷ୍ଠ ଜଳସାଥୀ ଓ ସ୍ୱଚ୍ଛ ସାଥୀମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଏହି କାର୍ଯ୍ୟକ୍ରମର ଅନ୍ୟତମ ମୁଖ୍ୟ ଆକର୍ଷଣ ଥିଲା ଗୃହନିର୍ମାଣ ଓ ନଗର ଉନ୍ନୟନ ବିଭାଗର "ଦୁଇ ବର୍ଷର ସଫଳତା ସମୀକ୍ଷା ରିପୋର୍ଟ (୨୦୨୪-୨୦୨୬ ଉନ୍ମୋଚନ, ଯେଉଁଥିରେ ଏହି ଅବଧି ମଧ୍ୟରେ ହୋଇଥିବା ପ୍ରମୁଖ ସଂସ୍କାର, ଭିତ୍ତିଭୂମିର ସଫଳତା ଏବଂ ନାଗରିକ-କେନ୍ଦ୍ରିକ ପଦକ୍ଷେପଗୁଡ଼ିକୁ ସ୍ଥାନ ଦିଆଯାଇଛି । ବିଭାଗ ପକ୍ଷରୁ ଏକ ରାଜ୍ୟସ୍ତରୀୟ କ୍ୟୁଆର କୋଡ୍-ଆଧାରିତ ସର୍ବସାଧାରଣ ଅଭିଯୋଗ, ମତାମତ ଏବଂ ପରାମର୍ଶ ପ୍ଲାଟଫର୍ମ ମଧ୍ୟ ଶୁଭାରମ୍ଭ କରାଯାଇଛି । ଯାହା ଦ୍ୱାରା ନାଗରିକମାନେ ସିଧାସଳଖ ସହରୀ ସେବା ସମ୍ବନ୍ଧରେ ନିଜର ମତାମତ ଦେଇପାରିବେ, ଅଭିଯୋଗ ପଞ୍ଜିକରଣ କରିପାରିବେ ଏବଂ ପରାମର୍ଶ ଦେଇପାରିବେ । ଏକ ବିକଶିତ ଓଡ଼ିଶାର ଆକାଂକ୍ଷା ସହ ସମାନ୍ତରାଳ ଭାବେ ସ୍ଥିର, ସୁଦୃଢ଼ ଏବଂ ବିଶ୍ୱସ୍ତରୀୟ ପ୍ରତିଯୋଗିତାମୂଳକ ସହର ଗଠନ ପାଇଁ ରାଜ୍ୟର ରୋଡମ୍ୟାପ୍ ପ୍ରଦର୍ଶନ କରୁଥିବା ଆଭିମୁଖ୍ୟ ଭିତ୍ତିକ ଚଳଚ୍ଚିତ୍ର "ଫ୍ୟୁଚର ଅର୍ବାନ ଓଡ଼ିଶା ଭିଜନ ୨୦୩୬ ଏବଂ ୨୦୪୭ର ସ୍କ୍ରିନିଂ ସହିତ କାର୍ଯ୍ୟକ୍ରମ ଶେଷ ହୋଇଥିଲା ।

# ସାଇଁକୁଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଅବ୍ୟବସ୍ଥା ନେଇ ଗଣଧାରଣା

କେନ୍ଦୁଝର, (ଜିପ୍ର) : ଜିଲ୍ଲା ଆନନ୍ଦପୁର ଉପଖଣ୍ଡ ଅନ୍ତର୍ଗତ ସାଇଁକୁଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଦୀର୍ଘ ଦିନ ଧରି ଲାଗି ରହିଥିବା ବିଭିନ୍ନ ସମସ୍ୟା ଓ ସ୍ୱାସ୍ଥ୍ୟସେବାର ଅବ୍ୟବସ୍ଥାକୁ ନେଇ ଅଞ୍ଚଳବାସୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖାଦେଇଛି । ଏହାର ପ୍ରତିବାଦରେ ସୋମବାର ଶତାଧିକ ଜନସାଧାରଣ, ବୁଦ୍ଧିଜୀବୀ, ସମାଜସେବୀ ଓ ବରିଷ୍ଠ ନାଗରିକମାନେ ସ୍ୱାସ୍ଥ୍ୟକେନ୍ଦ୍ର ସମ୍ମୁଖରେ ଏକତ୍ରିତ ହୋଇ ଗଣଧାରଣାରେ ବସିଥିଲେ । ତୁରନ୍ତ ସ୍ୱାସ୍ଥ୍ୟସେବାର ସୁଧାର ଏବଂ ମୌଳିକ ସୁବିଧା ଯୋଗାଇ ଦେବାକୁ ସେମାନେ ଦାବି କରିଥିଲେ ।ସାଇଁକୁଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଉପରେ ପ୍ରାୟ ୧୫ଟି ପଞ୍ଚାୟତର ହଜାର ହଜାର ଲୋକ ନିର୍ଭର କରୁଥିବା ବେଳେ, ଏଠାରେ ଆବଶ୍ୟକ ସଂଖ୍ୟକ ଡାକ୍ତର ଓ ସ୍ୱାସ୍ଥ୍ୟକର୍ମୀଙ୍କ ଅଭାବ ଯୋଗୁଁ ରୋଗୀମାନେ ଠିକ ସମୟରେ ଚିକିତ୍ସା ସେବା ପାଇ ପାରୁନାହାନ୍ତି । ଅନେକ ସମୟରେ ରୋଗୀମାନେ ଘଣ୍ଟା ଘଣ୍ଟା ଧରି ଅପେକ୍ଷା କରିବା ପରେ ନିରାଶ ହୋଇ ଘରକୁ ଫେରୁଥିବା ଅଭିଯୋଗ ହୋଇଛି । ବିଶେଷ କରି ଜରୁରୀକାଳୀନ ସେବା ପ୍ରାୟ ଠପ ହୋଇ ପଡ଼ିଥିବାରୁ ଗୁରୁତର ରୋଗୀମାନେ ନିକଟସ୍ଥ ବଡ଼ ହସ୍ପିଟାଲକୁ ଯିବାକୁ ବାଧ ହେଉଛନ୍ତି । ସ୍ୱାସ୍ଥ୍ୟକେନ୍ଦ୍ରରେ ରକ୍ଷଣାବେକ୍ଷଣର ଘୋର ଅଭାବ ଦେଖାଦେଇଛି । ରୋଗୀଙ୍କ ପାଇଁ ଥିବା ବେଡ଼ରେ କୁକୁରମାନେ ଶୋଇ ରହୁଥିବା ଦୃଶ୍ୟ ଦେଖିବାକୁ ମିଳୁଛି ।ଏହାଛଡ଼ା ସ୍ୱାସ୍ଥ୍ୟକେନ୍ଦ୍ରରେ ଆମ୍ବୁଲାନ୍ସ ସେବା ଉପଲବ୍ଧ ନଥିବାରୁ ଗୁରୁତର ରୋଗୀଙ୍କୁ ଆନନ୍ଦପୁର, କେନ୍ଦୁଝର କିମ୍ବା କଟକ ଭଳି ସ୍ଥାନକୁ ସ୍ଥାନାନ୍ତର କରିବା ବେଳେ ରୋଗୀଙ୍କ ପରିବାର ଲୋକେ ନାନା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । କେତେକ କ୍ଷେତ୍ରରେ ଗାଡ଼ି ଖୋଜିବାରେ ବିଳମ୍ବ ହେବାରୁ ରୋଗୀଙ୍କ ଜୀବନ ମଧ୍ୟ ବିପଦରେ ପଡୁଥିବା ଅଭିଯୋଗ ହୋଇଛି ।ଧାରଣାକାରୀମାନେ ତୁରନ୍ତ ଡାକ୍ତର ନିଯୁକ୍ତି, ଆମ୍ବୁଲାନ୍ସ ବ୍ୟବସ୍ଥା, ସ୍ୱାସ୍ଥ୍ୟକେନ୍ଦ୍ରର ନିୟମିତ ସଫେଇ ଓ ରକ୍ଷଣାବେକ୍ଷଣ, ଆବଶ୍ୟକ ଔଷଧ ଓ ଚିକିତ୍ସା ଉପକରଣ ଯୋଗାଣ ସହ ସମସ୍ତ ମୌଳିକ ସୁବିଧା ସୁନିଶ୍ଚିତ କରିବାକୁ ଦାବି ଜଣାଇଛନ୍ତି । ଦାବି ପୂରଣ ନ ହେଲେ ଆଗାମୀ ଦିନରେ ଆନ୍ଦୋଳନକୁ ଆହୁରି ଜୋରଦାର କରାଯିବ ବୋଲି କହିଛନ୍ତି । ଏହି ଖବର ପାଇ ଧାରଣା ସ୍ଥଳରେ କେନ୍ଦୁଝର ସିଡିଏମଓ ଧନେଶ୍ୱର ସେଠି ପହଞ୍ଚି ଆନ୍ଦୋଳନକାରୀଙ୍କ ସହ ଆଲୋଚନା କରିଥିଲେ । ମୁଖ୍ୟ ସମସ୍ୟା ଗୁଡ଼ିକର ସାତ ଦିନ ମଧ୍ୟରେ ସମାଧାନ ପାଇଁ ପଦକ୍ଷେପ ନେବାକୁ ପ୍ରତିଶ୍ରୁତି ଦେବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା ।

## ନାଗୁଣୀ ସହ ୨୮ ଛୁଆ ଉଦ୍ଧାର

ଆଗରପଡ଼ା,(ସବ୍ୟୁ): ବନ୍ତ ବ୍ଲକ ଗୋବିନ୍ଦପୁର ପଞ୍ଚାୟତ ଅନ୍ତର୍ଗତ ତରାଗୋ ନାୟକ ସାହିର ସୁରେନ୍ଦ୍ର ସାମଲଙ୍କ ଘର ଶୌଚାଳୟ ଭିତରୁ ଗୋଟିଏ ମା' ନାଗୁଣୀ ସହ ୨୮ ଟି ନାଗ ଛୁଆଙ୍କୁ ଉଦ୍ଧାର କରାଯାଇଛି । ଘର ଲୋକେ ଏତେ ସଂଖ୍ୟାରେ ସାପ ଦେଖି ଆତଙ୍କିତ ହୋଇପଡିଥିଲେ । ମିର୍ଜା ଆରିଫ ଘଟଣାସ୍ଥଳରେ ପହଞ୍ଚି ଅତି ସାବଧାନତାର ସହ ସମସ୍ତ ୨୯ଟି ଯାକ ସାପକୁ ସୁରକ୍ଷିତ ଭାବେ ଉଦ୍ଧାର କରି ନିକଟସ୍ଥ ଜଙ୍ଗଲରେ ଛାଡି ଦେଇଛନ୍ତି ।

# ୬ ମାସ ଦରମା ନପାଇ ଆଖି ବୁଜିଲେ ଲକ୍ଷ୍ମୀଧର

## ଧାରଣାରେ ବସି ପ୍ରତିବାଦ ଜଣାଇଲେ ପରିବାର

ଖଇରା,(ସବ୍ୟୁ): ଜଣେ ଶିକ୍ଷକଙ୍କ ବଦଳି ପରେ ୬ମାସ ଧରି ଶେଷ ଦରମାର ପ୍ରମାଣ ପତ୍ର (ଏଲପିସି )ମୂଳ ଚାକିରୀ କ୍ଷେତ୍ରରୁ ନମିଳିବା ଯୋଗୁଁ ମାନସିକ ଚାପରେ ରହି ଶେଷରେ ହୃଦଘାତରେ ଆଖି ବୁଜିଛନ୍ତି । ଅସାଧୁ କର୍ମଚାରୀଙ୍କ ଦ୍ୱାରା ଶୋଷଣର ଶିକାର ହୋଇଥିବା ଶିକ୍ଷକ ଜଣକ ହେଲେ ଖଇରା ବ୍ଲକ ନୟାଖଣ୍ଡି ପଞ୍ଚାୟତ କଇଁଲଖୁଣ୍ଟା ଗ୍ରାମର ଲକ୍ଷ୍ମୀଧର ମହାନ୍ତି । ଲକ୍ଷ୍ମୀଧରଙ୍କ ଭାଇ ଲମ୍ବୋଦରଙ୍କ ଅଭିଯୋଗ ଅନୁଯାୟୀ ତାଙ୍କ ବଡଭାଇ ଲକ୍ଷ୍ମୀଧର କୋରାପୁଟର ଦୁରୁକୁ ଘୋଡା ବ୍ଲକରେ ଶିକ୍ଷକ ଭାବେ କାର୍ଯ୍ୟ କରୁଥିଲେ । ଗତ ଡିସେମ୍ବର ମାସରେ ତାଙ୍କର ବଦଳି ଦୁରୁକୁଘୋଡାରୁ ଖଇରା ବ୍ଲକର ସୋଜାଗଡ ବିଦ୍ୟାଳୟକୁ ହୋଇଥିଲା । ଦୁରୁକୁଘୋଡା ବିଇଓଙ୍କ କାର୍ଯ୍ୟାଳୟରୁ ଶେଷ ଦରମାର ପ୍ରମାଣ ପତ୍ର ଖଇରାକୁ ପ୍ରଦାନ କରା ଯାଇଥିଲେ ଲକ୍ଷ୍ମୀଧରଙ୍କୁ ଖଇରାରୁ ଦରମା ମିଳିପାରିଥାନ୍ତା । ହେଲେ ଦୁରୁକୁଘୋଡାର ଏକାଉଣ୍ଟାଣ୍ଟ ଅତ୍ୟଧିକ ଲାଞ୍ଚ ମାଗିବା ଏବଂ ବାରମ୍ବାର କୋରାପୁଟ ଦୌଡ଼ି ମାନସିକ ଚାପର ଶିକାର ହୋଇ ହୃଦଘାତରେ ମୃତ୍ୟୁ ବରଣ କରିବା ପରେ ପ୍ରତିବାଦରେ ବୁଧବାର ସକାଳେ ପରିବାର ଲୋକ ତଥା ବିଭିନ୍ନ ଶିକ୍ଷକ ସଂଘର ନେତା ସୁଶାନ୍ତ କୁମାର ମହାପାତ୍ର, ଶଙ୍କର୍ଷଣ ଜେନା ଙ୍କ ନେତୃତ୍ୱ ରେ ଶିକ୍ଷକ ମାନେ ଆମ୍ବୁଲାନ୍ସରେ ଶବ ରଖି ଧାରଣାରେ ବସିଥିଲେ । ଖଇରା ଥାନା ଆଇଆଇସି ଜନ ପଟ୍ଟନାୟକ ଶିକ୍ଷକମାନଙ୍କ ସହିତ ଆଲୋଚନା ଏବଂ ବିଭାଗୀୟ ତଦନ୍ତ ଲାଗି ଜିଲ୍ଲା ଶିକ୍ଷାଧିକାରୀ ଫୋନରେ ପ୍ରତିଶୃତି ଦେବା ପରେ ଶିକ୍ଷକମାନେ ଧାରଣା ସ୍ଥଳ ଛାଡିଥିଲେ । ଏଥିସହ ଦାୟିତ୍ୱ ରେ ଅବହେଳା ପାଇଁ ଖଇରା ବିଇଓଙ୍କୁ ଦାୟିତ୍ୱରୁ ଅପସାରଣ କରାଯାଇଛି । ବିଜେଡି ଜିଲ୍ଲା ସଭାପତି ଜ୍ୟୋତି ପ୍ରକାଶ ପାଣିଗ୍ରାହୀ ଖଇରା ନେଡିକାଲରେ ଲକ୍ଷ୍ମୀଧରଙ୍କୁ ଶେଷ ଦର୍ଶନ କରିବା ସହ ଶୋକ ସନ୍ତପ୍ତ ପରିବାରକୁ ଧୈର୍ଯ୍ୟ ରଖିବାକୁ ସାନ୍ତ୍ୱନା ପ୍ରଦାନ କରିଛନ୍ତି । ଏଥିସହ ଶିକ୍ଷାବିଭାଗ ର ଏଭଳି ଦାୟିତ୍ୱ ହୀନ କାର୍ଯ୍ୟପାଇଁ ଉଚ୍ଚସ୍ତରୀୟ ତଦନ୍ତ ଦାବି କରିଛନ୍ତି ।

# ଓଡ଼ିଶା କୃଷିରେ ମହିଳାଙ୍କ ସଶକ୍ତିକରଣ, ଭୁବନେଶ୍ୱରରେ ଦୁଇଦିନିଆ କର୍ମଶାଳା

ଭୁବନେଶ୍ୱର, (ସବ୍ୟୁ) : ଓଡ଼ିଶାର କୃଷି କ୍ଷେତ୍ରରେ ମହିଳାମାନଙ୍କର ଭାଗିଦାରୀ ଓ ଅଧିକାରକୁ ଅଧିକ ମଜବୁତ କରିବା ପାଇଁ ଓଡ଼ିଶା ସରକାରଙ୍କ କୃଷି ବିଭାଗ ଏବଂ ଅନ୍ତର୍ଜାତୀୟ ଖାଦ୍ୟ ନୀତି ଓ ଗବେଷଣା ପ୍ରତିଷ୍ଠାନ ମିଳିତ ଭାବେ ଭୁବନେଶ୍ୱରଠାରେ ଏକ ଦୁଇଦିନିଆ ସ୍ୱେଚ୍ଛାସେବୀ ଓ ପ୍ରଶିକ୍ଷଣ କର୍ମଶାଳାର ଆୟୋଜନ କରିଥିଲେ । ଏହି କାର୍ଯ୍ୟକ୍ରମର ମୂଳ ଲକ୍ଷ୍ୟ ହେଉଛି "ଲିଙ୍ଗଗତ-ସମ୍ବେଦନଶୀଳ କକ୍ଷ" ମାଧ୍ୟମରେ କୃଷି ନୀତିରେ ମହିଳା ଚାଷୀମାନଙ୍କୁ ସମାନ ସୁଯୋଗ ଓ ଗୁରୁତ୍ୱ ପ୍ରଦାନ କରିବା । ସଚିନ ରାମଚନ୍ଦ୍ର ଜାଧବ, କୃଷି ସଚିବ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରି କହିଥିଲେ ଯେ, କୃଷି କ୍ଷେତ୍ରରେ ମହିଳାମାନଙ୍କର ଅବଦାନକୁ କେବଳ



ସାଂସ୍କୃତିକ ଦୃଷ୍ଟିକୋଣରୁ ଦେଖିଲେ ହେବନାହିଁ । ଏଥିପାଇଁ ସରକାରୀ ନୀତି ଏବଂ ପ୍ରଶାସନିକ ସ୍ତରରେ ବଡ଼ ପରିବର୍ତ୍ତନ ଆଣିବାକୁ ହେବ । ମହିଳା ଚାଷୀଙ୍କ ସଠିକ୍ ତଥ୍ୟ ସଂଗ୍ରହ କରି ସେମାନଙ୍କ ପାଇଁ ସ୍ୱତନ୍ତ୍ର ଯୋଜନା ପ୍ରସ୍ତୁତ କରିବା ଜରୁରୀ । ଶୁଭ୍ରାଂଶୁ ମିଶ୍ର, ଅତିରିକ୍ତ ଶାସନ ସଚିବ କହିଛନ୍ତି ଯେ କୃଷି କ୍ଷେତ୍ରରେ ମହିଳାଙ୍କ ଭୂମିକାକୁ ଆଗକୁ ବଢ଼ାଇବା ପାଇଁ ପ୍ରମାଣ-ଆଧାରିତ ଏବଂ ସମସ୍ତଙ୍କୁ ସାଥିରେ ନେଇ ଚାଲିବା ଭଳି ନୂଆ ନୀତିର ଆବଶ୍ୟକତା ରହିଛି ।ଏହି ଦୁଇ ଦିନ ମଧ୍ୟରେ ଅଧିକାରୀମାନଙ୍କୁ କୃଷି ଯୋଜନାରେ ମହିଳାମାନଙ୍କ ପାଇଁ କେମିତି ସ୍ୱତନ୍ତ୍ର ବଜେଟ୍ ବ୍ୟବସ୍ଥା କରାଯିବ ସେ ନେଇ ଆଲୋଚନା ହୋଇଥିଲା । ମହିଳା ଚାଷୀମାନଙ୍କୁ କିପରି ଡିଜିଟାଲ ଜ୍ଞାନକୌଶଳ ଓ ବ୍ୟାଙ୍କିଙ୍ଗ ସେବା ସହ ଯୋଡ଼ାଯାଇପାରିବ, ସରକାରୀ ତଥ୍ୟ ଏବଂ କମ୍ପ୍ୟୁଟର ସଫ୍ଟୱେର୍ ବ୍ୟବହାର କରି ମହିଳା ଚାଷୀଙ୍କ ସମସ୍ୟା ଓ ପ୍ରଗତିର ଆକଳନ କରିବା ଆଦି ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ବିଷୟରେ ପ୍ରଶିକ୍ଷଣ ଦିଆଯାଇଥିଲା । ଏହି କର୍ମଶାଳାରେ କୃଷି ବିଭାଗ, ମହିଳା ଓ ଶିଶୁ ବିକାଶ ବିଭାଗ, ମିଶନ ଶକ୍ତି, ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିଭାଗର ବରିଷ୍ଠ ଅଧିକାରୀଙ୍କ ସହ ଆଇଆରଆରଆଇ, ଏନଆଇପିଏଫପି, ଏନସିଏଇଆର ଏବଂ ଆଇଏଫପିଆର ଭଳି ଜାତୀୟ ଓ ଅନ୍ତର୍ଜାତୀୟ ସଂସ୍ଥାର ବିଶେଷଜ୍ଞମାନେ ସାମିଲ ହୋଇଥିଲେ । ଏହି ପଦକ୍ଷେପ ଦ୍ୱାରା ଓଡ଼ିଶା ଏବେ ଦେଶରେ କୃଷି କ୍ଷେତ୍ରରେ ସମାନତା ଓ ମହିଳା ସଶକ୍ତିକରଣ ଆଣିବାରେ ଏକ ଅଗ୍ରଣୀ ରାଜ୍ୟ ଭାବେ ଉଭା ହେବ । ମହିଳା ଚାଷୀମାନେ ସରକାରଙ୍କ ଯୋଜନାରୁ ସିଧାସଳଖ ସୁଫଳ ପାଇପାରିବେ ।

# ଆଇପିଏଲ ବୁକିକୁ ଉଠାଇନେଲା ପୋଲିସ



ବ୍ରହ୍ମପୁର, (ସବ୍ୟୁ): କ୍ରିକେଟ୍ ବେଟିଂ କିଛି ନୂଆ କଥା ନୁହେଁ । ଏବେ ବେଧଡକ ଭାବେ ଚାଲିଛି କ୍ରିକେଟ ବେଟିଂ । ପ୍ରତିଦିନ ଲକ୍ଷଲକ୍ଷ ଟଙ୍କା ସଟ୍ଟା ବଜାରରେ ଉଡୁଛି । ପୂର୍ବରୁ ଅଫଲାଇନରେ ବେଟିଂ ହେଉଥିବା ବେଳେ ଏବେ ସମସ୍ତ କାରବାର ଅନଲାଇନରେ ହେଉଛି । ଏପରିକି ମୋବାଇଲରେ ମଧ୍ୟ ଜଣେ ବେଟିଂ କରି ପାରିବ । ଏଥିପାଇଁ କିଛି ନିର୍ଦ୍ଦିଷ୍ଟ ଆପ୍ଲିକେସନ୍ ରହିଛି । ଯାହାକି ବୁକିମାନଙ୍କ ପାଖରେ ରହିଥାଏ ।

ସେହି ଆପ୍ଲିକେସନ୍ କ୍ରୟ କରି ଜଣେ ଆଇପିଏଲ୍ କ୍ରିକେଟ୍ ମ୍ୟାଚ ନେଇ ସଟ୍ଟାବାଜି କରିଥାନ୍ତି । ଅନଲାଇନରେ ଟଙ୍କା ନେଣଦେଣ କାରବାର ହୋଇଥାଏ । ଅଳ୍ପ ସମୟ ମଧ୍ୟରେ ଲକ୍ଷପତି ହେବା ଆଶାରେ ନିଜର କଷ୍ଟଉପାର୍ଜିତ ଟଙ୍କା ହରାଇ ବସୁଛନ୍ତି ଯୁବ ଗୋଷ୍ଠି । ଗତ ଏପ୍ରିଲ ମାସରେ ପୁରୀ ସାଇବର ପୋଲିସ ଆଇପିଏଲ ବେଟିଂ ଚଳାଉଥିବା ୪ ଅଭିଯୁକ୍ତଙ୍କୁ କାବୁ କରିଥିଲା । ସେମାନଙ୍କ ବୟାନ ଆଧାରରେ ଉକ୍ତ ସଟ୍ଟା ଖେଳର ଜଣେ ମୁଖିଆ ତଥା ବୁକିଙ୍କୁ ବ୍ରହ୍ମପୁର ରାମନଗରରୁ ପୁରୀ ଅର୍ଥନୈତିକ ଅପରାଧ ଶାଖା ପୋଲିସ ମଙ୍ଗଳବାର ରାତ୍ର ଉଠାଇଛି । ଗିରଫ ଅଭିଯୁକ୍ତ ଜଣଙ୍କ ହେଲେ କୃଷ୍ଣପ୍ରସାଦ ତ୍ରିପାଠୀ (୩୩) । ତାଙ୍କ ଘରୁ ନଗଦ ଟଙ୍କା ଓ କେତେକ ଡକ୍ୟୁମେଣ୍ଟ ଜବତ ହୋଇଛି । ତାଙ୍କ ଲକ୍ଷାଧିକ ଟଙ୍କାର ବ୍ୟାଙ୍କ ଆକାଉଣ୍ଟକୁ ଫ୍ରିଜ କରାଯାଇଛି ବୋଲି ପୁରୀ ସାଇବର ଥାନାଧିକାରୀ ଗୀତାଞ୍ଜଳି ନାୟକ ସୂଚନା ଦେଇଛନ୍ତି । ଉକ୍ତ ଅଭିଯୁକ୍ତ ଜଣଙ୍କୁ ମାମଲା ନଂ ୧୮/୨୬ ରେ ବୁଧବାର କୋର୍ଟ ଚାଲାଣ କରାଯାଇଛି ବୋଲି ସେ

# ଦୁଇ ନାବାଳକ ଗୋଷ୍ଠୀ ମୁହାଁମୁହିଁ

ବ୍ରହ୍ମପୁର, (ସବ୍ୟୁ) : ବ୍ରହ୍ମପୁର ସହରର ୨ ନାବାଳକ ଗୋଷ୍ଠୀ ମୁହାଁମୁହିଁ ଘଟଣା ଏବେ ସାମନାକୁ ଆସିଛି । ବୈଦ୍ୟନାଥପୁର ଥାନା ଅନ୍ତର୍ଗତଯୁସିପି ଇଞ୍ଜିନିୟରିଂ କଲେଜ ନିକଟରେ ଏକାଧିକ ନାବାଳକଙ୍କୁ ଅନ୍ୟ ଗୋଷ୍ଠୀ ମାଡ ମାରିଛନ୍ତି । ଏହାକୁ ନେଇ ଉଭୟ ଗୋଷ୍ଠୀ ମଧ୍ୟର ଉତ୍ତେଜନା ଲାଗି ରହିଛି । ପ୍ରକାଶଥାଉକି, କିଛି ଦିନ ତଳେ ବୈଦ୍ୟନାଥପୁର ଥାନା ଅନ୍ତର୍ଗତ କୁମ୍ଭାରପଲ୍ଲୀ ଅଞ୍ଚଳରେ ଲଙ୍କାଗୁଣ୍ଡ ଫିଙ୍ଗି ଛୁରା ମାଡ଼ ଘଟଣାରେ ପୋଲିସ ଗଣେଶ ନାମକ ନାବାଳକଙ୍କୁ ଧରି ଜେଜେବିରେ ହାଜର କରିଥିଲା । ପରେ ତାଙ୍କୁ ସୁଧାର ଗୃହକୁ ପଠାଇ ଦିଆଯାଇଥିଲା । ସୁଧାର ଗୃହରୁ ବାହାରିବା ପରେ ବୁଧବାରଯୁସିପି ଇଞ୍ଜିନିୟରିଂ କଲେଜ ନିକଟରେ ନିଜ ସହଯୋଗୀ ମୁକେଶ ସହ ଛିଡା ହୋଇଥିଲେ ।

ଏହି ସମୟରେ ମିଟୁ ବେହେରା ଓ ତାଙ୍କ ସହଯୋଗୀମାନେ ସେଠାରେ ପହଞ୍ଚି ଉଭୟଙ୍କୁ ଉଠାଇ ନେଇ ମାଡ଼ ମାରିଥିଲେ । ତେବେ ପୋଲିସ ସଂପୃକ୍ତ ଗୋଷ୍ଠୀର ମୁଖ୍ୟ କୁମ୍ଭାରପଲ୍ଲୀ ଅଞ୍ଚଳର ମିଟୁ ବେହେରାଙ୍କୁ ଧରି ଥାନାକୁ ଆଣି ତଦନ୍ତ ଚଳାଇଥିବା ଜଣାପଡିଛି ।

# ଶ୍ରୀ ଗୌତମ ଆଦାନୀଙ୍କ ଜନ୍ମଦିବସରେ ରକ୍ତଦାନ ଶିବିର




ଛତ୍ରପୁର, (ସବ୍ୟୁ): ଆଦାନୀ ଫାଉଣ୍ଡେସନ ପକ୍ଷରୁ ଆଜି ଗୋପାଳପୁର ବନ୍ଦର ପରିସରରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଆୟୋଜନ କରାଯାଇଥିଲା । ଆଦାନୀ ଗ୍ରୁପ ଚେୟାରମ୍ୟାନ୍ ଗୌତମ ଆଦାନୀଙ୍କ ୬୪ ତମ ଜନ୍ମ ଦିବସ ପାଳନ ଅବସରରେ ଏହି ରକ୍ତ ଦାନ ଶିବିର ଆୟୋଜନ କରାଯାଇଥିଲା । ଏଥିରେ ୧୩୮ ୟୁନିଟ ରକ୍ତ ସଂଗ୍ରହ ହୋଇଛି ।

ଆୟୋଜିତ ଏହି ଶିବିରରେ ଗୋପାଳପୁର ବନ୍ଦରର କର୍ମଚାରୀ, ଶ୍ରମିକ, ପରିବାର ସଦସ୍ୟ, ସହଯୋଗୀ ସଂସ୍ଥାର କର୍ମଚାରୀ ଏବଂ ସ୍ଥାନୀୟ ଅଞ୍ଚଳର ଲୋକମାନେ ଉତ୍ସାହର ସହ ଯୋଗଦେଇ ସମାଜର କଲ୍ୟାଣ ନିମନ୍ତେ ରକ୍ତଦାନ କରିଥିଲେ । ଆୟୋଜିତ ଉକ୍ତ ରକ୍ତଦାନ ଶିବିରକୁ ଛତ୍ରପୁର ଅତିରିକ୍ତ ଜିଲ୍ଲାପାଳ ସଚିଦାନନ୍ଦ ନାୟକ ପ୍ରଦୀପ ପ୍ରଜ୍ୱଳନ କରି ଆରମ୍ଭ କରିଥିଲେ । ରକ୍ତଦାନ ସମସ୍ତଙ୍କର ମିଳିତ ପ୍ରୟାସ ଯୋଗୁ ୧୩୮ ୟୁନିଟ ରକ୍ତ ସଂଗ୍ରହ ହୋଇପାରିଛି । ଏହି ଅବସରରେ ଗୋପାଳପୁର ବନ୍ଦରର ବରିଷ୍ଠ ଅଧିକାରୀ, ଆଦାନୀ ଫାଉଣ୍ଡେସନର ପ୍ରତିନିଧି ଓ ଅନ୍ୟାନ୍ୟ ଗଣ୍ୟମାନ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ ।

# କେଏସୟୁବି କଲେଜରେ ମିଳିତ ରକ୍ତଦାନ ଶିବିର

ଭଞ୍ଜନଗର, (ସବ୍ୟୁ): ସ୍ଥାନୀୟ କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ ମହାବିଦ୍ୟାଳୟରେ ବୁଧବାର ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି ସ୍ୱେଚ୍ଛାସେବୀ ଅନୁଷ୍ଠାନ ସ୍ୱାତୀର ୨୮ ତମ ପ୍ରତିଷ୍ଠା ଦିବସ ଏବଂ କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ ମହାବିଦ୍ୟାଳୟ ଜାତୀୟ ସେବା ଯୋଜନା, ଯୁବ ରେଡକ୍ରସ୍ ଓ ଏନ୍‌ସିସି ପକ୍ଷରୁ ମିଳିତ ଭାବେ ରକ୍ତଦାନ ଶିବିର ଆୟୋଜିତ ହୋଇଥିଲା । ରକ୍ତଦାନ ଶିବିରକୁ ଭଞ୍ଜନଗର ବିଧାୟକ ପ୍ରଦ୍ୟୁମ୍ନ କୁମାର ନାୟକ ଉଦଘାଟନ କରିଥିଲେ । ନବାଗତ ରକ୍ତଦାତା ତଥା କଲେଜ ଛାତ୍ରୀ ଛାତ୍ର, ଉତ୍ତର ଘୁମୁସର ବନଖଣ୍ଡ ବନ ସୁରକ୍ଷା ସମିତି କର୍ମକର୍ତ୍ତା ମାନେ ରକ୍ତଦାନ କରି ଅନ୍ୟମାନଙ୍କ ପାଇଁ ଉଦାହରଣ ସାଜିଛନ୍ତି ବୋଲି ବିଧାୟକ ଉଲ୍ଲେଖ କରିଥିଲେ । ରକ୍ତର ଆଶ୍ୟକତା ବଢୁଥିବା ଯୋଗୁଁ ନୂଆଁ ରକ୍ତଦାତା ସୃଷ୍ଟି କରିବାର ମଧ୍ୟ ଆଶ୍ୟକତା ରହିଛି । ଏନେଇ ଅଧିକରୁ ଅଧିକ ସଚେତନ କାର୍ଯ୍ୟକ୍ରମ କରିବା ପାଇଁ ବିଧାୟକ ନାୟକ ଉପସ୍ଥିତ ଲୋକଙ୍କୁ ଆହ୍ୱାନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଡିଏଫ୍ଓ ହିମାଂଶୁ ଶେଖର ମହାନ୍ତି, କଲେଜ ଅଧ୍ୟକ୍ଷ ଡ. ଗଗନ ବିହାରୀ ପୁରୋହିତ, ଭଞ୍ଜନଗର ମେଡିକାଲ୍ ଅଧିକ୍ଷକ ଡାକ୍ତର ଗୋବିନ୍ଦ ଚନ୍ଦ୍ର ମହାପାତ୍ର, କୃଷି ବିଜ୍ଞାନ କେନ୍ଦ୍ର ମୁଖ୍ୟ ବୈଜ୍ଞାନିକ ଡ ସୁତନୁ କୁମାର ଶତପଥୀ, ଅବସରପ୍ରାପ୍ତ କଲେଜ ଅଧ୍ୟକ୍ଷ ବି ଗୋବିନ୍ଦ ରାଓ, ମେଡିକାଲ୍ ପରିଚାଳକ ବିଚିତ୍ର ପାଣିଗ୍ରାହି, ସାମାଜିକ କର୍ମୀ ଶୁଳପାଣି ଶତପଥି, ସ୍ୱାତୀ ସମ୍ପାଦକ ଇଂ ହରି ଶଙ୍କର ରାଉତ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ । କାର୍ଯ୍ୟକ୍ରମକୁ ପରିଚାଳନା କରିବାରେ ଜାତୀୟ ସେବା ଯୋଜନା ଅଧିକାରୀ ବାବୁଲା ପ୍ରଧାନ, ଯୁବ ରେଡକ୍ରସ୍ ଅଧିକାରୀ ବିଦେଶୀ ରାଉତ, ଏନସିସି ଆର୍ମି ୱିଙ୍ଗ ସିଟିଓ ଅର୍ପଣ ପ୍ରଧାନ, ନାଭାଲ ସିଟିଓ ବିଭୂତି ଗୌଡ଼ଙ୍କ ସମେତ ସ୍ୱାତୀ କର୍ମଚାରୀ ପ୍ରମୁଖ ସହଯୋଗ କରିଥିଲେ । ଭଞ୍ଜନଗର ବ୍ଲଡ ବ୍ୟାଙ୍କ କର୍ମଚାରୀ ୩୦ୟୁନିଟ୍ ରକ୍ତ ସଂଗୃହୀତ କରିଥିଲେ ।

# ସ୍ମାର୍ଟ ଫୋନ ବଣ୍ଟନ କଲେ ବିଧାୟକ



ବ୍ରହ୍ମପୁର, (ସବ୍ୟୁ) : ବ୍ରହ୍ମପୁର ନିର୍ବାଚନମଣ୍ଡଳୀରେ ଜନସାଧାରଣଙ୍କ କାର୍ଯ୍ୟକୁ ସୁବିଧା ଓ ସହଜ ସେବା ପାଇଁ ନିୟୋଜିତ ଲେଡି ସୁପରଭାଇଜର, ପୋଷଣ କୋଡିନେଟର ଓ ଅଙ୍ଗନବାଡି କର୍ମୀଙ୍କୁ ସ୍ମାର୍ଟ ଫୋନ ବଣ୍ଟନ କଲେ ବିଧାୟକ । ଆଇସିଡିଏସ ପ୍ରକଳ୍ପ ବ୍ରହ୍ମପୁର (ସହର)-୧ ଓ ବ୍ରହ୍ମପୁର (ସହର)-୨ ଅନ୍ତର୍ଗତ ଲେଡି ସୁପରଭାଇଜର, ପୋଷଣ ବ୍ଲକ୍ କୋ-ଅର୍ଡିନେଟର ଏବଂ ଅଙ୍ଗନୱାଡ଼ି କର୍ମୀମାନଙ୍କୁ ବ୍ରହ୍ମପୁର ବିଧାୟକଙ୍କ କାର୍ଯ୍ୟାଳୟ ପରିସରରେ ସ୍ମାର୍ଟଫୋନ ବଣ୍ଟନ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ବ୍ରହ୍ମପୁରର ବିଧାୟକ କେ. ଅନିଲ କୁମାର ଉପସ୍ଥିତ ଥିଲେ । ଉପକୃତ ହିତାଧିକାରୀମାନେ ଏହି ଜନହିତକର ପଦକ୍ଷେପ ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ ବ୍ରହ୍ମପୁର ବିଧାୟକ କେ. ଅନିଲ କୁମାରଙ୍କୁ କୃତଜ୍ଞତା ଜଣାଇଥିଲେ । ସେମାନେ କହିଥିଲେ ଯେ ୫ଜି ସୁବିଧାଯୁକ୍ତ ସ୍ମାର୍ଟଫୋନ ମାଧ୍ୟମରେ ପୋଷଣ ଓ ଅଙ୍ଗନୱାଡ଼ି ସମ୍ବନ୍ଧୀୟ କାର୍ଯ୍ୟ ଅଧିକ ସହଜ, ଦ୍ରୁତ ଓ ଦକ୍ଷତାର ସହ ସମ୍ପାଦନ କରିହେବ ପ୍ରକାଶ କରିଥିଲେ ବିଧାୟକ ।

# ଧାନ କିଣାରେ ଦୁର୍ନୀତି : ଓଡ଼ିଶା ଚାଷୀ ସୁରକ୍ଷା ଅଭିଯାନର ତଦନ୍ତ ଦାବି

ବ୍ରହ୍ମପୁର, (ସବ୍ୟୁ): ଗଂଜାମ ଜିଲ୍ଲାରେ ଧାନ କିଣାରେ ବ୍ୟାପକ ଦୁର୍ନୀତି ହୋଇଥିବା ଓଡ଼ିଶା ଚାଷୀ ସୁରକ୍ଷା ଅଭିଯାନ ଅଭିଯୋଗ କରିବା ସହିତ ତଦନ୍ତ ଦାବି କରିଛି । ଏହି ଦୁର୍ନୀତିରେ ସାମିଲ ଥିବା ଅଧିକାରୀମାନେ ପକେଟ ଗରମ କରି ନୀରବ ରହୁଛନ୍ତି । ୨୦୨୫-୨୦୨୬ ମସିହାରେ ଗଂଜାମ ଜିଲ୍ଲାରେ ୧, ୫୬, ୭୧୩ ଜଣ ଚାଷୀ ପଞ୍ଜିକରଣ ଧାନ ବିକିବା ପାଇଁ କରିଥିଲେ । ଡିସେମ୍ବର ୧୬ ତାରିଖ ଠାରୁ ଧାନ କିଣା ଆରମ୍ଭ ହୋଇ ଏପ୍ରିଲ ୭ ତାରିଖ ପର୍ଯ୍ୟନ୍ତ ଧାନ କିଣା ହୋଇଥିଲା । ସେଥି ମଧ୍ୟରୁ ୧,୫୧,୦୦୦ ଜଣ ଚାଷୀଙ୍କର ୫୫ ଲକ୍ଷ ୮୨ ହଜାର ୬୯୭ ଧାନ କିଣା ଯାଇଥିଲା । ଜିଲ୍ଲାକୁ ୫୬ ଲକ୍ଷ ୨୯ ହଜାର ୫୨୫ କ୍ୟୁଣ୍ଟାଲ ଧାନ କିଣିବା ପାଇଁ ଟାର୍ଗେଟ ଆସିଥିଲା । ଟାର୍ଗେଟ ଆସିଥିବା ୪୭ ହଜାର କ୍ୟୁଣ୍ଟାଲ ଫେରିଗଲା । ମାତ୍ର ଟୋକେନ୍ ଆସିଥିବା ୫୬୧୩ ଜଣ ଚାଷୀଙ୍କ ସମବାୟ ଅଧୀକାରୀଙ୍କ ଖାମଖିଆଲୀ ଓ ବେଖାତିର ମନୋଭାବ ଯୋଗୁଁ ଧାନ କିଣାଗଲା ନାହିଁ । ଫଳରେ ଗରିବ ଓ ଭାଗଚାଷୀ ମାନେ ବେପାରୀ ମାନଙ୍କୁ ବିକି ଲକ୍ଷ ଲକ୍ଷ ଟଙ୍କା କ୍ଷତି ସହିଲେ । ଚାଷୀମାନେ ଲିଖିତ ଅଭିଯୋଗ କଲେ ସୁଦ୍ଧା କେହି ଶୁଣିଲେ ନାହିଁ । ଏହା ତଦନ୍ତ ସାପେକ୍ଷ୍ୟ ସବୁଠୁ ଆଶ୍ଚର୍ଯ୍ୟଜନକ କଥା ହେଉଛି ଯେ ଗଂଜାମ ପ୍ରକୃତ ଚାଷୀଙ୍କ ଧାନ ନକିଣି ଜଗତସିଂହପୁର, ପୁରୀ, ଆଦି ଜିଲ୍ଲାରୁ ପ୍ରାୟ ୩ ଲକ୍ଷ ୪୦ ହଜାର କ୍ଲିଣ୍ଟାଲ ଧାନ କିଣାଯାଇଛି । ପ୍ରକୃତରେ ସେଠାରୁ ଧାନ ନଆଣି ସେଠାରେ ବିକି ଦେଇ କେବଳ କାଗଜପତ୍ରରେ ମିଛରେ ଧାନ କିଣା ହେଲା ବୋଲି ଦର୍ଶାଯାଇ ଗାଡି ଭଡା ଓ ମଣ୍ଡି ପରିଚାଳନା ଖର୍ଚ୍ଚ ବାବଦରେ କୋଟିକୋଟି ଟଙ୍କାର ଦୁର୍ନୀତି କରାଯାଇଛି ।

ଜିଲ୍ଲା ପ୍ରଶାସନ ଜାଣିଶୁଣି ନୀରବ ରହୁଛି କାହିଁକି ବୋଲି ସାଧାରଣ ପ୍ରଶ୍ନ ଉଠୁଛି । ପୁଣି ଚଳିତବର୍ଷ ଧାନର ମାନ ଅତି ଭଲ ଥିଲେ ସୁଦ୍ଧା କ୍ୟୁଣ୍ଟାଲ ପିଛା ଅଧିକାଂଶ ବ୍ଲକରେ ୫ ରୁ ୬ କେଜି ପର୍ଯ୍ୟନ୍ତ ଅଧୀକ ଧାନ ଠକି ନେବାରୁ ଚାଷୀମାନେ ପ୍ରାୟ ୯୦ କୋଟି ଟଙ୍କା କ୍ଷତି ସହିଲେ ।

ଚଳିତବର୍ଷ ପ୍ରାୟ ୧ ଲକ୍ଷରୁ ଅଧିକ ଚାଷୀମାନେ ନିଜେ ହାତରୁ ଅଖା, ଗାଡିଭଡା, ଲେବର ଖର୍ଚ୍ଚ କରି ମିଲରେ ଧାନ ନେଇ ଦେଇଛନ୍ତି । ସେମାନେ ଏହି ସବୁ ଖର୍ଚ୍ଚ ପାଇବାକୁ ନିୟମ ଥିଲେ ସୁଦ୍ଧା ମଣ୍ଡି ପରିଚାଳନା ଖର୍ଚ୍ଚ ମିଲର ମାନେ ନେଇ ଚାଷୀଙ୍କୁ ଠକୁଛନ୍ତି । ଏପରି ଭାବେ ପ୍ରତିବର୍ଷ ଧାନ କିଣାରେ ୧୦୦ କୋଟି ଟଙ୍କାରୁ ଅଧୀକ ଦୁର୍ନୀତି କେଳେଙ୍କାରୀ ହେଉଥିବାରୁ ଓଡ଼ିଶା ଚାଷୀ ସୁରକ୍ଷା ଅଭିଯାନ ଆବାହକ ରବି ରଥ ଦାବି କରି ଭିଜିଲାନ୍ସ ତଦନ୍ତ କରିବା ପାଇଁ ଏକ ପ୍ରେସ ଇସ୍ତାହାରରେ ଦାବି କରିଛନ୍ତି ।

## ବିକାଶର ଧାରା ଓଡ଼ିଶା ସାରା

# ବ୍ଲକସ୍ତରୀୟ ଜନସମ୍ପର୍କ ଓ ଜନଜାତି ସମ୍ବାଦ ସମାବେଶ




ବାରିପଦା, (ସବ୍ୟୁ) : ରାଜ୍ୟ ସରକାରଙ୍କ ଦୁଇ ବର୍ଷ ପୂର୍ତ୍ତି ଅବସରରେ ବିକାଶର ଧାରା ଓଡ଼ିଶା ସାରା କାର୍ଯ୍ୟକ୍ରମ ଅନ୍ତର୍ଗତ ବ୍ଲକସ୍ତରୀୟ ଜନସମ୍ପର୍କ ଓ ଜନଜାତି ସମ୍ବାଦ ସମାବେଶ ମଙ୍ଗଳବାର ରରୁଆଁ ବ୍ଲକ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଥିଲା । ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି ଉନ୍ନୟନ, ସଂଖ୍ୟାଲଘୁ ଏବଂ ପଛୁଆ ବର୍ଗ କଲ୍ୟାଣ ବିଭାଗ, ଓଡ଼ିଶା ସରକାରଙ୍କ ଦ୍ୱାରା ପ୍ରାୟୋଜିତ ତଥା ରରୁଆଁ ପଞ୍ଚାୟତ ସମିତି ପକ୍ଷରୁ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । ଏହି ଅବସରରେ ରାଜ୍ୟର ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ ଗଣେଶ ରାମସିଂ ଖୁଣ୍ଟିଆ ମୁଖ୍ୟଅତିଥି ଭାବେ ଯୋଗଦେଇ ସରକାରଙ୍କ ବିଭିନ୍ନ ଜନକଲ୍ୟାଣମୂଳକ ଯୋଜନା ଓ ବିକାଶମୂଳକ ପଦକ୍ଷେପ ସମ୍ପର୍କରେ ଆଲୋକପାତ କରିଥିଲେ ।

ସେ କହିଥିଲେ ଯେ, ରାଜ୍ୟରେ ଡବଲ୍ ଇଞ୍ଜିନ୍ ସରକାର ଗଠନ ପରେ ଶିକ୍ଷା, ସ୍ୱାସ୍ଥ୍ୟ ଓ ଭିତ୍ତିଭୂମି ବିକାଶ କ୍ଷେତ୍ରରେ ବହୁ ଗୁରୁତ୍ୱପୂର୍ଣ୍ଣ ଯୋଜନା ରୂପାୟଣ କରାଯାଉଛି । ସେ ଆୟୁଷ୍ମାନ ଭାରତ ଯୋଜନା, ସିଏଚଓ ନିଯୁକ୍ତି, ଘାଗରବେଡ଼ା ସ୍ୱାସ୍ଥ୍ୟକେନ୍ଦ୍ରର ନୂତନ କୋଠା ନିର୍ମାଣ, ଯଶିପୁରରେ ୧୦୦ ଶଯ୍ୟା ବିଶିଷ୍ଟ ରୋଗୀ ସେବା ଗୃହ, ଆଶ୍ରମ ବିଦ୍ୟାଳୟ ଗୁଡ଼ିକର ଭିତ୍ତିଭୂମି ବିକାଶ ପାଇଁ ୫୦ଲକ୍ଷ ଟଙ୍କା ବ୍ୟୟରେ ନୂତନ ଭବନ ନିର୍ମାଣ ଏବଂ ରରୁଆଁ ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟରେ ନାମଲେଖା ଆରମ୍ଭ ହୋଇଥିବା ନେଇ ସୂଚନା ଦେଇଥିଲେ । ଏହାସହ ସ୍ୱାସ୍ଥ୍ୟ ଉପକେନ୍ଦ୍ର ମାଧ୍ୟମରେ ଇ-ସଂଜୀବନୀ ସେବା ଲୋକଙ୍କ ପାଖକୁ ପହଞ୍ଚୁଥିବା କଥା ଉଲ୍ଲେଖ କରିଥିଲେ । କାର୍ଯ୍ୟକ୍ରମରେ ବ୍ଲକ ଅଧ୍ୟକ୍ଷ ଅଜିତ ତ୍ରିୟା, ବିଡିଓ ପ୍ରେମାନନ୍ଦ ବେହେରା, ଅତିରିକ୍ତ ତହସିଲଦାର ନିଗମାନନ୍ଦ ଦଳନାୟକ, ସ୍ୱାସ୍ଥ୍ୟ ଅଧିକାରୀ ଦକ୍ଷିଣା ରଞ୍ଜନ ଟୁଡୁ, ଶିକ୍ଷା ଅଧିକାରୀ ସୁରେଶ ମୁଣ୍ଡା, ଡବ୍ଲ୍ୟୁଇଓ ସୁବାସ ଚନ୍ଦ୍ର ହନହାଗା, ବିଜେପି ମଣ୍ଡଳ ସଭାପତି ରଞ୍ଜନ ଦଳେଇ ଓ ଭରତ ମହାନ୍ତ ପ୍ରମୁଖ ଉପସ୍ଥିତ ଥିଲେ । ଏହି ଅବସରରେ ଫୁଲକମ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ଏସଏସଡି ବଲାଣପୋଷି ଏବଂ ବୈଦ୍ୟନାଥ ସରକାରୀ ଉଚ୍ଚ ବିଦ୍ୟାଳୟର ଛାତ୍ରୀମାନେ ଆକର୍ଷଣୀୟ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ । ଶିକ୍ଷକ ଗଦାଧର ମହାନ୍ତ କାର୍ଯ୍ୟକ୍ରମର ସଂଯୋଜନା କରିଥିବାବେଳେ ବିଏସଏସଓ ନିହାର ରଞ୍ଜନ ନାୟକ ସମଗ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

MAHATMA GANDHI CENTRAL UNIVERSITY, BIHAR
(A Central University established by an Act of Parliament)
PG ADMISSIONS 2026-27
Through CUET (PG) 2026
Applications are invited from candidates who have appeared in CUET (PG) 2026 for admission to Postgraduate Programmes.
LAST DATE TO APPLY
30th JUNE 2026 TUESDAY
PROGRAMMES OFFERED
M.Sc. | M.A. | M.Com. | MBA | MBA (Food & Agribusiness) | Integrated MLIS
APPLY ONLINE
mgcubcuet.samarth.edu.in/pg
FOR DETAILS
www.mgcub.ac.in
CBC 21336/11/0001/2627 LEARN • INNOVATE • INSPIRE
MOTIHARI, BIHAR

# ଭଞ୍ଜସେନାର ନୂତନ କର୍ମକର୍ତ୍ତା ମନୋନୀତ

ବାରିପଦା, (ସବ୍ୟୁ) : ଭଞ୍ଜସେନା ପକ୍ଷରୁ ପ୍ରତିଷ୍ଠାତା କଳିଙ୍ଗ କେଶରୀ ଜେନାଙ୍କର ଅନୁମୋଦନ କ୍ରମେ ଆଉ କିଛି ନୂତନ କର୍ମକର୍ତ୍ତାଙ୍କ ସହିତ ଜିଲ୍ଲା ଯୁବଛାତ୍ର ଶାଖା ଗୁଡ଼ିକର ନୂତନ କର୍ମକର୍ତ୍ତାଙ୍କର ନାମ ଘୋଷଣା କରାଯାଇଛି । ଭଞ୍ଜସେନାର ନୂତନ କର୍ମକର୍ତ୍ତା ଭାବେ ଜିଲ୍ଲା ଉପସଭାପତି ସିଙ୍ଗରାୟ ହେମ୍ବ୍ରମ, ଜିଲ୍ଲା ସାଧାରଣ ସମ୍ପାଦକ ସୂର୍ଯ୍ୟ ବର୍ଦ୍ଧନ ସିଂହଦେଓ, ଜିଲ୍ଲା ଯୁବଛାତ୍ର ସଂଯୋଜକ ଏସ୍. କେ. ରାଜାଖାନ, ଜିଲ୍ଲା ଯୁବଶାଖା ସଭାପତି କିଷନ କୁମାର ସାହୁ, ଜିଲ୍ଲା ଯୁବଶାଖା କାର୍ଯ୍ୟକାରୀ ସଭାପତି ଏମ.ଡି ରାଜା, ଜିଲ୍ଲା ଯୁବଶାଖା ଉପସଭାପତି ଦେବାଶିଷ ଦାସ, ରଘୁନାଥ ଦାସ, ଏମ.ଡି. ଇସଲାମ, ଜିଲ୍ଲା ଯୁବଶାଖା ସାଧାରଣ ସମ୍ପାଦକ ସଞ୍ଜୟ ମହାନ୍ତ, ପାଞ୍ଚପଡା ଉପଖଣ୍ଡ କାର୍ଯ୍ୟକାରୀ ସଭାପତି ଶୁଭଜିତ ଦାସ ଅଧିକାରୀ, ଜିଲ୍ଲା ଯୁବଶାଖା ବାରିପଦା ସହର ସଭାପତି ସଞ୍ଜୟ ମାହାର୍ଣ୍ଣା, ଜିଲ୍ଲା ଛାତ୍ରଶାଖା ସଭାପତି ଦୀପକ ବେହେରା, ଜିଲ୍ଲା ଛାତ୍ରଶାଖା ଉପସଭାପତି ରୁଦ୍ର ପଟ୍ଟନାୟକ, ଜିଲ୍ଲା ଛାତ୍ରଶାଖା ସାଧାରଣ ସମ୍ପାଦକ ମନୋଜ କୁମାର ସାହୁ, ରରୁଆଁ ବ୍ଲକ ସଭାପତି ବିଶାଳ କୁମାର ସୁଲତାନିଆ, ଶୁକ୍ଳି ବ୍ଲକ କାର୍ଯ୍ୟକାରୀ ସଭାପତି ଦିବ୍ୟଜ୍ୟୋତି ବେହେରା, ସୋସିଆଲ ମିଡ଼ିଆ ସହ-ସଂଯୋଜକ ଦିବ୍ୟଜ୍ୟୋତି ଦାସ ପ୍ରମୁଖ । ଶିମିଳିପାଳର ସମ୍ପୂର୍ଣ୍ଣ ସୁରକ୍ଷା ସହିତ ପର୍ଯ୍ୟଟନ ଶିଳ୍ପ ଓ ପ୍ରାକୃତିକ ସମ୍ପଦର ଉପଯୋଗରେ ବେରୋଜଗାର ମାନଙ୍କୁ ରୋଜଗାରକ୍ଷମ କରାଇ ଜିଲ୍ଲାର ଦାଦନ ସମସ୍ୟା ଦୂର କରିବା ଲକ୍ଷ୍ୟନେଇ ମଶାଲ ଶୋଭାଯାତ୍ରା କାର୍ଯ୍ୟକ୍ରମ ମାଧ୍ୟମରେ ସାଧାରଣ ଜନତାଙ୍କୁ ସଚେତନ କରିବା ସହିତ ସରକାରଙ୍କ ଉପରେ ଚାପ ସୃଷ୍ଟି ନିମନ୍ତେ ସଂଘର୍ଷରତ ଭଞ୍ଜସେନା ପକ୍ଷରୁ ଆଗାମୀ ଦିନରେ ଆନ୍ଦୋଳନକୁ ଆହୁରି ତୀବ୍ରତର କରିବାରେ ଏହି ନୂତନ କମିଟି ଅଧିକ ଲାଭପ୍ରଦ ହେବ । ଦାବୀ ପୂରଣ ନହେବା ପର୍ଯ୍ୟନ୍ତ ସଂଗଠନ ପକ୍ଷରୁ ଆନ୍ଦୋଳନ ଚାଲୁରହିବ ବୋଲି ଜିଲ୍ଲା ମୁଖପାତ୍ର ଜ୍ୟୋତି ରଞ୍ଜନ ପୃଷ୍ଟି ଏକ ପ୍ରେସ ବିବୃତିରେ ସୂଚନା ଦେଇଛନ୍ତି ।

E mail :- establishment@balangirdccb.com
Website : www.balangirdccb.bank.in

THE BALANGIR DISTRICT CENTRAL CO-OPERATIVE BANK LTD. BALANGIR

No. 853 / BDCCB/Estt./2026-27/ Dt. 24.06.2026

Form A

Consolidated Balance Sheet of The Balangir District Central Co-operative Bank Ltd. Balangir

Balance Sheet as on 31st March 2026

(Amount in Thousand)

| Particulars | Schedule | As on 31.03.2026 (Current Year) | As on 31.03.2025 (Previous Year) |
|---|---|---|---|
| **Capital and Liabilities** | | | |
| Capital | 1 | 29,80,964.00 | 28,32,904.54 |
| Reserves and Surplus | 2 | 8,09,346.46 | 7,85,935.40 |
| Deposits | 3 | 1,03,20,088.17 | 1,02,65,135.37 |
| Borrowings | 4 | 1,16,12,335.35 | 1,09,84,685.35 |
| Other liabilities and provisions | 5 | 42,32,040.51 | 37,21,387.00 |
| **Total** | | **2,99,54,774.49** | **2,85,90,047.66** |
| **Assets** | | | |
| Cash and balances with Reserve Bank of India | 6 | 21,642.46 | 12,247.12 |
| Balance with banks and money at call and short notice | 7 | 6,64,393.58 | 10,47,694.23 |
| Investments | 8 | 31,60,715.15 | 31,05,606.09 |
| Advances | 9 | 2,45,01,303.53 | 2,28,40,302.09 |
| Fixed Assets | 10 | 16,674.72 | 19,573.13 |
| Other Assets | 11 | 15,90,045.05 | 15,64,625.00 |
| **Total** | | **2,99,54,774.49** | **2,85,90,047.66** |
| Contingent liabilities | 12 | 219013.42 | 200524.71 |
| Bills for collection | | | |

Sd/- Manager, Accounts | Sd/- Chief Executive Officer | Sd/- Director | Sd/- Director | Sd/- Director | Sd/- President | Sd/- For A D A R S & CO. Chartered Accountants

Form B

Consolidated Profit and Loss Account of The Balangir District Central Co-operative Bank Ltd. Balangir

Profit and Loss Account for the Year ended March 31st 2026

(Amount in Thousand)

| Sl.No. | Particulars | Schedule | As on 31.03.2026 (Current Year) | As on 31.03.205 (Previous Year) |
|---|---|---|---|---|
| I. | Income | | | |
| | Interest Earned | 13 | 18,25,787.40 | 18,58,238.39 |
| | Other Income | 14 | 23,314.00 | 16,364.15 |
| | **Total** | | **18,49,101.40** | **18,74,602.54** |
| II. | Expenditure | | | |
| | Interest expended | 15 | 11,10,936.03 | 10,84,424.22 |
| | Operating expenses | 16 | 1,86,267.30 | 1,83,265.97 |
| | Provisions and contingencies | | 5,32,045.27 | 5,87,317.50 |
| | **Total** | | **18,29,248.60** | **18,55,007.69** |
| III. | Profit/Loss | | | |
| | Net profit/loss(-) for the year | | 19,852.79 | 19,594.85 |
| | Profit/loss(-) brought forward | | | |
| | **Total** | | **19,852.79** | **19,594.85** |
| IV. | Appropriations | | | |
| | Transfer to statutory reserves | | 15675.88 | 6,444.98 |
| | Transfer to other reserves | | 3918.97 | 11,969.24 |
| | Transfer to Government / proposed dividend | | | |
| | Balance carries over to balance sheet | | | |
| | **Total** | | **19,594.85** | **18,414.22** |

Sd/- Manager, Accounts | Sd/- Chief Executive Officer | Sd/- Director | Sd/- Director | Sd/- Director | Sd/- President | Sd/- For A D A R S & CO. Chartered Accountants

**INDEPENDENT AUDITOR'S REPORT**

To
The Members,
The Balangir District Central Co-Operative Bank Ltd.,
Balangir

*Ref : Appointment Letter No.1358Acct./Audit-2025-26 dated: 09.09.2025 of the BDCC Bank Ltd., Balangir and Order No.5625/VI(4)33/2025/Audit-2, Dated: 17.09.2025 of The Directorate of Co-operative Audit, Odisha, Bhubaneswar.*

**Report on the Financial Statements as a Statutory Auditor:-**

1. We have audited the accompanying financial statements of The Balangir District Central Co-Operative Bank Ltd., Balangiras at 31st March 2026 which comprise the Balance Sheet at 31st March 2026 and Statement of Profit and Loss for the year then ended, and a summary of significant accounting policies and other explanatory information.

**Management's Responsibility for the Financial Statements**

2. Management is responsible for the preparation of these financial statements in accordance with the Odisha Co-operative Societies Act, 1962, Odisha Cooperative Societies Rules, 1965, Banking Regulation Act, 1949 and generally accepted accounting principles in India so far as applicable to the Bank. This responsibility includes the design, implementation and maintenance of internal control relevant to the preparation of the financial statements that are free from material misstatement, whether due to fraud or error.

**Auditor's Responsibility**

3. Our responsibility is to express an opinion on these financial statements based on our audit. We conducted our audit in accordance with the standards on Auditing issued by the Institute of Chartered Accountants of India. Those standards require that we comply with ethical requirements and plan and perform the audit to obtain reasonable assurance about whether statements are free from material misstatement.
4. An audit involves performing procedures to obtain audit evidence about the amounts and disclosures in the financial statements. The procedures selected depend on the auditor's judgment, including the assessment of the risks of material misstatement of the financial statements, whether due to fraud or error. In making those risk assessments, the auditor considers internal control relevant to the Bank's preparation and fair presentation of the financial statements in order to design audit procedures that are appropriate in the circumstances, but not for the purpose of expressing an opinion on effectiveness of the entity's internal control. An audit also includes evaluating the appropriateness of accounting policies used and the reasonableness of the accounting estimates made by management, as well as evaluating the overall presentation of the financial statements.
5. We believe that the audit evidence we have obtained is sufficient and appropriate to provide a basis for our audit opinion.

**Opinion**

6. In our opinion, as shown by books of the Bank, and to the best of our information and according to the explanations given to us, the financial statements together with the notes thereon give the information required by the Banking Regulation Act, 1949 as well as the Odisha Co-operative Societies Act, 1962, Odisha Cooperative Societies Rules, 1965, and other guidelines issued for the Bank, in the manner so required and give a true and fair view in conformity with the accounting principles generally accepted in India:
   i) In the case of the Balance Sheet, of the state of affairs of the Bank as at 31st March 2026 and
   ii) In the case of the Statement of the profit and loss account of the profit of the Bank for the year ended on that date.

**Report on Other Legal and Regulatory Requirements**

7. The Balance Sheet and Profit and Loss Account have been drawn up as per section 29 of the Banking Regulation Act, 1949 read with provisions of the Odisha Co-operative Societies Act, 1962, Odisha Cooperative Societies Rules, 1965.
8. On the basis of the audit procedure indicated above and as required by the Section 31 of the Banking Regulation Act, 1949 (as applicable to District and Central Cooperative Banks) we report that:
   a) We have obtained all the information and explanations which to the best of our knowledge and belief, were necessary for the purposes of our audit and have found them to be satisfactory.
   b) The transactions of the Bank, which have come to our notice, have been within the powers of the Bank.
   c) In our Opinion, proper books of account as required by Law have been kept by the Bank so far, as appears from our examination of those books.
   d) The Balance Sheet and Profit & Loss Account dealt with by this report are in agreement with the books of account and are drawn up in conformity with the law.

For M/s. A D A R S & CO.
Chartered Accountants
Firm Reg. No.324629E

Place: Balangir
Date: 23/06/2026

CA Vijay Agrawal, FCA
(Partner, Membership No.061617)
(UDIN 26061617ALCISX6553)

# ଭାଜପା ବୁଥ୍ ସଭାପତିଙ୍କୁ କାଠ ଫାଳିଆରେ ପିଟି ହତ୍ୟା

ମହାକାଳପଡ଼ା, (ସବ୍ୟ) : କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ବ୍ଲକ ଉପକୂଳ ଅଞ୍ଚଳ ଜମ୍ବୁ ସାମୁଦ୍ରିକ ଥାନା ଅନ୍ତର୍ଗତ ସ୍ଥାନୀୟ ରାମନଗର ଗ୍ରାମରେ ମଙ୍ଗଳବାର ବିଳମ୍ବିତ ରାତିରେ ଜଣେ ବ୍ୟକ୍ତିଙ୍କୁ ବିଚ ରାସ୍ତାରେ ନିର୍ମମ ହତ୍ୟା କରିଥିବା ଅଭିଯୋଗ ହୋଇଛି । ଖବରପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି । ମୃତକ ହେଉଛନ୍ତି ତପନ ଦାସ (୫୫) । ସେ ଭାଜପା ବୁଥ ସଭାପତି ବୋଲି ସ୍ଥାନୀୟ ଲୋକମାନେ କହିଛନ୍ତି । ଉକ୍ତ ଗ୍ରାମର ସଞ୍ଜୟ ମଣ୍ଡଳ ନାମକ ଯୁବକ ଅତର୍କିତ ଭାବେ କାଠ ଫାଳିଆରେ ବାଡ଼େଇ ବାଡ଼େଇ ହତ୍ୟା କରିଥିବା କୁହାଯାଉଛି। ହତ୍ୟା କରିଥିବା ଯୁବକଙ୍କୁ ଗ୍ରାମ ଲୋକମାନେ ଅଟକ ରଖି ପୋଲିସକୁ ଜିମା ଦେଇଥିଲେ । ପରେ ପୋଲିସ ଘଟଣାସ୍ଥଳରେ ପହଂଚି ଛାନଭିନ୍ନ ଆରମ୍ଭ କରିଥିଲା



। ଏହି ଘଟଣାକୁ ନେଇ ଗ୍ରାମରେ ଉତ୍ତେଜନା ପ୍ରକାଶ ପାଇଛି । କାଠ ଫାଳିଆ ମାଡ଼ରେ ମୃତକଙ୍କ ମସ୍ତିଷ୍କ ଉପର ପଛ ଅଂଶ ରାସ୍ତାରେ ବିଛାଡ଼ି ହୋଇ ପଡ଼ିଛି ବୋଲି ଦେଖବାକୁ ମିଳିଛି । ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି । ଶବ ବ୍ୟବଚ୍ଛେଦ ପାଇଁ କେନ୍ଦ୍ରାପଡ଼ା ଜିଲା ସଦର ମହକୁମା ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି । ହତ୍ୟା ଘଟଣାରେ ମଣ୍ଡଳକୁ ପୋଲିସ ଅଟକ ରଖିଛି । ଏ ସଂକ୍ରାନ୍ତରେ ଥାନା ଅଧିକାରୀ ଅନିତା ସ୍ବାଇଁଙ୍କ ମତାମତ ନେବାରେ ତଦନ୍ତ ଆରମ୍ଭ ହୋଇଛି ବୋଲି କହିଛନ୍ତି ।

ଘଟଣା ସମ୍ପର୍କରେ ଜଣାଯାଏ ଯେ ୧୯୭ ବୁଥ ସଭାପତି ତପନଦାସ ଙ୍କ ସହିତ ଗ୍ରାମସ୍ଥ ସଞ୍ଜୟ ମଣ୍ଡଳଙ୍କର ବଚସା ହୋଇଥିଲା । ଏହି ସମୟରେ ସଞ୍ଜୟ ଗୋଟେ କାଠ ଫାଳିଆରେ ତପନଙ୍କୁ ଆକ୍ରମଣ କରିଥିଲ ଘଟଣା ସ୍ଥଳରେ ତପନ ଟଳିପଡିବାରୁ ଲୋକେ ମେଡିକାର ନେବାରୁ ଡାକ୍ତର ମୃତ ଘୋଷଣା କରିଥିଲେ । ପୋଲିସ ସଞ୍ଜୟଙ୍କୁ ଗିରଫ କରି କୋର୍ଟ ଚାଲାଣ କରିବା ସହିତ ଅପମୃତ୍ୟୁ ମାମଲା ୧୨୩/୨୬ରୁଜୁ କରି ଅଧିକ ତଦନ୍ତ ଚଳାଇଥିବାର ଜଣାପଡିଛି । ଏହି ଖବର ପାଇଁ ମହାକାଳପଡ଼ା ବିଧାୟକ ଡ଼. ଦୁର୍ଗା ପ୍ରସନ୍ନ ନାୟକ ମୃତ ବୁଥ ସଭାପତିଙ୍କ ପରିବାର କୁ ଭେଟି ସମବେଦନା ଜଣାଇଛନ୍ତି

# ଏସ୍‌ପି ଅଫିସ୍ ଆଗରେ ତିଖିରି ସରପଞ୍ଚ ଚାମେଲିଙ୍କ ଆମରଣ ଅନଶନ

କେନ୍ଦ୍ରାପଡା (ସବ୍ୟ): ତିଖିରି ସରପଞ୍ଚଚାମେଲି ଓଝାଙ୍କ ପ୍ରତି ହୋଇଥିବା ବର୍ବରତା ଥମିବାର ନାଁ ନଉନାହିଁ । ରାଜ୍ୟର ବିଭିନ୍ନ ରାଜନୈତିକ ଦଳର ନେତା, ସଂଗଠନ, ସ୍ୱେଚ୍ଛାସେବୀ ଅନୁଷ୍ଠାନ, ବିଭିନ୍ନ ମହିଳା ସଂଗଠନ, ବହୁ ବ୍ୟକ୍ତି ବିଶେଷ ତାଙ୍କୁ ସାକ୍ଷାତ କରି ଜିଲ୍ଲାପାଳଠାରୁ ଆରମ୍ଭ କରି ମୁଖ୍ୟମନ୍ତ୍ରୀ, ପ୍ରଧାନମନ୍ତ୍ରୀ, ରାଜ୍ୟପାଳଙ୍କୁ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରି ନ୍ୟାୟ ପ୍ରଦାନ କରିବାକୁ ଦାବି କରି ଆସୁଛନ୍ତି । କେନ୍ଦ୍ରାପଡା ଜିଲ୍ଲା ମହାକାଳପଡା ବ୍ଲକ ଅନ୍ତର୍ଗତ ତିଖିରିର ସରପଞ୍ଚ ଚମେଲି ଓଝା ଗତ ୧୧ ତାରିଖ ବ୍ଲକ ପରିସରକୁ ଯାଇ ସେଠାରେ ତାଙ୍କ ପଞ୍ଚାୟତ ଉନ୍ନତି ମୂଳକ କାର୍ଯ୍ୟ ଓ ବକେୟା



ଥିବା ଅର୍ଥ ସମ୍ପର୍କରେ ଆଲୋଚନା କରୁଥିବାବେଳେ ବିଧାୟକଙ୍କ ସମର୍ଥକ, ଥାନା ଅଧିକାରୀ ପ୍ରମୁଖ ତାଙ୍କୁ ଅସଭ୍ୟ ଭାଷାରେ ଗାଳି ଗୁଲଜ କରିବା ସହିତ ତାଙ୍କ ମୋବାଇଲ୍ ଛଡାଇ ନେଇ ଆକ୍ରମଣ କରିଥିଲେ । ସେ ଏହାର ପ୍ରତିବାଦ କରିବାରୁ ତାଙ୍କୁ ଓ ତାଙ୍କ ଭାଇଙ୍କୁ ମିଥ୍ୟା ମାମଲାରେ ଜେଲ୍ ହାଜତକୁ ପଠାଇ ଦିଆଯାଇଥିଲା । ସେଠାରେ ତାଙ୍କ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସା ପାଇଁ ଭର୍ତ୍ତି କରାଯାଇଥିଲା । ଏହି ଘଟଣାର ଦୀର୍ଘ ୧୫ ଦିନ ବିତିଯାଇଥିଲେ ମଧ ଏ ପର୍ଯ୍ୟନ୍ତ ଥାନା ଅଧିକାରୀ ଓ ତାଙ୍କର ବିଧାୟକଙ୍କ ସମର୍ଥକ ଓ ବିଡିଓଙ୍କ ବିରୁଦ୍ଧରେ କୌଣସି କାର୍ଯ୍ୟାନୁଷ୍ଠାନ ନ ହେବାରୁ ଚମେଲି ଓଝାଙ୍କ ସହ ବିଭିନ୍ନ ସଂଗଠନର କର୍ମକର୍ତ୍ତା ଓ ତାଙ୍କ ପଞ୍ଚାୟତର ମହିଳା ତାଙ୍କ ସହିତ ଜିଲ୍ଲା ଆରକ୍ଷୀ ଅଧିକ୍ଷକଙ୍କ କାର୍ଯ୍ୟାଳୟ ଆଗରେ ଧାରଣାରେ ନ୍ୟାୟ ଦାବିରେ ବସି ରହିଛନ୍ତି । ତିଖିରି ସରପଞ୍ଚ ଚମେଲି ଓଝାଙ୍କ ଅଭିଯୋଗର ପୁଙ୍ଖାନୁପୁଙ୍ଖ ଭାବେ ତଦନ୍ତ କରି ଦୋଷୀମାନଙ୍କୁ ଗିରଫ କରାଯାଇ ତାଙ୍କୁ ନ୍ୟାୟ ପ୍ରଦାନ ନ କରିବା ପର୍ଯ୍ୟନ୍ତ ଏହି ଅନଶନ ଚାଲୁ ରହିବ ବୋଲି ସେ ପ୍ରକାଶ କରିଛନ୍ତି । ତାଙ୍କର ଏହି ଗଣଧାରଣାରେ ଜିଲ୍ଲାର ବହୁ ସଂଗଠନ, ମହିଳା ସଂଗଠନ, ବୁଦ୍ଧିଜିବୀ, ସମାଜସେବୀ ତାଙ୍କୁ ସମର୍ଥନ ଜଣାଇ ଧାରଣାରେ ବସିଥିବାବେଳେ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ସୁଧାକର ସାହୁ ଘଟଣାସ୍ଥଳରେ ପହଁଚି ସରପଞ୍ଚ ଚାମେଲି ଓଝା ଓ ତାଙ୍କ ସମର୍ଥକଙ୍କ ସହ ଆଲୋଚନା କରି ଆସନ୍ତା ତିନିଦିନ ୭୨ ଘଣ୍ଟା ମଧ୍ୟରେ ଘଟଣାରେ ସଂପୃକ୍ତ ଥିବା ସମସ୍ତ ଅଭିଯୁକ୍ତଙ୍କୁ ଗିରଫ କରାଯିବ ପ୍ରତିଶ୍ରୁତି ଦେବାପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା ।

# ରାସ୍ତା ନିର୍ମାଣକୁ କେନ୍ଦ୍ରକରି ବିବାଦ
# ଦଳିତ ସମିତି ସଭ୍ୟଙ୍କୁ ମରଣାନ୍ତକ ଆକ୍ରମଣ ଅଭିଯୋଗ

ନିଶ୍ଚିନ୍ତକୋଇଲି ,(ସବ୍ୟ): ନିଶ୍ଚିନ୍ତକୋଇଲି ବ୍ଲକ କଟିକଟା ଗ୍ରାମପଞ୍ଚାୟତ ଦଳିତ ସମିତି ସଭ୍ୟ ଦିଲିପ କୁମାର କାଣ୍ଡିଙ୍କ ଉପରେ ଏକ ରାସ୍ତା ନିର୍ମାଣ ଘଟଣାକୁ କେନ୍ଦ୍ରକରି ମରଣାନ୍ତକ ଆକ୍ରମଣ କରାଯାଇଥିବାର ଥାନାରେ ଅଭିଯୋଗ ହୋଇଛି ।

ଏହି ଘଟଣାକୁ ନେଇ ସାଧାରଣରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି । ବୁଧବାର ଦିନି କଟିକଟା ଗ୍ରାମପଞ୍ଚାୟତ ଆଏଣ୍ଡା ଗ୍ରାମରେ ଏକ ରାସ୍ତା ନିର୍ମାଣ କରାଯାଉଥିଲା । ରାସ୍ତା ନିର୍ମାଣରେ ବ୍ୟାପକ ଅନିୟମିତତା ଓ ଚଞ୍ଚକତା କରାଯାଉଥିଲା ବେଳେ ରାସ୍ତା ନିର୍ମାଣରେ ବ୍ୟାପକ ଠକେଇ କରାଯାଉଥିବାରୁ କଟିକଟା ସମିତି ସଭ୍ୟ ଦିଲିପ କୁମାର କାଣ୍ଡି ଏହାର ପ୍ରତିବାଦ କରିଥିଲେ । ଏଥିରେ ପ୍ରତିହିଂସା ପରାୟଣ ହୋଇ ସ୍ଥାନୀୟ ଜଣେ ଲୋକ ପ୍ରତିନିଧିଙ୍କ ଏକାନ୍ତ ଅନୁଗତ କୁହାଯାଉଥିବା କେତେକ ବ୍ୟକ୍ତି ତାଙ୍କ ଉପରେ ମରଣାନ୍ତକ ଆକ୍ରମଣ କରିଥିବାର ଅଭିଯୋଗ ହୋଇଛି । ଶ୍ରୀ କାଣ୍ଡି ଏସମ୍ପର୍କରେ ନିଶ୍ଚିନ୍ତକୋଇଲି ଥାନାରେ ଲିଖିତ ଅଭିଯୋଗ କରିଛନ୍ତି । ଅଭିଯୋଗକୁ ଭିତି କରି ଥାନା ପୋଲିସ ତରଫରୁ ଏହି ଘଟଣାର ତଦନ୍ତ ଜାରି ରହିଛି ।

# ବିଶିଷ୍ଟ ସମାଜସେବୀ ନିରଞ୍ଜନ ସ୍ବାଇଁଙ୍କୁ ଶ୍ରଦ୍ଧାଞ୍ଜଳି



କୁଆଁପାଳ, (ସବ୍ୟ): ମାହାଙ୍ଗା ବ୍ଲକ ବିଜେଡିର ପ୍ରାକ୍ତନ ସଭାପତି ଓ ପୂର୍ବତନ ସରପଂଚ ,ବିଶିଷ୍ଟ ସମାଜସେବୀ ,କଳାନୁରାଗୀ ,ଶିକ୍ଷାନୁଷ୍ଠାନର ପ୍ରତିଷ୍ଠାତା ,ରାଜନେତା ନିରଞ୍ଜନ ସ୍ବାଇଁଙ୍କ ଦ୍ୱାଦଶାହ ଅବସରରେ କୁଆଁପାଳ ନିକଟସ୍ଥ ଜେ.ଏନ କଲେଜ ପଡିଆ ପରିସରରେ ଏକ ସ୍ମୃତି ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି। ଶିକ୍ଷାବିତ ଅଭୟ ଚରଣ ପଣ୍ଡାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ପୂର୍ବତନ ଆଇନମନ୍ତ୍ରୀ ତଥା ରାଜ୍ୟ ବିଜେଡିର ବରିଷ୍ଠ ଉପସଭାପତି ପ୍ରତାପ ଜେନା, ବିଶିଷ୍ଟ ଅତିଥି ଭାବେ ପ୍ରାକ୍ତନ ଗୃହ ଓ ଅର୍ଥ ବିଭାଗ ସଚିବ ଉପେନ୍ଦ୍ର ନାଥ ବେହେରା, ପ୍ରାଧାପକ ଡକଫର ଯୁଧିଷ୍ଠିର ଖଟୁଆ, ସାହିତ୍ୟିକ ଅଖିଳେଶ ପଦ ମହାନ୍ତି, ପ୍ରାଧାପକ ଡଃ କାର୍ତ୍ତିକ ଚନ୍ଦ୍ର ବରାଳ, ପ୍ରାଧାପକ ଡକ୍ଟର ଭୁବନାନନ୍ଦ ସାହୁ, ଡକ୍ଟର ଭାବଗ୍ରାହୀ ରାଉତ, ପ୍ରାକ୍ତନ ଅଧ୍ୟକ୍ଷ ପ୍ରତାପ ଚୌଧୁରୀ ,ନାଟ୍ୟକାର କିଶୋର ଚନ୍ଦ୍ର ଦାଶ, ପୂର୍ବତନ ବ୍ଲକ ଅଧ୍ୟକ୍ଷ କିଶୋର ସିଂହ, ସଂସ୍କୃତି ସଂଗଠକ ହୃଷିକେଶ ଲାଲ, ରାମଚନ୍ଦ୍ର ମହାପାତ୍ର, ପ୍ରାକ୍ତନ ପ୍ରଧାନଶିକ୍ଷକ ଅଲେଖ ଚନ୍ଦ୍ର ଦାସ, କୈଳାସ ଚନ୍ଦ୍ର ସ୍ବାଇଁ ପ୍ରମୁଖ କର୍ମଯୋଗୀ ନିରଞ୍ଜନ ସ୍ବାଇଁଙ୍କ ଜୀବନାଦର୍ଶ ଉପରେ ଆଲୋକପାତ କରିଥିଲେ।

ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ବ୍ଲକ ଅଧ୍ୟକ୍ଷ ରାଜକିଶୋର ଜେନା, ତ୍ରିନାଥ ଜେନା, କବି ପ୍ରଶାନ୍ତ କୁମାର କର, ପ୍ରଶାନ୍ତ କୁମାର ପଟ୍ଟନାୟକ, ନାଟ୍ୟକାର ମନୋଜ ପଣ୍ଡା, ସରପଞ୍ଚ କମଳାକାନ୍ତ ଦାଶ, ସମବାୟ ସମିତି ସଭାପତି ରଜନୀକାନ୍ତ ପରିଡା, ଅବସରପ୍ରାପ୍ତ ବ୍ୟାଙ୍କ ଅଧିକାରୀ ପଦ୍ମଲାଭ ବେହେରା, ସାମ୍ବାଦିକ ଧନେଶ୍ୱର ସେଠୀ, ଦେବଜ୍ୟୋତି ଦାସ, ଜିଲ୍ଲା ପରିଷଦ ସଭ୍ୟ ରିୟାଜୁଲ ହୋଦା, ଜିଲ୍ଲା ପରିଷଦ ସଭ୍ୟ ଜଗବନ୍ଧୁ ସେଠୀ, ସବିତା ଶତପଥି, ଗୌରାଙ୍ଗ ବେହୁରା ପ୍ରମୁଖ ସ୍ୱର୍ଗତ ସ୍ବାଇଁଙ୍କ ପ୍ରତି ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ। ପୁତ୍ର ବ୍ଲକ ବିଜେଡି କାର୍ଯ୍ୟକାରୀ ସଭାପତି ହୃଷିକେଶ ସ୍ବାଇଁ, ବୃଷକେତୁ ସ୍ବାଇଁ, ମୃତ୍ୟୁଞ୍ଜୟ ବରାଳ, ଗିରିଜା ପ୍ରସାଦ ମିଶ୍ର, ହେମନ୍ତ ବେହେରା, ରାମଚନ୍ଦ୍ର ବାରିକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଡଃ ଶ୍ୟାମାପ୍ରସାଦ ମୁଖାର୍ଜୀଙ୍କ ବଳିଦାନ ଦିବସ

ସାଲେପୁର ,(ସବ୍ୟ): ସାଲେପୁର ଭାରତୀୟ ଜନତା ପାର୍ଟି ପକ୍ଷରୁ ଚମ୍ପତି ପଞ୍ଚାୟତରେ ଡ଼ଃ ଶ୍ୟାମପ୍ରସାଦ ମୁଖାର୍ଜୀଙ୍କ ୭୩ତମ ବଳିଦାନ ଦିବସ ମଙ୍ଗଳବାର ପାଳିତ ହୋଇଯାଇଛି । କାର୍ଯ୍ୟକ୍ରମରେ କଟକ ଜିଲ୍ଲା ବିଜେପି ଗ୍ରାମୀଣ ଉପସଭାପତି ଡ଼.ହିମାଂଶୁ ମହାନ୍ତି ଅତିଥିଭାବେ ଯୋଗ ଦେଇଥିଲେ । ଏହି କାର୍ଯ୍ୟକ୍ରମରେ ମନୋଜ ବିଶ୍ୱାଳ, କାର୍ତ୍ତିକ ବେହବ, ଆଶୀର୍ବାଦ କାନୁନଗୋ, କିଶୋର ସାହୁ ଓ ଶଶିକାନ୍ତ ମହାନ୍ତି ପ୍ରମୁଖଙ୍କ ସମେତ ବହୁଗ୍ରାମ ମଣ୍ଡଳ ବିଜେପି କାର୍ଯ୍ୟକର୍ତ୍ତା ଓ ଶତାଧିକ ବିଜେପି କର୍ମୀ ଉପସ୍ଥିତ ରହି ଡ଼.ଶ୍ୟାମପ୍ରସାଦ ମୁଖାର୍ଜୀଙ୍କ ସ୍ମୃତି ଚାରଣ ପୂର୍ବକ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ । ସେହିପରି ଅଟଳ ସେନା ପକ୍ଷରୁ ରାଜ୍ୟ ସଭାପତି ଦିବାକର ପ୍ରଧାନଙ୍କ ନେତୃତ୍ୱରେ ସାଲେପୁର ବ୍ଲକ ପିକୋଲ ପଂଚାୟତ ବାରେଣୀ ଠାକୁରାଣୀଙ୍କ ପୀଠରେ ଡ଼. ଶ୍ୟାମପ୍ରସାଦ ମୁଖାର୍ଜୀଙ୍କ ବଳିଦାନ ଦିବସ ପାଳିତ ହୋଇଯାଇଛି ।

# ବିଦ୍ୟୁତ ତାର ସଂସ୍ପର୍ଶରେ ଶିଶୁର ମୃତ୍ୟୁ

ପାଣିକୋଇଲି, (ସବ୍ୟ): ପାଣିକୋଇଲି ଥାନା ଅନ୍ତର୍ଗତ ଯାଜପୁର ବ୍ଲକ ମାଳଆନନ୍ଦପୁର ପଞ୍ଚାୟତର ସଠିପୁର ଗ୍ରାମରେ ବିଦ୍ୟୁତ ତାର ସଂସ୍ପର୍ଶରେ ଆସି ଜଣେ ସାଢେ ୩ ବର୍ଷ ଶିଶୁର ମୃତ୍ୟୁ ଘଟିଛି। ଏନେଇ ଏକ ଅପମୃତ୍ୟୁ ମାମଲା ୧୫/୨୬ ରୁଜୁ କରାଯାଇ ଶବ ବ୍ୟବଚ୍ଛେଦ କରାଯାଇ ପରିବାରକୁ ହସ୍ତାନ୍ତର କରାଯାଇଛି। ଭଦ୍ରକ ଜିଲ୍ଲା ଧାମନଗର ଥାନା ବଣୁଆ ଗ୍ରାମର ରାଜୁ ମୁଣ୍ଡା ତା'ର ପରିବାର ଆସି ଯାଜପୁର ଟାଉନର ଠିକାଦାର ରଶ୍ମିରଂଜନ ସାମଲଙ୍କର ଶ୍ରମିକ ଭାବେ କାମ କରେ। ବୁଧବାର ଦିନ ସଠିପୁର ଠାରେ ଏକ ଢଳେଇ କାମ କରିବାକୁ ରାଜୁ ସପରିବାରେ ଆସିଥିଲା। ସେଠାରେ କାମ କରିବା ସମୟରେ ତାର ସାଢେ ୩ ବର୍ଷ ପୁଅ ସାଇ ମୁଣ୍ଡା ସେଠାରେ ଖେଳୁଥିଲା। ଖେଳିବା ସମୟରେ ସେ ତଳେ ପଡିଥିବା ଏକ ବିଦ୍ୟୁତ ତାର ସଂସ୍ପର୍ଶରେ ଆସିଥିଲା। ଫଳରେ ସେ ଗୁରୁତର ଆହତ ହୋଇଥିଲା। ତାକୁ ଯାଜପୁର ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିବା ବେଳେ ଡାକ୍ତର ତାକୁ ମୃତ ଘୋଷଣା କରିଥିଲେ।

# ବ୍ୟବସାୟୀଙ୍କ ମୃତ୍ୟୁରେ କୁଆଁପାଳ ବଜାର ବନ୍ଦ

କୁଆଁପାଳ ,(ସବ୍ୟ): ମାହାଙ୍ଗା ବ୍ଲକ ସଦର ମହକୁମା କୁଆଁପାଳ ବଜାରର ପୁରୁଖା ବ୍ୟବସାୟୀ ଶ୍ରୀକୃଷ୍ଣପୁର ଗ୍ରାମର ରମାନାଥ ସାହୁ (୭୪)ଙ୍କ ମୃତ୍ୟୁରେ ବୁଧବାର ଦିନ କୁଆଁପାଳ ବଜାର ବନ୍ଦ କରାଯାଇଛି। ସ୍ୱର୍ଗତ ସାହୁଙ୍କ ବିୟୋଗରେ ବଜାର କମିଟି ସଭାପତି ଜ୍ଞାନେନ୍ଦ୍ର ପ୍ରସାଦ ତ୍ରିପାଠୀ,ସଂପାଦକ ଜେୟାତିଭୂଷଣ ବିଶ୍ୱାଳ,ମା ତାରିଣି ପୂଜା କମିଟିର କର୍ମକର୍ତ୍ତା ରଞ୍ଜିତ କୁମାର ଲେଙ୍କା,ଧନେନ୍ଦ୍ର ପ୍ରସାଦ ତ୍ରିପାଠୀ,ଆଲୋକ ବାରିକ,କ୍ଷୀରୋଦ ସାହୁ,ଅମର ଜେନା,ରବିନ୍ଦ୍ର କୁମାର ସାହୁ ,ମିଟୁ ବେହେରା ,ସୁନିଲ କୁମାର ସିହ୍ନା,ଶ୍ୟାମ ସୁନ୍ଦର ସିହ୍ନା,ଯତିନ୍ଦ୍ର ବିଶ୍ୱାଳ,ପୂର୍ଣ୍ଣଚନ୍ଦ୍ର ସ୍ବାଇଁ ,ପ୍ରଫୁଲ୍ଲ ସାହୁ ,ଅନିଲ ପାଣି ପ୍ରମୁଖଙ୍କ ସମେତ କୁଆଁପାଳ ବଜାର କମିଟିର ବହୁ ସଦସ୍ୟ ଶେଷ ଦର୍ଶନ କରିବା ସହ ଶୋକସନ୍ତପ୍ତ ପରିବାର ପ୍ରତି ସମବେଦନା ଜଣାଇଥିଲେ।

# ବ୍ରାଉନସୁଗର ଜବତ : ଜଣେ ଗିରଫ

ନିଶ୍ଚିନ୍ତକୋଇଲି ,(ସବ୍ୟ): ନିଶ୍ଚିନ୍ତକୋଇଲି ଅବକାରୀ ଥାନା ଦ୍ୱାରା ୬ଲକ୍ଷ ଟଙ୍କା ମୂଲ୍ୟର ବ୍ରାଉନ ସୁଗର ଜବତ କରାଯାଇ ଜଣଙ୍କୁ ଗିରଫ କରାଯାଇଛି । । ଗିରଫ ବ୍ୟକ୍ତି ଜଣଙ୍କ ମାହାଙ୍ଗା ବ୍ଲକ ଛତର ତୋଟା ଠାରେ କଟକ ଅଂଚଳର ସେକ ଅବଦୁଲ କରିମ । ସେ ବ୍ରାଉନସୁଗର ବିକ୍ରୟ କରିବା ନିମନ୍ତେ ଆସିଥିଲା ବେଳେ ନିଶ୍ଚିନ୍ତକୋଇଲି ଅବକାରୀ ଥାନାପକ୍ଷରୁ ତା ନିକଟରୁ ୬ଲକ୍ଷ ଟଙ୍କାର ଧଳା ଜହର ସହ ଏକ ବାଇକ ଜବତ କରିଛନ୍ତି । ନିଶ୍ଚିନ୍ତକୋଇଲି ଅବକାରୀ ଥାନାରେ ଏସମ୍ପର୍କରେ ଏକ ମାମଲା ରୁଜୁ ହୋଇଛି । ପୋଲିସ ସମ୍ପୃକ୍ତ ବ୍ୟବସାୟୀକୁ ଗିରଫ କରି କୋର୍ଟ ଚାଲାଣ କରିଛି ।

# ସରକାରୀ ଜାଗାରୁ ଗଛ କାଟି ନେବା ଅଭିଯୋଗ

ନାଉଗାଁ, (ସବ୍ୟ): ଜଗତସିଂହପୁର ଜିଲ୍ଲା ନାଉଗାଁ ତହସିଲ ଅନ୍ତର୍ଗତ ଡେରିକି ରାଜସ୍ୱ ଗ୍ରାମର ଡେରିକି ପଞ୍ଚାୟତ କାର୍ଯ୍ୟାଳୟ ନିକଟରେ ଥିବା ସରକାରୀ ଯାଗାରୁ ଏକ ଚାକୁଣ୍ଡା ଗଛକୁ କେହି ଦୁର୍ବୃତ୍ତ ସୋମବାର ବିଳମ୍ବିତ ରାତିରେ କାଟି ନେଉଥିବା ଗ୍ରାମବାସୀମାନେ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି ଗ୍ରାମର ବିଶ୍ୱରଂଜନ ବିଶ୍ୱାଳ, ସିଦ୍ଧାନ୍ତ ସ୍ୱାଇଁ , ଓମପ୍ରକାଶ ସଓ୍ୱାଇଁ, ତପନ କୁମାର ଜେନା ଆଦିଙ୍କ ସ୍ୱାକ୍ଷରିତ ଅଭିଯୋଗରେ ଦର୍ଶାଇଛନ୍ତି ଯେ ଉକ୍ତ ସ୍ଥାନଟି ଡେରିକି ରାଜସ୍ୱ କାର୍ଯ୍ୟାଳୟ ନିକଟରୁ ମାତ୍ର ୧୦୦ ମିଟର ଦୂରରେ ଅବସ୍ଥିତ କିନ୍ତୁ ସେ ଗଛ କଟା କଥା ଜାଣିନ ଥିବା କହିଛନ୍ତି ଏହି ଗଛଟି ୧୦ ଫୁଟ ଗୋଲେଇ ଓ ୩୦ ଫୁଟ ଉଚ୍ଚତା ଅଟେ କାହା ନିର୍ଦ୍ଦେଶରେ ଏହି ଗଛଟି କଟାଯାଇଛି , ତାହାକୁ ତଦନ୍ତ କରାଯାଇ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଅଭିଯୋଗରେ ଦର୍ଶାଯାଇଛି ଅଭିଯୋଗ ପାଇବା ପରେ ଥାନା ପକ୍ଷରୁ କାଠକୁ ଜବତ କରାଯିବା ପରେ ଗଛ କାଟିଥିବା ଦୁର୍ବୃତ୍ତମାନଙ୍କୁ ଏ ପର୍ଯ୍ୟନ୍ତ ଧରାଯାଇନାହିଁ ଏହି ଅଭିଯୋଗ ଉପରେ ତଦନ୍ତ ଜାରି ରହିଥିବା ଥାନାଧୀକାରୀ ଦେବାଶିଷ ପଣ୍ଡା ସୂଚନା ଦେଇଛନ୍ତି ଉକ୍ତ ଘଟଣାରେ କୁଜଙ୍ଗ ବନ ବିଭାଗ ପକ୍ଷରୁ ବନାଧୀକାରୀଙ୍କ ନିର୍ଦ୍ଦେଶକ୍ରମେ ଏପିଏସ ସଞ୍ଜୟ ପଲାଇ ଓ ଜୟୀରାମ ବିଶ୍ୱାଳଙ୍କ ସମେତ ଡେରିକି ରାଜସ୍ୱ ନିରୀକ୍ଷକ ରୁପାଲୀ ସାମନ୍ତରାୟ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଜାରିରଖିଥିବା ଜଣାପଡିଛି ।

# ଓଜେସି ପକ୍ଷରୁ ନବକୃଷ୍ଣ ଚୌଧୁରୀଙ୍କ ଶ୍ରାଦ୍ଧୋତ୍ସବ ପାଳିତ




ଚଣ୍ଡିଖୋଲ,(ସବ୍ୟ): ବଡ଼ଚଣାର ପ୍ରଥମ ବିଧାୟକ ତଥା ରାଜ୍ୟର ପ୍ରଥମ ମୁଖ୍ୟମନ୍ତ୍ରୀ ବିଶିଷ୍ଟ ସ୍ୱାଧିନତା ସଂଗ୍ରାମୀ ସ୍ୱର୍ଗତ ନବକୃଷ୍ଣ ଚୌଧୁରୀଙ୍କ ୪୨ତମ ଶ୍ରାଦ୍ଧୋତ୍ସବ ପାଳନ ଅବସରରେ ଓଡିଶା ଜନତା କଂଗ୍ରେସ ପକ୍ଷରୁ ବଡଚଣାରେ ଆୟୋଜିତ ଓଡ଼ିଶା ଜନତା କଂଗ୍ରେସ (ଓଜେସି) ପକ୍ଷରୁପାଳନ କରାଯାଇଛି । ସଭାରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଓଜେସି ପ୍ରତିଷ୍ଠାତା ମହମ୍ମଦ ମୋକିମ ସ୍ୱର୍ଗତ ଚୌଧୁରୀଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରି ତାଙ୍କ ତ୍ୟାଗପୂତ ଜୀବନ ସମ୍ପର୍କରେ ଅବତାରଣା କରିଥିଲେ ।ଦଳର ବଡଚଣା ବ୍ଲକ ସଭାପତି ସୁରେଶଚନ୍ଦ୍ର ସାହାଣୀଙ୍କ ଅଧ୍ୟକ୍ଷତାରେ ଅରଖପୁର ଶ୍ୟାମସୁନ୍ଦର ଜୀଉ କଲ୍ୟାଣ ମଣ୍ଡପ ପରିସରରେ ଏହି ସଭା ଆୟୋଜିତ ହୋଇଥିଲା । ପ୍ରଥମେ ବୃକ୍ଷ ରୋପଣ କାର୍ଯ୍ୟକ୍ରମ ଆରମ୍ଭ ହୋଇ ପରେ ସଭା କାର୍ଯ୍ୟ ଅନୁଷ୍ଠିତ ହୋଇଥିଲା । ତାଙ୍କ ମୁଖ୍ୟମନ୍ତ୍ରି ସମୟରେ ଜମିଦାରୀ ପ୍ରଥାର ଉଚ୍ଛେଦ, ଗଣତନ୍ତ୍ରର ବିକେନ୍ଦ୍ରୀ କରଣ, ଓଡ଼ିଆ ଭାଷା ଆଇନ ପ୍ରଣୟନ ହେବା ସହ ସେ ଭୂଦାନ ଆନ୍ଦୋଳନର ପ୍ରବକ୍ତା ଥିଲେ ବୋଲି ସଭାରେ ଯୋଗଦେଇଥିବା ବକ୍ତାମାନେ ମତରଖିଥିଲେ । ଏହି ସଭାରେ ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ସଂଯୋଜକ ବିଦ୍ୟାଧର ମହାନ୍ତି,ପୂର୍ବତନ ଯାଜପୁର ଜିଲ୍ଲା ପରିଷଦ ଅଧ୍ୟକ୍ଷା ରଞ୍ଜିତା ରାଉତ, ସଂଜୟ ରାୟ, ପ୍ରଦୀପ ଧଳ, ଦିଲ୍ଲୀପ ରାଉତ,ଅଶୋକ ଶାନ୍ତି, ସୁଜି ସ୍ୱାଇଁ, ଶୁଭେନ୍ଦୁ ମଲ୍ଲିକ, ମନୋରଞ୍ଜନ ନାୟକ, ନିକୁଞ୍ଜ ପଶାୟତ, ସୁଧିର ସ୍ୱାଇଁ, ପ୍ରଦୀପ ପ୍ରଧାନ, ସଂଗ୍ରାମ ରାୟ, ପ୍ରମୁଖ ଯୋଗଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ । ଶେଷରେ ସଞ୍ଜୟକୁମାର ରାୟ ଧନ୍ୟବାଦ ଅର୍ପଣ କରିଥିଲେ ।

# ମଦ ଜବତ : ବେପାରୀ ଗିରଫ

ପାଣିକୋଇଲି, (ସବ୍ୟ): ପେଟ୍ରୋଲିଂସମୟରେ ଚୋରା ମଦ ବିକ୍ରିର ଖବର ପାଇ ପାଣିକୋଇଲି ପୁଲିସ ପକ୍ଷରୁ ସବଇନ୍ସପେକଟର ସୁମିତ କୁଜୁର ସଦଳବଳେ ଚଡାଉ କରିଥିଲେ। ଯାଜପୁର ବ୍ଲକ ମାଳଆନନ୍ଦପୁର ପଂଚାୟତର ମାଧପୁର ଗ୍ରାମ ଛକ ଠାରେ ମଦ ବିକ୍ରି କରୁଥିବା ବେଳେ ଜଣେ ବ୍ୟକ୍ତିଙ୍କୁ ମଦ ସହ ଧରିବାରେ ସକ୍ଷମ ହୋଇଥିଲେ। ମାଧପୁର ଗ୍ରାମର ଚକ୍ରଧର ସାହୁ(୫୨) କୁ ଧରିବା ସହ ତା ନିକଟରୁ ଏକ ବ୍ୟାଗରେ ଥିବା ୨୫ ବୋତଲ ଆସ୍କା ୪୦(୫ଲିଟର) ଜବତ କରାଯାଇଥିଲା। ତାକୁ ଥାନାକୁ ଆଣିବା ପରେ ଏକ ମାମଲା ୨୪୬/୨୬ ରୁଜୁ କରାଯିବା ସହ ୫୨(ଏ) ଓଡିଶା ଏକ୍ସସାଇଜ ଆକଟରେ ଗିରଫ କରାଯାଇଛି।

# ବ୍ଲକସ୍ତରୀୟ ଜାତି ଜନଜାତି ସମ୍ବାଦ ବୈଠକ

ନାଉଗାଁ, (ସବ୍ୟ): ନାଉଗାଁ ବ୍ଲକ କାର୍ଯ୍ୟାଳୟ ପକ୍ଷରୁ ଏବଂ ଓଡ଼ିଶା ସରକାରଙ୍କ ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ, ସଂଖ୍ୟାଲଘୁ ଓ ପଛୁଆ ବର୍ଗ କଲ୍ୟାଣ ବିଭାଗ ନିର୍ଦ୍ଦେଶକ୍ରମେ ବ୍ଲକ କାର୍ଯ୍ୟାଳୟର ଜ୍ୟୋତି ଫେଡେରେସନ ସଭା ଗୃହ ପରିସରରେ ବୁଧବାର ବ୍ଲକସ୍ତରୀୟ ଜାତି ଜନଜାତି ସମ୍ବାଦ ବୈଠକ ଅନୁଷ୍ଠିତ ହୋଇଯାଇଛି । ବ୍ଲକ ଜନମଙ୍ଗଳ ସଂପ୍ରସାରଣ ଅଧିକାରୀ ସେ । ରଜିତ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ରାଜ୍ୟ ସରକାରଙ୍କ ଦ୍ୱିତୀୟ ବାର୍ଷିକ ପୂର୍ତ୍ତି ଅବସରରେ ବିକାଶର ଧାରା ଓଡ଼ିଶା ସାରା କାର୍ଯ୍ୟକ୍ରମକୁ ମୁଖ୍ୟ ଅତିଥି



ଭାବେ ବିଡିଓ ନିରଞ୍ଜନ ପରିଡା ଯୋଗ ଦେଇ ଉଦଘାଟନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଶିକ୍ଷାବି ସୁକାନ୍ତ ଲେଙ୍କା, ଶିକ୍ଷାବି ନିରଞ୍ଜନ ମହାନ୍ତି, ସିଆରସିସି ଅକ୍ଷୟ ରାଉତ ପ୍ରମୁଖ ଯୋଗ ଦେଇଥିଲେ । କାର୍ଯ୍ୟକ୍ରମର ଆଭିମୁଖ୍ୟ ଉପରେ ବ୍ଲକ ଜନମଙ୍ଗଳ ସଂପ୍ରସାରଣ ଅଧିକାରୀ ମହାପାତ୍ର ବିଶଦ ଭାବେ ଆଲୋଚନା କରିଥିଲେ । ଏହି କାର୍ଯ୍ୟକ୍ରମରେ ଅନୁସୂଚିତ ଜାତିର ୧୭ଜଣ କଳାକାରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା ।

ଏତଦବ୍ୟତୀତ ଚଳିତ ମାଟ୍ରିକ ପରୀକ୍ଷା ଏ-୧ରେ ଉତ୍ତୀର୍ଣ୍ଣ ହୋଇଥିବା ଛାତ୍ରଛାତ୍ରୀ, ଯୁକ୍ତ ଦୁଇ କଳା, ବିଜ୍ଞାନ ଓ ବାଣିଜ୍ୟ ବିଭାଗରେ ସର୍ବାଧିକ ନମ୍ବର ଓ ଅନୁସୂଚିତ ଜାତିର ସର୍ବାଧିକ ନମ୍ବର ରଖିଥିବା ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା ।

# ଯୁବ ସାମ୍ବାଦିକଙ୍କ ବିୟୋଗରେ ଶ୍ରଦ୍ଧାଞ୍ଜଳି ସଭା

ମାହାଙ୍ଗା (ସବ୍ୟ): ମାହାଙ୍ଗା ବ୍ଲକର ବରାହିପୁର ପଂଚାୟତର ମଣିଯୋରୀ ସ୍ଥିତ ସହିତ ଭବନ ପରିସରରେ ମାହାଙ୍ଗା ବୁଦ୍ଧିଜୀବି ସାରସ୍ୱତ ସେବା ସଂଗଠନ ମଣିଯୋରୀର ଆନୁକୂଲ୍ୟରେ ଯୁବସାମ୍ବାଦିକ ସ୍ୱର୍ଗତ ଦୀପକ କୁମାର ସାହୁଙ୍କ ସ୍ମୃତି ଶ୍ରଦ୍ଧାଞ୍ଜଳୀ ସଭା ଗବେଷକ ଡଃ ଏକାଦଶୀ ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି ।ଏହି ଶ୍ରଦ୍ଧାଞ୍ଜଳି ସଭାରେ ଅବସରପ୍ରାପ୍ତ ଅଧ୍ୟକ୍ଷ ପ୍ରାଧାପକ ଡଃ ଜନାର୍ଦ୍ଦନ ରାଉତ, ପ୍ରାକ୍ତନ ପ୍ରଧାନଶିକ୍ଷକ ପୂର୍ଣ୍ଣଚନ୍ଦ୍ର ନାୟକ,ଡଃ ଭାବଗ୍ରାହୀ ରାଉତ,ଦ୍ୱିତୀୟଭଞ୍ଜ ସାହିତ୍ୟସଂସ୍କୃତି ସଂସଦର ସଂପାଦକ ଗୌତମ ଚରଣ ଜେନା, ସ୍ତମ୍ଭକାର ବିବେକାନନ୍ଦ ଦାସ,କଲ୍ଲୋଳ ଚନ୍ଦ୍ର ମହାନ୍ତି, ହରିବନ୍ଧୁ ରାଉତ,ଶୈଳେନ୍ଦ୍ର ଶେଖର ସାହୁ, ଆଶୁକବି ବିଜୟ କୁଅଁର ପ୍ରମୁଖ ଯୋଗଦେଇ ସ୍ୱର୍ଗତ ଦୀପକ ସାହୁଙ୍କ ସଂପର୍କରେ ଆଲୋକପାତ କରିବା ସହ ମାହାଙ୍ଗା ଅଂଚଳରେ ସମ୍ବାଦର ସାମ୍ବଦିକ ଭାବେ କାର୍ଯ୍ୟକରି ସେ ବହୁ ସୁନାମ ଅର୍ଜନ କରି ମତବ୍ୟକ୍ତି କରିଥିଲେ । ତାଙ୍କ ବିୟୋଗରେ ମାହାଙ୍ଗା ଅଂଚଳ ଜଣେ ନିର୍ଭୀକ ସାମ୍ବାଦିକକୁ ହରାଇଲା ବୋଲି ବକ୍ତାମାନେ ନିଜଭାଷଣରେ ଉପସ୍ଥାପନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଶରତ ଚନ୍ଦ୍ର ରାଉତ, ଅନନ୍ତ ମହାରଣା, ରାଜକିଶୋର ମହାନ୍ତି, ରମେଶ ଚନ୍ଦ୍ର ସାହୁ ସରୋଜ କୁମାର ସାହୁ, ଶୁଭସ୍ମିତା ବେହେରା,ରବିନ୍ଦ୍ରନାଥ ବେହେରା, ଉଷାରାଣୀ ଦାସ ପ୍ରମୁଖ ଅଂଶଗ୍ରହଣ କରି ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ । ଏହି ଶ୍ରଦ୍ଧାଞ୍ଜଳି ସଭାରେ ବହୁ ଶିକ୍ଷାବିତ୍ , ବୁଦ୍ଧିଜୀବି ଓ ଜନସାଧାରଣ ଅଂଶଗ୍ରହଣ କରିଥିଲେ ।

# ବିକାଶ ଧାରା ଓଡିଶା ସାରା କାର୍ଯ୍ୟକ୍ରମ

ଜଗତସିଂହପୁର, (ସବ୍ୟ) : ଆଦିକବି ଶାରଳା ଦାସ ସଂସ୍କୃତି ଭବନ ଠାରେ ଜଗତସିଂହପୋର ପୌରପାଳିକ ପକ୍ଷରୁ ବିକାଶ ଧାରା ଓଡିଶା ସାରା କାଯର୍ଯକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ଜ୍ୟୋତି ଶଙ୍କର ରାୟ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଓଡିଶା ସରକାରଙ୍କ ବିଭିନ୍ନ ଜନ ମଙ୍ଗଳ ଯୋଜନା ଯଥା ସୁଭଦ୍ରା ଯୋଜନା, ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ଖାଦ୍ୟ ସୁରକ୍ଷା ଆଇନ, ପ୍ରଧାନମନ୍ତ୍ରୀଙ୍କ ପି.ଏମ. ସ୍ୱନିଧି ଯୋଜନା, ମୁଖ୍ୟମନ୍ତ୍ରୀ ଅନ୍ନପୂର୍ଣ୍ଣା ଯୋଜନା ସଂପକର୍ରେ ଉପସ୍ଥିତ ଜନସାଧାରଣଙ୍କ ନିକଟରେ ଆଲୋଚନା କରିବା ସହିତ ସମସ୍ତ ଯୋଜନା ଜନତାଙ୍କ ହିତ



ନିମନ୍ତେ କରାଯାଇଥିବାରୁ ରାଜ୍ୟ ସରକାରଙ୍କୁ ଧନଯବାଦ ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଅତିଥି ଭାବେ ଜଗତସିଂହପୁର ପୌର ପରିଷଦର ଅଧ୍ୟକ୍ଷା ଅର୍ଚ୍ଚନା ସିଂହ ଯୋଗ ଦେଇ ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନରେ ଜଗତସିଂହପୁର ପୌର ପରିଷଦର ମଧ୍ୟବିତ ପରିବାର ବହୁସଂଖ୍ୟାରେ ଉପକୃତ ହେବା ସହିତ ଅନେକ ଉନ୍ନତି ମୁଳକ କାଯ୍ୟ ହାତକୁ ନେବାର ପ୍ରକାଶ କରିଥିଲେ। ପୌର ଉପାଧ୍ୟକ୍ଷ ରାଜେନ୍ଦ୍ର କୁମାର ବିଶୋୟୀ ଅତିଥି ଭାବରେ ଯୋଗ ଦେଇ ସରକାରଙ୍କ ବିଭିନ୍ନ ଯୋଜନାର ସଫଳତା ବିଷୟରେ ଆଲୋଚନା କରିଥିଲେ।

ପୌର ନିର୍ବାହୀ ଅଧିକାରୀ ସଂଦୀପ ସିଂହ ସ୍ୱାଗତ ଭାଷଣ ସହିତ ଅତିଥି ପରିଚୟ ପ୍ରଦାନ କରିଥିଲେ। ଅନ୍ୟ ସମ୍ମାନନୀୟ ଅତିଥି ଭାବରେ ପୌର ପରିଷଦ ୩ ନମ୍ବର ୱାର୍ଡର ପାରିଷଦ ଜୟନ୍ତି ମହାଲି ,୪ ନମ୍ବର ୱାର୍ଡର ସୋନାଲି ସିଂହ ,୭ ନମ୍ବର ୱାର୍ଡର ଗୋଲାମ ଅଲ୍ଲି ଖାଁ ,୮ ନମ୍ବର ୱାର୍ଡର କିରଣକାନ୍ତି ଦାସ, ୯ ନମ୍ବର ୱାର୍ଡର ଜଗତାନନ୍ଦ ପଢିହାରୀ ,୧୧ ନମ୍ବର ୱାର୍ଡର ଧିରା ଦାଶ , ୧୨ ନମ୍ବର ୱାର୍ଡର ପ୍ରଭାତୀ ସାହୁ, ୧୫ ନମ୍ବର ୱାର୍ଡର ମନୋଜ ମହାନ୍ତି, ୧୬ ନମ୍ବର ୱାର୍ଡର ଅନାମ ଚରଣ ସେଠୀ, ୧୯ ନମ୍ବର ୱାର୍ଡର କ୍ରିନସିପ୍ରିୟା ପରିଡ଼ା, ୨୦ ନମ୍ବର ୱାର୍ଡର ଦୀପ୍ତି ରଞ୍ଜନ ସାହୁ, ଏବଂ ୨୧ ନମ୍ବର ୱାର୍ଡର ସାଗରୀକା ଦାଶ ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମେର ୫ ଜଣ ବି.ଏଲ. ଓଙ୍କୁ ସମ୍ମାନୀତ କରାଯାଇଥିଲା। ଶେଷରେ ସୁଦର୍ଶର୍ନ ଭୋଇ ଧନ୍ୟବାଦ ଅର୍ପଣ କରିଥିଲେ।

## କୃଷି ବିଜ୍ଞାନ କେନ୍ଦ୍ରରେ ଜିଲ୍ଲାସ୍ତରୀୟ ଜୈବିକ କୃଷି କର୍ମଶାଳା

ଚଣ୍ଡିଖୋଲ,(ସବ୍ୟ) : ଯାଜପୁର ଜିଲ୍ଲାର ବଡ଼ଚଣା ସ୍ଥିତ କୃଷି ବିଜ୍ଞାନକେନ୍ଦ୍ର ପରିସରରେ ସମ୍ମିଳନୀ କକ୍ଷରେ ଜୈବିକ କୃଷି ଉପରେ ଏକ ଜିଲ୍ଲା ସ୍ତରୀୟ କର୍ମଶାଳା ବୁଧବାର ଦିନ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲା କୃଷି ଅଧିକାରି ସୁରେଶଚନ୍ଦ୍ର ମଲ୍ଲିକଙ୍କ ଅଧ୍ୟକ୍ଷତା ଓ ଯାଜପୁର କୃଷି ଅଧିକାରିଙ୍କ ସଂଚଳନାରେ ଅନୁଷ୍ଠିତ ଏହି କର୍ମଶାଳାରେ ମୁଖ୍ୟ ଅତିଥି ଭାବେ ଯାଜପୁର ସାଂସଦ ଡ଼. ରବିନାରାୟଣ ବେହେରା ଯୋଗଦେଇ ଜୈବିକ କୃଷି ପ୍ରତି ଚାଷିମାନେ ଯନିବାନ ହେବାକୁ ଆହଓ୍ୱାନ କରିବା ସହିତ ଗ୍ରାମାଂଚଳରେ ଅଧିକ ପ୍ରସାର ପ୍ରଚାର କରାଗଲେ ଚାଷିମାନେ ସଚେତନ ହୋଇପାରନ୍ତେ ବୋଲି କହିଥିଲେ । ସମ୍ମାନିତ ଅତିଥି ଭାବେ ବିଧାୟକ ଅମର କୁମାର ନାୟକ ଯୋଗଦେଇ ଆମେ କେବଳ କେଭିକେ ପରିସରରେ ବସି ଏକଘଣ୍ଟିଆ କୃଷି କାର୍ଯ୍ୟକ୍ରମ କରିଦେଲେ ତାହା ଚାଷୀ ସଚେତନ ହୋଇପାରିବେ ନାହିଁ ବୋଲି କହିବା ସହିତ ଗାଁ ଗୁଡିକରେ କୃଷି ବିଭାଗ ପକ୍ଷରୁ ଏହି କୃଷି ସଚେତନତା କରାଗଲେ ଏଥିରେ ଚାଷିମାନେ ପ୍ରକୃତରେ ସଚେତନ ହୋଇପାରିବେ ବୋଲି ନିଜର ମତ ରଖିଥିଲେ । ବଡ଼ଚଣା କୃଷି ଅଧିକାରି କହିପାରିବେ କି ଆମ ବଡ଼ଚଣା ବ୍ଲକର କେତୋଟି ଗାଁରେ ଏହି କୃଷି ସଚେତନତା କଲେଣି । ଯଦି ଆମେ ପ୍ରକୃତରେ କୃଷକ ଙ୍କୁ କୃଷି ଉପରେ ସଚେତନ କରିବା ତେବେ ପ୍ରତି ଗାଁରେ ଏପରି କାର୍ଯ୍ୟକ୍ରମ କରିବା ଆବଶ୍ୟକ ରହିଛି ବୋଲି କହିଥିଲେ । ପ୍ରାକୃତିକ ଚାଷ ପ୍ରଣାଳୀ, ମୃତ୍ତିକା ସଓ୍ୱାସ୍ଥ୍ୟ ପରିଚାଳନା, କୃଷି ବିଦ୍ୟାନିଧି ଯୋଜନା, ଶ୍ରୀ ଅର୍ଣ୍ଣ ଯୋଜନା, ମୁଖ୍ୟମନ୍ତ୍ରୀ କୃଷି ଯୋଜନା ଆଦି ଅନେକ ଯୋଜନା ଉପରେ ଆଲୋଚନା ହୋଇଥିଲା ।ଏହି କର୍ମଶାଳାରେ ଜିଲ୍ଲାର ବିଭିନ୍ନ ବ୍ଲକରୁ ଏକଶହ ରୁ ଉର୍ଦ୍ଧ୍ୱର୍ ଚାଷୀ ଯୋଗଦେଇ ପ୍ରଶକ୍ଷଣ ନେଇଥିଲେ ଝ ଏହି ଜିଲ୍ଲାସ୍ତରୀୟ କୃଷି କର୍ମଶାଳାରେ ଅନ୍ୟତମ ଅତିଥି ଭାବେ ଧର୍ମଶାଳା କୃଷି ଅଧିକାରି ସରୋଜ ଗିରି, ଯାଜପୁର କୃଷି ଅଧିକାରି ପିୟୁଷ ପଲ୍ଲ ପରିଡା, କୃଷି ଜିଲ୍ଲା ଅଧିକାରି ଭବାନି ଶଙ୍କର ମିଶ୍ର,ଜିଲ୍ଲା ବିଜେପି କୃଷକ ମୋର୍ଚ୍ଚା ସଭାପତି ସଚ୍ଚିକାନ୍ତ ବଳସାମନ୍ତ, ବୈଜ୍ଞାନିକ ଲଳିତ କୁମାର ମହାନ୍ତି, ବଡ଼ଚଣା ବ୍ଲକ କୃଷି ଅଧିକାରି ରାତିକାନ୍ତ ସେଠୀ ଯୋଗଦେଇଥିଲେ । ପରେ ସନ୍ଧ୍ୟା ପର୍ଯ୍ୟନ୍ତ କୃଷି କର୍ମଶାଳା ଅନୁଷ୍ଠିତ ହୋଇଥିଲା ଏବଂ କୃଷକ ମାନେ ଅନେକ ଉପାଦେୟ ତଥ୍ୟ ସଂଗ୍ରହ କରିଥିଲେ ।

# ବିଦ୍ୟୁତ ଆଘାତରେ ଯୁବକଙ୍କ ମୃତ୍ୟୁ ନେଇ ତୁମୁଳକାଣ୍ଡ : ଡାକ୍ତରଙ୍କୁ ଆକ୍ରମଣ



ଗୋପ,(ସବ୍ୟୁ): ବିଦ୍ୟୁତ ଆଘାତରେ ଯୁବକଙ୍କ ମୃତ୍ୟୁକୁ ନେଇ ଗୋପ ହସ୍ପିଟାଲରେ ତୁମୁଳକାଣ୍ଡ, ଡାକ୍ତରଙ୍କୁ ଆକ୍ରମଣ,ଘଟଣାର ତଦନ୍ତ କରୁଛି ଗୋପ ପୋଲିସ, ଏବେବି ଗୋପ ସ୍ୱାସ୍ଥ୍ୟକେନ୍ଦ୍ରରେ ଚାପା ଉତେଜନା ଲାଗିରହିଥିବା ବେଳେ ପୋଲିସ ଛାଉଣୀ ହୋଇଛି ସ୍ୱାସ୍ଥ୍ୟକେନ୍ଦ୍ର। ଗୋପ ଥାନା ଅନ୍ତର୍ଗତ ଓଡ଼ମ୍ବା ଗ୍ରାମର ସୁବାସ ସ୍ୱାଇଁ ନିଜ ବାରି ପଛପଟେ ବିଦ୍ୟୁତ କାମ କରୁଥିବା ବେଳେ ଅସାବଧାନତା ବଶତଃ ସର୍ଭିସ ତାର ଲାଗି ରହିଥିଲା ।ତେବେ ଖୁଣ୍ଟରୁ ପରିବାର ଲୋକେ ତାର କାଢ଼ିବା ପରେ ଗୁରୁତର ଅବସ୍ଥାରେ ପରିବାର ଲୋକେ ଓ ଗ୍ରାମବାସୀ ମାନେ ଗୋପ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣି ଥିଲେ ମଧ ଡାକ୍ତର ଶୁଭମ ଜ୍ୟୋତି ଦାଶ ମୃତ ଘୋଷଣା କରିଥିଲେ।ପରିବାର ଲୋକେ ଓ ଗ୍ରାମବାସୀ ମାନେ ସୁବାଷଙ୍କ ମୃତ୍ୟୁକୁ ସହଜରେ ଗ୍ରହଣ ନକରି ଡାକ୍ତର ଙ୍କ ସହିତ ଯୁକ୍ତି ତର୍କ କରିବା ସହିତ ସାଲାଇନ ଲଗାଇବାକୁ କହିଥିଲେ ।ସାଲାଇନ ନଦିବାରୁ ଡାକ୍ତରଙ୍କୁ ଗାଳି ଗୁଲଜ କରିବା ସହିତ ମାଡ ମାରି ମୃତ ଯୁବକଙ୍କୁ ଏକ ଡାଲା ଅଟୋରେ ନେଇ ଯାଉଥିବା ବେଳେ ଗୋପ ଆଇଆଇସି ଦୁର୍ଗାଚରଣ ମହାପାତ୍ର ଅଟୋକୁ ଅଟକାଇ ୧୦୮ ଆମ୍ବୁଲାନ୍ସରେ କ୍ୟାପିଟାଲ ହସପିଟାଲ ପଠାଇଥିଲେ ମଧ ସେଠାରେ ଡାକ୍ତର ମୃତ ଘୋଷଣା କରି ଭୁବନେଶ୍ୱର କ୍ୟାପିଟାଲ ଥାନାରେ ଏକ ଅପମୃତ ମାମଲା ରୁଜୁ ହୋଇଛି।ତେବେ ଡାକ୍ତର ଶୁଭମ ଜ୍ୟୋତି ଦାଶ କହିଛନ୍ତି ମୃତକଙ୍କ ଦାଦାଙ୍କ ସହିତ ଆଠରୁ ଦଶ ଜଣ ସମ୍ପର୍କୀୟ ମାନେ ଅସଭ୍ୟ ଭାଷାରେ ଗାଳି ଗୁଲଜ କରିବା ସହିତ ଆକ୍ରମଣ କରିଥିଲେ।ତେବେ ଡାକ୍ତର ଙ୍କ ଅଭିଯୋଗ କ୍ରମେ ଗୋପ ପୋଲିସ ଘଟଣାର ତଦନ୍ତ କରୁଥିବା ଆଇଆଇସି ଦୁର୍ଗାଚରଣ ମହାପାତ୍ର କହିଛନ୍ତି।

# ସୁଭଦ୍ରା ଶକ୍ତି ସମାବେଶରେ ମହିଳାଙ୍କ ସ୍ୱାବଲମ୍ବନର ଝଲକ

ଫୁଲନଖରା ,(ସବ୍ୟୁ): :କଟକ ସଦର ଥାନା ଅନ୍ତର୍ଗତ ହରିଅନ୍ତା ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ରାଜ୍ୟ ସରକାରଙ୍କ ଜନକଲ୍ୟାଣମୂଳକ ଯୋଜନା ଓ ବିକାଶମୂଳକ କାର୍ଯ୍ୟଧାରାକୁ ଜନସାଧାରଣଙ୍କ ନିକଟରେ ପହଞ୍ଚାଇବା ଉଦ୍ଦେଶ୍ୟରେ 'ବିକାଶର ଧାରା ଓଡ଼ିଶା ସାରା' କାର୍ଯ୍ୟକ୍ରମ ଉତ୍ସାହ ଓ ଆଡ଼ମ୍ବରର ସହ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ପଞ୍ଚାୟତ ଅଞ୍ଚଳର ବହୁ ସଂଖ୍ୟକ ଜନସାଧାରଣ, ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ ସଦସ୍ୟା, ହିତାଧିକାରୀ ଓ ସରକାରୀ ଅଧିକାରୀମାନେ ଯୋଗଦେଇ କାର୍ଯ୍ୟକ୍ରମକୁ ସଫଳ କରିଥିଲେ। ପଞ୍ଚାୟତ ଉନ୍ନୟନ ଅଧିକାରୀ ସଞ୍ଜୟ ରାଉତରାୟଙ୍କ ଅଧକ୍ଷତାରେ ଆୟୋଜିତ ସଭାରେ ବିଧାୟକଙ୍କ ପ୍ରତିନିଧି ଧୀରେନ୍ଦ୍ର ବାରିକ ଏବଂ ହରିଅନ୍ତା ଗ୍ରାମ ପଞ୍ଚାୟତର ସରପଞ୍ଚ ପଦ୍ମିନୀ ପ୍ରଧାନ ଅତିଥି ଭାବେ ଯୋଗଦେଇ ସରକାରଙ୍କ ବିଭିନ୍ନ ଜନହିତକର ଯୋଜନା ସମ୍ପର୍କରେ ଆଲୋକପାତ କରିଥିଲେ। ବିଧାୟକଙ୍କ ପ୍ରତିନିଧି ତାଙ୍କ ବକ୍ତବ୍ୟରେ ଗ୍ରାମାଞ୍ଚଳର ବିକାଶ, ମହିଳା ସଶକ୍ତିକରଣ, ସ୍ୱାସ୍ଥ୍ୟ ସେବା ଓ ସାମାଜିକ ସୁରକ୍ଷାକୁ ପ୍ରାଥମିକତା ଦେଇ ସରକାର ବିଭିନ୍ନ ଯୋଜନା କାର୍ଯ୍ୟକରୀ କରୁଛନ୍ତି ବୋଲିପ୍ରକାଶ କରିଥିଲେ । ଏହି ଅବସରରେ ନୂତନ ଭାବେ ଚୟନ ହୋଇଥିବା ବହୁ ହିତାଧିକାରୀଙ୍କୁ ଭତ୍ତା ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମର ଅନ୍ୟତମ ଆକର୍ଷଣ ଥିଲା ସ୍ୱସ୍ଥ୍ୟ ସେବା ଶିବିର। ସେହିପରି ସୁଭଦ୍ରା ଶକ୍ତି ସମାବେଶ କାର୍ଯ୍ୟକ୍ରମ ମଧ ଅନୁଷ୍ଠିତ ହୋଇଥିଲା। ହରିଅନ୍ତା ଗ୍ରାମ ପଞ୍ଚାୟତସ୍ତରୀୟ ମହାସଂଘର ସଭାନେତ୍ରୀ କବିତା ସାହୁ ଓ ସମ୍ପାଦିକା ପ୍ରତିମା ଭୋଇଙ୍କ ନେତୃତ୍ୱରେ ଶତାଧିକ ସ୍ୱୟଂ ସହାୟିକା ଗୋଷ୍ଠୀର ମହିଳାମାନେ ଯୋଗଦେଇ ନିଜ ହାତରେ ପ୍ରସ୍ତୁତ ବିଭିନ୍ନ ସାମଗ୍ରୀ ପ୍ରଦର୍ଶନ କରିଥିଲେ। କାର୍ଯ୍ୟକ୍ରମରେ ଗୌରାଙ୍ଗ ଚରଣ ପ୍ରଧାନ, ବିଜୟ କୁମାର ପ୍ରଧାନ, ସୁଜିତ କୁମାର ଜେନା, ବିନାୟକ ବେହେରା, ବୈଦ୍ୟନାଥ ଜେନା, ଧନେଶ୍ୱର ଖଟୁଆ, ଗଙ୍ଗାଧର ଭୋଇ, ସୁକାନ୍ତ କୁମାର ପଟ୍ଟନାୟକ, ପ୍ରସନ୍ନ କୁମାର ବେହେରା, କନୌଜ ସ୍ୱାଇଁ ଓ ଅଶ୍ୱିନୀ ସାମନ୍ତରାୟ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସହଯୋଗ କରିଥିଲେ। ଶେଷରେ ହରିଅନ୍ତା ଗ୍ରାମ ପଞ୍ଚାୟତର ଏମ.ବି.କେ. ଲିପ୍ସାରାଣୀ ମହାନ୍ତି ଓ ପଞ୍ଚାୟତ ଏଡିଇଓ କିରଣ ଚନ୍ଦ୍ର ସାହୁ ଶିବିର ପରିଚାଳନା କରିଥିବା ବେଳେ ସମସ୍ତ ଆଶାକର୍ମୀ, ଅଙ୍ଗନୱାଡି କର୍ମୀ ଓ ସମସ୍ତ ସି ଆର୍. ପି ଉପସ୍ଥିତ ରହି ସହଯୋଗରେ କାର୍ଯ୍ୟକ୍ରମଟି ସଫଳତାର ସହ ସମାପ୍ତ ହୋଇଥିଲା।

# ଚାରିଛକ ପ୍ରେସ କ୍ଲବର ନୂତନ କର୍ମ କର୍ତ୍ତା ନିର୍ବାଚନ



ନିମାପଡା,(ସବ୍ୟୁ): ଚାରିଛକ ପ୍ରେସ କ୍ଲବର କର୍ମକର୍ତ୍ତା ନିର୍ବାଚନ ଆଜି ନିକଟସ୍ଥ ମା ବିଳାଶୁଣୀ କଲ୍ୟାଣ ମଣ୍ଡପ ପରିସରରେ ଅନୁଷ୍ଠିତ ହୋଇଯାଇଛି । ଏହି ନିର୍ବାଚନରେ ପ୍ରେସ କ୍ଲବର ସଭାପତି ଭାବେ ପ୍ରଫୁଲ୍ଲ କୁମାର କର,ସାଧାରଣ ସଂପାଦକ ଭାବେ ଡଃ କେଦାରନାଥ ସାହୁ,ଉପ-ସଭାପତି ଭାବେ ବସନ୍ତ କୁମାର ଦାସ,କାର୍ଯ୍ୟକାରୀ ସଭାପତି ଶିଶିର କୁମାର ସ୍ୱାଇଁ,ସହ ସଂପାଦକ ଭାବେ ସନ୍ତୋଷ କୁମାର ଦାସ ଓ ସୁବାସ ଚନ୍ଦ୍ର ସାହୁ,ସଂଗଠନ ସଂପାଦକ ଭାବେ ବିଜୟ କୁମାର ବେହେରା,ମିଡିଆ ସେଲ ସଂଯୋଜକ ଭାବେ ବସନ୍ତକୁମାର ମଲ୍ଲ ,କାର୍ଯ୍ୟକାରୀ ସଦସ୍ୟଭାବେ ପ୍ରଫୁଲ୍ଲ କୁମାର ସାହୁ ଓ ପୂର୍ଣ୍ଣଚନ୍ଦ୍ର ମହାପାତ୍ରଙ୍କୁ ମନୋନୀତ କରାଯାଇଛି । ଶିକ୍ଷାବିତ୍ ତଥା ପ୍ରେସ କ୍ଲବର ଉପଦେଷ୍ଟା ଡଃ ସନ୍ତୋଷ କୁମାର ମିତ୍ର ନିର୍ବାଚନ ପରିଚାଳନା କରିଥିବା ବେଳେ ପ୍ରାକ୍ତନ ଆଇଆରଏସ୍ ଚନ୍ଦ୍ରକାନ୍ତ ଦଳାଇ,ପ୍ରଫେସର ଗୋପୀନାଥ କର,ସମାଜସେବୀ ତଥା କ୍ଲବର ଉପଦେଷ୍ଟା ସନାତନ ପାତ୍ର, କୃଷ୍ଣଚନ୍ଦ୍ର ରାଉତ,ବନ ବିହାରୀ ଦାଶ ପ୍ରମୁଖ ଏଥିରେ ସହଯୋଗ କରିଥିଲେ । ଆଜିର ନିର୍ବାଚନରେ ଆଇନଜୀବୀ ସରୀତାଜଂଳୀ ନାୟକ,ଆଇନ୍‌ଜୀବୀ ରଜନୀକାନ୍ତ ତ୍ରିପାଠୀ,ଉପଦେଷ୍ଟା ପଣ୍ଡିତ ମୂରଲୀଧର ଭାରତୀ,କାହ୍ନୁ ଚରଣ ବେହେରା, ମାନସ କୁମାର ସାହୁ ,ଅର୍ଜୁନ ପାତ୍ର,ଅଧିନ ପାତ୍ର,ଶିଶିର କୁମାର ନାୟକ,ବରିଷ୍ଠ ସାମ୍ବାଦିକ ସନ୍ତୋଷ କୁମାର ଦାଶ, ବସ' କୁମାର ନାୟକ,ଯୁବ ସାମ୍ବାଦିକ ରାଜେଶ ଲେଙ୍କା,ଶଶୀକା' ତ୍ରିପାଠୀ,କୈଳାଶ ଚନ୍ଦ୍ର ପାତ୍ର,ବିନୋଦ କୁମାର ପ୍ରଧାନ,ମୃତ୍ୟୁଂଜୟ ମହାପାତ୍ର,ଦେବାଶିଷ ନାୟକ,ସୁଦର୍ଶନ ବେହେରା,ଅଜୟ କୁମାର ମଲ୍ଲିକ ପ୍ରମୁଖ ଯୋଗ ଦେଇଥିଲେ । ନବ ନିର୍ବାଚିତ ପ୍ରତିନିଧିମାନଙ୍କୁ ପ୍ରେସ କ୍ଲବ ତରଫରୁ ସ୍ୱାଗତ କରାଯାଇଥିଲା । ପ୍ରେସ କ୍ଲବ କିଭଳି ଆଗକୁ ବଢିବ ଏବଂ ଖବର ସଂଗ୍ରହ ବେଳେ ସଂଘର ସଭ୍ୟମାନଙ୍କ ଯେ କୌଣସି ବିପଦ ସମୟରେ କର୍ମକର୍ତ୍ତା ମାନେ ଆଗକୁ ସାହାର୍ଯ୍ୟ ସହଯୋଗର ହାତ ବଢାଇବେ ସେଥିପ୍ରତି ଅଧିକ ଯନ୍‌ବାନ ହେବେ ବୋଲି ନବନିର୍ବାଚିତ କର୍ମକର୍ତ୍ତା ମାନେ ପ୍ରତିଶୃତି ଦେଇଥିଲେ ।

# ବିପୁଳ ପରିମାଣର ଗଞ୍ଜେଇ ଜବତ , ଜଣେ ଗିରଫ

ଆଠଗଡ ,(ସବ୍ୟୁ):ଆଠଗଡ଼ ଅଞ୍ଚଳରେ ଚୋରା ଗଞ୍ଜେଇ,ମଦ,, ବ୍ରାଉନ ସୁଗାର ଆଦି ବ୍ୟବସାୟ ଖୁଲମଖୁଲା ଭାବେ ଚାଲିଛି। ଫଳ ରେ ଚୋରି, ଡକାୟତି ହିଂସା ଆଦି ବୃଦ୍ଧି ପାଉଛି ଫଳରେ ସାଧାରଣ ଲୋକ ମାନେ ଘରୁ ବାହାରକୁ ଆସିବାପାଇଁ ଭୟ କରୁଛନ୍ତି। ଜିଲ୍ଲା ବାହାରୁ ଆସୁଥିଲା ଗଞ୍ଜେଇ। ଆଠଗଡ ରେ ଠୁଳ ହୋଇ ବାହାରକୁ ଚାଲାଣ ହେଉଥିଲା। ଖବର ପାଇ ମାଡି ବସିଲା ସ୍ୱତନ୍ତ୍ର ଟାସ୍କ ଫୋର୍ସ। କିନ୍ତୁ ଟେର ପାଉନି ଅବକାରୀ ବିଭାଗ ଆଉ ପୋଲିସ ପ୍ରଶାସନ।।ଆଠଗଡ ଥାନା ଅନ୍ତର୍ଗତ କନ୍ଦରପୁର କୁଣ୍ଡ ମୁଣ୍ଡିଆ ନିକଟସ୍ଥ ଜଙ୍ଗଲ ଭିତରୁ ୧ କିଣ୍ଟାଲ ୯୨ କେଜି ୭୫୦ ଗ୍ରାମ ଗଞ୍ଜେଇ ଜବତ କରିଛି ସତନ୍ତ୍ର ଟାକ୍ସ ଫୋର୍ସ।୧୧ ଟି ଜରି ବସ୍ତାରେ ଭର୍ତ୍ତି ହୋଇ ରହିଥିବା ଏହି ଗଞ୍ଜେଇ କୁ ଜଗି ରହିଥିବା କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ଅଞ୍ଚଳ ର ଖଗେଶ୍ୱର କହଁର ଙ୍କ ପୁଅ ନିଳାମ୍ବର କହଁର କୁ ଗିରଫ କରି ଥିବା ଜଣାପଡିଛି। ତେବେ ଘଟଣାସ୍ଥଳରୁ ମୁଖ୍ୟ ମାଫିଆ ଫେରାର ହୋଇ ଯାଇଥିବା ବେଳେ ଆଠଗଡ଼ ଅତିରିକ୍ତ ତହସିଲଦାର ତଥା ମାଜିଷ୍ଟ୍ରେଟ ତପନ କୁମାର ପରିଡ଼ା ଙ୍କ ଉପସ୍ଥିତି ରେ ଜବତ ଗଞ୍ଜେଇ ବସ୍ତା ଗୁଡ଼ିକ ସିଲ କରା ଯାଇଥିବା ଜଣାପଡିଛି। ତେବେ ଗତ କିଛି ଦିନ ଧରି ଆଠଗଡ଼ ଅଞ୍ଚଳରେ ଚୋରା ମଦ ସହିତ ଗଞ୍ଜେଇ କାରବାର ବୃଦ୍ଧି ପାଉଥିବା ବେଳେ ଫୁଲବାଣୀ କନ୍ଧମାଳ ଏମିତି କି ମାଲକାନଗିରି ଅଞ୍ଚଳ ରୁ ଚୋରା ଗଞ୍ଜେଇ ଆସି ଆଠଗଡ଼ ରେ ଠୁଳ ହୋଇ ଏଠାରୁ ଜିଲ୍ଲା ବାହାର କୁ ଚୋରା ଚାଲାଣ ହେଉଥିବା ଅଭିଯୋଗ ହେଉଛି। ଆଠଗଡ଼ ପୋଲିସ ଠାରୁ ଆରମ୍ଭ କରି ଅବକାରୀ ବିଭାଗର ଅପାରଗତା କାରଣରୁ ଚୋରା ନିଶା କାରବାର ଖବର ସ୍ୱତନ୍ତ୍ର ଟାସ୍କ ଫୋର୍ସ ପାଖରେ ପହଞ୍ଚିପାରୁଛି କିନ୍ତୁ ବିଭାଗ ପାଖରେ ପହଞ୍ଚିପାରୁନି।

# ବିଜେଡିର ବିଶାଳ ମହିଳା ସମାବେଶ



ବାଲିପାଟଣାଳ(ସବ୍ୟୁ): ଶନିବାର ପୂର୍ବାହ୍ନ ରେ ବାଲିପାଟଣା ବ୍ଲକ କାର୍ଯ୍ୟାଳୟ ଆଗରେ ବିଜେଡି ମହିଳା ସମାବେଶ ଅନୁଷ୍ଠିତହୋଇଯାଇଚି । ନାରୀ ଅଧିକାର ଅଭିଯାନ କାର୍ଯ୍ୟକ୍ରମରେ ପୂର୍ବତନ ଜିଲ୍ଲା ପରିଷଦ ସଦସ୍ୟା ଭାଗ୍ୟଲକ୍ଷ୍ମୀ ମିଶ୍ର ଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକମର ପୂର୍ବତନ ମନ୍ତ୍ରୀ ତଥା ରାଜ୍ୟ ମହିଳା ଶାଖାର ମୁଖ୍ୟ ସ୍ନେହାଙ୍ଗିନୀ ଛୁରିଆ,ରାଜ୍ୟସଭା ସାଂସଦ ସୁଲତା ଦେଓ,ଭୁବନେଶ୍ୱର ମ୍ୟୁନିସିପାଲ କର୍ପୋରେସନ ମେୟର ସୁଲୋଚନା ଦାସ,ଭାଇସ ଚେୟାରମେନ ଭାରତୀ ସିଂହ, ରାଜ୍ୟ ବିଜୁ ଯୁବ ଜନତା ସଭାନେତ୍ରୀ ଇପ୍ସିତା ସାହୁ,ପୂର୍ବତନ ସରପଞ୍ଚ ସତ୍ୟଭାମା ବେହେରା ପ୍ରମୁଖ ଉଦବୋଧନ ଦେଇ ସ୍ଥାନୀୟ ବିଧାୟକଙ୍କ କାର୍ଯ୍ୟକଳାପକୁ ଘୋର ନିନ୍ଦା କରିଥିଲେ।ଏହି କାର୍ଯ୍ୟକ୍ରମରେ ବିଜୁ ଜନତା ଦଳର ଜୟଦେବ ର୍ନିବାଚନ ମଣ୍ଡଳୀ ପ୍ରଭାରୀ ବିଧାୟକ ଅନନ୍ତ ନାରାୟଣ ଜେନା ମଧ ଉପସ୍ଥିତ ଥିଲେ। ସମାବଶେ ପ୍ରଦର୍ଶନ ପରେ ବିଡିଓଙ୍କ ମାଧମରେ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକ ପତ୍ର,ବିଜୁ ଜନତା ଦଳ ମହିଳା ଶାଖା ତରଫରୁ ପ୍ରଦାନ କରାଯାଇଥିଲା।ବିଜେଡିର ସ୍ଥାନୀୟ ନେତା ପୂର୍ବତନ ସଭାପତି ପ୍ରତାପ କେଶରୀ ନାୟକ, ବରିଷ୍ଠ ନେତା ଦୁର୍ଗା ନନ୍ଦନ ମିଶ୍ର , ଜିଲ୍ଲା ପରିଷଦ ସଭ୍ୟ ମଙ୍ଗରାଜ ବେହେରା,ପୂର୍ବତନ ସଭ୍ୟ ଦିଲ୍ଲୀପ ବଳିୟାରସିଂହ,ପୂର୍ବତନ ବ୍ଲକ ଅଧକ୍ଷ ତ୍ରିବିକ୍ରମ ଦାଶ, ପୂର୍ବତନ ସରପଞ୍ଚ ସୌମ୍ୟ ରଞ୍ଜନ ମହାନ୍ତି,ମିର ନାସିର ଅଲ୍ଲୀ, ବିନେସ ନାୟକ,ସଦାଶିବ ଦାଶ,ବାବୁରାମ ମଲ୍ଲିକ ଓ ନାରୀନେତ୍ରୀ ବବିତା ବେହେରା,ଜ୍ୟୋସ୍ନାରାଣୀ ଭୋଳ,ହରପ୍ରିୟା ଭୋଳ,ସାଗରିକା ବେହେରା,ମମତା ପାଳ ,ନୟନା ମଲ୍ଲିକ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ମହିଳାଙ୍କୁ ଅସଦାଚରଣ ମାମଲା ଆସାମୀକୁ ଜେଲ ଦଣ୍ଡାଦେଶ ସହ ଜରିମାନା

ବାଲୁଗାଁ , (ସବ୍ୟୁ): ବିଳମ୍ବିତ ରାତ୍ରିରେ ଘରେ ପଶି ଜଣେ ମହିଳାଙ୍କୁ ଅସଦାଚରଣ ଏବଂ ମାଡ଼ ମାରିବା ଭଳି ଏକ ସମ୍ବେଦନଶୀଳ ମାମଲାର ବିଚାର କରି ଚିଲିକା ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ଯୁଧିଷ୍ଠିର ଦଳେଇ ସମ୍ପୃକ୍ତ ଅଭିଯୁକ୍ତଙ୍କୁ ଭାରତୀୟ ନ୍ୟାୟ ସଂହିତା ଧାରା ୪୪୮ ଅନୁଯାୟୀ ୬ମାସ ଜେଲଦଣ୍ଡ ଏବଂ ୧ ହଜାର ଟଙ୍କା ଜରିମାନା, ଅନାଦେୟ ଅତିରିକ୍ତ ୧୫ ଦିନ ଜେଲ ଦଣ୍ଡ ଭୋଗିବା ପାଇଁ ଆଦେଶ ଦେଇଛନ୍ତି । ସେହିପରି ଧାରା ୩୫୪ ଅନୁଯାୟୀ ୨ ବର୍ଷ ଜେଲ ଦଣ୍ଡ ସହ ୧୦ ହଜାର ଟଙ୍କା ଜରିମାନା ଏବଂ ଅନାଦେୟ ଅତିରିକ୍ତ ୪ ମାସ ଜେଲ ଦଣ୍ଡ ଭୋଗିବାକୁ ପଡିବ ବୋଲି ରାୟରେ ଉଲ୍ଲେଖ କରିଛନ୍ତି ବିଚାରପତି । ଅଭିଯୁକ୍ତ ହେଲେ ଖୋର୍ଦ୍ଧା ଜିଲ୍ଲା ଟାଙ୍ଗୀ ଥାନା ଅଧିନ ହାଟବରଡ଼ି ଗ୍ରାମର ଲିପୁନି ବେହେରା (୨୭) ।ର କାଳୁରୀ ବେହେରା କୌଣସି କାର୍ଯ୍ୟରେ ବାହାରକୁ ଯାଇଥିବା ବେଳେ ଉକ୍ତ ରାତ୍ରିରେ ପତ୍ନୀ ବିଳାସୀ ଓ ପିଲାମାନେ ଘରେ ଶୋଇଥିଲେ । ବିଳମ୍ବିତ ରାତ୍ରି ପ୍ରାୟ ୨ ଘଟିକା ସମୟରେ ଉକ୍ତ ଗ୍ରାମର ଲିପୁନି ବେହେରା ହଠାତ ଘରେ ପଶି ବିଳାସୀଙ୍କୁ ଅସଦାଚରଣ କରିବା ସହ ଟଣା ଓଟରା କରିଥିଲା । ବିଳାସୀ ପ୍ରତିବାଦ କରିବାରୁ ଲିପୁନି ବିଭିନ୍ନ ଧମକ ଚମକ ଦେଇଥିଲା । ପାଟି ଶୁଣି ବ ପୁଅ ଉଠି ପଡିବାରେ ଲିପୁନିର ମାଡ଼ରେ ତାର ମୁଣ୍ଡ ଫାଟିଯାଇଥିଲା । ଏହା ପରେ ପିଲାମାନଙ୍କ କନ୍ଦାକଟା ଓ ଚିତ୍କାର ଶୁଣି ପଡୋଶୀ ଉଠିପ ଲିପୁନି ସେଠାରୁ ଖସି ପଳାଇଥିଲା । ଖବର ପାଇ ତହିଁ ଆର ଦିନ କାଳୁରୀ ଘରକୁ ଫେରି ସମସ୍ତ ଘଟଣା ଶୁଣିବା ପରେ ଏ ସମ୍ପର୍କରେ ଟାଙ୍ଗୀ ଥାନାରେ ଲିଖିତ ଅଭିଯୋଗ କରିଥିଲେ । ଅଭିଯୋଗକୁ ଭିତ୍ତି କରି ଟାଙ୍ଗୀ ପୋଲିସ ୭୪୨/୨୦୨୩ ରେ ଏକ ମାମଲା ରୁଜୁ କରିଥିଲା ଝ ପରବର୍ତ୍ତୀ ସମୟରେ ଚିଲିକା ପ୍ରଥମ ଶ୍ରେଣୀ ବିଚାରବିଭାଗୀୟ ଅଦାଲତରେ ଏହି ମାମଲାଟି ବିଚାରଧୀନ ଥିଲା । ମାଜିଷ୍ଟ୍ରେଟ ଯୁଧିଷ୍ଠିର ଦଳେଇ ସମସ୍ତ ସାକ୍ଷ୍ୟ ପ୍ରମାଣ ଆଧାରରେ ବୁଧବାର ଉପରୋକ୍ତ ରାୟ ଶୁଣାଇଛନ୍ତି । ସରକାରଙ୍କ ପକ୍ଷରୁ ଆଇନଜୀବୀ ପ୍ରଦୀପ୍ତ କୁମାର ନନ୍ଦ ଏହି ମାମଲା ପରିଚାଳନା କରୁଥିଲେ।

# ରାଷ୍ଟ୍ରପତିଙ୍କୁ ଅପମାନ ଜନକ ମନ୍ତବ୍ୟ ଦେଇ ଗିରଫ



କଣାସ,(ସବ୍ୟୁ) :ପୁରୀ ଜିଲ୍ଲା କଣାସ ବ୍ଲକ ବଡାଲ ପଞ୍ଚାୟତ ବଡ଼ଓରା ଗ୍ରାମର ପ୍ରଶାନ୍ତ ସାହୁ ଭାରତର ରାଷ୍ଟ୍ରପତି ଶ୍ରୀମତୀ ଦ୍ରୌପଦୀ ମୁର୍ମୁ ଓ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ବିରୋଧରେ ଅପମାନଜନକ, ଅଶ୍ଳୀଳ ଏବଂ ଆପତ୍ତିଜନକ ମତାମତ ପ୍ରକାଶ କରାଯାଇଥିବା ଅଭିଯୋଗ ହୋଇଥିଲା । ଏହାସହିତ କିଛି ବ୍ୟକ୍ତି ତାଙ୍କ ଏହି ଅପତ୍ତିଜନକ ମନ୍ତବ୍ୟକୁ ବିରୋଧ କରିବାରୁ ପ୍ରଶାନ୍ତ ସାହୁ ସେମାନଙ୍କୁ ଧମକ ଦେଇଥିଲେ। ବଡଓରା ଗ୍ରାମର ମାନସ ଲେଙ୍କା ରାଜ୍ୟ ବାହାରେ ରହୁଥିବା ବେଳେ ତାଙ୍କୁ ଫୋନ ଯୋଗେ ହତ୍ୟା କରିବା ସହିତ ଗାଁକୁ ଫେରିଲେ ଘରେ ନିଆଁ ଲଗାଇ ଦେବେ ବୋଲି ଧମକ ଦେଇଥିବା ନେଇ ଗଡିଶାଗଦା ଥାନାରେ ଜିତେନ୍ଦ୍ର ମଙ୍ଗରାଜଙ୍କ ଦ୍ୱାରା ଏକ ଲିଖିତ ଅଭିଯୋଗ ଦାଖଲ କରାଯାଇଥିଲା। ଅଭିଯୋଗ ପାଇବା ପରେ ଗଡିଶାଗୋଦା ପୁଲିସ ତତ୍‌କ୍ଷଣାତ୍ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଥିଲା। ତଦନ୍ତ ପରେ ଅଭିଯୁକ୍ତ ପ୍ରଶାନ୍ତ ସାହୁଙ୍କୁ ଖୋର୍ଦ୍ଧା ଜିଲ୍ଲା ଟାଙ୍ଗୀ ଥାନା ଅନ୍ତର୍ଗତ ଭୋଗରା ଗ୍ରାମରୁ ଗିରଫ କରାଯିବା ସହ ଘଟଣା ସମ୍ପର୍କରେ ଅଧିକ ତଦନ୍ତ ଜାରି ରହିଛି ବୋଲି ଥାନା ଅଧିକାରୀ ସାନ୍ତନୁ କୁମାର ପ୍ରଧାନ ସୂଚନା ଦେଇଛନ୍ତି ।ଏନେଇ ଗଡିଶାଗୋଦା ଥାନା ପକ୍ଷରୁ କେସ ନମ୍ବର ୧୪୮/୨୬ରେ ରୁଜୁ ମାମଲା ରୁଜୁ କରାଯାଇଛି ।

24001/234/2627

## ଓଡ଼ିଶା ସରକାର
## କେନ୍ଦୁଝର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ
## ଅଧିସୂଚନା

ନଥି ସଂ–IX(A)-04/2026 280 ତା–09/06/2026

ଯେହେତୁ ଓଡ଼ିଶା ସରକାରଙ୍କୁ ପ୍ରତୀତ ହେଉଅଛି କି, ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଘାଗରାନାଳର ପୁନରୁଦ୍ଧାର ପ୍ରକଳ୍ପ ନିମନ୍ତେ ସରକାର (**Appropriate Government**) ସରକାରୀ ବ୍ୟୟରେ ମୌଜା–ବଳଦୁଆଁ, ଥାନା–ଆନନ୍ଦପୁର, ତହସିଲ–ଆନନ୍ଦପୁର, ଜିଲ୍ଲା– କେନ୍ଦୁଝରରେ ନିମ୍ନ ତଫସିଲ ମତେ ପ୍ରାୟ ଏ ୨.୩୮ ରକବା ଭୂମି ଅର୍ଜନ କରିବା ଆବଶ୍ୟକ ହେଉଅଛି ।

ତେଣୁ ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ **(RFCTLAR&R Act-2013)** ର ୧୧(୧) ଧାରାରେ ଭାରପ୍ରାପ୍ତ ହୋଇ ସରକାର (**Appropriate Government**) ଏତଦ୍ୱାରା ନିମ୍ନ ଅନୁସୂଚୀରେ ପ୍ରଦତ୍ତ ଜମି ଅଧିଗ୍ରହଣ ପାଇଁ ପ୍ରାରମ୍ଭିକ ଅଧିସୂଚନା ଜାରି କରାଯାଉଛି ।

ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ ର ଧାରା ୧୧(୧) ଧାରା ଅନୁଯାୟୀ ଘୋଷିତ ଏହି ପ୍ରାରମ୍ଭିକ ଅଧିସୂଚାଟି ଏଥି ସହିତ ସମ୍ପୃକ୍ତ ସମସ୍ତ ପାଇଁ ପ୍ରଯୁଜ୍ୟ ଅଟେ ।

ଯଦି ସମ୍ପୃକ୍ତ ଜମିର କୌଣସି ସ୍ୱତ୍ୱାଧିକାରୀ / ଜମି ମାଲିକ ଭୂମି ଅଧିଗ୍ରହଣ ଅଧିସୂଚନା ସମ୍ପର୍କିତ ଅଧିସୂଚିତ ଜମିର ଉପଯୋଗିତା, ରକବା ଏବଂ ସାର୍ବଜନୀନ ଉଦ୍ଦେଶ୍ୟର ଔଚିତ୍ୟ ବିଷୟରେ କୌଣସି ଆପତ୍ତି ଥାଏ, ସେ ଉକ୍ତ ପ୍ରାରମ୍ଭିକ ଅଧିସୂଚନା ପ୍ରକାଶନର ୬୦ ଦିନ ମଧ୍ୟରେ ସମ୍ପୃକ୍ତ ଜିଲ୍ଲାପାଳଙ୍କ ନିକଟରେ ଲିଖିତ ଆକାରରେ ଅଭିଯୋଗ କରିପାରିବେ ।

### ପ୍ରକଳ୍ପ ସମ୍ବନ୍ଧୀୟ ବିବରଣୀ

୧. ସାର୍ବଜନୀନ ଉଦ୍ଦେଶ୍ୟର ସ୍ୱରୂପ– ଘାଗରାନାଳର ପୁନରୁଦ୍ଧାର ପ୍ରକଳ୍ପ ନିମନ୍ତେ ।
୨. ଜମି ଆବଶ୍ୟକ କରୁଥିବା ସଂସ୍ଥାର ନାମ – ଅଧିକ୍ଷଣ ଯନ୍ତ୍ରୀ, ଡ୍ରେନେଜ ଡିଭିଜନ, ଭଦ୍ରକ ।
୩. କ୍ଷତିଗ୍ରସ୍ତ ଲୋକଙ୍କ ବିସ୍ଥାପନ ଆବଶ୍ୟକତାର କାରଣ : ଘାଗରାନାଳର ପୁନରୁଦ୍ଧାର ପ୍ରକଳ୍ପ ନିମନ୍ତେ ।
୪. ସାମାଜିକ ପ୍ରଭାବ ମୂଲ୍ୟାୟନର ସାରାଂଶ : ଉକ୍ତ ପ୍ରକଳ୍ପ ପାଇଁ ପ୍ରଯୁଜ୍ୟ ନୁହେଁ ।
୫. ପୁନର୍ବାସ ଓ ଥଇଥାନ ପାଇଁ ନିଯୁକ୍ତ ପ୍ରଶାସକଙ୍କ ବିବରଣୀ : ଉପ ଜିଲ୍ଲାପାଳ, ଆନନ୍ଦପୁର ।

| ଜିଲ୍ଲା | ତହସିଲ | ଗ୍ରାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନଂ | ପ୍ଲଟ୍ ନଂ | ପ୍ଲଟର ମୋଟ ରକବା | ଅଧିସୂଚିତ ଜମିର ରକବା | ରୟତ୍‌ର ନାମ |
|---|---|---|---|---|---|---|---|---|
| କେନ୍ଦୁଝର | ଆନନ୍ଦପୁର | ବଳଦୁଆଁ | ଗ୍ରାମାଞ୍ଚଳ | ସଂଲଗ୍ନ | ସଂଲଗ୍ନ | ୧୪,୧୮୦ | ୨.୩୮୦ | ସଂଲଗ୍ନ |
| | | | | | ମୋଟ | ୧୪,୧୮୦ | ୨.୩୮୦ | |

ଉକ୍ତ ଅଧିସୂଚିତ ଜମି ରକବା ମଧ୍ୟରୁ ଏ ୦.୦୦ ସଂରକ୍ଷିତ ସରକାରୀ ଜମି ପ୍ରଦିବଦଳ ପାଇଁ ଉଦ୍ଦିଷ୍ଟ ।
ଉକ୍ତ ଭୂମିର ଏକ ନକ୍ସା ଭୂ-ଅର୍ଜନ ଅଧିକାରୀ, ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, କେନ୍ଦୁଝରରେ କାର୍ଯ୍ୟ ଦିବସମାନଙ୍କରେ ଦେଖିବାକୁ ମିଳିପାରିବ ।
ଉକ୍ତ ଅଧିସୂଚନା ଅନ୍ତର୍ଭୁକ୍ତ କୌଣସି ଜମିର କ୍ରୟ, ବିକ୍ରୟ, ହସ୍ତାନ୍ତର (ଦେଣ ନେଣ) କିମ୍ବା ଦାୟ ସୃଷ୍ଟି କେନ୍ଦୁଝର ଜିଲ୍ଲାପାଳଙ୍କ ପୂର୍ବାନୁମୋଦନ ବିନା କରାଯାଇପାରିବ ନାହିଁ ।

ରାଜ୍ୟପାଳଙ୍କ ଆଦେଶକ୍ରମେ
ସ୍ୱା/- ବିଶାଳ ସିଂ
ଜିଲ୍ଲାପାଳ, କେନ୍ଦୁଝର

### ଭୂମି ଅନୁସୂଚୀ

ପ୍ରକଳ୍ପର ନାମ - ଘାଗରାନାଳର ପୁନରୁଦ୍ଧାର ପ୍ରକଳ୍ପ ନିମନ୍ତେ ଜମି ଅଧିଗ୍ରହଣ
ମୌଜା-ବଳଦୁଆଁ, ଥାନା ନଂ-୧୨୧, ଥାନା-ଆନନ୍ଦପୁର, ତହସିଲ-ଆନନ୍ଦପୁର, ଜିଲ୍ଲା-କେନ୍ଦୁଝର

| କ୍ରମିକ ନଂ | ଖତିୟାନ ନଂ | ପ୍ରଜା ର ନାମ ଓ ଠିକଣା | ପ୍ଲଟ ନଂ | କିସମ | ମୋଟ ରକବା | ଅର୍ଜନ ରକବା |
|---|---|---|---|---|---|---|
| ୧ | ୧୩ | କଲ୍ୟାଣୀ ଖଣ୍ଡା, ସା–ନୃସିଂହ ଖଣ୍ଡା ଜା–ଗୋଲା, ବା–ନିଜଗାଁ | ୧୬୨ | ବଗାୟତ ତିନି | ୦.୦୮୦ | ୦.୦୮୦ |
| ୨ | ୨୩ | କାହ୍ନୁ ଚରଣ ଦାସ, ପି–ଛୁଇଁ ଦାସ ଜା–ବଙ୍ଗାଳି, ବା–ଫକିରପୁର | ୯୯ | ବିଆଳି | ୦.୭୦୦ | ୦.୦୮୦ |
| ୩ | ୩୨ | ଗୟାଧର ମଣ୍ଡଳ, ପି– କଙ୍ଗାଳି ମଣ୍ଡଳ ଜା–ଗୋଲା, ବା–ନିଜଗାଁ | ୩୯୦/ ୧୧୩୬ | ଶାରଦ ତିନି | ୦.୩୨୦ | ୦.୦୧୦ |
| ୪ | ୩୪ | ଗୟାଧର ଦାସ, ନାଣ୍ଟୁ ଦାସ, କେଶନିଧି ଦାସ, ଅପର୍ତି ଦାସ, ପି– ଦୁରୁକୁ ଦାସ, ଜା–ଗୋଲା, ବା–ନିଜଗାଁ | ୫୬୯ | ଶାରଦ ତିନି | ୦.୬୦୦ | ୦.୦୨୦ |
| | | | ୫୮୬ | ଶାରଦ ତିନି | ୦.୬୬୦ | ୦.୦୨୦ |
| | | | ୫୪୪ | ବିଆଳି ଦୋଫସଲି | ୦.୪୩୦ | ୦.୦୩୦ |
| ୫ | ୪୫ | ଗୋପିନାଥ ନାଏକ, ନୁକିଆ ନାଏକ, ମନୁଆ ନାଏକ, ବାସୁଆ ନାଏକ, ପି–ବୈସିମ ନାଏକ, ଜା–ଭୂୟାଁ, ବା–ଖଡିପାଳ | ୪୦୪ | ଶାରଦ ତିନି | ୦.୫୯୦ | ୦.୦୭୦ |
| | | | ୪୦୫ | ବିଆଳି | ୦.୯୦ | ୦.୦୩୦ |
| ୬ | ୫୨ | ଗୌରାଙ୍ଗ ଦାସ, ପି–କାର୍ତିକ ଦାସ, ଗୋଲଖ ଦାସ, ଫକିର ଚରଣ ଦାସ, ଚକ୍ରଧର ଦାସ, ଚକ୍ରଧର ଦାସ, ପି– ଧରଣିଧର ଦାସ, କହ୍ନୁ ଚରଣ ଦାସ, ପି–ବୁଧି ଦାସ, ଜା–ଗୋଲା, ବା–ନିଜଗାଁ | ୪୬୪ | ବାଜେଫସଲ ଏକ | ୦.୦୯୦ | ୦.୦୯୦ |
| | | | ୪୬୦/ | ବଗାୟତ ଦୁଇ | ୦.୦୮୦ | ୦.୦୪୦ |
| ୭ | ୫୬ | ଚନ୍ଦ୍ରମଣି ଖଣ୍ଡା, ପି–ଭାବନ ଖଣ୍ଡା ଜା–ଗୋଲ, ବା–ନିଜଗାଁ | ୪୦୯ | ଶାରଦ ଦୁଇ | ୦.୦୩୦ | ୦.୦୩୦ |
| | | | ୪୧୦ | ଶାରଦ ଦୁଇ | ୦.୦୩୦ | ୦.୦୩୦ |
| | | | ୪୧୧ | ଶାରଦ ଦୁଇ | ୦.୦୩୦ | ୦.୦୩୦ |
| | | | ୪୧୨ | ଶାରଦ ଦୁଇ | ୦.୦୯୦ | ୦.୦୧୦ |
| ୮ | ୬୮ | ଦିନବନ୍ଧୁ ଖଣ୍ଡା, ପି– ଚିନ୍ତା ଖଣ୍ଡା, ଜା–ଗୋଲ, ବା–ନିଜଗାଁ | ୪୨୦ | ଶାରଦ ଦୁଇ | ୦.୩୦୦ | ୦.୦୧୦ |
| | | | ୪୦୮ | ବିଆଳି ଦୋଫସଲି | ୦.୨୪୦ | ୦.୦୫୦ |
| ୯ | ୭୪ | ଦୁରୁକୁ ଦାସ, ପି– ହାଡି ଦାସ, ଜା–ଗୋଲ, ବା–ନିଜଗାଁ | ୪୩୫/ ୧୨୨୧ | ଶାରଦ ଦୁଇ | ୦.୧୪୦ | ୦.୦୭୦ |
| | | | ୪୬୬ | ବାଜେଫସଲ ଏକ | ୦.୦୫୦ | ୦.୦୫୦ |
| | | | ୪୪୭ | ବାଜେଫସଲ ଏକ | ୦.୧୧୦ | ୦.୦୬୦ |
| ୧୦ | ୭୮ | ନବିନ ଖଣ୍ଡା, ପି–ମାଗୁଣି ଖଣ୍ଡା ଜା–ଗୋଲା, ବା–ନିଜଗାଁ | ୪୧୩ | ଶାରଦ ଦୁଇ | ୦.୧୫୦ | ୦.୦୨୦ |
| | | | ୪୨୧ | ଶାରଦ ଦୁଇ | ୦.୦୫୦ | ୦.୦୫୦ |
| ୧୧ | ୮୧ | ନାଥ ଦାସ, ପି–ହାଡି ଦାସ ଜା–ଗୋଲା, ବା–ନିଜଗାଁ | ୪୬୧ | ବିଆଳି ଦୋଫସଲି | ୦.୦୬୦ | ୦.୦୬୦ |
| | | | ୪୭୦ | ବାଜେଫସଲ ଏକ | ୦.୩୦୦ | ୦.୦୧୦ |
| ୧୨ | ୮୫ | ନିଧି ସାହୁ, ପି– ଅପର୍ତି ସାହୁ, ଜା–ବଣିଆ, ବା–ନିଜଗାଁ | ୫୬୨ | ଶାରଦ ତିନି | ୦.୧୨୦ | ୦.୦୨୦ |
| ୧୩ | ୮୬ | ନିଧି ଦାସ, ପି–ବାସୁ ଦାସ, ଜା–ଗୋଲା, ବା–ନିଜଗାଁ | ୪୬୩ | ବାଜେଫସଲ ଏକ | ୦.୦୪୦ | ୦.୦୪୦ |
| | | | ୪୬୫ | ବାଜେଫସଲ ଏକ | ୦.୦୧୦ | ୦.୦୧୦ |
| | | | ୪୬୦/ ୧୧୬୮ | ବଗାୟତ ଦୁଇ | ୦.୦୨୦ | ୦.୦୧୦ |
| ୧୪ | ୯୩ | ଫଟୁ ବେହେରା, ପି– ରତନ ବେହେରା ଜା–ଗୋଲା, ବା–ନିଜଗାଁ | ୩୭୩ | ଶାରଦ ତିନି | ୦.୨୪୦ | ୦.୦୧୦ |
| ୧୫ | ୯୪ | ପଠାଣି ଦାସ, ପାଣ୍ଡୁଚରଣ ଦାସ, ପି– ଭିକାରୀ ଦାସ, ସୁକ ଦାସ, ସ୍ୱା–ଭିଖାରୀ ଦାସ, ଜା– ଗୋଲା, ବା–ନିଜଗାଁ | ୪୯୪ | ବାଜେଫସଲ ଏକ | ୦.୪୪୦ | ୦.୦୬୦ |
| ୧୬ | ୯୭ | ବିଜୟ କୁମାର ସାହୁ, ପି–ପଠାଣି ସାହୁ, ଜା–ବଣିଆ, ବା–ନିଜଗାଁ | ୪୬୭ | ଶାରଦ ତିନି | ୦.୦୭୦ | ୦.୦୭୦ |
| ୧୭ | ୧୦୫ | ପିତାମ୍ବର ବେହେରା, ପଦ୍ମଲାଭ ବେହେରା, ବଳରାମ ବେହେରା, ପି–ହରିହର ବେହେରା, ଜା–ଗୋଲା, ବା–ନିଜଗାଁ | ୧୦୧ | ବଗାୟତ ତିନି | ୦.୦୮୦ | ୦.୦୨୦ |
| | | | ୧୦୨ | ବଗାୟତ ତିନି | ୦.୧୧୦ | ୦.୦୨୦ |
| | | | ୧୬୩ | ବଗାୟତ ତିନି | ୦.୨୮୦ | ୦.୦୫୦ |
| ୧୮ | ୧୧୨ | ବରକୁ ଦାସ, ପି–ହାଡି ଦାସ, ଜା–ଗୋଲା, ବା–ନିଜଗାଁ | ୪୪୬ | ବାଜେଫସଲ ଏକ | ୦.୦୪୦ | ୦.୦୨୦ |
| ୧୯ | ୧୧୬ | ବାଇଧର ମଣ୍ଡଳ, ପି–କାଙ୍ଗଳି ମଣ୍ଡଳ ଜା–ଗୋଲା, ବା–ନିଜଗାଁ | ୩୫୩/ ୧୧୪୧ | ଶାରଦ ଦୁଇ | ୦.୨୭୦ | ୦.୦୪୦ |
| | | | ୩୫୪ | ଶାରଦ ତିନି | ୦.୦୬୦ | ୦.୦୨୦ |
| ୨୦ | ୧୧୮ | ବଇଧର ମଣ୍ଡଳ, ରୟା ମଣ୍ଡଳ, ଗୟାଧର ମଣ୍ଡଳ, ପି–କାଙ୍ଗାଳି ମଣ୍ଡଳ ଜା–ଗୋଲା, ବା–ନିଜଗାଁ | ୩୬୮ | ବିଆଳି | ୦.୦୯୦ | ୦.୦୯୦ |
| | | | ୩୬୯ | ଶାରଦ ତିନି | ୦.୨୭୦ | ୦.୦୪୦ |
| ୨୧ | ୧୨୬ | ବାବୁ ଦାସ, ପି– ବିକ୍ରମ ଦାସ, ଜା–ଗୋଲା, ବା–ନିଜଗାଁ | ୪୦୬ | ବଗାୟତ ଦୁଇ | ୦.୨୭୦ | ୦.୦୩୦ |
| ୨୨ | ୧୨୭ | ବାବାଜୀ ନାଏକ, ପି–ନରୀ ନାଏକ, ଜା–ଗଣ୍ଡ, ବା–ନିଜଗାଁ | ୩୯୪ | ବିଆଳି | ୦.୩୬୦ | ୦.୦୩୦ |
| ୨୩ | ୧୪୨ | ମକରକେତନ ଖଣ୍ଡା, ବଂଶିଧର ଖଣ୍ଡା, ବାଇଧର ଖଣ୍ଡା, ଗୋବିନ୍ଦ ଚନ୍ଦ୍ର ଖଣ୍ଡା, ପି– ପାଣ୍ଡୁ ଖଣ୍ଡା, ଜା–ଗୋଲା, ବା–ନିଜଗାଁ | ୪୭୫ | ବିଆଳି ଦୋଫସଲି | ୦.୪୨୦ | ୦.୦୨୦ |
| ୨୪ | ୧୪୪ | ମକରକେତନ ଖଣ୍ଡା, ବଂଶିଧର ଖଣ୍ଡା, ବାଇଧର ଖଣ୍ଡା, ଗୋବିନ୍ଦ ଚନ୍ଦ୍ର ଖଣ୍ଡା, ପି–ପ୍ରାଣକୃଷ୍ଣ ଖଣ୍ଡା, ଗୟାଧର ଖଣ୍ଡା, ନାଣ୍ଟୁ ଚରଣ ଦାସ, କେଶନିଧି ଦାସ, ଅପର୍ତି ଦାସ, ପି– ଦୁର୍ଯ୍ୟୋଧନ ଦାସ, ଜା–ଗୋଲା, ବା–ନିଜଗାଁ | ୪୭୪ | ବାଜେଫସଲ ଏକ | ୦.୩୭୦ | ୦.୦୧୦ |
| ୨୫ | ୨୫୬ | ରୟା ମଣ୍ଡଳ, ପି–କାଙ୍ଗାଳି ମଣ୍ଡଳ ଜା–ଗୋଲା, ବା–ନିଜଗାଁ | ୩୫୫ | ଶାରଦ ତିନି | ୦.୬୬୦ | ୦.୦୩୦ |
| ୨୬ | ୧୫୮ | ରଙ୍କ ଦାସ, ଦିତାରୀ ଦାସ, ଭଗବାନ ଦାସ, ହଗୁରୁ ଦାସ, ପି–ପରମାନ୍ଦ ଦାସ, ଗିରିଧରୀ ଖଣ୍ଡା, ପି–ମାଗୁଣି ଖଣ୍ଡା ଜା–ଗୋଲା, ବା–ନିଜଗାଁ | ୫୪୫ | ବାଜେଫସଲ ଏକ | ୦.୨୮୦ | ୦.୦୨୦ |
| ୨୭ | ୧୬୫ | ରତ୍ନାକର ଦେହୁରୀ, ପିତାମ୍ବର ଦେହୁରୀ, ପି– ବାବୁ ଦେହୁରୀ, ଗିରୀଧାରୀ ଦେହୁରୀ ମାଗୁଣି ଦେହୁରୀ, ପି–ଉଦିଆ ଦେହୁରୀ, ଭୂବନ ଦେହୁରୀ, ମଙ୍ଗୁଲୁ ଦେହୁରୀ, ଶଂକୁରୁ ଦେହୁରୀ, ସୁରେନ୍ଦ୍ର ଦେହୁରୀ, ପି–ବଳି ଦେହୁରୀ, ଶିର ଦେହୁରୀ, ଚକ୍ର ଦେହୁରୀ, ପି–ନିଧି ଦେହୁରୀ, ମାଳିଆ ଦେହୁରୀ, ପି– ଧର ଦେହୁରୀ, ଜା–ଭୂୟାଁ, ବା–ବାଉଁଶଗଡ | ୧୭୩ | ବିଆଳି | ୦.୨୧୦ | ୦.୦୪୦ |
| | | | ୧୭୭ | ବିଆଳି | ୦.୧୩୦ | ୦.୦୫୦ |
| | | | ୧୭୮ | ବିଆଳି | ୦.୨୦୦ | ୦.୦୧୦ |
| ୨୮ | ୧୭୫ | ସଦାଶିବ ପଣ୍ଡ, ଜୟକୃଷ୍ଣ ପଣ୍ଡା, ପି–ପିତାମ୍ବର ପଣ୍ଡା, ଯୋଗେନ୍ଦ୍ର ନାଥ ପଣ୍ଡା, ଭଗବାନ ପଣ୍ଡା, ଭାଗିରଥି ପଣ୍ଡା, ପି–ବାସୁ ପଣ୍ଡା, ଦୁର୍ଗା ଚରଣ ପଣ୍ଡା, ପି– ଆନନ୍ଦ ପଣ୍ଡା, ଗୁରୁ ପଣ୍ଡା, ସ୍ୱା–କାଙ୍ଗାଳୀ ପଣ୍ଡା, ଜା–ବ୍ରାହ୍ମଣ, ବା–ଫକିରପୁର | ୫୬୮ | ଶାରଦ ତିନି | ୦.୧୩୦ | ୦.୦୭୦ |
| ୨୯ | ୧୭୯ | ସପ୍ତେଶ୍ୱର ମିଶ୍ର, ପରୁରୁଷୋତମ ମିଶ୍ର ପି–ହରିହର ମିଶ୍ର, ହିରା ମିଶ୍ର, ସ୍ୱା–ହରିହର ମିଶ୍ର, ଜା–ବ୍ରାହ୍ମଣ, ବା–ଶାଳବଣି | ୩୯୨ | ଶାରଦ ତିନି | ୦.୨୧୦ | ୦.୦୨୦ |
| | | | ୩୯୩ | ବିଆଳି | ୦.୨୫୦ | ୦.୦୩୦ |
| ୩୦ | ୧୯୮ | ଶୁକୁଟି ଦାସ, ପି– ସପନ ଦାସ, ମାଗୁଣି ଦାସ, ପି–ସିଦ୍ଧ ଦାସ, ଜା–ଗୋଲା, ବା–ନିଜଗାଁ | ୪୬୨ | ବାଜେଫସଲ ଏକ | ୦.୪୯୦ | ୦.୦୩୦ |
| | | | ୪୪୮ | ବାଜେଫସଲ ଏକ | ୦.୧୫୦ | ୦.୦୭୦ |
| | | | ୪୬୦ | ବଗାୟତ ଏକ | ୦.୧୪୦ | ୦.୦୭୦ |
| | | | ୪୪୯ | ବଗାୟତ ଦୁଇ | ୦.୧୪୦ | ୦.୦୭୦ |
| ୩୧ | ୨୦୭ | ହରିହର ବେହେରା, ଧରଣି ବେହେରା, ପି–ସହଦେବ ବେହେରା, କାର୍ତିକ ବେହେରା, ପି–ଚନ୍ଦୁ ବେହେରା, ଜା–ଲୋଗା, ବା–ନିଜଗାଁ | ୧୬୧ | ଶାରଦ ଦୁଇ | ୦.୧୮୦ | ୦.୦୨୦ |
| | | | ୧୦୩ | ଶାରଦ ତିନି | ୦.୨୩୦ | ୦.୦୬୦ |
| | | | ୧୦୦ | ବଗାୟତ ଦୁଇ | ୦.୨୫୦ | ୦.୦୬୦ |
| ୩୨ | ୨୧୦/ | କଲ୍ୟାଣୀ ଖଣ୍ଡା, ସ୍ୱା–ନୃସିଂହ ଖଣ୍ଡା ଜା–ଗୋଲା, ବା–ନିଜଗାଁ | ୧୬୫ | ଶାରଦ ଦୁଇ | ୦.୫୨୦ | ୦.୦୪୦ |
| ୩୩ | ୨୧୦/ ୨୫୧ | ଗୋଲଖ ଦାସ, ପି–ଧରଣି ଦାସ, ଜା–ଲକ୍ଷ୍ମିନାରାୟଣ ଗୋଲା, ବା–ବଳଦୁଆଁ | ୨୮୭ | ବିଆଳି ଦୋଫସଲ | ୦.୨୧୦ | ୦.୦୮୦ |
| ୩୪ | ୨୧୦/ ୨୫୮ | ଲକ୍ଷ୍ମଣ ଦାସ, ଭରତ ଦାସ, ପି–ପଠାଣି ଦାସ, ଜା–ଲକ୍ଷ୍ମିନାରାଣଗୋଲା, ବା–ବଳଦୁଆଁ | ୩୯୦ | ଶାରଦ ତିନି | ୦.୩୧୦ | ୦.୦୧୦ |
| ୩୫ | ୨୧୦/ ୨୭୮ | ସୂର୍ଯ୍ୟମଣି ଖଣ୍ଡା, ପି–ନବିନ ଖଣ୍ଡା, ଜା–ଲକ୍ଷ୍ମିନାରାୟଣଗୋଲା, ବା–ବଳଦୁଆଁ | ୪୧୪ | ଶାରଦ ତିନି | ୦.୧୧୦ | ୦.୦୧୦ |
| | | | ୪୧୯ | ଶାରଦ ଦୁଇ | ୦.୦୬୦ | ୦.୦୨୦ |
| ୩୬ | ୧୧୬ | ବାଇଧର ମଣ୍ଡଳ, ପି–କାଙ୍ଗାଳି ମଣ୍ଡଳ ଜା–ଗୋଲା, ବା–ନିଜଗାଁ | ୩୯୦/ ୧୧୩୫ | ଶାରଦ ତିନି | ୦.୧୭୦ | ୦.୦୧୦ |
| | | | | ସର୍ବମୋଟ | ୧୪.୧୮୦ | ୨,୩୮୦ |

ସ୍ୱା- ଦୁର୍ଯ୍ୟୋଧନ ପାତ୍ର
AMIN
L.A. (Gen.) Section
Collectorate, Keonjhar

ସ୍ୱା- ହୃଷିକେଶ ମାଝୀ
Land Acquisition Inspector
L.A. (Gen.) Section
Collectorate, Keonjhar

ସ୍ୱା- ରିତେଶ୍ କୁମାର ପଣ୍ଡା
ଭୂ-ଅର୍ଜନ ଅଧିକାରୀ, କେନ୍ଦୁଝର
ଭୂ ଅର୍ଜନ ଅଧିକାରୀ
ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, କେନ୍ଦୁଝର

OIPR : 24001/24045/3/26-27/0007

## ସମ୍ପାଦକୀୟ

# ଓଡ଼ିଆମାନଙ୍କୁ ପଦ୍ମ ପୁରସ୍କାର ମର୍ଯ୍ୟାଦା

ଗତ ଜୁନ ୨୩ ତାରିଖରେ (୨୦୨୬) 'ପଦ୍ମଶ୍ରୀ' ଉପାଧିରେ ତିନିଜଣ ଓଡ଼ିଆଙ୍କୁ ଭାରତର ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ମର୍ଯ୍ୟାଦିତ କରିଛନ୍ତି । ଆମେମାନେ ଏଥିପାଇଁ ଆନନ୍ଦିତ । ମାତ୍ର ପୂର୍ବରୁ କୌଣସି ଜଣେ ଯୋଗ୍ୟ ବ୍ୟକ୍ତିଙ୍କୁ ଯେଉଁ ପଦ୍ମଶ୍ରୀ, ପଦ୍ମଭୂଷଣ ବା ପଦ୍ମ ବିଭୂଷଣ ବେସାମରିକ ସମ୍ମାନ ମିଳୁଥିଲା କିମ୍ବା ଏ ସବୁ ଉପାଧିର ଊର୍ଦ୍ଧ୍ୱରେ 'ଭାରତରତ୍ନ' ମିଳୁଥିଲା, ତଦ୍ଦ୍ୱାରା ସ୍ୱତଃପ୍ରବୃତ୍ତ ଭାବେ ସାଧାରଣ ଓ ଶିକ୍ଷିତ ଲୋକେ ଯେପରି ଆନନ୍ଦ ପ୍ରକାଶ କରି ଆସୁଥିଲେ, ଏବେ ସେପରି ଆନନ୍ଦ ପ୍ରକାଶ ପାଉଥିବା ପରି ମନେ ହୁଏ ନାହିଁ । ଏଇ କେତେ ବର୍ଷ ଧରି ଓଡ଼ିଆମାନଙ୍କୁ ଏହି ବେସାମରିକ ସମ୍ମାନ ବେଶୀ ସଂଖ୍ୟାରେ ସବୁଠାରୁ ନିମ୍ନ ସ୍ଥାନରେ ଥିବା 'ପଦ୍ମଶ୍ରୀ' ଉପାଧି ହିଁ ମିଳୁଛି । କ୍ୱଚିତ 'ପଦ୍ମ ଭୂଷଣ' ବା 'ପଦ୍ମ ବିଭୂଷଣ' ଉପାଧି ମିଳି ପାରୁଛି । ଅନ୍ୟମାନଙ୍କୁ ଅଧିକ ଅନୁକରଣ କରୁଥିବା ଓ ପରସ୍ପରକୁ ପଛ ଆଡୁ ଟାଣି ଧରୁଥିବା ଓଡ଼ିଆଙ୍କୁ ସତେ ଯେପରି ଏହି 'ପଦ୍ମଶ୍ରୀ' ଉପାଧି ହିଁ ଯଥେଷ୍ଟ । ତା'ଠାରୁ ଉପରକୁ ଓଡ଼ିଆମାନେ ସମ୍ଭବତଃ ଯାଇ ପାରିବେ ନାହିଁ । ଏହା ଠିକ୍ ହୋଇପାରେ, ଭୁଲ ବି ହୋଇପାରେ । ମାତ୍ର ଏ ବିଷୟରେ ବିଶ୍ଳେଷଣ କଲେ ହିଁ ପ୍ରକୃତ କଥା ଜଣା ପଡ଼ିବ ।

**ପୁଣି କଥା ପଡ଼େ, ଅନେକ ଯୋଗ୍ୟ ବିବେଚିତ ବ୍ୟକ୍ତି ମଧ୍ୟ ଅତୀତରେ 'ପଦ୍ମଶ୍ରୀ' ପୁରସ୍କାରକୁ ପ୍ରତ୍ୟାଖ୍ୟାନ କରିଛନ୍ତି । ଜଣେ ଥିଲେ କବିଚନ୍ଦ୍ର କାଳୀଚରଣ ପଟ୍ଟନାୟକ । ୨୦୧୯ରେ ବିଜୁ ପଟ୍ଟନାୟକଙ୍କ ତନୟା, ପ୍ରସିଦ୍ଧ ଲେଖିକା ଗୀତା ମେହେଟ୍ଟାଙ୍କୁ ପଦ୍ମଶ୍ରୀ ସମ୍ମାନ ପ୍ରଦାନ କରାଯାଇଥିଲେ ମଧ୍ୟ ସେ ତାହାକୁ ପ୍ରତ୍ୟାଖାନ କରିଥିଲେ । ଆହୁରି ଅନେକ ବରପୁତ୍ର ମଧ୍ୟ 'ପଦ୍ମଶ୍ରୀ' ସମ୍ମାନ ଉହାଡରେ ରହିଗଲେ । ଓଡ଼ିଶା ଲୋକେ ସେମାନଙ୍କୁ ଭଲ ପାଆନ୍ତି, କିନ୍ତୁ ସେମାନଙ୍କ ଭାଗ୍ୟରେ 'ପଦ୍ମ' ଉପାଧି ନଥିଲା କି ହେବ ନାହିଁ । ସେମାନେ ଏବେ ସ୍ୱର୍ଗବାସୀ ।**

**ଦୁଃଖର କଥା, ବିଶିଷ୍ଟ ଭାଷାବିତ୍ ଦେବୀ ପ୍ରସନ୍ନ ପଟ୍ଟନାୟକ ରହିଗଲେ 'ପଦ୍ମଶ୍ରୀ'ରେ । ନବେ ବର୍ଷ ଅତିକ୍ରମ କରିଗଲେଣି ସେ । ତାଙ୍କ ତଳେ ଥିବା ଲେଖକ/ଲେଖିକାମାନଙ୍କୁ କିନ୍ତୁ 'ପଦ୍ମଶ୍ରୀ'ରୁ 'ପଦ୍ମଭୂଷଣ'କୁ ଉନ୍ନୀତ କରାଯାଇ ପାରିଛି । ତାହା ସେମାନଙ୍କ ସୌଭାଗ୍ୟ ବୋଲି କୁହାଯାଇ ପାରିବ । ପଦ୍ମଶ୍ରୀ ସମ୍ମାନପ୍ରାପ୍ତା ତୁଳସୀ ମୁଣ୍ଡା ବି ସେତିକିରେ ରହିଗଲେ । ତାଙ୍କୁ ପଚାରୁଛି ଏବେ କିଏ ? ଅର୍ନ୍ତଜାତୀୟ ଖ୍ୟାତି ସମ୍ପନ୍ନ ଲେଖକ, ସମ୍ପାଦକ ଓ ଦାର୍ଶନିକ ମନୋଜ ଦାସଙ୍କୁ ମୃତ୍ୟୁ ପୂର୍ବରୁ ଅବଶ୍ୟ 'ପଦ୍ମଭୂଷଣ'କୁ ଉନ୍ନୀତ କରା ଯାଇଥିଲା । ମାତ୍ର 'ପଦ୍ମ ବିଭୂଷଣ' ପର୍ଯ୍ୟନ୍ତ ସେ ଯାଇ ପାରି ନଥିଲେ । ଦୁଃଖର କଥା ।**

ସେ ଯାହା ହେଉ, ଓଡ଼ିଶାରେ ସାହିତ୍ୟ ଓ ଶିକ୍ଷା କ୍ଷେତ୍ରରେ ମୟୂରଭଞ୍ଜ ଜିଲ୍ଲାର ଚରଣ ହେମ୍ବ୍ରମଙ୍କୁ, କଟକ ଜିଲ୍ଲାର ତିଗିରିଆ ଅର୍ନ୍ତଗତ ବିଶିଷ୍ଟ ବାନ୍ଧଶିଳ୍ପୀ ଶରତ କୁମାର ପାତ୍ରଙ୍କୁ ଓ ଗଞ୍ଜାମ ଅନ୍ତର୍ଗତ ଗୁରୁ ସୀମାଞ୍ଚଳ ପାତ୍ରଙ୍କୁ ଏହି 'ପଦ୍ମଶ୍ରୀ' ସମ୍ମାନରେ ଭାରତର ରାଷ୍ଟ୍ରପତି ଏଥର ମର୍ଯ୍ୟାଦିତ କରିଛନ୍ତି । ଓଡ଼ିଆମାନେ ଆନନ୍ଦିତ ହେବା କଥା, ହେଇଛନ୍ତି ମଧ୍ୟ । ଅବଶ୍ୟ ବେଶୀ ଓଡ଼ିଆ ଲୋକେ ଏମାନଙ୍କୁ ଜାଣି ନାହାନ୍ତି । ସରକାରୀ ଉତ୍ସବମାନଙ୍କରେ ଏମାନଙ୍କୁ ଏଥିପାଇଁ ଆହୁରି ଆହୁରି ସମ୍ମାନିତ କରାଯିବା ଉଚିତ । ବିଭିନ୍ନ ଗଣମାଧ୍ୟମ ବାରମ୍ବାର ସେମାନଙ୍କ କୃତିକୁ ଲୋକଲୋଚନକୁ ଆଣିବା ଆବଶ୍ୟକ । ଅନେକ ବେସରକାରୀ ଅନୁଷ୍ଠାନ ଯେଉଁମାନେ ପ୍ରତିଭାବାନ ଓଡ଼ିଆମାନଙ୍କୁ ପୁରସ୍କାର ଓ ସମ୍ମାନ ପ୍ରଭୃତି ପ୍ରଦାନ କରିଥା'ନ୍ତି, ସେମାନେ ଏହି ପ୍ରତିଭାବାନ ବଣମଲ୍ଲୀମାନଙ୍କୁ କିପରି ଜାଣି ପାରିଲେ ନାହିଁ ? ହୁଏତ ସେମାନଙ୍କର ଆଗ୍ରହ ମଧ୍ୟ ନଥିବ । ସେଥିପାଇଁ ବିଭିନ୍ନ ବେସରକାରୀ ସଂସ୍ଥା ପୁରସ୍କାର ବା ସମ୍ମାନ ପ୍ରଦାନ କ୍ଷେତ୍ରରେ ନ୍ୟାୟ ବିଚାର କରନ୍ତି ନାହିଁ ବୋଲି ସାଧାରଣତଃ ଧାରଣା ହୋଇଥାଏ । ଅବଶ୍ୟ ତଟସ୍ଥ ଦୃଷ୍ଟିରୁ ପୁରସ୍କାର ବା ସମ୍ମାନ ପ୍ରଦାନ କରି ଆସୁଥିବା ବେସରକାରୀ ସଂସ୍ଥା ପ୍ରାୟ ଓଡ଼ିଶାରେ ନାହିଁ କହିଲେ ଚଳେ ।

ପୁଣି କଥା ପଡ଼େ, ଅନେକ ଯୋଗ୍ୟ ବିବେଚିତ ବ୍ୟକ୍ତି ମଧ୍ୟ ଅତୀତରେ 'ପଦ୍ମଶ୍ରୀ' ପୁରସ୍କାରକୁ ପ୍ରତ୍ୟାଖ୍ୟାନ କରିଛନ୍ତି । ଜଣେ ଥିଲେ କବିଚନ୍ଦ୍ର କାଳୀଚରଣ ପଟ୍ଟନାୟକ । ୨୦୧୯ରେ ବିଜୁ ପଟ୍ଟନାୟକଙ୍କ ତନୟା, ପ୍ରସିଦ୍ଧ ଲେଖିକା ଗୀତା ମେହେଟ୍ଟାଙ୍କୁ ପଦ୍ମଶ୍ରୀ ସମ୍ମାନ ପ୍ରଦାନ କରାଯାଇଥିଲେ ମଧ୍ୟ ସେ ତାହାକୁ ପ୍ରତ୍ୟାଖାନ କରିଥିଲେ । ଆହୁରି ଅନେକ ବରପୁତ୍ର ମଧ୍ୟ 'ପଦ୍ମଶ୍ରୀ' ସମ୍ମାନ ଉହାଡରେ ରହିଗଲେ । ଓଡ଼ିଶା ଲୋକେ ସେମାନଙ୍କୁ ଭଲ ପାଆନ୍ତି, କିନ୍ତୁ ସେମାନଙ୍କ ଭାଗ୍ୟରେ 'ପଦ୍ମ' ଉପାଧି ନଥିଲା କି ହେବ ନାହିଁ । ସେମାନେ ଏବେ ସ୍ୱର୍ଗବାସୀ ।

ଦୁଃଖର କଥା, ବିଶିଷ୍ଟ ଭାଷାବିତ୍ ଦେବୀ ପ୍ରସନ୍ନ ପଟ୍ଟନାୟକ ରହିଗଲେ 'ପଦ୍ମଶ୍ରୀ'ରେ । ନବେ ବର୍ଷ ଅତିକ୍ରମ କରିଗଲେଣି ସେ । ତାଙ୍କ ତଳେ ଥିବା ଲେଖକ/ଲେଖିକାମାନଙ୍କୁ କିନ୍ତୁ 'ପଦ୍ମଶ୍ରୀ'ରୁ 'ପଦ୍ମଭୂଷଣ'କୁ ଉନ୍ନୀତ କରାଯାଇ ପାରିଛି । ତାହା ସେମାନଙ୍କ ସୌଭାଗ୍ୟ ବୋଲି କୁହାଯାଇ ପାରିବ ।

ପଦ୍ମଶ୍ରୀ ସମ୍ମାନପ୍ରାପ୍ତା ତୁଳସୀ ମୁଣ୍ଡା ବି ସେତିକିରେ ରହିଗଲେ । ତାଙ୍କୁ ପଚାରୁଛି ଏବେ କିଏ ? ଅର୍ନ୍ତଜାତୀୟ ଖ୍ୟାତି ସମ୍ପନ୍ନ ଲେଖକ, ସମ୍ପାଦକ ଓ ଦାର୍ଶନିକ ମନୋଜ ଦାସଙ୍କୁ ମୃତ୍ୟୁ ପୂର୍ବରୁ ଅବଶ୍ୟ 'ପଦ୍ମଭୂଷଣ'କୁ ଉନ୍ନୀତ କରା ଯାଇଥିଲା । ମାତ୍ର 'ପଦ୍ମ ବିଭୂଷଣ' ପର୍ଯ୍ୟନ୍ତ ସେ ଯାଇ ପାରି ନଥିଲେ । ଦୁଃଖର କଥା ।

ଅବଶ୍ୟ ପୂର୍ବରୁ ଇଂରେଜ ସରକାର ଯେପରି 'ରାୟ ବାହାଦୂର' ପ୍ରଭୃତି ଉପାଧିମାନ ପ୍ରଦାନ କରୁଥିଲେ, ତାହାକୁ ଏ ପିଢିର ଲୋକେ ଭୁଲିଗଲେଣି । ତେଣୁ ଏହି 'ପଦ୍ମ ସମ୍ମାନ'କୁ ଲୋକେ କେତେ ଦିନ ମନେ ରଖିବେ କେଜାଣି ? ଭାରତର ରାଷ୍ଟ୍ରପତି ହେବା ପୂର୍ବରୁ ଏ. ପି.ଜେ ଅବଦୁଲ କାଲାମ 'ଭାରତ ରତ୍ନ' ଉପାଧି ଲାଭ କରିଥିଲେ । ମରଣୋତ୍ତର ଭାବେ ଅଟଳ ବିହାରୀ ବାଜପେୟୀଙ୍କ ପରି କବି ଓ ରାଜନେତା 'ଭାରତ ରତ୍ନ' ଉପାଧି ଅବଶ୍ୟ ପାଇଛନ୍ତି । ତାହା ହିଁ ବଡ଼ କଥା । ନରେନ୍ଦ୍ର ମୋଦି ପ୍ରଧାନମନ୍ତ୍ରୀ ହେବାରୁ ତାଙ୍କୁ ମରଣୋତ୍ତର ଏହି ସମ୍ମାନ ମିଳିଥିଲା । 'ପଦ୍ମ ସମ୍ମାନ'ରୁ ବଞ୍ଚିତ ହୋଇଥିଲେ ବି ଅନେକ ଓଡ଼ିଆ ନିଜ ନିଜର ପ୍ରତିଭା ବଳରେ ଓଡ଼ିଶାର ମାଟିକୁ ସୁରଭିତ କରିଛନ୍ତି । 'ଭାରତ ରତ୍ନ' ଉପାଧି ମରଣୋତ୍ତର ଭାବେ ଓଡ଼ିଶାର ସୁଭାଷଚନ୍ଦ୍ର ବୋଷ ଓ ଭାରତର ପୂର୍ବତନ ରାଷ୍ଟ୍ରପତି ଭି ଭି ଗିରିଙ୍କୁ ମିଳିଥିଲା । ଏ ଦୁଇଜଣ ଓଡ଼ିଶାର ହେଲେ ମଧ୍ୟ ଓଡ଼ିଆ ନଥିଲେ । ଏ କଥା ସମସ୍ତେ ଜାଣନ୍ତି । ଏବେ ବି ଜଣେ ଆଦର୍ଶସ୍ଥାନୀୟ ଚିକିତ୍ସକ ଡାକ୍ତର ଅଶୋକ ମହାପାତ୍ର ସେହି 'ପଦ୍ମଶ୍ରୀ' ଉପାଧି ମଧ୍ୟରେ ଅଟକି ରହିଛନ୍ତି । ଯୋଗ୍ୟତାସମ୍ପନ୍ନ ବ୍ୟକ୍ତିଙ୍କର ଧରାଧରି ଗୁଣ ନଥିଲେ, ସେମାନେ ଉପରକୁ ଉଠି ପାରିବେ ନାହିଁ । ଏହା ହିଁ ଆମର ଦୁର୍ଭାଗ୍ୟ ।

**ଏହି ପୃଷ୍ଠାରେ ସ୍ଥାନିତ ଆଲେଖ୍ୟଗୁଡ଼ିକର ତଥ୍ୟ, ମତାମତ ଆଦି ଲେଖକଙ୍କ ଏକାନ୍ତ ନିଜସ୍ୱ । ଏଥିପାଇଁ 'ସମୟ' କର୍ତ୍ତୃପକ୍ଷ ଦାୟୀ ନୁହଁନ୍ତି ।**

## ବିଶ୍ୱ ବଜାର ସହ ସୁଦୃଢ଼ ସଂଯୋଗ

# ମୋଦୀଙ୍କ ବାଣିଜ୍ୟ ରଣନୀତି ଭାରତକୁ ଦେଉଛି ନୂଆ ଗତି



**ପୀୟୁଷ ଗୋୟଲ**

ଜୁଲାଇ ୧୫ ତାରିଖ ଦିନ ବ୍ରିଟେନ ସହିତ କାର୍ଯ୍ୟକାରୀ ହେବାକୁ ଯାଉଥିବା ଐତିହାସିକ ବାଣିଜ୍ୟ ଚୁକ୍ତିନାମା ବିଶ୍ୱସ୍ତରୀୟ ସୁଯୋଗ ସୃଷ୍ଟି କରିବ ଏବଂ ଭାରତୀୟ କୃଷକ, ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ (ଏମ.ଏସ.ଏମ.ଇ.), ମତ୍ସ୍ୟଜୀବୀ, ଷ୍ଟାର୍ଟ-ଅପ୍ ଏବଂ କାରିଗରମାନଙ୍କ ପାଇଁ ଅନେକ ସମୃଦ୍ଧିର ସମ୍ଭାର ଆଣିବ ଛ ଏହା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ବିକଶିତ ଭାରତ ୨୦୪୭ ମିଶନକୁ ଆଗକୁ ଅଗ୍ରସର କରାଇବା ନିମନ୍ତେ ଭାରତୀୟ ନାଗରିକମାନଙ୍କ ପାଇଁ ସୁଲଭ ମୂଲ୍ୟରେ ଅନେକ ନିଯୁକ୍ତି ସୃଷ୍ଟି କରିବ ଏବଂ ଉଚ୍ଚ-ଗୁଣବତ୍ତା ସମ୍ପନ୍ନ ସାମଗ୍ରୀକୁ ବିଦେଶକୁ ରପ୍ତାନୀ କରିବା ସକାଶେ ପ୍ରୋତ୍ସାହିତ କରିବ ।

ଭାରତ ଏବଂ ବ୍ରିଟେନ୍ ମଧ୍ୟରେ ପରିବର୍ତ୍ତନଶୀଳ ବ୍ୟାପକ ଅର୍ଥନୈତିକ ଏବଂ ବାଣିଜ୍ୟ ଚୁକ୍ତିନାମା (ସି.ଇ.ଟି.ଏ.) ବ୍ରିଟେନରେ ଭାରତୀୟ ସାମଗ୍ରୀ ପାଇଁ ବ୍ୟାପକ ବଜାର ପ୍ରବେଶକୁ ସୁନିଶ୍ଚିତ କରିବ, ବିଶେଷ କରି ଶ୍ରମ-କେନ୍ଦ୍ରିକ କ୍ଷେତ୍ରଗୁଡ଼ିକ ଏଥିରୁ ପର୍ଯ୍ୟାପ୍ତ ପରିମାଣରେ ଲାଭାନ୍ୱିତ ହେବେ । ଉଭୟ ପକ୍ଷଙ୍କ ନିମନ୍ତେ ଏହି ସୁଫଳ ପ୍ରଦାନକାରୀ ଚୁକ୍ତିନାମା ତୁରନ୍ତ ପ୍ରାୟ ୯୯% ଟାରିଫ୍ ରେଖା ଉପରେ ପୂର୍ବରୁ ପ୍ରଚଳିତ ଥିବା ଶୁଳ୍କକୁ ଦୂର କରିବ, ଯାହା ବାଣିଜ୍ୟ ମୂଲ୍ୟର ପ୍ରାୟ ୧୦୦% କଭର କରିବ ଏବଂ ଏହା ଭାରତୀୟ ରପ୍ତାନି ପାଇଁ ପର୍ଯ୍ୟାପ୍ତ ସୁଯୋଗ ସୃଷ୍ଟି କରିବ ।

ପରିବର୍ତ୍ତନଶୀଳ ବ୍ୟାପକ ଅର୍ଥନୈତିକ ଏବଂ ବାଣିଜ୍ୟ ଚୁକ୍ତିନାମା (ସି.ଇ.ଟି.ଏ.) ହେଉଛି ଏକ ଲୋକ-କୈନ୍ଦ୍ରିକ ଚୁକ୍ତିନାମା ଯାହା ଗତ ବର୍ଷ ପ୍ରଧାନମନ୍ତ୍ରୀ ମୋଦୀ ଏବଂ ବ୍ରିଟିଶ ପ୍ରଧାନମନ୍ତ୍ରୀ ସାର୍ କୀର ଷ୍ଟାରମରଙ୍କ ଉପସ୍ଥିତିରେ ସ୍ୱାକ୍ଷରିତ ହୋଇଥିଲା । ଏହା ଉଭୟ ରାଷ୍ଟ୍ରର ଜନସମାଜକୁ ଲାଭ ପ୍ରଦାନ କରିବ । ଚାଷୀମାନେ ସେମାନଙ୍କର ଘରୋଇ ସ୍ୱାର୍ଥ ସହିତ କୌଣସି ପ୍ରତିବାଦ ନକରି ପ୍ରିମିୟମ୍ ରପ୍ତାନି ବଜାରରେ ପ୍ରବେଶର ସୁଯୋଗ ପାଇପାରିବେ । ବିଶାଳ ବ୍ରିଟେନ ବଜାରକୁ ବର୍ଦ୍ଧିତ ସାମୁଦ୍ରିକ ଖାଦ୍ୟ ରପ୍ତାନିରୁ ମତ୍ସ୍ୟଜୀବୀମାନେ ଲାଭ ପାଇପାରିବେ । ଶ୍ରମ-ସଘନ କ୍ଷେତ୍ରଗୁଡ଼ିକରେ ଶ୍ରମିକମାନେ ନୂତନ ନିଯୁକ୍ତି ସୁଯୋଗ ପାଇବେ । ମହିଳା ଉଦ୍ୟୋଗୀ, ଯୁବକ, ଷ୍ଟାର୍ଟ ଅପ୍ ଏବଂ ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ (ଏମ.ଏସ.ଏମ.ଇ.)ଗୁଡ଼ିକ ବିଶ୍ୱ ମୂଲ୍ୟ ଶୃଙ୍ଖଳରେ ଉନ୍ନତ ପ୍ରବେଶ ପାଇବାର ସୁଯୋଗ ଲାଭ କରିବେ । ବୃତ୍ତିଧାରୀମାନେ ବର୍ଦ୍ଧିତ ଗତିଶୀଳତା ଏବଂ ସ୍ୱୀକୃତି ସୁଯୋଗରୁ ଉପକୃତ ହେବେ ।

**କୃଷକମାନେ ଅଧିକ ମାତ୍ରାରେ ହେବେ ଉପକୃତ:** ସି.ଇ.ଟି.ଏ ଭାରତୀୟ ଚାଷୀମାନଙ୍କ ପାଇଁ ପ୍ରିମିୟମ୍ ବ୍ରିଟେନ ବଜାରକୁ ଉନ୍ମୁକ୍ତ କରେ, ଯାହା ଅନ୍ୟ ୟୁରୋପୀୟ ରାଷ୍ଟ୍ରଗୁଡ଼ିକ ଦ୍ୱାରା ଉପଭୋଗ କରାଯାଉଥିବା ଲାଭ ସହିତ ସମାନତା ରକ୍ଷାକରେ କିମ୍ବା ଏହାକୁ ଅତିକ୍ରମ କରେ । ଏହି ରାଜିନାମା ଦ୍ୱାରା ହଳଦୀ, ଗୋଲମରିଚ, କଞ୍ଚା ଏବଂ ଆମ୍ବ ପଲ୍ପ, ଆଚାର ଏବଂ ଡାଲି ଭଳି ପ୍ରକ୍ରିୟାକୃତ ସାମଗ୍ରୀକୁ ଶୁଳ୍କମୁକ୍ତ ପ୍ରବେଶର ସୁଯୋଗ ମିଳିବ । ଉଚ୍ଚ କୃଷି ରପ୍ତାନି କୃଷି ଆୟ ବୃଦ୍ଧି କରିବ ଏବଂ ଗୁଣବତ୍ତା, ପ୍ୟାକେଜିଂ ଏବଂ ପ୍ରମାଣପତ୍ର ପାଇଁ ଅଧିକ ପ୍ରୋତ୍ସାହନ ସୃଷ୍ଟି କରିବ । ଏହା କୃଷି ମୂଲ୍ୟ ଶୃଙ୍ଖଳରେ ଅନେକ ନିଯୁକ୍ତି ମଧ୍ୟ ସୃଷ୍ଟି କରିବ ।

ସେହିଭଳି ଭାବରେ, ସି.ଇ.ଟି.ଏ. ଘରୋଇ ଚାଷୀମାନଙ୍କୁ ସୁରକ୍ଷା ଦେବା ପାଇଁ ଭାରତର ସବୁଠାରୁ ସମ୍ବେଦନଶୀଳ କୃଷି କ୍ଷେତ୍ରଗୁଡ଼ିକୁ ରାଜିନାମାରୁ ବାଦ ଦେଇଛି । ବିଶେଷକରି ଦୁଗ୍ଧ ଉତ୍ପାଦ, ଶସ୍ୟ, ବାଜରା, ସେଓ, ଓଟ୍ସ ଏବଂ ରନ୍ଧନ ତେଲ ସହିତ ଜଡିତ କୃଷକମାନଙ୍କୁ ସୁରକ୍ଷା ଦେବା ପାଇଁ ଏଭଳି ପଦକ୍ଷେପ ଗ୍ରହଣ କରାଯାଇଛି । ଏହି ବାଦ୍ ଦେବା ମୋଦୀ ସରକାରଙ୍କ ଖାଦ୍ୟ ସୁରକ୍ଷା, ଘରୋଇ ମୂଲ୍ୟ ସ୍ଥିରତା ଏବଂ ଦୁର୍ବଳ ଚାଷୀ ସମ୍ପ୍ରଦାୟକୁ ପ୍ରାଥମିକତା ଦେବାର ରଣନୀତିକୁ ପ୍ରତିଫଳିତ କରେ ।

**ଶିଳ୍ପକୁ ପ୍ରୋତ୍ସାହନ:** ବିଶାଳ ବ୍ରିଟେନ ବଜାରକୁ ତୁରନ୍ତ ଶୁଳ୍କମୁକ୍ତ ପ୍ରବେଶ ଭାରତୀୟ ଉତ୍ପାଦନକୁ ପୁନର୍ଜୀବିତ କରିବ, ଯାହା ପାରମ୍ପରିକ କାରିଗର, ବଡ ବଡ଼ କାରଖାନା ଏବଂ ଆଞ୍ଚଳିକ ଶିଳ୍ପ କେନ୍ଦ୍ରଗୁଡ଼ିକୁ ପ୍ରଭାବଶାଳୀ ଭାବରେ ପ୍ରତିଯୋଗିତା କରିବାର ସୁଯୋଗ ଯୋଗାଇବ । ଭାରତୀୟ ଉତ୍ପାଦଗୁଡ଼ିକ ପ୍ରତିଦ୍ୱନ୍ଦ୍ୱୀମାନଙ୍କ ତୁଳନାରେ ସ୍ପଷ୍ଟ ପ୍ରତିଯୋଗିତାମୂଳକ ସୁଯୋଗ ହାସଲ କରିବା ସହିତ କ୍ଷୁଦ୍ର ବ୍ୟବସାୟୀମାନେ ସମୃଦ୍ଧ ହେବେ । ଅନ୍ୟାନ୍ୟ ଉତ୍ପାଦ ମଧ୍ୟରେ ଫୁଟବଲ୍ ବଲ, କ୍ରିକେଟ୍ ଗିଅର୍, ରଗବୀ ବଲ୍ ଏବଂ ଖେଳଣା ଉତ୍ପାଦନ କରୁଥିବା କମ୍ପାନୀଗୁଡ଼ିକ ବ୍ରିଟେନରେ ସେମାନଙ୍କର ବ୍ୟବସାୟକୁ ଉଲ୍ଲେଖନୀୟ ଭାବରେ ବିସ୍ତାର କରିବାକୁ ପ୍ରସ୍ତୁତ ହୋଇଛନ୍ତି । ଶୁଳ୍କ ହଟାଯିବା ଦ୍ୱାରା ଦୀର୍ଘକାଳୀନ ଶୁଳ୍କ ପ୍ରତିବନ୍ଧକଗୁଡ଼ିକୁ ସମାଧାନ କରାଯିବ, ବିଶେଷକରି ଶ୍ରମ-ସଘନ କ୍ଷେତ୍ରଗୁଡ଼ିକରେ ଏବଂ ରପ୍ତାନି ପ୍ରତିଯୋଗିତା ଏବଂ ପରିମାଣରେ ତୁରନ୍ତ ଲାଭ ସୃଷ୍ଟି ହେବ ବୋଲି ଆଶା କରାଯାଉଛି । ତିରୁପ୍ପୁରର ତନ୍ତଠାରୁ ବେଙ୍ଗାଲୁରୁର ପ୍ରୟୋଗଶାଳା ପର୍ଯ୍ୟନ୍ତ, ସୁରଟର ହୀରା କାରିଗରଙ୍କଠାରୁ ହାଇଦ୍ରାବାଦର କୋଡରମାନଙ୍କ ପର୍ଯ୍ୟନ୍ତ, ଏହି ଚୁକ୍ତିନାମା ବାସ୍ତବ ଅର୍ଥନୀତିକୁ ସ୍ପର୍ଶ କରେ ।

**ସେବା ଏବଂ ବୃତ୍ତିଧାରୀ :** ବ୍ରିଟେନ ଏହାର ସବୁଠାରୁ ବ୍ୟାପକ ସେବା ପ୍ରତିବଦ୍ଧତା ମଧ୍ୟରୁ ଗୋଟିଏ ପ୍ରଦାନ କରିଛି, ଯାହା ସମସ୍ତ ପ୍ରମୁଖ ସେବା କ୍ଷେତ୍ର ଏବଂ ଭାରତକୁ ରପ୍ତାନି ଆଗ୍ରହର ୧୩୭ ଉପ-କ୍ଷେତ୍ରକୁ ପୂରଣ କରୁଛି । ବର୍ଦ୍ଧିତ ବଜାର ପ୍ରବେଶ ଏବଂ ନିୟାମକ ନିଶ୍ଚିତତା ଆଇ.ଟି. ଏବଂ ଆଇ.ଟି.-ସକ୍ଷମ ସେବା, ଆର୍ଥିକ ସେବା, ବୃତ୍ତିଗତ ସେବା, ସ୍ୱାସ୍ଥ୍ୟସେବା, ଶିକ୍ଷା, ଇଞ୍ଜିନିୟରିଂ, ଦୂରସଂଚାର ଏବଂ ପରାମର୍ଶ ସେବାଗୁଡ଼ିକରେ ଭାରତୀୟ ସେବା ପ୍ରଦାନକାରୀମାନଙ୍କୁ ସମର୍ଥନ ଯୋଗାଇବ ।

ଭାରତ କୁଶଳୀ ପେସାଦାରମାନଙ୍କ ନିମନ୍ତେ ଅନୁକୂଳ ଗତିଶୀଳତା ବ୍ୟବସ୍ଥା ସୁରକ୍ଷିତ କରିଛି, ଯେଉଁଥିରେ ଚୁକ୍ତିଭିତ୍ତିକ ସେବା ପ୍ରଦାନକାରୀ, ବ୍ୟବସାୟିକ ଯାତ୍ରୀ, ନିବେଶକ, ଯୋଗ ପ୍ରଶିକ୍ଷକ, ସଂଗୀତଜ୍ଞ ଏବଂ ସେଫ୍-ସଭିଏଁ ସାମିଲ ଅଛନ୍ତି । ଏହି ଚୁକ୍ତିନାମା ବ୍ୟବସାୟିକ ପରିଦର୍ଶକ, ଆନ୍ତଃ-କର୍ପୋରେଟ୍ ସ୍ଥାନାନ୍ତରୀ, ଚୁକ୍ତିଭିତ୍ତିକ ସେବା ଯୋଗାଣକାରୀ, ସ୍ୱାଧୀନ ବୃତ୍ତିଗତ ଏବଂ ନିବେଶକଙ୍କ ପାଇଁ ପୂର୍ବାନୁମାନଯୋଗ୍ୟ ଗତିଶୀଳତା ପଥ ମଧ୍ୟ ପ୍ରଦାନ କରେ । ଏହା ବ୍ୟତୀତ, ଚୁକ୍ତିନାମା ଅନୁଯାୟୀ ବାର୍ଷିକ ୧,୮୦୦ ଭାରତୀୟ ସେଫ୍, ଯୋଗ ପ୍ରଶିକ୍ଷକ ଏବଂ ଶାସ୍ତ୍ରୀୟ ସଂଗୀତଜ୍ଞ ଉତ୍ସର୍ଗୀକୃତ ଗତିଶୀଳତା ସୁଯୋଗ ପାଇପାରିବେ ।

**ଅଭିନବ ମୁକ୍ତ ବାଣିଜ୍ୟ ରାଜିନାମା :** ପ୍ରଧାନମନ୍ତ୍ରୀ ମୋଦୀଙ୍କ ନେତୃତ୍ୱରେ, ମୁକ୍ତ ବାଣିଜ୍ୟ ରାଜିନାମାଗୁଡ଼ିକ ସାମଗ୍ରୀ ଏବଂ ସେବାଠାରୁ ବହୁତ ଆଗକୁ ଯାଇ ନୂତନ ମାନଦଣ୍ଡ ସ୍ଥାପନ କରିଛନ୍ତି । ଇ.ଏଫ.ଟି.ଏ ରାଷ୍ଟ୍ର ଗୋଷ୍ଠୀ - ଯଥା, ସ୍ୱିଜରଲ୍ୟାଣ୍ଡ, ନରୱେ, ଆଇସଲ୍ୟାଣ୍ଡ ଏବଂ ଲିଚେନଷ୍ଟାଇନ୍ - ସହିତ ଭାରତ ୧୦୦ ବିଲିୟନ ଡଲାର ନିବେଶର ପ୍ରତିଶ୍ରୁତିବଦ୍ଧତା ହାସଲ କରିଛି, ଯାହା ଦଶ ଲକ୍ଷ ସିଧାସଳଖ ନିଯୁକ୍ତି ସୃଷ୍ଟି କରିବ ବୋଲି ଆଶା କରାଯାଉଛି । ନ୍ୟୁଜିଲ୍ୟାଣ୍ଡ ସହିତ ଏହି ମୁକ୍ତ ବାଣିଜ୍ୟ ରାଜିନାମାରେ, ଦେଶ ୧୫ ବର୍ଷ ମଧ୍ୟରେ ୨୦ ବିଲିୟନ ଡଲାର ନିବେଶ ପ୍ରତିବଦ୍ଧତା ହାସଲ କରିଛି, ଯେତେବେଳେ ଅଷ୍ଟ୍ରେଲିଆ ସହ ହୋଇଥିବା ମୁକ୍ତ ବାଣିଜ୍ୟ ରାଜିନାମା ଭାରତୀୟ ଆଇ.ଟି. କମ୍ପାନୀଗୁଡ଼ିକୁ ଅସୁବିଧାରେ ପକାଇଥିବା ଦୋହରା-କର ସମସ୍ୟାର ସମାଧାନ କରିଛି ।

ବ୍ରିଟେନ ସହିତ ଚୁକ୍ତିନାମାର ଏକ ଗୁରୁତ୍ୱପୂର୍ଣ୍ଣ ଦିଗ ହେଉଛି ଦୋହରା ଅବଦାନ ସମ୍ମିଳନୀ । ପରିବର୍ତ୍ତନଶୀଳ ବ୍ୟାପକ ଅର୍ଥନୈତିକ ଏବଂ ବାଣିଜ୍ୟ ଚୁକ୍ତିନାମା (ସି.ଇ.ଟି.ଏ.)ସହିତ କାର୍ଯ୍ୟକାରୀ ହେଉଥିବା ଏହି ଐତିହାସିକ ବ୍ୟବସ୍ଥା, ଭାରତୀୟ କର୍ମଚାରୀ ଏବଂ ନିଯୁକ୍ତିଦାତାଙ୍କୁ ଅସ୍ଥାୟୀ ନିଯୁକ୍ତି ସମୟରେ ବ୍ରିଟେନରେ ଦ୍ୱୈତ ସାମାଜିକ ସୁରକ୍ଷା ଅବଦାନ ଦେବାରୁ ମୁକ୍ତ କରିଥାଏ ।

୭୫,୦୦୦ରୁ ଅଧିକ ଭାରତୀୟ ପେସାଦାର ଏବଂ ୯୦୦ରୁ ଅଧିକ କମ୍ପାନୀ ଅସ୍ଥାୟୀ ବିଦେଶ ନିଯୁକ୍ତିରେ କର୍ମଚାରୀଙ୍କ ପାଇଁ ନିରନ୍ତର ସାମାଜିକ ସୁରକ୍ଷା କଭରେଜରୁ ଉପକୃତ ହେବାର ଆଶା କରାଯାଉଛି ।

**ସରକାରଙ୍କ ରଣନୀତି:** ୨୦୧୪ ମସିହାରେ ଦେଶର ଅର୍ଥନୀତି ସଂଘର୍ଷ କରୁଥିଲା ଛ ସମ୍ଭାବ୍ୟ ନିବେଶକମାନେ ଭାରତ ଉପରୁ ଆତ୍ମବିଶ୍ୱାସ ହରାଇଥିଲେ । ଏକ ଦଶନ୍ଧିର ନୀତିଗତ ସ୍ଥାଣୁତା ଏବଂ ଦୁର୍ନୀତି ଦ୍ୱାରା ଚିହ୍ନିତ ଏକ କାଳଖଣ୍ଡ ଭାରତକୁ 'ଭଙ୍ଗୁର ପଞ୍ଚ' ଅର୍ଥନୀତି ମଧ୍ୟରୁ ଗୋଟିଏ ଭାବରେ ବିବେଚନା କରାଯାଉଥିଲା ।

ମୋଦୀ ସରକାର ଭାରତୀୟ ଅର୍ଥନୀତିରେ ବିଶ୍ୱସ୍ତରୀୟ ବିଶ୍ୱାସ ପୁନଃନିର୍ମାଣ କରିବା ଏବଂ ନିବେଶକମାନଙ୍କ ପାଇଁ ଏହାକୁ ଆକର୍ଷଣୀୟ କରିବା ନିମନ୍ତେ ଏକ ଦୃଢ ଆଭିମୁଖ୍ୟ ଗ୍ରହଣ କରିଥିଲେ । ବିକଶିତ ଦେଶମାନଙ୍କ ସହିତ ମୁକ୍ତ ବାଣିଜ୍ୟ ରାଜିନାମା (ଏଫ.ଟି.ଏ.) ସ୍ୱାକ୍ଷର କରିବା ପରବର୍ତ୍ତୀ ପଦକ୍ଷେପ ଥିଲା । ମୁକ୍ତ ବାଣିଜ୍ୟ ରାଜିନାମା ବାଣିଜ୍ୟ ନୀତି ବିଷୟରେ ଅନିଶ୍ଚିତତା ହ୍ରାସ କରି ନିବେଶକଙ୍କ ବିଶ୍ୱାସକୁ ମଧ୍ୟ ବୃଦ୍ଧି କରିଛି ।

ସରକାର ବିକଶିତ ଅର୍ଥନୀତିଗୁଡ଼ିକ ସହିତ ଏଭଳି ମୁକ୍ତ ବାଣିଜ୍ୟ ରାଜିନାମା (ଏଫ.ଟି.ଏ.) ନୀତି ଅନୁସରଣ କରିଥିଲେ ଯାହା ଦେଶକୁ ବ୍ୟାପକ ବଜାର ପ୍ରଦାନ କରେ ଏବଂ ଭାରତର ମୁଖ୍ୟ ବାଣିଜ୍ୟ ସ୍ୱାର୍ଥ ସହିତ ସିଧାସଳଖ ପ୍ରତିଯୋଗିତା କରେ ନାହିଁ । ଏହା ଉଭୟ ପକ୍ଷଙ୍କ ପାଇଁ ସଫଳତାର ପରିସ୍ଥିତି ସୃଷ୍ଟି କରେ, ପୂର୍ବ ସରକାରଙ୍କ ଦ୍ୱାରା ପ୍ରତିଦ୍ୱନ୍ଦ୍ୱୀମାନଙ୍କ ପାଇଁ ଭାରତର ଦ୍ୱାର ଖୋଲାଯାଇ ଭାରତୀୟ ବ୍ୟବସାୟକୁ ବିପଦରେ ପକାଇବାର ଆଭିମୁଖ୍ୟ ପରିବର୍ତ୍ତେ ଏହା ସୁଯୋଗ ପ୍ରଦାନ ନିମନ୍ତେ ଉଦ୍ଦିଷ୍ଟ ।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ, ଭାରତ ବର୍ତ୍ତମାନ ଏକ ସ୍ଥିର ଅର୍ଥନୀତି ଏବଂ ଏକ ଅସ୍ଥିର ବିଶ୍ୱରେ ଜଣେ ବିଶ୍ୱସ୍ତ ଅଂଶୀଦାର ଭାବରେ ବହୁଳ ଭାବେ ସମ୍ମାନିତ । ଏହା ଏକ ଆକର୍ଷଣୀୟ ବଜାର ସହିତ ନିର୍ଭରଯୋଗ୍ୟ ଅଂଶୀଦାର ଭାବରେ ନିଜକୁ ପ୍ରତିଷ୍ଠିତ କରିଛି ଏବଂ ବିଶ୍ୱର ଦ୍ରୁତତମ ବର୍ଦ୍ଧିଷ୍ଣୁ ପ୍ରମୁଖ ଅର୍ଥନୀତି ଭାବରେ ଉଭା ହୋଇଛି । ପଚ୍ଚ ପରିବର୍ତ୍ତନକାରୀ ସଂସ୍କାର, ବ୍ୟବସାୟ କରିବାର ସହଜତାରେ ଉନ୍ନତି, ଛୋଟମୋଟ ତ୍ରୁଟିଗୁଡ଼ିକର ଅପରାଧମୁକ୍ତିକରଣ ଏବଂ ପ୍ରଧାନମନ୍ତ୍ରୀଙ୍କ ବିଶ୍ୱସ୍ତରୀୟ ପ୍ରତିଷ୍ଠା ଭାରତକୁ ଏକ ଆକର୍ଷଣୀୟ ନିବେଶ ଗନ୍ତବ୍ୟସ୍ଥଳ ଭାବରେ ସ୍ଥିତି ପ୍ରଦାନ କରିବାରେ ସାହାଯ୍ୟ କରିଛି । ଆଜି, ବିଶ୍ୱ ଭାରତର ଅଭିବୃଦ୍ଧି କାହାଣୀରେ ସାମିଲ ହେବାକୁ ଚାହୁଁଛି - ଏବଂ ମୁକ୍ତ ବାଣିଜ୍ୟ ରାଜିନାମା (ଏଫ.ଟି.ଏ.)ମାନ ସ୍ୱାକ୍ଷର କରିବାକୁ ଚାହୁଁଛି ।

ଏହିସବୁ ବାଣିଜ୍ୟ ଚୁକ୍ତିନାମାଗୁଡ଼ିକ ଘରୋଇ ବଜାର ସମୟକ୍ରମେ ଖୋଲା ହେବା ସ୍ଥିତିକୁ ମଧ୍ୟ ସୁନିଶ୍ଚିତ କରିଛି । ଏହା ଭାରତୀୟ ବଜାରକୁ ଅଧିକ ପ୍ରତିଯୋଗିତାମୂଳକ କରିଥାଏ ଏବଂ ସ୍ଥାନୀୟ ନିର୍ମାତାମାନଙ୍କୁ ପ୍ରତିଯୋଗିତାମୂଳକ ମୂଲ୍ୟରେ ଉଚ୍ଚ-ଗୁଣବତ୍ତା ସାମଗ୍ରୀ ଉତ୍ପାଦନ କରିବାକୁ ଉତ୍ସାହ ଯୋଗାଇଥାଏ, ଯାହା ପ୍ରଧାନମନ୍ତ୍ରୀଙ୍କ ବିକଶିତ ଭାରତ ମିଶନର ଏକ ପ୍ରମୁଖ ଉପାଦାନ ।

ବିଶ୍ୱର ପ୍ରମୁଖ ଅର୍ଥନୀତିଗୁଡ଼ିକ ମଧ୍ୟରେ ସି.ଇ.ଟି.ଏ. ସମାନ ଏବଂ ମହତ୍ୱାକାଂକ୍ଷୀ ବାଣିଜ୍ୟ ଚୁକ୍ତିନାମାର ଏକ ମାନଦଣ୍ଡ । ଏହା ଭାରତର ମୂଳ ସ୍ୱାର୍ଥକୁ ବ୍ୟାହତ ନକରି ଅବହେଳିତ ବର୍ଗଙ୍କ ପାଇଁ ଆକର୍ଷଣୀୟ ବିଶ୍ୱସ୍ତରୀୟ ସୁଯୋଗର ଦ୍ୱାର ଉନ୍ମୁକ୍ତ କରେ । ଏହା ନୂତନ ଭାରତ କିପରି ବ୍ୟବସାୟ କରେ ତାହାର ଏକ ଜ୍ୱଳନ୍ତ ଉଦାହରଣ ।

**(ଲେଖକ କେନ୍ଦ୍ର ବାଣିଜ୍ୟ ଏବଂ ଶିଳ୍ପ ମନ୍ତ୍ରୀ)**

# ହାନିକାରକ ଔଷଧ ଷ୍ଟିରୟେଡ୍



**ଡାକ୍ତର ଦୀନବନ୍ଧୁ ମହାରଣା**

ଷ୍ଟିରୟେଡ୍ ପୁରୁଷମାନଙ୍କର ସେକ୍ସ ହରମୋନ ଟେଷ୍ଟୋଷ୍ଟେରାନର ସଂଯୋଗରେ କୃତ୍ରିମ ରୂପେ ନିର୍ମିତ ଔଷଧ ଅଟେ, ଯାହାକି ଚିକିତ୍ସା ଜଗତରେ ଏଇ ପ୍ରକାର ଚହଳ ପକାଇଛି । ଷ୍ଟିରୟେଡ୍ ବିଷୟରେ ଆଜିକାଲି ଲୋକମାନଙ୍କ ମନରେ ଏକ ଧାରଣା ସୃଷ୍ଟି ହୋଇଛି ଯେ, ଏହାକୁ ସେବନ କରିବା ଦ୍ୱାରା ଅସୀମ ଶକ୍ତି ଲାଭ ହୁଏ । ୧୯୮୮ ଅଲିମ୍ପିକ କ୍ରୀଡ଼ାରେ କାର୍ଲ-ଲୁଇସଙ୍କ ଦ୍ୱାରା ସ୍ଥାପିତ ବିଶ୍ୱ ରେକର୍ଡ଼କୁ ଭାଙ୍ଗିଥିବା ବେନ୍-ଜନସନ ଷ୍ଟିରୟେଡ୍ ସେବନ କରି ତଥାକଥିତ ସଫଳତା ଅର୍ଜନ କରିଥିଲେ ବୋଲି ଅଭିଯୋଗ ହୋଇଥିଲା । ପୂର୍ବେ ଖେଳାଳିମାନେ ଏହାକୁ ସେବନ କରୁଥିଲେ । ଖେଳାଳିମାନେ ଯେଉଁ ଷ୍ଟିରୟେଡ୍ ବ୍ୟବହାର କରନ୍ତି ତାହା ମୁଖ୍ୟତଃ ଏନାବୋଲିକ୍ ଏବଂ ଏଣ୍ଡ୍ରୋଜେନିକ ପ୍ରକାରର ଅଟେ । କିନ୍ତୁ ଏହାକୁ ଚିକିତ୍ସାରେ ବହୁଳ ମାତ୍ରାରେ ଉପଯୋଗ କରିବା କେତେଦୂର ହିତକର, ତାହା ବିଚାରସାପେକ୍ଷ ।

ଆଜିକାଲି ଆମ ଦେଶରେ ପ୍ରଚଳିତ ବିଭିନ୍ନ ଚିକିତ୍ସା ପଦ୍ଧତିରେ ଚିକିତ୍ସକମାନେ ଆଖିବୁଜି ଷ୍ଟିରୟେଡ୍ ପ୍ରୟୋଗ କରିଛନ୍ତି, ଯେଉଁଥିପାଇଁ ରୋଗୀମାନଙ୍କ ମଧ୍ୟରେ ଦିନକୁ ଦିନ ରୋଗ-ପ୍ରତିରୋଧକ କ୍ଷମତା କମି କମି ଯାଉଛି । ଯଦିଓ ଆଧୁନିକ ଚିକିତ୍ସା ବିଜ୍ଞାନର ସଫଳତା ଓ ପ୍ରଗତି ମାନବ ସମାଜର କଲ୍ୟାଣ ପାଇଁ ଉଦ୍ଦିଷ୍ଟ, ତଥାପି ଦୁଃଖର କଥା ଯେ ଏ କ୍ଷେତ୍ରରେ ଚିକିତ୍ସକମାନେ ଅନେକ ଔଷଧର ଦୁରୁପଯୋଗ କରୁଛନ୍ତି । ମୁଖ୍ୟତଃ ସାମୟିକ ଓ ଆଶୁ ଉପକାର ପାଇଁ ଷ୍ଟିରୟେଡ୍ ମିଶା ଔଷଧ ସେବନ କରିବାକୁ ଲେଖୁଛନ୍ତି, ଯାହାକି ଅତ୍ୟନ୍ତ ଚିନ୍ତାରେ ବିଷୟ । ଏପରି ସମସ୍ତ ରୋଗ ଯାହା ସାଧାରଣ ଉପଚାର ଦ୍ୱାରା ଠିକ୍ ହେଉ ନାହିଁ ସେସବୁର ଉପଚାର ପାଇଁ ଷ୍ଟିରୟେଡ୍ ଖୋଲାଖୋଲି ଉପଯୋଗ କରାଯାଉଛି ।

ଅନେକ ହାକିମ-ବୈଦ୍ୟ ମଧ୍ୟ ସମସ୍ତ ରୋଗର ଗୋଟିଏ ଔଷଧ ରୂପେ ଷ୍ଟିରୟେଡ୍‌ଯୁକ୍ତ ଔଷଧ ପ୍ରୟୋଗ କରୁଛନ୍ତି ଏବଂ ଔଷଧର ଦୁଷ୍ପ୍ରଭାବକୁ ଅଣଦେଖା କରୁଛନ୍ତି ।

ତେବେ ଏହା ଆଶ୍ଚର୍ଯ୍ୟର କଥା ଯେ ଷ୍ଟିରୟେଡ୍‌ଯୁକ୍ତ ଔଷଧ ପ୍ରୟୋଗ ଦ୍ୱାରା ରୋଗଗୁଡ଼ିକର ଲକ୍ଷଣ ଅତିଶୀଘ୍ର ଉପଶମ ହେବାକୁ ଲାଗେ ଏବଂ ରୋଗ ଶୀଘ୍ର ନିୟନ୍ତ୍ରିତ ହୋଇଥାଏ, ତଥାପି ଏହାର ଦୁଷ୍ପ୍ରଭାବଗୁଡ଼ିକ ବିଚାର କଲେ ଏହାକୁ କେବଳ ଅତ୍ୟାବଶ୍ୟକ ଓ ଅପରିହାର୍ଯ୍ୟ ସ୍ଥଳରେ ଉପଯୋଗ କରିବା ଉଚିତ ବୋଲି କୁହାଯିବ ।

ଷ୍ଟିରୟେଡ୍‌ର ଅନେକ ଦୁଷ୍ପ୍ରଭାବ ରହିଛି । ସାଧାରଣ ବ୍ରଣ, ବଥ ଠାରୁ ଆରମ୍ଭ କରି ଚନ୍ଦାପଣ, ଏପରିକି କ୍ୟାନସର ପରି ମାରାତ୍ମକ ରୋଗର କାରଣ ହୋଇପାରେ ଏହି ଷ୍ଟିରୟେଡ୍‌ଯୁକ୍ତ ଔଷଧ । ଷ୍ଟିରୟେଡ୍ସ ଅଧିକ ସେବନ କରିବା ଦ୍ୱାରା ଅନେକ ପ୍ରକାରର ମନୋଦୈହିକ ରୋଗ (ସାଇକୋସୋମାଟିକ୍ ଡିଜିଜ୍) ଯଥା- ମାନସିକ ଅବସାଦ (ଡିପ୍ରେସନ), ସ୍ମୃତି-ଦୌର୍ବଲ୍ୟ, ପୌରୁଷହାନୀ ପ୍ରଭୃତି ସମସ୍ୟା ଦେଖା ଦେଇପାରେ ।

ଆଜିକାଲି ଲୋମାନଙ୍କ ମନରେ ଏକ ଭ୍ରାନ୍ତ ଧାରଣା ସୃଷ୍ଟି ହୋଇଛି ଯେ, ଷ୍ଟିରୟେଡ୍ ପୁରୁଷମାନଙ୍କଠାରେ ପୁରୁଷତ୍ୱ ବିକାଶ ସହିତ ଶରୀରକୁ ମଜବୁତ, ସଶକ୍ତ ଏବଂ ଦୃଢ଼ ତଥା ସକ୍ରିୟ ସ୍ୱାସ୍ଥ୍ୟଯୁକ୍ତ କରିଥାଏ, ଯାହାଫଳରେ ଶରୀରରେ ଶକ୍ତି-ସ୍ଫୂର୍ତ୍ତି ଜାଗ୍ରତ ହୋଇଥାଏ । କିନ୍ତୁ ପ୍ରକୃତ କଥା ତାହା ନୁହେଁ । ଯଦିଓ ଷ୍ଟିରୟେଡ୍ ସେବନ ଦ୍ୱାରା ଶରୀରରେ ଏହିଭଳି ପରିବର୍ତ୍ତନ ଆସିଥାଏ, କିନ୍ତୁ ତାହା କ୍ଷଣିକ ସମୟ ପାଇଁ ଏବଂ ଏଥିରେ ଲାଭ ବଦଳରେ କ୍ଷତି ବେଶୀ ହୋଇଥାଏ । ଏହିସବୁ ଔଷଧକୁ ଖାଇବା ଛାଡ଼ିଦେବା ପରେ ଦେହ ଫୁଲିଯିବା ଏବଂ ମାନସିକ ବିଚଳନ ଆଦି ଲକ୍ଷଣ ପ୍ରକାଶ ପାଏ । ପରିସ୍ଥିତି ଏପରି ହୁଏ ଯେ, ରୋଗୀକୁ ଡାକ୍ତରଖାନାରେ ଭର୍ତ୍ତି କରିବାକୁ ପଡ଼େ ।

ଷ୍ଟିରୟେଡ୍‌ର ଅତିଶୟ ସେବନ ଦ୍ୱାରା ପୁରୁଷମାନଙ୍କର ପ୍ରଜନନ ଶକ୍ତି ଉପରେ ଏହାର ଦୁଷ୍ପ୍ରଭାବ ପଡ଼େ, ତଥା ବନ୍ଧ୍ୟାତ୍ୱ (ଷ୍ଟେରିଲିଟି)ର ସମସ୍ୟା ଦେଖାଦେଇପାରେ । ଅନେକ ଷ୍ଟିରୟେଡ୍ ସେବନ କରିବା ବେଳେବେଳେ ଅଭ୍ୟାସଗତ ହୋଇଯାଏ ।

ଷ୍ଟିରୟେଡ୍ ସେବନ କରିବା ପରେ ପରେ ଶରୀରରେ କାର୍ଯ୍ୟକାରୀ ଅନେକ କେନ୍ଦ୍ରରେ ଏକ ପ୍ରକାର ମାଦକ ପ୍ରଭାବ ପଡ଼େ, ଯାହା ଫଳରେ ସେବନକାରୀ ଏକ ପ୍ରକାର ଶକ୍ତି ଓ ସ୍ଫୂର୍ତ୍ତି ଅନୁଭବ କରେ ।

ଷ୍ଟିରୟେଡ୍‌ର ଆହୁରି ଅନେକ ଦୁଷ୍ପ୍ରଭାବ ରହିଛି । ସାଧାରଣତଃ ଶରୀରର ଓଜନ ବୃଦ୍ଧି ତଥା ମାଂସପେଶୀକୁ ସୁଦୃଢ଼ କରିବା ପାଇଁ ଉପଯୋଗ କରାଯାଉଥିବା ଷ୍ଟିରୟେଡ୍ସର ଲଗାତର ସେବନ ଫଳରେ ଶରୀରରେ ଜଳୀୟାଂଶ ତଥା ସୋଡ଼ିୟମ୍ ବୃଦ୍ଧି ପାଇଥାଏ ।

ଏହା ଫଳରେ ତ୍ୱଚା ପତଳା ହୋଇଯାଏ ଏବଂ ସାମାନ୍ୟ ଆଘାତରେ ଏହା ଫାଟିଯାଇ ଏଥିରୁ ଆଭ୍ୟନ୍ତରୀଣ ରକ୍ତସ୍ରାବ ହେବାକୁ ଲାଗେ । ଏହାଛଡ଼ା, ପ୍ରଜନନ ତନ୍ତ୍ରର ପ୍ରାକୃତିକ ସଂଚାଳନରେ ପ୍ରତିବନ୍ଧକ ସୃଷ୍ଟି ହୁଏ ଏବଂ ଉକ୍ତ କାରଣରୁ ହୃଦ୍‌ରୋଗ ତଥା ମସ୍ତିଷ୍କଗତ ବିକୃତି ଉତ୍ପନ୍ନ ହେବାକୁ ଲାଗେ । ଆହୁରି ମଧ୍ୟ ରୋଗ-ପ୍ରତିରୋଧ କ୍ଷମତା କମିବା କାରଣରୁ ଶରୀରରେ ସଂକ୍ରମଣ ସମ୍ଭାବନା ବଢ଼ିଯାଏ ।

ସୁତରାଂ ଷ୍ଟିରୟେଡ୍ ଭଳି ଔଷଧ କାର୍ଯ୍ୟକାରିତାକୁ ବିଚାର କଲେ ଏହାର ଲାଭ ଅପେକ୍ଷା କ୍ଷତିକାରକ ଗୁଣ ବେଶୀ ଜଣାପଡ଼େ । ଆଜିକାଲି ଆୟୁର୍ବେଦ ଔଷଧ ନାମରେ ଅନେକ ସ୍ୱାସ୍ଥ୍ୟ ଓ ଶକ୍ତିବର୍ଦ୍ଧକ, ଯୌନଶକ୍ତିବର୍ଦ୍ଧକ ଔଷଧରେ ଷ୍ଟ୍ରରୟେଡ୍ସ ମିଶୁଛି ଏବଂ ଏସବୁର ପ୍ରଚାର ମଧ୍ୟ ବିଜ୍ଞାପନରେ ଚାଲିଛି । ଏସବୁ ପ୍ରତି ସର୍ତ୍ତକ ରହିବା ବୁଦ୍ଧିମତ୍ତାର ପରିଚୟ ।

ଓ.ଏମ୍.ପି. ଛକ, କଟକ-୩
ମୋ- ୯୪୩୭୦୪୩୧୦୩

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ୯୦ ହଜାରରୁ...

୨୦୨୫-୨୬ ଆର୍ଥିକ ବର୍ଷରେ ମୋଟ ୪,୯୫୮ ଦମ୍ପତିଙ୍କୁ ପ୍ରୋତ୍ସାହନ ରାଶି ପ୍ରଦାନ କରାଯାଇଥିବା ସୂଚନା ଦିଆଯାଇଥିଲା । ଏଥିସହ ଭିନ୍ନକ୍ଷମଙ୍କୁ ଯୋଗାଇ ଦିଆଯାଉଥିବା ସୁବିଧା ସୁଯୋଗ ସମ୍ପର୍କରେ ଆଲୋଚନା କରାଯାଇଥିଲା । କେନ୍ଦ୍ର ସରକାରଙ୍କ ପେନସନ୍ ଯୋଜନା ମାଧ୍ୟମରେ ରାଜ୍ୟର ପ୍ରାୟ ୯୦, ୨୮୩ ଭିନ୍ନକ୍ଷମଙ୍କୁ ପେନସନ୍ ଦିଆଯାଉଥିବା ସୂଚନା ଦିଆଯାଇଥିଲା । ଭିନ୍ନକ୍ଷମ ଛାତ୍ରଛାତ୍ରୀଙ୍କ ପାଇଁ କାର୍ଯ୍ୟ କରୁଥିବା ସ୍ୱତନ୍ତ୍ର ବିଦ୍ୟାଳୟ ଓ ସଂରକ୍ଷଣ ସମ୍ପର୍କରେ ବିସ୍ତୃତ ଆଲୋଚନା କରାଯାଇଥିଲା । ଭିନ୍ନକ୍ଷମ ଶିଶୁମାନଙ୍କର ସ୍ୱାସ୍ଥ୍ୟ ପରୀକ୍ଷା, ସେମାନଙ୍କୁ ପ୍ରାରମ୍ଭିକ ସହାୟତା ଯୋଗାଇଦେବା ବିଷୟରେ ଗୁରୁତ୍ୱ ଦେଇଥିଲେ । ରାଷ୍ଟ୍ରମନ୍ତ୍ରୀ ଶ୍ରୀ ଆଠୱାଲେ । ସମୀକ୍ଷା ପରେ ଆୟୋଜିତ ଗଣମାଧ୍ୟମକୁ ମନ୍ତ୍ରୀ ସମ୍ବୋଧିତ କରିଥିଲେ ।

ବୈଠକରେ ଅନୁସୂଚିତ ଜାତି ଉନ୍ନୟନ, ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆ ବର୍ଗ କଲ୍ୟାଣ ବିଭାଗର ଆୟୁକ୍ତ ତଥା ଶାସନ ସଚିବ ବି. ପରମେଶ୍ୱରନ୍, ଅନୁସୂଚିତ ଜାତି ନିର୍ଦ୍ଦେଶକ ତଥା ଅତିରିକ୍ତ ସଚିବ ଲକ୍ଷ୍ମଣ କୁମାର ମଲ୍ଲିକ, ଓବିସି ନିର୍ଦ୍ଦେଶକ ଯୁଗଳେଶ୍ୱରୀ ଦାଶ, ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗର ଅତିରିକ୍ତ ଶାସନ ସଚିବ ଦୀପକ ରାଉତରାୟ, ବିଏମସିର ଅତିରିକ୍ତ ଆୟୁକ୍ତ ସସ୍ମିତା ସାହୁ, ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗର ଅତିରିକ୍ତ ଶାସନ ସଚିବ ଗୀତାଞ୍ଜଳି ନାଏକ, ମଧୁସ୍ମିତା ସାମଲ ଓ ଅନ୍ୟାନ୍ୟ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ ।

## ସାମୁଦ୍ରିକ...

ରହିଛି । ପ୍ରାଚୀନ କଳିଙ୍ଗର ସାଧବ ପୁଅମାନେ ସମୁଦ୍ର ପଥରେ ଦକ୍ଷିଣ-ପୂର୍ବ ଏସିଆର ବିଭିନ୍ନ ଦେଶ ସହ ବ୍ୟାପାର ଓ ସାଂସ୍କୃତିକ ସମ୍ପର୍କ ସ୍ଥାପନ କରିଥିଲେ, ଯାହାର ଜୀବନ୍ତ ପ୍ରତୀକ ଭାବେ ଆଜି ମଧ୍ୟ ବାଲିଯାତ୍ରା ଉତ୍ସବ ପାଳିତ ହେଉଛି । ବର୍ତ୍ତମାନ ଭାରତର ସାମୁଦ୍ରିକ ବିକାଶ ଯାତ୍ରାରେ ଓଡ଼ିଶା ପ୍ରମୁଖ ଭୂମିକା ଗ୍ରହଣ କରୁଛି । ରାଜ୍ୟର ସାମୁଦ୍ରିକ ରଣନୈତିକ ସ୍ଥିତିକୁ ଅଧିକ ମଜବୁତ କରିବା ପାଇଁ ଗଞ୍ଜାମଠାରେ ଏକ ଗଭୀର-ସମୁଦ୍ର ବନ୍ଦର ଏବଂ ପାରାଦୀପ ନିକଟରେ ଏକ ସିପ୍ ବିଲ୍ଡିଂ କ୍ଲଷ୍ଟର ନିର୍ମାଣ କରାଯାଉଛି ।

ଭାରତ ସରକାରଙ୍କ 'ସାଗର', 'ଆକ୍ଟ ଇଷ୍ଟ ପଲିସି', 'ବିମଷ୍ଟେକ' ଏବଂ 'କୋଷ୍ଟାଲ ସିକ୍ୟୁରିଟି ସ୍କିମ ଫେଜ-୩' ଭଳି ପ୍ରଗତିଶୀଳ ନୀତିକୁ ଓଡ଼ିଶା ସରକାର ସମ୍ପୂର୍ଣ୍ଣ ସମର୍ଥନ କରୁଛନ୍ତି ବୋଲି ସେ କହିଥିଲେ । ସାମୁଦ୍ରିକ ସୁରକ୍ଷା କ୍ଷେତ୍ରରେ କୃତ୍ରିମ ବୁଦ୍ଧିମତା, ଅନ୍‌ମ୍ୟାନ୍ଡ ସିଷ୍ଟମ ଏବଂ ଅତ୍ୟାଧୁନିକ ନିନଟଙ୍ଗି ନେଟୱାର୍କର ଉପଯୋଗ ଉପରେ ସେ ଗୁରୁତ୍ୱାରୋପ କରିଥିଲେ । ଏଥିସହ ମାଛଧରା ଡଙ୍ଗାଗୁଡ଼ିକରେ 'ନଭମିତ୍ର' ଟ୍ରାନ୍ସପଣ୍ଡର ଲଗାଇବା ଏବଂ କୋଷ୍ଟାଲ ଭାଇବ୍ରାଣ୍ଟ ଭିଲେଜ ପ୍ରୋଗ୍ରାମ ଭଳି କାର୍ଯ୍ୟକ୍ରମକୁ ସାମୁଦ୍ରିକ ସୁରକ୍ଷା ବ୍ୟବସ୍ଥା ସୁଦୃଢ଼ କରିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ବୋଲି ସେ କହିଥିଲେ । ସାମୁଦ୍ରିକ ସୀମା ସୁରକ୍ଷାରେ ନିୟୋଜିତ ଭାରତୀୟ ନୌସେନା, କୋଷ୍ଟ ଗାର୍ଡ, ଓଡ଼ିଶା ପୋଲିସ ଏବଂ ଅନ୍ୟ ସମସ୍ତ ସଂସ୍ଥାର କାର୍ଯ୍ୟକୁ ସେ ଉଚ୍ଚ ପ୍ରଶଂସା କରିଥିଲେ ।

ଏହି ବୈଠକରେ ଯୋଗଦେଇ ଜାତୀୟ ମାରିଟାଇମ୍ ସୁରକ୍ଷା ସମନ୍ୱୟକାରୀ ଅବସରପ୍ରାପ୍ତ ଭାଇସ୍ ଆଡମିରାଲ୍ ବିଶ୍ୱଜିତ୍ ଦାସଗୁପ୍ତା କହିଛନ୍ତି ଯେ, ସାମୁଦ୍ରିକ ସୁରକ୍ଷା ପାଇଁ କୌଣସି ଗୋଟିଏ ନିର୍ଦ୍ଦିଷ୍ଟ ମଡେଲ ଖୋଜିବା ଅତ୍ୟନ୍ତ କଷ୍ଟକର । ଏଥିପାଇଁ ବିଭିନ୍ନ ସଂସ୍ଥା ମଧ୍ୟରେ ସମନ୍ୱୟ ରହିବା ଅତ୍ୟନ୍ତ ଆବଶ୍ୟକ । ନ୍ୟାସନାଲ ମାରିଟାଇମ ସିକ୍ୟୁରିଟି ଅଫିସ୍ ଅନେକ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ କରିବା ସହ ସାମୁଦ୍ରିକ ସୁରକ୍ଷା କ୍ଷେତ୍ରରେ ସଚେତନତା ସୃଷ୍ଟି କରୁଛି ଏବଂ ସମସ୍ତ ଉପକୂଳବର୍ତ୍ତୀ ରାଜ୍ୟଗୁଡ଼ିକୁ ମାର୍ଗଦର୍ଶନ ପ୍ରଦାନ କରୁଛି ବୋଲି ସେ କହିଥିଲେ ।

ଏହି ଅବସରରେ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ କହିଥିଲେ ଯେ, ସାମୁଦ୍ରିକ ସୁରକ୍ଷା କେବଳ ସାମରିକ ବା ସୁରକ୍ଷାଗତ ଦିଗ ମଧ୍ୟରେ ସୀମିତ ନୁହେଁ । ସମ୍ମିଳନୀରେ ଉପସ୍ଥିତ ବରିଷ୍ଠ ଅଧିକାରୀମାନଙ୍କୁ ଅନୁରୋଧ କରି ସେ କହିଥିଲେ ଯେ, କେବଳ ମୁଖ୍ୟ ଉପକୂଳ ଅଞ୍ଚଳ ନୁହେଁ, ବରଂ ସମୁଦ୍ର ମଧ୍ୟରେ ଥିବା ଦ୍ୱୀପଗୁଡ଼ିକର ସୁରକ୍ଷା ଏବଂ ବିକାଶ ଉପରେ ମଧ୍ୟ ସମାନ ଭାବେ ଗୁରୁତ୍ୱ ଦିଆଯିବା ଉଚିତ ।

ଏହି ସମ୍ମିଳନୀରେ ମୁଖ୍ୟମନ୍ତ୍ରୀଙ୍କ ପରାମର୍ଶଦାତା ପ୍ରକାଶ ମିଶ୍ର, ଗୃହ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ହେମନ୍ତ ଶର୍ମା, ପୋଲିସ ମହାନିର୍ଦ୍ଦେଶକ ୱାଇ. ବି. ଖୁରାନିଆଙ୍କ ସମେତ ଉପକୂଳବର୍ତ୍ତୀ ରାଜ୍ୟର ସାମୁଦ୍ରିକ ସୁରକ୍ଷା ସମନ୍ୱୟକାରୀ, କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବରିଷ୍ଠ ପଦାଧିକାରୀ ଏବଂ ଗଣମାଧ୍ୟମର ପ୍ରତିନିଧିମାନେ ପ୍ରମୁଖ ଉପସ୍ଥିତ ଥିଲେ । ପୋଲିସ ମହାନିର୍ଦ୍ଦେଶକ ୱାଇ. ବି. ଖୁରାନିଆ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ ।

## କୋଟିପତି...

୧୮ଟି ମୂଲ୍ୟବାନ ପ୍ଲଟ୍ ଠାବ କରାଯାଇଛି । ଯାହା ବାଲେଶ୍ୱର, ଯାଜପୁର ଜିଲ୍ଲାର କୋରେଇ ଥାନା ଅନ୍ତର୍ଗତ ରାସ୍ତା କଡ଼ ଏବଂ କଟକର ବିଦ୍ୟାଧରପୁର ଭଳି ପ୍ରାଇମ୍ ଲୋକେସନରେ ରହିଛି । ଏଥିସହ କଟକରେ ଏକ ୩ ମହଲା ବିଶିଷ୍ଟ ସୁଦୃଶ୍ୟ ଅଟ୍ଟାଳିକା ରହିଛି । ଏଥିରେ ତାଙ୍କ ପରିବାର ଲୋକେ ରହୁଛନ୍ତି । ସେହିପରି ତାଙ୍କ ପୈତୃକ ଗ୍ରାମରେ ଏକ ୨ ମହଲା ଓ ଏକ ୧ ମହଲା ବିଶିଷ୍ଟ ୨ଟି ଘର ସହ ସମୁଦାୟ ୩ଟି ଘର ଠାବ କରାଯାଇଛି । ସେହିପରି ଇନସ୍ୟୁରାନ୍ସ ପଲିସି, ମ୍ୟୁଚୁଆଲ୍ ଫଣ୍ଡ ଏବଂ ସେୟାର ମାର୍କେଟରେ ହୋଇଥିବା ବିପୁଳ ନିବେଶର ଯାଞ୍ଚ ପ୍ରକ୍ରିୟା ଏବେ ମଧ୍ୟ ଜାରି ରହିଛି । ଯାହାର ସମ୍ପୂର୍ଣ୍ଣ ରିପୋର୍ଟ ଆସିବା ପରେ ଏହି ସମ୍ପତ୍ତିର ପରିମାଣ ଆହୁରି ବୃଦ୍ଧି ପାଇବାର ସମ୍ଭାବନା ରହିଛି । ତେବେ କାର୍ଯ୍ୟ ନିର୍ବାହୀ ଯନ୍ତ୍ରୀ ଇଂ. ନାୟକ, ତାଙ୍କ ପତ୍ନୀ ଓ ସନ୍ତାନ ମାନଙ୍କ ନାମରେ ବିପୁଳ ପରିମାଣର ସ୍ଥାବର ଓ ଅସ୍ଥାବର ସମ୍ପତ୍ତି ରହିଛି । ଏସବୁ ହିସାବ କଲେ ଏହା ୫ କୋଟିରୁ ଅଧିକ ହେବ ।

ତଦନ୍ତ ବେଳେ ତାଙ୍କ ପାଖରୁ ଏକ ପାସପୋର୍ଟ ଜବତ କରାଯାଇଛି । ସେ ଏକାଧିକ ଥର ବିଦେଶ ଗସ୍ତ କରିଥିବା ଜଣାପଡ଼ିଛି । ସେ ବିଶେଷ କରି ଶ୍ରୀଲଙ୍କା ଗସ୍ତ କରିଥିବା ବେଳେ ତାଙ୍କ ମୋବାଇଲ୍ ଓ ଅନ୍ୟାନ୍ୟ ଗ୍ୟାଜେଟ୍ ଯାଞ୍ଚବେଳେ ଜୁଆ ଏବଂ ବେଟିଂରେ ଲିପ୍ତ ଥିବା ସ୍ପଷ୍ଟ ହୋଇଛି । ଏଥିରେ ସେ କେତେ ଟଙ୍କା ଖଟାଇଛନ୍ତି ଓ କଣ ପାଇଛନ୍ତି ସେ ନେଇ ଅଧିକ ଖୋଳତାଡ଼ ଚାଲିଛି । କଟକ ବାସଭବନ ତଲାସୀ ବେଳେ ସେଠାରୁ ଶ୍ରୀଲଙ୍କା, ନେପାଳ, ବାହାରିନ୍ ଓ ଆମେରିକାର କିଛି ବୈଦେଶିକ ମୁଦ୍ରା ମଧ୍ୟ ଜବତ ହୋଇଛି ।

ସେ କେବେ ବିଦେଶ ଗସ୍ତ କରିଛନ୍ତି ସେ ସମ୍ପର୍କରେ ସବିଶେଷ ବିବରଣୀ ପାଇଁ ପାସପୋର୍ଟ ଅଫିସ୍ ସହ ଯୋଗାଯୋଗ କରାଯାଇଛି । ସରକାରୀ ନିର୍ମାଣ କାର୍ଯ୍ୟରେ ସମ୍ପୃକ୍ତ ଠିକାଦାରମାନଙ୍କ ଠାରୁ ସେ ଏହି ସମସ୍ତ ଅର୍ଥ ଆଦାୟ କରୁଥିବା ସନ୍ଦେହ କରାଯାଉଛି । ଚଢ଼ଉ ସମୟରେ ୩ଟି ଚାରିଚକିଆ ଯାନ, ୨ଟି ଜେସିବି ମେସିନ୍, ଗୋଟିଏ ଟ୍ରାକଟରସହ ଟ୍ୟାଙ୍କର , ଗୋଟିଏ ଟ୍ରକ୍ ଏବଂ ୨ଟି ଦୁଇଚକିଆ ଯାନ ସମେତ ଅନେକ ଗାଡ଼ି ମଧ୍ୟ ଠାବ କରାଯାଇଛି । ସୂଚନାଯୋଗ୍ୟ , ପଦ୍ମଲୋଚନ ୧୧ଜୁଲାଇ, ୧୯୯୧ରେ ମାତ୍ର ୨୬ଶହ ଟଙ୍କା ଦରମାରେ ସମ୍ବଲପୁରରେ କନିଷ୍ଠ କୃଷି ଇଞ୍ଜିନିୟର ଭାବେ ସରକାରୀ ଚାକିରୀରେ ଯୋଗ ଦେଇଥିଲେ । ପଦୋନ୍ନତି ସହ ବିଭିନ୍ନ ଜିଲ୍ଲାକୁ ବଦଳି ପରେ ପୁଣି ସମ୍ବଲପୁର ଆସିଥିଲେ । ଯାହା ତାଙ୍କୁ ଆୟ ବହିର୍ଭୂତ ସମ୍ପତ୍ତି ଠୁଳ କରିବାରେ ବେଶ ସହାୟକ ହୋଇଥିଲା । ତାଙ୍କର ସମସ୍ତ ବ୍ୟାଙ୍କ ଆକାଉଣ୍ଟ ଓ ଜମା ରାଶିକୁ ଫ୍ରିଜ କରାଯାଇଛି । ଆଗକୁ ତାଙ୍କର ଏହି ସମସ୍ତ ଆୟବହିର୍ଭୂତ ସମ୍ପିକୁ ବାଜ୍ୟାପ୍ତ କରିବା ପାଇଁ କୋର୍ଟରେ ଆଇନଗତ ପ୍ରକ୍ରିୟା ଆରମ୍ଭ କରାଯିବ ବୋଲି ଜଣାପଡିଛି ।

## ହତ୍ୟା...

ଚନ୍ଦନ ପାଲାର ଏହି ହତ୍ୟାକାଣ୍ଡରେ ସାମିଲ ଅଛି। ହତ୍ୟାକାଣ୍ଡରେ ପରେ ଅଭିଯୁକ୍ତ ଚନ୍ଦନ ଓ ଅନ୍ୟମାନେ ଫେରାର ହୋଇଯାଇଥିଲେ। ଜିଲା ଏସ୍ପି ପ୍ରତୀକ ସିଂଙ୍କ ନିର୍ଦ୍ଦେଶ କ୍ରମେ ଅଭିଯୁକ୍ତଙ୍କୁ ଧରିବା ପାଇଁ ସିଟି ଡିଏସପି ରଶ୍ମି ରଞ୍ଜନ ମହାପାତ୍ରଙ୍କ ନେତୃତ୍ୱରେ ବଳିଆପଣ୍ଡା ଓ ଅନ୍ୟ ଥାନା ଅଧିକାରୀଙ୍କୁ ନେଇ ଏକ ସ୍ୱତନ୍ତ୍ର ଟିମ ଗଠନ କରାଯାଇ ଥିଲା। ବିଶେଷ ସୂତ୍ରରୁ ପୋଲିସ ଖବର ପାଇ ଥିଲା ହତ୍ୟାକାଣ୍ଡ ଘଟାଇବା ପରେ ଅଭିଯୁକ୍ତ ଚନ୍ଦନ ନିକଟସ୍ଥ ଏକ କାଜୁ ଜଙ୍ଗଲରେ ଆତ୍ମ ଗୋପନ କରିଛି। ତାକୁ ଧରିବା ପାଇଁ ସିଟି ଡିଏସ୍ପି ଓ ସ୍ୱତନ୍ତ୍ର ପୋଲିସ ଟିମ୍ ସେଠାରେ ଅତର୍କିତ ଭାବେ ଚଢ଼ାଉ କରି ଥିଲା। ପୋଲିସକୁ ଦେଖି ଚନ୍ଦନ ତା ନିକଟରେ ରଖି ଥିବା ପିସ୍ତଲରୁ ଗୁଳି ଫୁଟାଇ ଥିଲା। ପୋଲିସ ନିଜ ଆତ୍ମ ସୁରକ୍ଷା ପାଇଁ ପାଲଟା ଗୁଳି ଚାଳନା କରି ଥିଲା। ପୋଲିସ ର ଗୁଳି ଚନ୍ଦନ ର ଗୋଡ଼ରେ ବାଜି ଥିଲା। ସେ ସେଠାରେ ରକ୍ତ ଜୁଡୁବୁଡୁ ଅବସ୍ଥାରେ ତଳେ ପଡି ଯାଇ ଥିଲା ।ଚିକିତ୍ସା ପାଇଁ ତାକୁ ପୁରୀ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ପରେ ଅଧିକ ଚିକିତ୍ସା ପାଇଁ କଟକ ବଡ

## ଅଗ୍ନି...

ସେଣ୍ଟର ଓ ଦକ୍ଷତା ବିକାଶ କେନ୍ଦ୍ରରେ ଅଗ୍ନି ନିରାପତ୍ତା ପ୍ରସ୍ତୁତିର ସମୀକ୍ଷା ଓ ଅଡିଟ ବାଧ୍ୟତାମୂଳକ କରାଯାଇଛି। ନୂତନ ଶିକ୍ଷାବର୍ଷ ଆରମ୍ଭ ସମୟରେ ସୁରକ୍ଷା ନିୟମରେ କୌଣସି ପ୍ରକାର ସାଲିସ କରାଯିବ ନାହିଁ। ଏହି ପରିପ୍ରେକ୍ଷୀରେ ସମସ୍ତ ଜିଲ୍ଲାପାଳଙ୍କୁ ସରକାରୀ ନିର୍ଦ୍ଦେଶନାମା ଜାରି କରାଯାଇଛି ।

ଏସଆରସି ଓ ଓଡମାର ପରିଚାଳନା ନିର୍ଦ୍ଦେଶକ ରାଜେଶ ପ୍ରଭାକର ପାଟିଲ ଉଲ୍ଲେଖ କରିଛନ୍ତି ଯେ, ଛାତ୍ର ଛାତ୍ରୀ, ପ୍ରଶିକ୍ଷାର୍ଥୀ, ଶିକ୍ଷକ ଏବଂ ସହଯୋଗୀ କର୍ମଚାରୀଙ୍କ ସୁରକ୍ଷା ସର୍ବପରି ନୂତନ ଶିକ୍ଷା ବର୍ଷ ଆରମ୍ଭ ହେବାକୁଥିବାରୁ ସ୍ଥାନୀୟ କର୍ତ୍ତୃପକ୍ଷଙ୍କୁ ତୁରନ୍ତ କର୍ତ୍ତୃପକ୍ଷ ଯାଞ୍ଚ ପାଇ ନିର୍ଦ୍ଦେଶ ଦିଆଯାଇଛି। ବ୍ୟାପକ ଅଗ୍ନି ନିରାପତ୍ତା ଅଡିଟ କରାଯିବ। ଜିଲ୍ଲା ପ୍ରଶାସନ ସମସ୍ତ କ୍ୟାମ୍ପସରେ ବ୍ୟାପକ ଯାଞ୍ଚ କରିବେ। ଅଧିକ ବିପଦପୂର୍ଣ୍ଣ ବହୁ ତଳ ବିଶିଷ୍ଟ କୋଠା ସହରାଞ୍ଚଳ ଉପରେ ବିଶେଷ ଧ୍ୟାନ ଦିଆଯିବ। ନିର୍ଦ୍ଦେଶ ସୁରକ୍ଷା ମାନଦଣ୍ଡ ଅଗ୍ନି ନିରାପତ୍ତା ପ୍ରମାଣ ପତ୍ର ଦିଆଯିବ। କ୍ଷେତ୍ରସ୍ତରରେ ଅଗ୍ନି ନିର୍ବାପକ ଯନ୍ତ୍ର ଭଳି ଗୁରୁତ୍ୱପୂର୍ଣ୍ଣ ସହରାଞ୍ଚଳ ଗୁଡିକର କାର୍ଯ୍ୟ କାରିତାକୁ ନିଶ୍ଚିତ କରିବାକୁ ଦଳ ଗୁଡିକ ଦାୟିତ୍ୱ ଦିଆଯାଉଛି। ସର୍ଟସର୍କିଟ ବୈଦେତୁକ ସରାଞ୍ଚଳ ଗୁଡିକର ରକ୍ଷଣାବ୍ୟକ୍ଷଣ ସହ ଶ୍ରେଣୀ ଗୃହ କରିଡର କିମ୍ବା ଜରୁରୀକାଳୀନ ନିଗମ ପଥରେ ଜଳନଶୀଳ ପଦାର୍ଥ ସଂରକ୍ଷଣ ଉପରେ ନିଦେଶାଦେଶ ଜାରୀ କରାଯାଇଛି। ଅଗ୍ନି ନିର୍ବାପଦକ ବ୍ୟବହାର ପ୍ରଶିକ୍ଷଣ ଓ ମକଡ୍ରିଲ ଆୟୋଜନ କରିବାକୁ ବାଧ୍ୟତାମୂଳକ କରାଯାଇଛି। ଜରୁରୀକାଳୀନ ପରିସ୍ଥିତିରେ ନର୍ଗମନ ପଥକୁ ସୁରକ୍ଷାର ପ୍ରଥମ ମାଧ୍ୟମ ବୋଲି ଗୁରୁତ୍ୱ ଦିଆଯାଇଛି। ନିର୍ଦ୍ଧାରିତ ମୁକ୍ତ ଏକତ୍ରୀ ସ୍ଥାନ ଏବଂ ଜରୁରୀ କାଳୀନ ଯୋଗାଯୋଗ ନମ୍ବର ଦର୍ଶା ଯାଉଥିବା ସ୍ପଷ୍ଟ ଭାବରେ ଲଗାଯିବା ଆବଶ୍ୟକ। ସମସ୍ତ କବାଟ ବାହାର ପଡକୁ ଖୋଲାଯିବ ଉଚିତ। ଦକ୍ଷତା ବୃଦ୍ଧି କ୍ଷେତ୍ରରେ ସଚେତନତା କାର୍ଯ୍ୟକ୍ରମ ପ୍ରତି ୩ ମାସରେ ଆୟୋଜନ ହେବ। ଅଗ୍ନିସେବା କର୍ତ୍ତୃପକ୍ଷ ଓ ସ୍ଥାନୀୟ ପ୍ରଶାସନର ନିୟୋମିତ ମକଡ୍ରିଲ କରାଯିବ। ପ୍ରତ୍ୟେକ ଅନୁଷ୍ଠାନ ନିଜର ସ୍ୱତନ୍ତ୍ର ଫାୟାର ସେଫ୍ଟି, ୱାଡେନ ଏବଂ ନୋଡାଲ ଅଫିସରମାନଙ୍କୁ ଆନୁଷ୍ଠାନିକ ଭାବେ ମନୋନୀତ କରି ପ୍ରଶିକ୍ଷଣ ଦେବେ। ପ୍ରତ୍ୟେକ ଶିକ୍ଷାନୁଷ୍ଠାନକୁ ନିଜର ସ୍ୱତନ୍ତ୍ର ନକ୍ସା ଅନୁଯାୟୀ ଏକ ଅନୁଷ୍ଠାନ ନିର୍ଦ୍ଦିଷ୍ଟ ଜରୁରୀକାଳୀନ ପ୍ରତିକ୍ରୀୟା ଏବଂ ନିର୍ଗମନ ଯୋଜନା ପରିଦର୍ଶନ ପାଇଁ ନିର୍ଦ୍ଦେଶ ଦିଆଯାଇଛି। ଜନଗହିଳପୂର୍ଣ୍ଣ, ବ୍ୟବସାୟିକ ପ୍ରତିଷ୍ଠାନ, ବେସ ମେଣ୍ଟ, ଅଧିକ ଛାତ୍ର ଛାତ୍ରୀ ଯେକୌଣସି ବିଲ୍ଡିଂକୁ ଜିଲ୍ଲା ଦଳ ଗୁଡିକ ସର୍ବୋଚ୍ଚ ନିର୍ଦ୍ଦେଶ ଦିଆଯାଇଛି। ଛାତ୍ରାବାସ ଏବଂ ଆବାସିକ ପ୍ରଶିକ୍ଷଣ କେନ୍ଦ୍ରରେ ଅନୁରୂପ ନିୟମ ଲାଗୁ ହେବ। ପର୍ଯ୍ୟାପ୍ତ ଓ କାର୍ଯ୍ୟକ୍ଷମ ଅଗ୍ନି ନିରାପତ୍ତା ବ୍ୟବସ୍ଥା ବିନା ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦିଆଯାଇଛି ।

## ଆଜି...

କହିବାନୁଯାୟୀ ଆସନ୍ତାକାଲି ବୈଠକରେ ଏସ୍ଆଇଆର ସମ୍ପର୍କରେ ମଧ୍ୟ ଆଲୋଚନା କରାଯିବ। ଆଉ କେଉଁ ବିଷୟ ଆଲୋଚନା ହେବ ତାହା ଦଳର ମୁଖ୍ୟ ନିଷ୍ପତ୍ତି ନେବେ। ୨୦୦୦ ବ୍ୟାଚ୍‌ର ଆଇଏଏସ୍ ଅଫିସର ସୁଜାତା କାର୍ତ୍ତିକେୟନ୍ ଓଡ଼ିଶାରେ ମୁଖ୍ୟମନ୍ତ୍ରୀ ଭାବେ ନବୀନ ପଟ୍ଟନାୟକ ଶପଥ ଗ୍ରହଣ କରିବା ଅବସରରେ ତାଙ୍କ ଆଇଏଏସ୍ କ୍ୟାରିୟର ଆରମ୍ଭ କରିଥିଲେ। ମିଶନଶକ୍ତି ବିଭାଗରେ କମିଶନର ତଥା ସଚିବ ଭାବେ କାର୍ଯ୍ୟ କରି ନବୀନଙ୍କ ମହିଳା ସଶକ୍ତିକରଣ ଚିନ୍ତାଧାରାକୁ ଆଗକୁ ବଢ଼ାଇଥିଲେ। ୨୦୨୪ରେ ବିଜେଡି କ୍ଷମତାରୁ ଯିବାପରେ ସୁଜାତା ପ୍ରଥମେ ୬ ମାସ ଛୁଟିରେ ଥିଲେ। କିନ୍ତୁ ପରେ ଆଉ ୬ ମାସର ଛୁଟି ପାଇଁ ରାଜ୍ୟ ସରକାର ଅନୁମତି ନ ଦେବାରୁ ୨୦୨୫ ମାର୍ଚ୍ଚ ୧୩ରେ ଚାକିରିରୁ ସ୍ୱେଚ୍ଛାକୃତ ଅବସର ନେଇଥିଲେ।

# ଥାନା ପରିସରରେ ନୂତନ ମନ୍ଦିର ,ବିଗ୍ରହ ପ୍ରତିଷ୍ଠା ଉତ୍ସବ

ଧାମନଗର,(ସବ୍ୟୁ): ଧାମନଗର ଥାନା ପରିସରରେ ଶ୍ରୀ ଶ୍ରୀ ଆଖଣ୍ଡଳେଶ୍ୱର ମହାଦେବଙ୍କର ନୂତନ ମନ୍ଦିର ଓ ବିଗ୍ରହ ପ୍ରତିଷ୍ଠା ଉତ୍ସବ ଗତ ଶନିବାର ଠାରୁ ସୋମବାର ୩ ଦିନ ଧରି ଅନୁଷ୍ଠିତ ହୋଇଯାଇଛି । ପ୍ରଥମ ଦିନରେ ଶୁଭାଧିବାସ ଓ କଳସ ଶୋଭାଯାତ୍ରା ଆୟୋଜିତ ହୋଇଥିଲା । ରବିବାର ଦିନ ମନ୍ଦିର ଓ ବିଗ୍ରହ ପ୍ରତିଷ୍ଠା ଉତ୍ସବ ଓ ସୋମବାର ସନ୍ଧ୍ୟାରେ ପୂର୍ଣ୍ଣାହୁତି କାର୍ଯ୍ୟ ସମ୍ପନ୍ନ ହୋଇଥିଲା । ବାମନ ଚନ୍ଦ୍ର ତ୍ରିପାଠୀ,ପିତାମ୍ବର ଅଗସ୍ତି,ଅଭୟ କୁମାର ପଣ୍ଡା,କାର୍ତ୍ତିକଚନ୍ଦ୍ର ପଣ୍ଡା,ବିପ୍ଳବ ପଣ୍ଡା,ବିଦ୍ୟାଧର ପଣ୍ଡା ପ୍ରମୁଖ ବ୍ରାହ୍ମଣଙ୍କ ଦ୍ୱାରା ଏହି ପ୍ରତିଷ୍ଠା କାର୍ଯ୍ୟ କରାଯାଇଥିଲା । ୩ଦିନ ଧରି ଅନୁଷ୍ଠିତ ଏହି ଧାର୍ମିକ କାର୍ଯ୍ୟକ୍ରମକୁ ଆଇଆଇସି ଶୁଭ୍ରଜିତ ଦାଶ ସହ ତାଙ୍କ ଧର୍ମପତ୍ନୀ ରଶ୍ମିତା ଦାଶ କର୍ତ୍ତା ଭାବେ ସମ୍ପାଦନ କରିଥିଲେ । ଏହି ନୂତନ ମନ୍ଦିର ଓ ବିଗ୍ରହ ପ୍ରତିଷ୍ଠା ଉତ୍ସବରେ ମାନ୍ୟବର ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ,ପୂର୍ବତନ ବିଧାୟକ ମୁକ୍ତିକାନ୍ତ ମଣ୍ଡଳ,ଭଦ୍ରକ ଏସପି ମନୋଜ କୁମାର ରାଉତ,ଏଏସପି ଅଂଶୁମାନ ଦ୍ୱିବେଦୀ,ଅରୁପ ଅଭିଷେକ ବେହେରା,ଯାଜପୁର ଜିଲ୍ଲା ଏଏସପି ପୁଷ୍ପଲତା ବାରିକ,ଧାମନଗର ଏସଡିପିଓ ବିଷ୍ଣୁଚରଣ ବାରିକ, ଧାମନଗର ତହସିଲଦାର ଜ୍ଞାନରଞ୍ଜନ ସାହୁ,ବିଡିଓ ବନବିହାରୀ ଦିଣ୍ଡା,ଧାମନଗର ଏନଏସି ନିର୍ବାହୀ ଅଧିକାରୀ ସନ୍ତୋଷ କୁମାର ନାୟକ, ପଂଚାୟତ ସମିତି ପ୍ରାକ୍ତନ ଅଧ୍ୟକ୍ଷ ଅଶୋକ କୁମାର ନାୟକ,ଡାକ୍ତର ସଞ୍ଜୟ କୁମାର ଦାସ ପ୍ରମୁଖ ବହୁ ବିଶିଷ୍ଟ ବ୍ୟକ୍ତି ଯୋଗଦେଇ ବାବା ଆଖଣ୍ଡଳେଶ୍ୱରଙ୍କୁ ଦର୍ଶନ କରିଥିଲେ ।

## ଭଦ୍ରକ ଜିଲ୍ଲାରେ ଏସ୍ଆଇଆର୍ କାର୍ଯ୍ୟରେ ୮୯.୬୯% ଇଲେକ୍ଟର ଫର୍ମ ଡିଜିଟାଇଜ୍

ଭଦ୍ରକ,(ସବ୍ୟୁ): ଭଦ୍ରକ ଜିଲ୍ଲାର ପାଂଚଟି ବିଧାନସଭା ନିର୍ବାଚନମଣ୍ଡଳୀରେ ଚାଲିଥିବା ସ୍ୱତନ୍ତ୍ର ସଂଘନ ସଂଶୋଧନ (ଏସଆଇଆର) କାର୍ଯ୍ୟକ୍ରମରେ ଉଲ୍ଲେଖନୀୟ ଅଗ୍ରଗତି ହୋଇଛି । ୨୩ ଜୁନ ୨୦୨୬ ଅପରାହ୍ନ ସୁଦ୍ଧା ପ୍ରକାଶିତ ରିପୋର୍ଟ ଅନୁଯାୟୀ ଜିଲ୍ଲାର ସମସ୍ତ ୧୩୨୬ ଜଣ ବିଏଲଓ ପ୍ରଶିକ୍ଷିତ ହୋଇ କ୍ଷେତ୍ରସ୍ତରରେ କାର୍ଯ୍ୟରତ ଅଛନ୍ତି । ଜିଲ୍ଲାରେ ମୋଟ ୧୨,୮୪,୬୧୮ଜଣ ମତଦାତାଙ୍କ ମଧ୍ୟରୁ ୧୨,୮୪,୪୭୫ଟି ଇଲେକ୍ଟର ଫର୍ମ (ଇଏଫ) ଡାଉନଲୋଡ୍ କରାଯାଇଥିବାବେଳେ ସମସ୍ତ ୧୨,୮୪,୬୧୮ଟି ଫର୍ମ ବଣ୍ଟନ କରାଯାଇଛି । ଏପର୍ଯ୍ୟନ୍ତ ୧୧,୫୨,୨୦୮ଟି ଫର୍ମ ଡିଜିଟାଇଜ୍ ହୋଇଥିବାରୁ ଜିଲ୍ଲାର ଡିଜିଟାଇଜେସନ୍ ହାର ୮୯.୬୯ ପ୍ରତିଶତରେ ପହଂଚିଛି । ବିଧାନସଭା ଭିତ୍ତିକ ତଥ୍ୟ ଅନୁଯାୟୀ,ଧାମନଗର ନିର୍ବାଚନମଣ୍ଡଳୀରେ ସର୍ବାଧିକ ୯୦.୯୭ ପ୍ରତିଶତ ଫର୍ମ ଡିଜିଟାଇଜ୍ ହୋଇଥିବାବେଳେ ବାସୁଦେବପୁରରେ ୯୦.୨୬ପ୍ରତିଶତ, ଭଣ୍ଡାରିପୋଖରୀରେ ୯୦.୭୪ପ୍ରତିଶତ, ଭଦ୍ରକରେ ୮୯.୩୩ପ୍ରତିଶତ ଏବଂ ଚାନ୍ଦବାଲିରେ ୮୭.୨୩ ପ୍ରତିଶତ ଫର୍ମ ଡିଜିଟାଇଜ୍ କରାଯାଇଛି। ରିପୋର୍ଟ ଅନୁଯାୟୀ, ଜିଲ୍ଲାରେ ୧୧,୫୧,୯୮୫ଟି ଫର୍ମ ବିଏଲଓମାନଙ୍କ ଦ୍ୱାରା ଯାଂଚ କରାଯାଇଥିବାବେଳେ କେବଳ ୨୦୭ଟି ଫର୍ମ ମତଦାତାଙ୍କ ଦ୍ୱାରା ଦାଖଲ ହୋଇ ଯାଂଚ ଅପେକ୍ଷାରେ ରହିଛି । ଏଦଆଇଆର କାର୍ଯ୍ୟକ୍ରମକୁ ଏଇଆରଓ ମାନଙ୍କ ତତ୍ତ୍ୱାବଧାନରେ ତ୍ୱରାନ୍ୱିତ ଭାବେ ଆଗେଇ ନିଆଯାଉଛି।

## ବାଲେଶ୍ୱରରେ ଅନ୍ତର୍ଜାତୀୟ ଯୋଗ ଦିବସ

ବାଲେଶ୍ୱର, (ସବ୍ୟୁ): ବାଲେଶ୍ୱର ଜିଲ୍ଲା ପ୍ରଶାସନ, କ୍ରୀଡ଼ା ଓ ଯୁବସେବା ବିଭାଗ, ଓଡ଼ିଶା ସରକାର ଏବଂ ଯୋଗ ମହୋତ୍ସବ ସମିତିର ସହଯୋଗରେ ଆଇ.ଟି.ଆଇ ଛକ ସ୍ଥିତ ବହୁମୁଖୀ ଇଣ୍ଡୋର ଷ୍ଟାଡିୟମ ଠାରେ ଅନ୍ତର୍ଜାତୀୟ ଯୋଗ ଦିବସ - ୨୦୨୬ ସଫଳତାର ସହ ପାଳିତ ହୋଇଯାଇଛି । ଏହିକାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବାଲେଶ୍ୱରର ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ, ସମ୍ମାନିତ ଅତିଥି ଭାବେ ସଦର ବିଧାୟକ ମାନସ କୁମାର ଦତ୍ତ, ବିଶିଷ୍ଟ ଅତିଥି ଭାବେ ବାଲେଶ୍ୱର ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ ଏବଂ ଅତିରିକ୍ତ ଜିଲ୍ଲାପାଳ ତପନ କୁମାର ଖୁଣ୍ଟିଆଙ୍କ ସମେତ ଯୋଗ ମହୋତ୍ସବ ସମିତିର ଅନ୍ୟାନ୍ୟ କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ ।

# ପୌର କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ଭେଟିଲେ ପୂର୍ବତନ ବିଧାୟକ

ବାସୁଦେବପୁର, (ସବ୍ୟୁ) : ବାସୁଦେବପୁରର ପୂର୍ବତନ ବିଧାୟକ ବିଷ୍ଣୁବ୍ରତ ରାଉତରାୟ ପୌରପାଳିକାର ଉପାଧ୍ୟକ୍ଷ ଉତ୍ତମ କୁମାର ବାରିକ,ବିଜେଡିର କାଉଁନସିଲର ଓ ଦଳୀୟ କର୍ମୀମାନେ ପୌରପାଳିକାର କାର୍ଯ୍ୟନିର୍ବାହୀ ଅଧିକାରୀ ସୁଧାଂଶୁ ମୋହନ ସ୍ୱାଇଁଙ୍କୁ ଭେଟି ଆଲୋଚନା କରିଛନ୍ତି । ବାସୁଦେବପୁର ପୌରପାଳିକାର ବିଭିନ୍ନ ଓ୍ୱାର୍ଡରେ ଆଲୋକିକରଣରେ ଅବ୍ୟବସ୍ଥା,ପ୍ରଧାନମନ୍ତ୍ରୀ ଆବାସ ଯୋଜନାର ହିତାଧିକାରୀ ଘର କରି ବିଲରେ ବିଳମ୍ବ ହେବା,ରାସନକାର୍ଡ ଚୟନରେ ପାତରଅନ୍ତର ନିତି ଅବଲମ୍ବନ କରିବା,ବିଭିନ୍ନ ଓ୍ୱାର୍ଡରେ ବ୍ଲିଚିଙ୍ଗ ପଡୁନଥିବାର ଅଭିଯୋଗ,କମ୍ୟୁନିଟି ପାଇଖାନା ସଫେଇ ନହେବା,ମଶା ଧୂଆଁ ସିଂଚନ କରିବା,ତୃଟିପୂର୍ଣ୍ଣ ସଫେଇ କାର୍ଯ୍ୟ,ବିଭିନ୍ନ ଓ୍ୱାର୍ଡରେ ଜଳ ନିଷ୍କାସନ ପାଇଁ ଡ୍ରେନେଜ ବ୍ୟବସ୍ଥାକୁ ତ୍ୱରାନ୍ୱିତ କରିବା,ସ୍ମାର୍ଟ ପାର୍କ ନିର୍ମାଣ କାମ ଧିମେଇ,ହାଇସ୍କୁଲ ଛକ ପିପିପି ମୋଡରେ ମାର୍କେଟ କମ୍ପ୍ଲେକ୍ସ ନିର୍ମାଣ କରିବା ଆଦି ପ୍ରକଳ୍ପ ସମ୍ପର୍କରେ ପୂର୍ବତନ ବିଧାୟକ ବିଷ୍ଣୁବ୍ରତ ରାଉତରାୟ ଆଲୋଚନା କରିଥିଲେ । ପୌରପାଳିକାର କାର୍ଯ୍ୟନିର୍ବାହୀ ଅଧିକାରୀ ସୁଧାଂଶୁ ମୋହନ ସ୍ୱାଇଁ ପୂର୍ବତନ ବିଧାୟକ ଦାବୀ ଗୁଡିକ ଗୁରୁତର ସହିତ ଗ୍ରହଣ କରି ପ୍ରକଳ୍ପର ଅଗ୍ରଗତି ଓ ଆର୍ଥିକ ସମ୍ବଳ ସମ୍ପର୍କରେ ତଥ୍ୟ ପ୍ରଦାନ କରିଥିଲେ । ଆଗାମୀ ଦିନରେ ଲୋକମାନଙ୍କ ସମସ୍ୟାର ସମାଧାନ ନକଲେ ବିରୋଧି ଦଳ ଭାବେ ଆନ୍ଦୋଳନ କରିବାକୁ ପଛାଇବ ନାହିଁ ବୋଲି ପୂର୍ବତନ ବିଧାୟକ ବିଷ୍ଣୁବ୍ରତ ରାଉତରାୟ କହିଥିଲେ । ବିଜେଡିର ନଗର ସଭାପତି ଶ୍ୟାମସୁନ୍ଦର ମହାନ୍ତି,ବିଜେଡିର ବ୍ଲକ ସଭାପତି ଦୀନବନ୍ଧୁ ଦାସ,କାଉଁନସିଲର ଶୁଭେନ୍ଦୁକୁମାର ପୃଷ୍ଟି,କାଉଁନସିଲର ଚନ୍ଦନ ସେନ,କାଉଁନସିଲର କୁନ୍ତଳା ସେଠୀ ଯୋଗଦେଇ ଥିଲେ ।

**ଦ.ପୂ. ରେଳପଥ-ଟେଣ୍ଡର**

ଭାରତର ରାଷ୍ଟ୍ରପତିଙ୍କ ପକ୍ଷରୁ ଓ ପାଇଁ ତାଙ୍କ ଦକ୍ଷିଣ ପୂର୍ବ ରେଳପଥର ଉପ-ସିଏମ୍ଇ (ୱାଗନ)/ଖଡଗପୁର କର୍ମଶାଳା, ନିମ୍ନଲିଖିତ କାର୍ଯ୍ୟ ପାଇଁ ଖୋଲା ଇ-ଟେଣ୍ଡର (କାର୍ଯ୍ୟ ଚୁକ୍ତିନାମା)ଉଲ୍ଲିଖିତ ତାରିଖର ୧୫:୦୦ ଘଣ୍ଟା ପୂର୍ବରୁ ଆହ୍ୱାନ କରୁଛନ୍ତି ଏବଂ ୧୫:୦୦ ଘଣ୍ଟାରେ ଖୋଲାଯିବ । ଇ-ଟେଣ୍ଡର ନୋଟିସ୍ ନଂ: ଇ-ଡେପୁଟି-ଡବ୍ଲୁଡବ୍ଲୁ-ପେଣ୍ଟିଂ-୨୦୨୬, ତାରିଖ: ୨୨.୦୬.୨୦୨୬ । **କାର୍ଯ୍ୟର ନାମ:** ୱାଗନଗୁଡ଼ିକର ରଙ୍ଗ ଏବଂ ଷ୍ଟେନସିଲିଂ । **କାର୍ଯ୍ୟର ଆନୁମାନିକ ମୂଲ୍ୟ:** ୧,୩୯,୦୦,୦୫୦ ଟଙ୍କା (୧୮% ଜିଏସଟି ସହିତ) ।**ଅମାନତ ଅର୍ଥ:** ଟ. ୨,୨୮,୦୦୦ । **ଇ-ଟେଣ୍ଡର ବନ୍ଦ ହେବାର ତାରିଖ ଏବଂ ସମୟ:** ୧୫.୦୭.୨୦୨୬ ଦିନ ୧୫:୦୦ ଘଣ୍ଟାରେ । ୱେବସାଇଟ୍ ବିବରଣୀ ଏବଂ ବିବରଣୀ: www.ireps.gov.in ଟେଣ୍ଡରଦାତାମାନେ ଟେଣ୍ଡରର ସମ୍ପୂର୍ଣ୍ଣ ବିବରଣୀ / ବର୍ଣ୍ଣନା / ନିର୍ଦ୍ଦିଷ୍ଟକରଣ ପାଇଁ www.ireps.gov.in ୱେବସାଇଟ୍ ପରିଦର୍ଶନ କରିପାରିବେ ଏବଂ ଅନଲାଇନରେ ସେମାନଙ୍କର ବିଡ୍ ଦାଖଲ କରିପାରିବେ । କୌଣସି ପରିସ୍ଥିତିରେ ଏହି କାର୍ଯ୍ୟ ପାଇଁ କୌଣସି ମାନୁଆଲ୍ ଟେଣ୍ଡର ଗ୍ରହଣ କରାଯିବ ନାହିଁ । (PR-377)

**LOST**

We Mr. Papun Behera (31) **Co-Borrower**, S/o.: Krupasindhu Behera and Chitaranjan Behera (28) Borrower S/o.: Krupasindhu Behera of At: Kumbharpada, PO.: Kumbharpada, P.S.: Khandapada, Dist.: Nayagarh, reported that on Date- 20.06.26 we lost our Sale Deed No.: 11391101787, Date- 04.07-2011 bearing Khata.: 593/541, Plot No.: 2873, 2874, **Total Area: Ac.0.21 Dec.** of Mouza: Kumbharpada, which earlier purchased from Rabindra Behera, Near by Behera Sahi, Nayapalli while I (Papun Behera) was Xerox some documents at a Xerox shop. I searched the said document Sale deed but could not traced it out. We also presented an affidavit vide No.: 79AA146324 (mentioned the same as written report), any benevolent got the missing documents kindly contact No.: 8093248514. This affidavit has been published to avail an Housing Loan from SBI, Gania (65236) in order to create mortgage over the FIR has been lodged on 22.06.2026 at Nayapalli PS regarding the lost event.

**ଡକ୍ୟୁମେଣ୍ଟ ହଜିଯାଇଛି**

ଆମେ **"ତନୁଜ କୁମାର ଚଇନି"**, ବୟସ ୪୬ ବର୍ଷ, ପିତା: ତ୍ରିଲୋଚନ ଚଇନି, ଗ୍ରାମ: ବଟିରା, ପୋ: ବଟିରା, ଥାନା: ପାଟକୁରା, ଜିଲ୍ଲା: କେନ୍ଦ୍ରାପଡ଼ା, ଏତଦ୍ଦ୍ୱାରା ଜଣାଇ ଦେଉଅଛି ଯେ, ମୁଁ ଗତ ତା୨୦.୦୫.୨୦୨୬ରିଖ ସମାଗୋଳରୁ କୁଜଙ୍ଗ ମାର୍କେଟ ଯିବା ସମୟରେ ମୋର ମୂଳ ଆରଓଆର, ବିକ୍ରୟ ଦଲିଲ, ଆଧାର କାର୍ଡ଼, ପ୍ୟାନ୍ କାର୍ଡ, ଭୋଟର ଆଇଡି କେଉଁଠାରେ ହଜିଯାଇଅଛି, ଯାହା ମୁଁ ମୋର ସମସ୍ତ ଚେଷ୍ଟା ସତ୍ତ୍ୱେ ଏହାକୁ ଖୋଜି ପାଇପାରୁ ନାହିଁ । ଡକ୍ୟୁମେଣ୍ଟର ବିବରଣୀ: ମୂଳ ଆରଓଆର, ଖାତା ନଂ.: ୪୨୦/୧୯୩, ବିକ୍ରୟ ଦଲିଲ ନଂ.: ୧୯୮/୨୦୦୪, ମୌଜା: ସମାଗୋଳ।

ତନୁଜ କୁମାର ଚଇନି

**AFFIDAVIT**

By virtue of an affidavit sworn before Executive Magistrate,Nayagarh Odisha on dated 08.06.2026 Sasi Behera W/o -Sambaria Behera Resident of Village-Belaragadi P.O-Kajalaipalli P.S- Sarankul Dist-Nayagarh,PIN-752080 declare that I have changed my minor Son's name from Jaga Behera to Jagannath Behera Henceforth, He shall be known as Jagannath Behera for all purposes.

Sd/- Sasi Behera

**OFFICE OF THE SUPERINTENDING ENGINEER**
**RURAL WORKS DIVISION, MOHANA**

**No. 2701** **Date. 23.06.2026**

**CANCELLATION ORDER OF ONLINE**

25001/507/2627 **TENDER 01/MOHANA/2026-27**

The tender for the works invited vide this office Tender Identification No.Online Tender 01/MOHANA/2026-27, is hereby cancelled due to some unavoidable circumstance.

**Sd/- Executive Engineer**
**Division, Mohana**

OIPR : 25001/25148/1/26-27/0006

**IN THE COURT OF THE 2ND ADDL. CIVIL JUDGE, SENIOR DIVISION, BHUBANESWAR**
**I.A. NO.01/2023**
**(A/O-C.S. No.221 OF 2023)**

**Shri Nityananda Raj** **... PETITIONER**

**Versus**

**Shri Baikunthanath Sundaray & Others** **... Opp. Parties**

**NOTICE UNDER FILED BY THE PETITIONER**

**To,**
**The following Opp. Parties:**

20. **Smt. Parbati Nirendra,** aged about 60 years, W/o.: Radhamohan Narendra, At: Beladihi, PO.: Ayatpur, P.S.: Banpur, Dist.: Khordha.
21. **Shri Sankar Prasad Sahoo,** aged about 39 years, S/o.: Ulla Sahoo, At: Sriram Nagar, Maharana Sahi, PO.: Berhampur, P.S.: Badabazar, Dist.: Ganjam.
29. **Sabitri Mishra,** aged about 42 years, W/o.: Tutil Kumar Mishra, At/PO.: Sundargram, P.S.: Olatpur, Dist.: Cuttack, Odisha-754002.

**'A' SCHEDULE PROPERTY**

Mouza: Sarakantara, Khata No.: 202, Chak No.: 176, Plot No.: 426, Area: Ac.01.870 dec., corresponding to Mutation Khata No.: 260/585, Chak No.: 176, Plot No.: 426, Area: Ac.01.870 dec.

**'B' SCHEDULE PROPERTY**

Mouza: Damodarpur, Khata No.: 66, Chak No.: 81, Plot No.: 172, Area: Ac.01.250 dec., Plot No.: 83, Area: Ac.0.445 dec., corresponding to Mutation Khata No.: 82/41, Plot No.: 83, Area: Ac.0.445 dec.

**'C' SCHEDULE PROPERTY**

Mouza: Sijua, Khata No.: 127, Chak No.: 161, Plot No.: 420, Area: Ac.0.450 dec., corresponding to Mutation Khata No.: 198/423, Chak No.: 161, Plot No.: 420/7422, Area: Ac.0.036 dec., Mutation Khata No.: 198/421, Chak No.: 161, Plot No.: 420/7419, Area: Ac.0.048 dec., Mutation Khata No.: 198/383, Chak No.: 161, Plot No.: 420/7382, Area: Ac.0.050 dec., Mutation Khata No.: 198/398, Chak No.: 161, Plot No.: 420/7365, Area: Ac.0.036 dec.

**'D' SCHEDULE PROPERTY**

Mouza: Damodarpur, Khata No.: 70, Chak No.: 13, Plot No.: 100, Area: Ac.0.380 dec., corresponding to Mutation Khata No.: 82/93, Chak No.: 13, Plot No.: 100/261, Area: Ac.0.002 dec., Mutation Khata No.: 82/100, Chak No.: 13, Plot No.: 100/268, Area: Ac.0.045 dec., Mutation Khata No.: 82/102, Chak No.: 13, Plot No.: 100/269, Area: Ac.0.045 dec., Mutation Khata No.: 82/108, Plot No.: 100/271, Area: Ac.0.036 dec., Mutation Khata No.: 82/94, Chak No.: 13, Plot No.: 100/262, Area: Ac.0.041 dec., Mutation Khata No.: 82/113, Plot No.: 100/261, Area: Ac.0.088 dec. and Mutation Khata No.: 82/153, Plot No.: 100/271, Area: Ac.0.036 dec.

Whereas the above named Plaintiff has instituted a suit for declaration, partition and for permanent injunction, in which you are avoiding to receive summons and attend the court. Take notice that the case is posted to **Dt. 06.07.2026** at about **10.30 AM** to appear in person or by pleader duly instructed an able to answer all material questions relating to suit and you are directed to produce on that day all documents upon which you intended to rely support of your defence.

Take notice that in default of your appearance of the day before mentioned, the suit will be heard and determined in your absence.

Given under my hand and the seal of the court of this on **15.05.2026**

**Sd/- Senior Civil Judge**
**Bhubaneswar**

**IN THE COURT OF THE 2ND ADDL. CIVIL JUDGE, SENIOR DIVISION, BHUBANESWAR**
**C.S. No.221 OF 2023**

**Shri Nityananda Raj** **... PLAINTIFF**

**Versus**

**Shri Baikunthanath Sundaray & Others** **... DEFENDANTS**

**NOTICE UNDER ORDER U/O-V, R.20 OF CPC**

**To,**
**The following defendants:**

22. **Smt. Parbati Nirendra,** aged about 60 years, W/o.: Radhamohan Narendra, At: Beladihi, PO.: Ayatpur, P.S.: Banpur, Dist.: Khordha.
23. **Shri Sankar Prasad Sahoo,** aged about 39 years, S/o.: Ulla Sahoo, At: Sriram Nagar, Maharana Sahi, PO.: Berhampur, P.S.: Badabazar, Dist.: Ganjam.
31. **Sabitri Mishra,** aged about 42 years, W/o.: Tutil Kumar Mishra, At/PO.: Sundargram, P.S.: Olatpur, Dist.: Cuttack, Odisha-754002.

**'A' SCHEDULE PROPERTY**

Mouza: Sarakantara, Khata No.: 202, Chak No.: 176, Plot No.: 426, Area: Ac.01.870 dec., corresponding to Mutation Khata No.: 260/585, Chak No.: 176, Plot No.: 426, Area: Ac.01.870 dec.

**'B' SCHEDULE PROPERTY**

Mouza: Damodarpur, Khata No.: 66, Chak No.: 81, Plot No.: 172, Area: Ac.01.250 dec., Plot No.: 83, Area: Ac.0.445 dec., corresponding to Mutation Khata No.: 82/41, Plot No.: 83, Area: Ac.0.445 dec.

**'C' SCHEDULE PROPERTY**

Mouza: Sijua, Khata No.: 127, Chak No.: 161, Plot No.: 420, Area: Ac.0.450 dec., corresponding to Mutation Khata No.: 198/423, Chak No.: 161, Plot No.: 420/7422, Area: Ac.0.036 dec., Mutation Khata No.: 198/421, Chak No.: 161, Plot No.: 420/7419, Area: Ac.0.048 dec., Mutation Khata No.: 198/383, Chak No.: 161, Plot No.: 420/7382, Area: Ac.0.050 dec., Mutation Khata No.: 198/398, Chak No.: 161, Plot No.: 420/7365, Area: Ac.0.036 dec.

**'D' SCHEDULE PROPERTY**

Mouza: Damodarpur, Khata No.: 70, Chak No.: 13, Plot No.: 100, Area: Ac.0.380 dec., corresponding to Mutation Khata No.: 82/93, Chak No.: 13, Plot No.: 100/261, Area: Ac.0.002 dec., Mutation Khata No.: 82/100, Chak No.: 13, Plot No.: 100/268, Area: Ac.0.045 dec., Mutation Khata No.: 82/102, Chak No.: 13, Plot No.: 100/269, Area: Ac.0.045 dec., Mutation Khata No.: 82/108, Plot No.: 100/271, Area: Ac.0.036 dec., Mutation Khata No.: 82/94, Chak No.: 13, Plot No.: 100/262, Area: Ac.0.041 dec., Mutation Khata No.: 82/113, Plot No.: 100/261, Area: Ac.0.088 dec. and Mutation Khata No.: 82/153, Plot No.: 100/271, Area: Ac.0.036 dec.

Whereas the above named Plaintiff has instituted a suit for declaration, partition and permanent injunction, in which you are avoiding to receive summons and attend the court. Take notice that the case is posted to **Dt. 06.07.2026** at about **10.30 AM** to appear in person or by pleader duly instructed and able to answer all material questions relating to suit and you are directed to produce on that day all documents upon which you intended to rely support of your defence.

Take notice that in default of your appearance of the day before mentioned, the suit will be heard and determined in your absence.

Given under my hand and the seal of the court of this on **15.05.2026**

**Sd/- Senior Civil Judge**
**Bhubaneswar**

E-Mail- eerwelelect.bam @yahoo.com

**GOVERNMENT OF ODISHA**
**OFFICE OF THE EXECUTIVE ENGINEER**
**RURAL WORKS ELECTRICAL DIVISION**
**BERHAMPUR**

25001/509/2627

**e-Procurement Notice No -EERWELBAM- 03/2026-27**

| | | | |
|---|---|---|---|
| 1 | Name of the Work | : | Electrical Shifting works. |
| 2 | Estimated Cost | : | Rs.09.00 to 11.00 lakhs (Excluding GST) |
| 3 | Period of Completion | : | 4 Months |
| 4 | Date & Time of availability of Bid documents in the Portal | : | From Dt 25.06.2026 at 11 00 AM.to Dt-06.07.2026 up to 5.00 P M |
| 5 | Date & Time of opening of tender | | 07.07.2026 at 1.00 P.M |
| 6 | Bid Identification No | | EERWELBAM- 03/2026-27 |
| 7 | Procurement officer/ Name and address of the officer inviting Bids. | : | Executive Engineer, R.W EL DIVN.BAM At- Near IT Office Ambapua. Dist. -Ganjam.Berhampur Odisha. -760011 |

Further detail can be seen from the Govt. Web site www.tenderorissa.gov.in

**Sd/- Executive Engineer**
**Rural Works Elect. Divn, BAM**

OIPR : 25001/25190/1/26-27/0002

**DEPUTY DIRECTOR,**
**NANDANKANAN ZOOLOGICAL PARK**
**P.O-BARANG, DIST-KHURDA, PIN-754005**
**PHONE/FAX NO-0674-2466075, (M) 9437022023**
**Email: deputydirertor.kanan@gmail.com**
**Web: www.nandankanan .org**

NANDANKANAN
CONSERVE | EDUCATE | INSPIRE

**Notice No. 24 Dated. 23.06.2026**

8001/170/2627 **TENDER NOTICE**

| Sl. No. | Particulars | Details |
|---|---|---|
| 1. | Name of the Work | SELECTION OF SERVICE PROVIDER FOR ENGAGEMENT OF EX MILITARY (UNARMED) SECURITY PERSONNEL IN NANDANKANAN ZOOLOGICAL PARK FOR THE YEAR, 2026-27. |
| 2. | Period & Validity | 90 days from the date of issue of tender. |
| 3 | Date & time of availability of the bid document in the portal | From 23.06.2026 to 03.07.2026 |
| 4. | Last date/time for receipt of bids in the portal | 03.07.2026 (05.00 P.M.) |
| 5. | Date & Time of bid opening | AT 11 A.M on 04.07.2026 |
| 6. | Name & Address of the officer inviting Bid. | Deputy Director, Nandankanan Zoological Park, Bhubaneswar, Odisha. |

Others can see the details from Notice inviting Tenders, available in website- **https://tendersodisha.gov.in/** Corrigendum if any, shall only be published in the above website.

**Sd/- Deputy Director**
**Nandankanan Zoological Park**

OIPR : 8001/8070/1/26-27/0004

**OFFICE OF THE EXECUTIVE ENGINEER**
**GROUND WATER DEVELOPMENT DIVISION-1 HP BUILDING,**
**UNIT-8, DELTA SQUARE, BHUBANESWAR-751012**
**(Phone No. 2561040(O),**
**email : executiveengineerhpbbsr@gmail.com**

32001/449/2627

**"e" Procurement Notice No. 637 of 2026-27**

**Bid Identification No. GWD DIV-1 BBSR-02/26-27**

Executive Engineer, GWD Division-1, Delta square, Unit-8, Bhubaneswar on behalf of Hon'ble Governor of Odisha invites on-line Item-rate tender through "e" Procurement in Single cover system for execution of the following work.

| | | |
|---|---|---|
| 1 | Nature of the Work | Civil Work |
| 2 | Name of the work | Construction of 10 nos. Recharge shafts in Tanks/Ponds in Bolagarh Block (ph-I) area of Khordha district for the FY -2026-27. |
| 3 | Approximate amount put to tender | Rs. 16.6 Lakh |
| 4 | Period of Completion | 2 (TWO) Calendar Months including rainy season |
| 5 | Class of Contractor | "C" & "D" Class Contractor |
| 6 | Date & time of Availability or Bid document in the portal | Dt. 24.06.2026 at 11.00 AM to 04.07.2026 up to 11.00 AM |
| 7 | Last date & time of receipt or Bids in the Portal | Dt. 04.07.2026 up to 11.00 AM |
| 8 | Date, time & place of opening of Technical/ Financial Bid/s | Dt. 04.07.2026 at 11.30 AM in O/o the EE GWD Divn-I |
| 9 | Name & address of the officer inviting Bid | OFFICE OF THE EXECUTIVE ENGINEER GROUND WATIER DEVELOPMENT DIVISION-1 HP ADMINISTRATE BUILDING UNIT-8, DELTA SQUARE, BHUBANESWAR-751012 |

Further.details can be seen from the Govt. website www.tendersodisha.gov.in.
Any addendum/corrigendum/cancellation of Tender can also be seen in the said website.

**Sd/- Executive Engineer**
**GWD division-1**

OIPR : 32001/32372/1/26-27/0004

## ଜିଲ୍ଲା ପ୍ରତିନିଧିଙ୍କ ନାମ ଓ ଟେଲିଫୋନ୍‌ନମ୍ବର

ଅନୁଗୁଳ -ଦ୍ୱାରିକା ପ୍ରସାଦ ନନ୍ଦ- ୯୪୩୭୭୩୧୦୪୦, ବଲାଙ୍ଗିର-ସତ୍ୟ ସୁନ୍ଦର ଭଞ୍ଜ- ୯୪୩୭୧୫୦୬୩୨, ବାଲେଶ୍ୱର-ରଞ୍ଜନ ବାଗ୍- ୯୪୩୭୨୬୪୩୩୬, ବରଗଡ଼-ରବିନାରାୟଣ ପଣ୍ଡା- ୯୪୩୭୧୫୮୩୯୮, କଟକ-ପ୍ରଫୁଲ୍ଲ ମହାନ୍ତି- ୯୪୩୯୦୬୨୯୭୮, ଦେବଗଡ଼-ପ୍ରଣବ କିଶୋର ଗୁରୁ- ୯୪୩୭୨୦୯୫୯୪, ଗଜପତି-ଗରୁଡ଼ଧ୍ୱଜ ଚୌଧୁରୀ- ୯୪୩୭୧୩୫୩୦୭, ଗଞ୍ଜାମ- ଉଦୟନାଥ ପାଣିଗ୍ରାହୀ- ୯୮୬୧୦୩୭୧୦୪, ଜଗତ୍‌ସିଂହପୁର-ସୁବ୍ରତ କୁମାର ନାୟକ- ୯୯୩୭୬୨୦୦୯୮, ଯାଜପୁର-ହାରାଧନ ବାନାର୍ଜୀ- ୯୪୩୯୨୫୪୧୫୮, ଝାରସୁଗୁଡ଼ା-ଜୀବନ ମହାନ୍ତି- ୯୪୩୭୦୫୭୩୮୮, କଳାହାଣ୍ଡି-ଶାନ୍ତନୁ ବେହେରା- ୯୪୩୭୧୫୪୩୮୩, କେନ୍ଦ୍ରାପଡ଼ା-ରବୀନ୍ଦ୍ରକୁମାରଦାସ- ୯୪୩୭୧୮୩୩୭୪, ଖୋର୍ଦ୍ଧା-ଲଳିତମୋହନମହାପାତ୍ର- ୯୮୫୩୦୭୧୩୧୩, କୋରାପୁଟ-କେ.ଶ୍ରୀନିବାସରାଓ- ୯୪୩୯୫୬୬୭୨୨, କେନ୍ଦୁଝର- ରବିନାରାୟଣରାଜ୍- ୯୪୩୭୩୩୭୧୦୦, ମାଲକାନଗିରି-କେଶବନାଏକ- ୯୪୩୭୭୭୯୪୪୭, ମୟୂରଭଞ୍ଜ- ସୌମ୍ୟରଞ୍ଜନ ପଟ୍ଟନାୟକ- ୯୪୩୯୮୮୯୧୨୯, ନବରଙ୍ଗପୁର-କେ. ସାକିଲ ଦୋରା- ୯୪୩୮୩୧୪୦୪୩, ନୟାଗଡ଼-ନିଶିକାନ୍ତ ରଥ- ୯୪୩୭୨୮୭୧୯୯, ନୂଆପଡ଼ା-ସୁରେନ୍ଦ୍ର ତିୱାରୀ- ୯୯୩୭୩୨୪୦୫୫, ଫୁଲବାଣୀ-ସନ୍ତୋଷମିଶ୍ର- ୯୪୩୯୩୫୭୬୮୦, ସୁନ୍ଦରଗଡ଼-ଦେବବ୍ରତ ପଟ୍ଟନାୟକ- ୯୪୩୭୦୮୨୭୭୭, ରାୟଗଡ଼ା- ରବୀନ୍ଦ୍ର ପାଟଖଣ୍ଡାଳ- ୯୪୩୭୭୯୦୯୪୯, ପୁରୀ - ବିଶ୍ୱଜିତ୍ ପଟ୍ଟନାୟକ- ୯୪୩୭୨୮୦୭୪୪, ବୌଦ୍ଧ-ରଘୁନାଥ ଷଡଙ୍ଗୀ- ୯୪୩୭୨୯୮୯୭୪, ଭଦ୍ରକ-ପ୍ରିୟଦର୍ଶନ ବୋଇତି- ୯୪୩୭୨୬୫୫୦୧, ଢେଙ୍କାନାଳ-ସନ୍ତୋଷ ଶତପଥୀ-୮୮୯୫୬୫୧୨୨୮ ।

### ଆଦିବାସୀ ଗାଁକୁ ସଂଯୋଗ କରୁଥିବା

## "କୁଣ୍ଡେଇ - ଘୁଙ୍ଗି" ରାସ୍ତାର ମରାମତି ପାଇଁ ଦାବି

ଭୁବନେଶ୍ୱର, (ସବ୍ୟୁ) : ବାଂଶପାଳ ବ୍ଲକ୍ ଅନ୍ତର୍ଗତ କୋଡିପଶା ପଞ୍ଚାୟତର ଦୁଇ ଆଦିବାସୀ ଗାଁ କୁଣ୍ଡେଇ ଓ ଘୁଙ୍ଗିକୁ ସଂଯୋଗ କରୁଥିବା ନିତ୍ୟାନନ୍ଦ ପୁର - କୁଣ୍ଡେଇ - ଘୁଙ୍ଗି ରାସ୍ତାର ମରାମତି ପାଇଁ ଆଞ୍ଚଳିକ ଗ୍ରାମ ବାସୀ ମୁଖ୍ୟମନ୍ତ୍ରୀଙ୍କ ନିକଟରେ ଦାବି କରିଛନ୍ତି। ଜିଲ୍ଲାର ବାଂଶପାଳ ବ୍ଲକ୍ ଏବଂ ହରିଚନ୍ଦନ ପୁର ବ୍ଲକ୍ ଅନ୍ତର୍ଗତ ଜୁଙ୍ଗା ଓ କୋଡିପଶା ଗ୍ରାମ ପଞ୍ଚାୟତର ତିନୋଟି ଗାଁ ନିତ୍ୟାନନ୍ଦ ପୁର, କୁଣ୍ଡେଇ ଓ ଘୁଙ୍ଗିର ଅନ୍ୟୁନ ଦୁଇ ହଜାର ଲୋକ ଏଇ ରାସ୍ତା ଉପରେ ବଜାର କାମ,ଡ଼ାକ୍ତରଖାନାରେ ଚିକିତ୍ସା, କୋର୍ଟ କଚେରୀ ମାମଲା ପ୍ରଭୃତି କାମ ପାଇଁ ନିର୍ଭର କରିଥାନ୍ତି। ପିଲାମାନେ ମଧ୍ୟ ଏଇ ରାସ୍ତା ଦେଇ କେନ୍ଦୁଝରଗଡ ସାଙ୍ଗକୁ ଅନ୍ୟାନ୍ୟ ପାଖ ମହାବିଦ୍ୟାଳୟରେ ଅଧ୍ୟୟନ ସକାଶେ ଯିବା ଆସିବା କରିଥାନ୍ତି। ଏ ଅଞ୍ଚଳ ମୁଖ୍ୟମନ୍ତ୍ରୀଙ୍କ ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ। ଏଇ ସବୁ ଗାଁର ଲୋକ ବ୍ୟତୀତ, କୁଣ୍ଡେଇ ଉଚ୍ଚ ବିଦ୍ୟାଳୟରେ ଅଧ୍ୟୟନ କରୁଥିବା ଅନେକ ଗାଁର ଛାତ୍ର ଛାତ୍ରୀ ଏ ରାସ୍ତା ଉପରେ ନିର୍ଭର କରିଥାନ୍ତି। ଏହା ଉପରେ ଅନେକ ଆଦିବାସୀ ଲୋକ



ଚଳାଚଳ କରିଥାନ୍ତି। ସ୍ଥାନୀୟ ଅଧିବାସୀ ଦରଖାସ୍ତରେ ଜଣାଇଛନ୍ତି ଯେ ଏହି ରାସ୍ତାର ମରାମତି କାହିଁ କେଉଁ କାଳରେ ହୋଇଥିଲା। ଏଥି ମଧ୍ୟରୁ ଅନେକ ଅଂଶ ଭାଙ୍ଗି ଯାଇଛି। ରାସ୍ତାର ଅନେକ ଅଂଶ କେବେ ବି ପିଚୁ ଅବା କଂକ୍ରିଟ କରାଯାଇନାହିଁ। ଏବେବି ମାଟି ରାସ୍ତା ହୋଇ ରହିଛି। ଏଥି ସକାଶେ ଲୋକ ମାନଙ୍କ ଯିବା ଆସିବାରେ ଅସୁବିଧା ହେଉଛି। ଅଧ୍ୟୟନ ରତ ପିଲାଙ୍କ ପାଇଁ ଅଧିକ ସମସ୍ୟା ସୃଷ୍ଟି ହୋଇଛି। ରାତି ଅନ୍ଧାରରେ ଯିବା ଆସିବା କରିବା ବିପଦପୂର୍ଣ୍ଣ ହୋଇଯାଇଛି। ରାସ୍ତାର ଅବସ୍ଥା, ଆବଶ୍ୟକ ହେଉଥିବା ଉନ୍ନୟନ ମୂଳକ କାର୍ଯ୍ୟ ଓ ଲୋକଙ୍କ ଅସୁବିଧାକୁ ବିଚାରକୁ ନେଇ , ଏ ନିତ୍ୟାନନ୍ଦ ପୁର - କୁଣ୍ଡେଇ - ଘୁଙ୍ଗି ରାସ୍ତାର ଉନ୍ନତିକରଣ କାର୍ଯ୍ୟ ତୁରନ୍ତ କରିବାକୁ , ବିଭାଗୀୟ ଅଧିକାରୀଙ୍କୁ ଆବଶ୍ୟକ ନିର୍ଦ୍ଦେଶ ଦେବାକୁ ସ୍ଥାନୀୟ ଲୋକେ ମୁଖ୍ୟମନ୍ତ୍ରୀଙ୍କୁ ନିବେଦନ କରିଛନ୍ତି ଓ ଆଶା ରଖିଛନ୍ତି ମୁଖ୍ୟମନ୍ତ୍ରୀ ତାଙ୍କ କଥା ବିଚାର କରିବେ। ଭଜମନ ବେହେରା, ବସନ୍ତ କୁମାର ଜୁଆଙ୍ଗ, ମଧୁ ଜୁଆଙ୍ଗ, ତରଣୀସେଣ ଜୁଆଙ୍ଗ ଦାବି କରିଛନ୍ତି।

### ଆର୍ନ୍ତଜାତିକ ଅଲିମ୍ପିକ୍ କମିଟିର ମାନସିକ ସ୍ୱାସ୍ଥ୍ୟ ବିଶେଷଜ୍ଞ ଭାବେ

## ସୋଆର ମାନସିକ ରୋଗ ବିଭାଗର ଡାକ୍ତର ମନୋନୀତ

ଭୁବନେଶ୍ୱର, (ସବ୍ୟୁ) : ଶିକ୍ଷା ଓ ଅନୁସନ୍ଧାନ (ସୋଆ) ବିଶ୍ୱବିଦ୍ୟାଳୟ ପରିଚାଳିତ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ୍ ସାଇନସେସ୍ ଆଣ୍ଡ ସମ୍ ହସ୍ପିଟାଲର ମାନସିକ ରୋଗ ବିଭାଗର ଆସୋସିଏଟ୍ ପ୍ରଫେସର (ଡାକ୍ତର) ଲଗ୍ନଜିତ ଦାଶ ଲୁଜାନ ସ୍ଥିତ ଆର୍ନ୍ତଜାତିକ ଅଲିମ୍ପିକ୍ କମିଟି ଦ୍ୱାରା ମାନସିକ ସ୍ୱାସ୍ଥ୍ୟ ବିଶେଷଜ୍ଞ ଭାବେ ମନୋନୀତ ହୋଇଛନ୍ତି। ଡାକ୍ତର ଦାଶ ଦୁଇଟି ପର୍ଯ୍ୟାୟରେ ବିଭିନ୍ନ ମାନଦଣ୍ଡକୁ ଭିତି କରି କ୍ରୀଡାବିତ୍ ମାନଙ୍କର ମାନସିକ ସ୍ୱାସ୍ଥ୍ୟ ବିଶେଷଜ୍ଞ ଭାବେ ଯୋଗ୍ୟତା ହାସଲ କରିଛନ୍ତି। ଆର୍ନ୍ତଜାତିକ ଅଲିମ୍ପିକ୍ କମିଟିର ଅଧକ୍ଷ କିର୍‌ଷ୍ଟି କୋଭେନ୍‌ଟ୍ରି ଏବଂ ଏହାର ସ୍ୱାସ୍ଥ୍ୟ, ଭେଷଜ ଓ ବିଜ୍ଞାନ କମିଶନ ଚେୟାର ଡାକ୍ତର ରବିନ୍ ଇ. ମିଚେଲଙ୍କ ସ୍ୱାକ୍ଷର ଥିବା ଏହି ପ୍ରମାଣପତ୍ର ଡାକ୍ତର ଦାଶଙ୍କୁ ମିଳିଛି। ତାଙ୍କର ଏହି ସଫଳତା ପାଇଁ ସୋଆର ପ୍ରତିଷ୍ଠାତା ସଭାପତି ପ୍ରଫେସର (ଡକ୍ଟର) ମନୋଜରଂଜନ ନାୟକ ତାଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଛନ୍ତି। ପ୍ରଫେସର ନାୟକଙ୍କୁ ଡାକ୍ତର ଦାଶ ସାକ୍ଷାତ୍ କରି ତାଙ୍କର ଆର୍ଶୀବାଦ ଗ୍ରହଣ କରିଛନ୍ତି। ଏହି ଅବସରରେ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ୍ ସାଇନସେସ୍ ଆଣ୍ଡ ସମ୍ ହସ୍ପିଟାଲ, କ୍ୟାମ୍ପସ୍ -୨ ଫୁଲନଖରାର ମେଡିକାଲ୍ ସୁପରିଟେଣ୍ଡେଂଟ ପ୍ରଫେସର (ଡାକ୍ତର) ରାଜେଶ କୁମାର ଲେଙ୍କା ଉପସ୍ଥିତ ଥିଲେ।

## ମହିଳାଙ୍କ ବେକରୁ ସୁନା ଚେନ ଲୁଟ

ସୋର, (ସବ୍ୟୁ):ସୋର ଥାନା ୧୬ ନମ୍ବର ଜାତୀୟ ରାଜପଥ ଦହିସଡା ହାଇସ୍କୁଲ ସମ୍ମୁଖରୁ ଜଣେ ମହିଳାଙ୍କ ବେକରୁ ଏକ ସୁନାଚେନକୁ ଦୁଇ ଜଣ ଯୁବକ ବାଇକରେ ଆସି ଚିନ୍ତାଇ କରି ଫେରାର ହୋଇଯାଇଥିବା ନେଇ ସୋର ଥାନାରେ ଅଭିଯୋଗ ହୋଇଛି । ଅଭିଯୋଗ ଅନୁସାରେ ସିମୁଳିଆ ଥାନା କୁରକୁରିଆ ଗ୍ରାମର ଲକ୍ଷ୍ମୀପ୍ରିୟା ମହାନ୍ତି ଆଜି ଅପରାହ୍ନରେ ତାଙ୍କ ଭାଇଙ୍କ ସହ ବାଇକ ଯୋଗେ ବାପା ଘର ଗଣ୍ଡସ୍ତପୁର ଗ୍ରାମକୁ ଆସୁଥିଲେ । ଦହିସଡା ହାଇସ୍କୁଲ ସମ୍ମୁଖରେ ଏକ ସ୍ପିଡ଼ ବାଇକରେ ଦୁଇ ଜଣ ଯୁବକ ଆସି ଲକ୍ଷ୍ମୀପ୍ରିୟା ପିନ୍ଧିଥିବା ୧୩ ଗ୍ରାମର ସୁନା ଚେନ ଟିକୁ ଝାମ୍ପି ନେଇ ବାଲେଶ୍ୱର ଦିଗରେ ଫେରାର ହୋଇଯାଇଥିଲେ ।

## ଓଡ଼ିଶାରେ କର୍କଟ ରୋଗୀଙ୍କ ସଂଖ୍ୟା ବୃଦ୍ଧି ପାଉଛି

ଭୁବନେଶ୍ୱର, (ସବ୍ୟୁ) : ଓଡ଼ିଶାରେ କର୍କଟ ରୋଗରେ ବୃଦ୍ଧି ପରିଲିଖିତ ହୋଇଛି। ବିଳମ୍ବରେ ଚିହ୍ନଟ କାରଣରୁ ପରିବାର ଏବଂ ସ୍ୱାସ୍ଥ୍ୟ ବ୍ୟବସ୍ଥା ଉପରେ ଚାପ ବଢ଼ିଚାଲିଛି । ମୁଖ, ସ୍ତନ, ଗର୍ଭାଶୟ ଗ୍ରୀବା, ଜଠରାନ୍ତ୍ର କର୍କଟ ଏବଂ ଫୁସଫୁସ କର୍କଟ ପ୍ରମୁଖ ବିପଦ ଭାବେ ଉଭା ହୋଇଛି, ଯାହାପାଇଁ ସମୟୋପଯୁକ୍ତ ପରୀକ୍ଷା, ପ୍ରାରମ୍ଭିକ ଚିହ୍ନଟ ଏବଂ ନିରବିଚ୍ଛିନ୍ନ, ପ୍ରମାଣାଧାରିତ ଚିକିତ୍ସାର ଆବଶ୍ୟକତା ବଢ଼ି ଚାଲିଛି। ଓଡ଼ିଶା ସରକାର ଦୀର୍ଘ ସମୟ ଧରି ସାର୍ବଜନୀନ ସ୍ୱାସ୍ଥ୍ୟ ସେବାକୁ ପ୍ରାଥମିକତା ଦେଇଆସୁଛନ୍ତି । ଡାକ୍ତରଖାନା ଭିତ୍ତିକ ଚିକିତ୍ସା ସେବାର ସମ୍ପ୍ରସାରଣ ଏବଂ ଅସହାୟ ପରିବାରଗୁଡ଼ିକୁ ସ୍ୱାସ୍ଥ୍ୟଗତ ବ୍ୟୟଭାରରୁ ରକ୍ଷା କରିବା ପାଇଁ ରାଜ୍ୟ ସରକାର ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନା କାର୍ଯ୍ୟକାରୀ କରିଛନ୍ତି। ଯେଉଁଥିରେ କର୍କଟ ପରି ପ୍ରମୁଖ ଚିକିତ୍ସା ସେବାଗୁଡ଼ିକୁ ଅନ୍ତର୍ଭୁକ୍ତ କରାଯାଇଛି । ଏହି ଯୋଜନାରେ ଅନ୍ତର୍ଭୁକ୍ତ ଥିବା ପରିବାରମାନେ ପ୍ରତିବର୍ଷ ୫ ଲକ୍ଷ ପର୍ଯ୍ୟନ୍ତ ବୀମା ପାଆନ୍ତି, ଏବଂ ମହିଳା ଲାଭାର୍ଥୀମାନଙ୍କ ପାଇଁ ପ୍ରାରମ୍ଭିକ ସୀମା ଶେଷ ହେବା ପରେ ଅତିରିକ୍ତ ୫ ଲକ୍ଷର ବ୍ୟବସ୍ଥା ରହିଛି । ପ୍ରଥମେ ଆୟୁଷ୍ମାନ ଭାରତ ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା ପ୍ୟାକେଜ୍ ସହିତ ସମନ୍ୱିତ ଥିବା ଏହି ବ୍ୟବସ୍ଥାକୁ, ଓଡ଼ିଶା ସମ୍ପ୍ରତି ରାଜ୍ୟ-ନିର୍ଦ୍ଦିଷ୍ଟ କର୍କଟ ପ୍ୟାକେଜ୍ ପ୍ରବର୍ତ୍ତନ କରିଛି ଯେଉଁଥିରେ ଅନେକ ଅଭିନବ ଚିକିତ୍ସା ପଦ୍ଧତିକୁ ଅନ୍ତର୍ଭୁକ୍ତ କରାଯାଇଛି। ଡ଼ା. ସରୋଜ ଦାସ ମଜୁମଦାର, ବିଭାଗୀୟ ମୁଖ୍ୟ (ରେଡିଏସନ୍ ଅଙ୍କୋଲୋଜି), ଏମ୍ସ ଭୁବନେଶ୍ୱର, କହିଛନ୍ତି, "୨୦୨୨ ଠାରୁ ଓଡ଼ିଶାରେ କର୍କଟକୁ ଏକ ରିପୋର୍ଟ କରିବା ଆବଶ୍ୟକ ରୋଗ ଭାବେ ଘୋଷଣା କରାଯାଇଛି। ଯାହା ଅନୁଯାୟୀ ସମସ୍ତ ଚିହ୍ନଟ ଘଟଣାକୁ ଦୁଇ ସପ୍ତାହ ମଧ୍ୟରେ ସୂଚିତ କରିବା ଆବଶ୍ୟକ। ଆର୍ଥିକ ସୁରକ୍ଷାର ସମ୍ପ୍ରସାରଣ ବିନା ରୋଗୀଙ୍କ ଚିକିତ୍ସା ଅଧାରେ ରହିଯିବାର ଆଶଙ୍କା ରହିଛି, ଯାହା ସିଧାସଳଖ ଭାବେ ଜୀବନରକ୍ଷା ଓ ଜୀବନମାନକୁ ପ୍ରଭାବିତ କରିବ । ଏହି ବୀମା ବ୍ୟବସ୍ଥାକୁ ସୁଦୃଢ଼ କଲେ ରୋଗୀଙ୍କୁ ଶୀଘ୍ର ଚିକିତ୍ସା ଯୋଗାଇ ଦେବା ସହ ଏହାର ନିରନ୍ତରତା ବଜାୟ ରଖାଯାଇପାରିବ, ଯାହା ଫଳରେ ରୋଗୀମାନେ ଆରୋଗ୍ୟ ଲାଭ କରିବେ ଏବଂ ହସ୍ପିଟାଲ୍ ଖର୍ଚ୍ଚ ମଧ୍ୟ କମିବ ବୋଲି ଆଶା କରାଯାଇଛି।"

## କ୍ଷେତ୍ର ସୁରକ୍ଷା ଏବଂ ରକ୍ଷଣାବେକ୍ଷଣ ଦକ୍ଷତାକୁ ଅଧିକ ସୁଦୃଢ଼ କଲା ଟିପିଡବ୍ଲୁଓଡିଏଲ୍

ଭୁବନେଶ୍ୱର, (ସବ୍ୟୁ) : କାର୍ଯ୍ୟକ୍ଷେତ୍ରରେ ଉତ୍କର୍ଷତା ଓ କର୍ମଚାରୀ ସୁରକ୍ଷା ପ୍ରତି ନିଜର ନିରନ୍ତର ପ୍ରତିବଦ୍ଧତାକୁ ପୁନର୍ବ୍ୟକ୍ତ କରି ଟିପି ୱେଷ୍ଟର୍ଣ୍ଣ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ୍ (ଟିପିଡବ୍ଲୁଓଡିଏଲ) ପକ୍ଷରୁ କ୍ଷେତ୍ରସ୍ତରୀୟ ପରିଚାଳନା ଓ ରକ୍ଷଣାବେକ୍ଷଣ ବ୍ୟବସ୍ଥାକୁ ଅଧିକ ସୁଦୃଢ଼ କରିବା ଲାଗି ୪ଟି ନୂତନ ମ୍ୟାନ୍-ଲିଫ୍ଟର ଯାନ ଏବଂ ଏକ ଭର୍ଟିଗୋ ହାଇଟ୍ ଟେଷ୍ଟ ଷ୍ଟ୍ରକଚରର ଉଦ୍‌ଘାଟନ କରାଯାଇଅଛି । ଏହି ୪ଟି ନୂତନ ଯାନ ସାମିଲ ହେବା ପରେ ଟିପିଡବ୍ଲୁଓଡିଏଲର ମୋଟ ମ୍ୟାନ୍-ଲିଫ୍ଟର ଯାନ ସଂଖ୍ୟା ୧୭ରେ ପହଞ୍ଚିଛି । ଫଳସ୍ୱରୂପ, କମ୍ପାନୀର ପ୍ରତ୍ୟେକ ଡିଭିଜନରେ ଅତି କମରେ ଗୋଟିଏ ମ୍ୟାନ୍-ଲିଫ୍ଟର ଯାନ ଉପଲବ୍ଧ ରହିବ । ବିଶେଷକରି ଉଚ୍ଚସ୍ଥାନରେ କରାଯାଉଥିବା ରକ୍ଷଣାବେକ୍ଷଣ, ନିରୀକ୍ଷଣ, ସ୍ଥାପନ, ଗଛ ଡାଳ କାଟିବା ଓ ଜରୁରୀକାଳୀନ ବିଦ୍ୟୁତ ପୁନରୁଦ୍ଧାର କାର୍ଯ୍ୟରେ ନିୟୋଜିତ କର୍ମଚାରୀଙ୍କ ସୁରକ୍ଷାକୁ ବୃଦ୍ଧି କରିବା ଏହି ପଦକ୍ଷେପର ମୁଖ୍ୟ ଉଦ୍ଦେଶ୍ୟ



ରହିଛି ।ଏହି ଯାନଗୁଡ଼ିକ ନିୟମିତ ରକ୍ଷଣାବେକ୍ଷଣ ଓ ପରିଚାଳନା କାର୍ଯ୍ୟରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିଭାଇବା ସହ କାଳବୈଶାଖୀ ପରି ପ୍ରାକୃତିକ ବିପର୍ଯ୍ୟୟ ସମୟରେ ଜରୁରୀକାଳୀନ ପ୍ରତିକ୍ରିୟା କ୍ଷମତାକୁ ମଧ୍ୟ ସୁଦୃଢ଼ କରିବ । ଉଚ୍ଚସ୍ଥାନରେ ଶୀଘ୍ର ଓ ସୁରକ୍ଷିତ ପହଞ୍ଚ ସୁନିଶ୍ଚିତ ହେବା ଫଳରେ ବିଦ୍ୟୁତ ସରବରାହର ଶୀଘ୍ର ପୁନରୁଦ୍ଧାର ଓ ଗ୍ରାହକ ସେବାର ନିର୍ଭରଯୋଗ୍ୟତା ବୃଦ୍ଧି ପାଇବ ।ସେହିପରି ନିଜର ସୁରକ୍ଷା ବ୍ୟବସ୍ଥାକୁ ଆହୁରି ମଜବୁତ କରିବା ପାଇଁ ଟିପିଡବ୍ଲୁଓଡିଏଲ୍ ପକ୍ଷରୁ ସମ୍ବଲପୁରସ୍ଥିତ ଗୋଶାଳା ଟ୍ରେନିଂ ସେଣ୍ଟରରେ ଏକ ଭର୍ଟିଗୋ ହାଇଟ୍ ଟେଷ୍ଟ ଷ୍ଟ୍ରକଚରର ଉଦ୍‌ଘାଟନ କରାଯାଇଅଛି । ଏହି ଅବସରରେ ଟିପିଡବ୍ଲୁଓଡିଏଲର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରବୀଣ ବର୍ମା କହିଛନ୍ତି ଯେ, "ଟିପିଡବ୍ଲୁଓଡିଏଲରେ ଆମର କ୍ଷେତ୍ରସ୍ତରୀୟ କର୍ମଚାରୀଙ୍କ ସୁରକ୍ଷା ସୁନିଶ୍ଚିତ କରିବା ଆମର ସର୍ବୋଚ୍ଚ ଦାୟିତ୍ୱ ଏବଂ ପରିଚାଳନା କୌଶଳର ଏକ ମୂଳ ଆଧାର । କର୍ମଚାରୀଙ୍କୁ ଉପଯୁକ୍ତ ଉପକରଣ, ଆଧୁନିକ ପ୍ରଯୁକ୍ତି ଓ ଗୁଣାତ୍ମକ ପ୍ରଶିକ୍ଷଣ ପ୍ରଦାନ କରି ଆମେ ଅଧିକ ସୁରକ୍ଷିତ କାର୍ଯ୍ୟ ପରିବେଶ, ଦ୍ରୁତ ପ୍ରତିକ୍ରିୟା କ୍ଷମତା ଏବଂ ଗ୍ରାହକଙ୍କ ପାଇଁ ନିର୍ଭରଯୋଗ୍ୟ ବିଦ୍ୟୁତ ସେବା ସୁନିଶ୍ଚିତ କରୁଅଛୁ।

## ରାଜ୍ୟରେ ନିଯୁକ୍ତି ବ୍ୟବସ୍ଥା ଭୁଶୁଡି ପଡିଛି : ଜିଲ୍ଲା କଂଗ୍ରେସ

ଖୋର୍ଦ୍ଧା, (ସବ୍ୟୁ) : ସ୍ଥାନୀୟ କଂଗ୍ରେସ କାର୍ଯ୍ୟାଳୟ ପରିସରରେ ବୁଧବାର ଖୋର୍ଦ୍ଧା ଜିଲ୍ଲା କଂଗ୍ରେସ ପକ୍ଷରୁ ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା କଂଗ୍ରେସ ସଭାପତି ରାଜୀବ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଓଡ଼ିଶା ପ୍ରଦେଶ କଂଗ୍ରେସ ମୁଖପାତ୍ର ଦେବାଶିଷ ଭୂଆଁ ନିଟ୍ ପ୍ରଶ୍ନପତ୍ର ଲିକ୍ ଏବଂ ପ୍ରଥମ ଠାରୁ ଅଷ୍ଟମ ଶ୍ରେଣୀ ପୁସ୍ତକ ତ୍ରୁଟି ପ୍ରସଂଗରେ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଉପରେ ବର୍ଷିଥିଲେ। କେନ୍ଦ୍ର ସରକାର ଦେଶରେ ଅମୃତ ସରକାର ଚାଲୁଥିବା କହୁଥିବା ବେଳେ ଶିକ୍ଷାବିଭାଗ ଅପାରଗତା ଯୋଗୁଁ ପ୍ରତ୍ୟେକ ଦିନ ହଜାର ହଜାର ସଂଖ୍ୟାକ ଛାତ୍ରଛାତ୍ରୀ ଆତ୍ମହତ୍ୟା କରୁଥିବା ଅଭିଯୋଗ କରିଥିଲେ। ଜିଲ୍ଲା ସଭାପତି ରାଜୀବ ପଟ୍ଟନାୟକ କହିଲେ ରାଜ୍ୟରେ ଶିକ୍ଷା, ନିଯୁକ୍ତି ବ୍ୟବସ୍ଥା ଭୁସୁଡ଼ିପଡ଼ିଥିବା ବେଳେ ଛାତ୍ରଛାତ୍ରୀଙ୍କୁ ଉଚ୍ଚ ଶିକ୍ଷା, ଉଚ୍ଚଶିକ୍ଷିତ ଛାତ୍ରଛାତ୍ରୀଙ୍କୁ ଜନ୍ମମାଟିରେ ନିଯୁକ୍ତି ଦେବା ସହ ରୋଜଗାର ସୃଷ୍ଟି



ଉଦ୍ଦେଶ୍ୟରେ ସମସ୍ତଙ୍କୁ ନେଇ କଂଗ୍ରେସ ଜନ ଆନ୍ଦୋଳନ କରିବ ବୋଲି ଚେତବନୀ ଦେଇଥିଲେ। ଅନ୍ୟତମ ଅତିଥିଭାବେ ପ୍ରଦେଶ କଂଗ୍ରେସ ପର୍ଯ୍ୟବେକ୍ଷକ ବାଙ୍କନିଧି ବେହେରା ବର୍ତ୍ତମାନ ସରକାର ସମୟରେ ଶିକ୍ଷା ଏକ ଶିଳ୍ପରେ ପରିଣତ ହୋଇଥିବା ମତବ୍ୟକ୍ତ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ଉପରେ ବର୍ଷିଥିଲେ। ଆଜି ମଧ୍ୟ ଖୋର୍ଦ୍ଧା ଜିଲ୍ଲାର ୩୫ ପ୍ରତିଶତ ପାଠ୍ୟ ପୁସ୍ତକ ପାଇବାରୁ ପିଲାମାନେ ବଂଚିତ ଅଛନ୍ତି। କିନ୍ତୁ ଏ ସରକାର ପଇସା ସାଙ୍ଗରେ ଶିକ୍ଷାକୁ ସମତୁଲ କରିବା ଶିକ୍ଷାବିଭାଗ ଅପାରଗତାକୁ ପଦାର ପକାଇ ଦେଇଥିବା ଅଭିଯୋଗ କରିଛନ୍ତି। ତେଣୁ ଶିକ୍ଷା ବ୍ୟବସ୍ଥାକୁ ସମୃଦ୍ଧ ଏବଂ ଘରୋଇ ବିଦ୍ୟାଳୟ ଗୁଡ଼ିକରେ ଛାତ୍ରଛାତ୍ରୀଙ୍କ ଶୋଷଣ ଓ ନୀତି ନିୟମ ଉଲଂଘନ କରୁଥିବା ଶିକ୍ଷାନୁଷ୍ଠାନ ଗୁଡ଼ିକ ଉପରେ କାର୍ଯ୍ୟାନୁଷ୍ଠାନ ନେବାକୁ ଚାପ ପକାଇବାକୁ କଂଗ୍ରେସ ପକ୍ଷରୁ ଏକ ଟିମ୍ ଗଠନ କରାଯିବ ବୋଲି ପ୍ରକାଶ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଖୋର୍ଦ୍ଧା ବିଧାୟକ ପ୍ରାର୍ଥୀ ସୋନାଲୀ ସାହୁ, ଚିଲିକା ବିଧାୟକ ପ୍ରାର୍ଥୀ ପ୍ରଦୀପ ସ୍ୱାଇଁ, ସ୍ୱାଗତିକା ପଟ୍ଟନାୟକ, ଖୋର୍ଦ୍ଧା ନଗର ସଭାପତି ରଣଜିତ୍ ମହାପାତ୍ର, ପିସିସି ସଭ୍ୟ ଶିଶିର ପରିଡ଼ା, ମହିଳା କଂଗ୍ରେସ ରାଜ୍ୟ ଉପସଭାପତି ଜୟଶ୍ରୀ ପଟ୍ଟନାୟକ, ଜିଲ୍ଲା ଉପସଭାପତି ସୁବାଷ ପାତ୍ର, ଜିଲ୍ଲା ସାଧାରଣ ସମ୍ପାଦକ ସୌମ୍ୟ ପଟ୍ଟନାୟକ, ଯୁବ କଂଗ୍ରେସ କାର୍ଯ୍ୟକାରୀ ସଭାପତି ସୌମ୍ୟ ବରାଳ, ମହିଳା କଂଗ୍ରେସ ଜିଲ୍ଲା ସଭାପତି ଅପସନା ବେଗମ, ଛାତ୍ର କଂଗ୍ରେସ ନେତା ମନୱର୍ ଅଲ୍ଲୀ, ସାଦିକ୍ ଖାନ୍, ଦେବୀ ଦାସ, ଶ୍ରୀୟା ସେଠୀ ପ୍ରମୁଖ ଉପସ୍ଥିତ ଥିଲେ।

### ଆଇପିଓ ଇସ୍ୟୁ ଖୋଲିଲା

## ସିଏସ୍ଏମ୍ ଟେକ୍ନୋଲୋଜିସ୍ ଲିମିଟେଡ

ଭୁବନେଶ୍ୱର, (ସବ୍ୟୁ) : ସିଏସଏମ ଟେକ୍ନୋଲୋଜିସ ଲିମିଟେଡ ଆସନ୍ତା ବୁଧବାର, ଜୁନ୍ ୨୪ ତାରିଖ ୨୦୨୬ରେ ଏହାର ଇକ୍ୱିଟି ସେୟାରଗୁଡିକର ଇନିସିଆଲ ପବ୍ଲିକ ଅଫରିଙ୍ଗ



(ଆଇପିଓ) ସମ୍ପର୍କିତ ବିଡ୍/ ଇସ୍ୟୁ ଖୋଲିବ ଏବଂ ସୋମବାର ଜୁନ୍ ୨୯ ତାରିଖ ୨୦୨୬ରେ ବନ୍ଦ ହେବ। ଇସ୍ୟୁ ପୂର୍ବରୁ ଓ ବର୍ତ୍ତମାନ ପର୍ଯ୍ୟନ୍ତ ୧୦ ଟଙ୍କା ଲେଖାଏଁ ଫେସ୍ ଭାଲ୍ୟୁର ୩୮୭,୦୨,୪୭୨ଟି ଇକ୍ୱିଟି ସେୟାର ବାକି ଅଛି। ଏହି ଇସ୍ୟୁରେ ୧୦ ଟଙ୍କା ଲେଖାଏଁ ଫେସ୍ ଭାଲ୍ୟୁର ୧୨୯,୦୧,୦୦୦ଟି ପର୍ଯ୍ୟନ୍ତ ଇକ୍ୱିଟି ସେୟାରର ଏକ ଫ୍ରେଶ୍ ଇସ୍ୟୁ ଅନ୍ତର୍ଭୁକ୍ତ ରହିଛି। ନୂଆ ଇସ୍ୟୁରୁ ପ୍ରାପ୍ତ ଅର୍ଥକୁ କମ୍ପାନୀର କାର୍ଯ୍ୟ ପୁଞ୍ଜି ଆବଶ୍ୟକତା, କମ୍ପାନୀ ଦ୍ୱାରା ନିଆଯାଇଥିବା ଋଣର ବଳକା ରାଶିର କିଛି ଅଂଶ କିମ୍ବା ସମ୍ପୂର୍ଣ୍ଣ ରାଶିର ପୂର୍ବ ପରିଶୋଧ କିମ୍ବା ପରିଶୋଧ, ଅଜ୍ଞାତ ଅଧିଗ୍ରହଣ ଓ ଅନ୍ୟାନ୍ୟ ରଣନୈତିକ ପଦକ୍ଷେପଗୁଡିକ ମାଧ୍ୟମରେ ଅଣପ୍ରାକୃତିକ ଅଭିବୃଦ୍ଧି ହାସଲ କରିବା ଏବଂ ସାଧାରଣ କର୍ପୋରେଟ ଉଦ୍ଦେଶ୍ୟଗୁଡିକ (ସାମୂହିକ ଭାବେ 'ଅବ୍‌ଜେକ୍ଟ ଅଫ୍ ଇସ୍ୟୁ) ଦିଗରେ ବ୍ୟବହାର କରାଯିବ।

## ମଙ୍ଗଳା ମନ୍ଦିରରେ ବିବାହ ପ୍ରସେସନରେ ଗଣ୍ଡଗୋଳ

କଟକ, (ସ୍ୱପ୍ର) : ସ୍ଥାନୀୟ ୫୨ନଂ ୱାର୍ଡ ରାଜେନ୍ଦ୍ରନଗର ସ୍ଥିତ ମଙ୍ଗଳାମନ୍ଦିରରେ ହେବାକୁ ଥିବା ଏକ ବିବାହ ଉତ୍ସବକୁ ବର ପ୍ରୋସେସନ କରି ଆସୁଥିବା ବେଳେ ଗଣ୍ଡଗୋଳ ଘଟି ବରଯାତ୍ରୀ ଆହତ ହୋଇଛନ୍ତି । ଖବର ପାଇ ଘଟଣା ସ୍ଥଳରେ ମଧୁପାଟଣା ପୋଲିସ ପହଁଞ୍ଚି ଜଣକୁ ଥାନାକୁ ଆଣି ଖୋଳତାଡ କରିଛି । ଫଳରେ ଖବର ଲେଖା ହେବା ସୁଦ୍ଧା ବିବାହ ବନ୍ଦ ରହିଥିବା ଜଣାପଡିଛି । ପ୍ରକାଶଥାଏ, ବୁଧବାର ଜଗତସିଂହପୁର ହାଜିପୁର ନିବାସୀ କ୍ଷୀର ଦାସଙ୍କ କନିଷ୍ଠ ପୁତ୍ର ଦୟାନିଧି ବରଯାତ୍ରୀ ନେଇ ମଙ୍ଗଳା ମନ୍ଦିରକୁ ବିବାହ ପାଇଁ ଆସୁଥିଲେ । କୌଣସି ଏକ ଘଟଣାକୁ ନେଇ ଗଣ୍ଡଗୋଳ ଘଟିଥିଲା । ଏପରି ଘଟଣାକୁ ସ୍ଥାନୀୟ ଅଞ୍ଚଳବାସୀ ନିନ୍ଦା କରିବା ସହିତ ମନ୍ଦିରରେ ବିବାହ ଉତ୍ସବ ବନ୍ଦ କରାଯାଇଥିବା ବେଳେ କିଏ ଏହା କରିବାକୁ ଅନୁମତି ଦେଲା ବୋଲି ପ୍ରଶ୍ନ କରିଛନ୍ତି । ସୂଚନାଯୋଗ୍ୟଯେ, ମଙ୍ଗଳା ମନ୍ଦିର ଗୋଷ୍ଠିକେନ୍ଦ୍ରରେ ବିବାହ ଉତ୍ସବ ନକରିବାକୁ ସିଏମସି ପକ୍ଷରୁ ନିର୍ଦ୍ଦେଶନାମା ଥିଲା ।

## ୫୦ ହଜାର ନର୍ସଙ୍କୁ ସମ୍ବର୍ଦ୍ଧିତ କଲା ହିମାଳୟ ବେବିକେୟାର

ଭୁବନେଶ୍ୱର, (ସବ୍ୟୁ) : ରାଷ୍ଟ୍ରପତି ଶ୍ରୀମତୀ ଦ୍ରୋପଦୀ ମୁର୍ମୁଙ୍କ ଦ୍ୱାରା ରାଷ୍ଟ୍ରପତି ଭବନରେ ଜାତୀୟ ଫ୍ଲୋରେନ୍ସ ନାଇଟିଙ୍ଗେଲ୍ ପୁରସ୍କାର ୨୦୨୬ ପ୍ରଦାନ ଉତ୍ସବରେ ଅଂଶଗ୍ରହଣ କରିବାକୁ ଶିଶୁ ଯତ୍ନକାରୀ ବ୍ରାଣ୍ଡ ହିମାଳୟ ବେବିକେୟାର୍‌କୁ ଆମନ୍ତ୍ରଣ କରାଯାଇଥିଲା। ହିମାଳୟ ସମଗ୍ର ଭାରତରେ ପ୍ରାୟ ୫୦,୦୦୦ ନର୍ସଙ୍କୁ ସ୍ୱାସ୍ଥ୍ୟସେବା କ୍ଷେତ୍ର ପ୍ରତି ସେମାନଙ୍କର ବହୁମୂଲ୍ୟ ଅବଦାନକୁ ସ୍ୱୀକୃତି ଓ ପାଳନ କରିବାକୁ ଦେଶବ୍ୟାପୀ ଏକ ପ୍ରୟାସ ହାତକୁ ନେଇଥିଲା। ଦେଶର ବିଭିନ୍ନ ଭାଗରେ ହସପିଟାଲ ଏବଂ ସ୍ୱାସ୍ଥ୍ୟସେବା ପ୍ରତିଷ୍ଠାନଗୁଡିକରେ




ବେବିକେୟାର୍ ମଧ୍ୟ ଏହି ୧୫ଜଣ ନର୍ସ (ସେବିକା)ଙ୍କୁ ନର୍ସିଂ କ୍ଷେତ୍ରରେ ସେମାନଙ୍କର ଉତ୍କର୍ଷ ଏବଂ ଭାରତର ସ୍ୱାସ୍ଥ୍ୟସେବା ପରିବ୍ୟବସ୍ଥା ପ୍ରତି ବହୁମୂଲ୍ୟ ଅବଦାନ ନିମନ୍ତେ ସମ୍ବର୍ଦ୍ଧିତ କରିଥିଲା। ସ୍ୱାସ୍ଥ୍ୟସେବା ସମୁଦାୟଙ୍କ ପ୍ରତି ଏହାର ପ୍ରତିବଦ୍ଧତାକୁ ପୁନଃ ସୁଦୃଢ଼ କରି ହିମାଳୟ ବେବିକେୟାର୍ ୧୦ରୁ ୨୫ ବର୍ଷର ସେବା ଯୋଗାଇଥିବା ନର୍ସମାନଙ୍କୁ ଯତ୍ନପ୍ରଦାନ ଏବଂ ଗୋଷ୍ଠୀ କଲ୍ୟାଣ ପ୍ରତି ସେମାନଙ୍କର ଅକୁଣ୍ଠ ପ୍ରତିବଦ୍ଧତା ପାଇଁ କୃତଜ୍ଞତା ସ୍ୱରୂପ ପ୍ରଶଂସା-ଭିତ୍ତିକ ନିୟୋଜନତା, ପ୍ରମାଣପତ୍ର ଏବଂ ସ୍ୱତନ୍ତ୍ର ଉପହାର ଜରିଆରେ ସମ୍ମାନିତ କରାଯାଇଥିଲା।

### ବେଦାନ୍ତ ଆଲୁମିନିୟମର ଋତୁସ୍ରାବ ସ୍ୱାସ୍ଥ୍ୟ ସଚେତନତା

## ୨୦୦ ରୁ ଅଧିକ ମହିଳା ଓ କିଶୋରୀଙ୍କ ସ୍ୱାସ୍ଥ୍ୟ ଏବଂ ସ୍ଥାୟୀ ଅଭ୍ୟାସକୁ ପ୍ରୋତ୍ସାହିତ କରିଛି

ଭୁବନେଶ୍ୱର, (ସବ୍ୟୁ) : ଭାରତର ସର୍ବବୃହତ ଆଲୁମିନିୟମ ଉତ୍ପାଦନକାରୀ ବେଦାନ୍ତ ଆଲୁମିନିୟମ ଏହାର ପେହଲି ଉଡାନ ପ୍ରକଳ୍ପ ଅଧୀନରେ ଏକ ଗୋଷ୍ଠି ପ୍ରସାରକୁ ଅଗ୍ରାଧିକାର ଦେଇ ଓଡ଼ିଶାର କଳାହାଣ୍ଡି ଜିଲ୍ଲାରେ ରଜ ମହୋତ୍ସବକୁ ପାଳନ କରିଛି। ତୁରିସିମେଲ, ଛତ୍ରପୁର, କୁଟୁଁନିପଦର ଏବଂ ଅସୁରପଡା ଗ୍ରାମରେ ଏହି ଉତ୍ସବ ଅନୁଷ୍ଠିତ ହୋଇଥିଲା, ଯେଉଁଥିରେ ୨୦୦ ରୁ ଅଧିକ ମହିଳା ଏବଂ କିଶୋରୀ ପହଞ୍ଚିଥିଲେ। ଋତୁସ୍ରାବ ସ୍ୱାସ୍ଥ୍ୟ ଏବଂ ସ୍ୱଚ୍ଛତାକୁ ପ୍ରୋତ୍ସାହିତ କରିବା, ଖୋଲା ଆଲୋଚନାକୁ ଅଗ୍ରାଧିକାର ଦେବା ଏବଂ ନାରୀତ୍ୱ ଏବଂ ଗର୍ଭଧାରଣକୁ ପାଳନ କରିବା ପାଇଁ ଏହି ପଦକ୍ଷେପ ସାଂସ୍କୃତିକ ଉତ୍ସବ ସହିତ ସଚେତନତା ଅଧିବେଶନକୁ ମିଳିତ କରିଥିଲା । ଋତୁସ୍ରାବ ସ୍ୱାସ୍ଥ୍ୟ ଏବଂ ସ୍ୱଚ୍ଛତା (ଏମ୍‌ଏଚ୍‌ଏଚ୍.) ଏବଂ କିଶୋର ପ୍ରଜନନ ଏବଂ ସ୍ୱାସ୍ଥ୍ୟ (ଏଆରଏସଏଚ୍) ଉପରେ ଅଧିବେଶନମାନ ଆୟୋଜିତ ହୋଇଥିଲା। ତୃଣମୂଳ ସ୍ତରରେ କ୍ଷମତାକୁ ସୁଦୃଢ଼ କରିବା ଏବଂ ଗୋଷ୍ଠୀସଦସ୍ୟମାନଙ୍କୁ ସେମାନଙ୍କ ଗ୍ରାମ ମଧ୍ୟରେ ସଚେତନତା



ପ୍ରୟାସକୁ ବଜାୟ ରଖିବା ପାଇଁ ଏକ ଟ୍ରେନ-ଦ-ଟ୍ରେନର୍ସ ଦକ୍ଷେପ ମଧ୍ୟ ଗ୍ରହଣ କରାଯାଇଥିଲା। ମହିଳା ଏବଂ କିଶୋରୀମାନଙ୍କ ମଧ୍ୟରେ ଋତୁସ୍ରାବ ଏବଂ ପ୍ରଜନନସ୍ୱାସ୍ଥ୍ୟ ଉପରେ ଯୋଗଦାନ ପାଇଁ ଏକ ସାଂସ୍କୃତିକ ଭାବରେ ପରିଚିତ ପ୍ଲାଟଫର୍ମ ପ୍ରଦାନ କରି ଏହି କାର୍ଯ୍ୟକ୍ରମ ରଜ ପର୍ବ ପାଳନ ସହିତ ଯୋଡ଼ି ହୋଇଥିଲା । ଏଭଳି ପଦକ୍ଷେପ ସଂକ୍ରାନ୍ତରେ ଲାଞ୍ଜିଗଡ଼ ସ୍ଥିତ ବେଦାନ୍ତ ଆଲୁମିନିୟମର ସିଇଓ ପ୍ରଣବ କୁମାର ଭଟ୍ଟାଚାର୍ଯ୍ୟ କହିଛନ୍ତି, ଆମେ ବିଶ୍ୱାସ କରୁ ଯେ ସଚେତନତା ଏବଂ ଅନ୍ତର୍ଭୁକ୍ତିକରଣ ଉପରେ ଗୋଷ୍ଠି ବିକାଶ ନିର୍ମିତ ହୋଇଛି। ପ୍ରୋଜେକ୍ଟ ପେହଲି ଉଡାନ ମାଧ୍ୟମରେ, ଆମେ ଋତୁସ୍ରାବ ସ୍ୱାସ୍ଥ୍ୟ ସମାଧାନ, ଖୋଲା ଆଲୋଚନାକୁ ପ୍ରୋତ୍ସାହିତ କରୁଛୁ, ମହିଳା ଏବଂ କିଶୋରୀମାନଙ୍କୁ ସୁସ୍ଥ, ଅଧିକ ଆତ୍ମବିଶ୍ୱାସୀ ଜୀବନଯାପନ କରିବାକୁ ସଶକ୍ତ କରୁଛୁ ।

## ବରଗଡର ଯୁବଚାଷୀ ଇଚ୍ଛାମୃତ୍ୟୁ ମାଗିବା ନିନ୍ଦନୀୟ : ବିଜେଡି

ଭୁବନେଶ୍ୱର, (ସବ୍ୟୁ) : ଓଡ଼ିଶାର ଭାତହାଣ୍ଡି କୁହାଯାଉଥିବା ବରଗଡ଼ ଜିଲ୍ଲରେ ଚାଷୀ ଗୋପାଳ କୃଷ୍ଣ ସାହୁ କଷ୍ଟ ଉପାର୍ଜିତ ଧାନକୁ ବିକ୍ରି କରିନପାରି ଶେଷରେ ବାଧହୋଇ ଇଚ୍ଛାମୃତ୍ୟୁ ମାଗିବା ଘଟଣା ସମଗ୍ର ଓଡ଼ିଶାବାସୀଙ୍କୁ ବିଚଳିତ କରିଛି । ଚାଷୀଙ୍କ ଇଚ୍ଛାମୃତ୍ୟୁ ଆବେଦନକୁ ଗ୍ରହଣ କରି ସରକାର ନିଜର ଅସହାୟତାକୁ ପ୍ରକାଶ କରିଛନ୍ତି । ସରକାରଙ୍କ ଏହି ଚାଷୀ ମାରଣ ନୀତିକୁ କଡ଼ା ନିନ୍ଦା କରିଛି ବିଜୁ ଜନତା ଦଳ । ବୁଧବାର ଶଙ୍ଖ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ବରଗଡ଼ ବିଧାୟିକା ଶ୍ରୀମତୀ ବର୍ଷା ସିଂ ବରିହା ଓ ଦଳର ମୁଖପାତ୍ର ତଥା ଗଣମାଧ୍ୟମ ସଂଯୋଜକ ଡ଼ ଲେନିନ ମହାନ୍ତି କହିଥିଲେ ଯେ, ରାଜ୍ୟରେ ପରିବର୍ତ୍ତନ କଥା କହୁଥିବା ଡବଲ ଇଞ୍ଜିନ ସରକାରରେ ପରିବର୍ତ୍ତନ ଅତ୍ୟନ୍ତ ଭୟଙ୍କର ହୋଇଛି । ଓଡ଼ିଶାର ଆର୍ଥିକ ମେରୁଦଣ୍ଡ କୁହାଯାଉଥିବା ଚାଷୀକୂଳ ପ୍ରତି ସରକାରଙ୍କ ବୈମାତୃକ ମନୋଭାବ ଯୋଗୁଁ ଓଡ଼ିଶା ସାରା ବିଶ୍ୱରେ ନିନ୍ଦିତ ହେଉଛି । ଶ୍ରୀମତୀ ବର୍ଷା ସିଂ ବରିହା କହିଥିଲେ ଯେ, ବରଗଡ଼ ଜିଲ୍ଲାର ଚାଷୀ ଗୋପାଳ କୃଷ୍ଣ ସାହୁ ନିଜର କଷ୍ଟ ଉପାର୍ଜିତ ଧାନକୁ ବିକ୍ରି କରିବା ପାଇଁ ବାରମ୍ବାର ଅଧିକାରୀଙ୍କ ନିକଟକୁ ଦୌଡ଼ି ଦୌଡ଼ି ନିରାଶ ହେବା ଶେଷରେ ବାଧ ହୋଇ ଚରମ ପଦକ୍ଷେପ ସ୍ୱରୂପ ରାଷ୍ଟ୍ରପତିଙ୍କୁ ଚିଠି ଲେଖି ଇଚ୍ଛାମୃତ୍ୟୁ ମାଗିଛନ୍ତି ଏବଂ ସେହି ଇଚ୍ଛାମୃତ୍ୟୁକୁ ଜିଲ୍ଲା ପ୍ରଶାସନ ଗ୍ରହଣ କରିବା ଅତ୍ୟନ୍ତ ଲଜ୍ଜାଜନକ । ଏଥିରୁ ସ୍ପଷ୍ଟ ଅନୁମେୟ ଯେ, ସରକାର ଚାହୁଁଛନ୍ତି ଚାଷୀ ଆତ୍ମହତ୍ୟା କରୁ । ଯେଉଁ ରାଜ୍ୟରେ ଚାଷୀ ଇଚ୍ଛାମୃତ୍ୟୁ ମାଗିବାକୁ ବାଧ ହୁଏ, ସେଠି ସରକାରଙ୍କ କୃଷକ କଲ୍ୟାଣ ନୀତି କେତେ ସଫଳ, ତାହା ସାଧାରଣ ଲୋକ ବିଚାର କରିପାରିବେ । ରାଜ୍ୟର ଅନେକ ମଣ୍ଡିରୁ ଧାନ ଉଠୁନଥିବାରୁ ଚାଷୀକୂଳ ଚିନ୍ତାରେ ରହିଛି । ହଜାର ହଜାର କ୍ୱିଣ୍ଟାଲ ଧାନ ମଣ୍ଡିରେ ପଡ଼ିରହିବାରୁ ମୌସୁମୀ ବର୍ଷାରେ ଭିଜି ଗଜା ହେଲାଣି । ସରକାର କହିଥିଲେ ଏମଏସପି ବୃଦ୍ଧି କରିବେ, କିନ୍ତୁ ବୃଦ୍ଧି କଲେ ନାହିଁ । ଅନ୍ୟପଟେ ବିହନ, ସାର, କୀଟନାଶକ ଓ ଅନ୍ୟାନ୍ୟ କୃଷି ସାମଗ୍ରୀର ଅହେତୁକ ଦରବୃଦ୍ଧି ଚାଷୀର ଆର୍ଥିକ ମେରୁଦଣ୍ଡକୁ ଭାଙ୍ଗି ଦେଇଛି । ଡବଲ ଇଞ୍ଜିନ ସରକାର କେବଳ ଚାଷୀକୂଳ ପ୍ରତି ଅନ୍ୟାୟ କରିନାହିଁ, ରାଜ୍ୟର ବୟସ୍କ, ଦିବ୍ୟାଙ୍ଗ, ବିଧବାମାନଙ୍କୁ ଭତ୍ତା ପ୍ରଦାନରେ ବିଳମ୍ବ କରିବା ଯୋଗୁଁ ହିତାଧିକାରୀମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହୋଇଛନ୍ତି । ଚାଷୀକୂଳର ସମସ୍ତ ସମସ୍ୟା ଡବଲ ଇଞ୍ଜିନ ସରକାର ତୁରନ୍ତ ସମାଧାନ କରନ୍ତୁ, ନଚେତ୍ ଚାଷୀକୂଳର ସ୍ୱାର୍ଥ ପାଇଁ ବିଜୁ ଜନତା ଦଳ ଲଢ଼େଇ ଜୋରଦାର କରିବ । ଡ଼ ଲେନିନ ମହାନ୍ତି କହିଥିଲେ ଯେ, ଚାଷୀକୂଳକୁ ୩୧୦୦ ଟଙ୍କା ଦେଉଥିବାର ଡିଣ୍ଡିମ ପିଟୁଥିବା ଡବଲ ଇଞ୍ଜିନ ସରକାର ଅନ୍ୟପଟେ ୧୫ କିଲୋ କଟନୀ ଛଟନୀ କରି ସରକାର ଦୋମୁହାଁ ନୀତିର ପରିଚୟ ଦେଉଛନ୍ତି । ଧାନ ବିକ୍ରିର ୨୪ ଘଣ୍ଟା ଭିତରେ ଚାଷୀଙ୍କ ଆକାଉଣ୍ଟକୁ ଟଙ୍କା ପଠାଯିବାର ପ୍ରତିଶ୍ରୁତି ସରକାର ଦେଉଛନ୍ତି, କିନ୍ତୁ ବାସ୍ତବ ଚିତ୍ର ସମ୍ପୂର୍ଣ୍ଣ ଭିନ୍ନ । ବାରମ୍ବାର ଏଭଳି ଘଟଣା ଘଟୁଥିବାରୁ ଓଡ଼ିଶାକୁ ନିନ୍ଦିତ ହେବାକୁ ପଡୁଛି । ବିଜୁ ଜନତା ଦଳ ଆଶା କରୁଛି, ସରକାର ଚାଷୀକୂଳ ପ୍ରତି ଯତ୍ନବାନ ହୁଅନ୍ତୁ ଓ ଚାଷୀକୂଳର ସବୁ ସମସ୍ୟା ଦୂର କରନ୍ତୁ ବୋଲି ସେ କହିଛନ୍ତି ।

## ୭୦ଦିନରେ ୩ କୋଟି ୭୭ ଲକ୍ଷ ରାଜସ୍ୱ

କେନ୍ଦୁଝର, (ଜିପ୍ର) : କେନ୍ଦୁଝର ଜିଲ୍ଲାରେ ଲଘୁ ଖଣିଜଦ୍ରବ୍ୟରୁ ଗତ ୭୦ଦିନରେ ଅଥାତ ଏପ୍ରିଲ ୧ ରୁ ଜୁନ ୯ ତାରିଖ ମଧ୍ୟରେ ୩କୋଟି ୭୭ଲକ୍ଷ ୧୫ ହଜାର ୪୭୧ଟଙ୍କା ରାଜସ୍ୱ ଆଦାୟ ହୋଇଥିବାବେଳେ ଏହି ସମୟ ମଧ୍ୟରେ ବେଆଇନ କାରବାରରୁ ୧କୋଟି ୬୧ଲକ୍ଷ ୧୩ହଜାର ୭୫୧ ଟଙ୍କା ଏବଂ ଶୈରାତମାନଙ୍କରୁ ୨କୋଟି ୧୬ଲକ୍ଷ ୧ହଜାର ୭୦୪ଟଙ୍କା ଆଦାୟ ହୋଇଥିବା ସରକାରୀ ଭାବେ ଜଣାପଡିଛି । ମିଳିଥିବା ସୂଚନା ଅନୁଯାୟୀ ମେ ୧ ରୁ ମେ ୩୧ତାରିଖ ୨୦୨୬ ମଧ୍ୟରେ ୨୬ଟି ଗାଡ଼ି ଏହି ବେଆଇନ ଲଘୁ ଖଣିଜ ଦ୍ରବ୍ୟ ପରିବହନ କରୁଥିବା ସମୟରେ ଜବତ କରାଯାଇଛି ଓ ୧୪ଟି ମାମଲା ରୁଜୁ ହୋଇଛି । କେନ୍ଦୁଝର ସଦର ସବଡିଭିଜନରେ ୮ଟି ଗାଡି ଜବତ ହୋଇଥିବାବେଳେ ସେଥିମଧ୍ୟରୁ ବାଲି ପରିବହନ ସମୟରେ ୩ଟି, ମୋରମ ପରିବହନରେ ୩ଟି ଓ ଅନ୍ୟାନ୍ୟ ଲଘୁ ଖଣିଜ ଦ୍ରବ୍ୟ ପରିବହନ ସମୟରେ ୩ଟି ଗାଡି ଜବତ କରାଯାଇ ୩ଲକ୍ଷ ୨୮ହଜାର ୧୪୭ଟଙ୍କା ଜରିମାନା ଆଦାୟ କରାଯାଇଛି । ଚାରିଟି ମାମଲା ଦାୟର କରାଯାଇଥିବା ବେଳେ ୩ଜଣ ଖେଳାଳୀ ସେମାନଙ୍କ ଆଦାୟ କରାଯାଇଛି । ଚମ୍ପୁଆ ସବଡିଭିଜନରେ ୧ଟି ଗାଡି ଧରାଯାଇ ୮ଲକ୍ଷ ୨୪ହଜାର ୬୪୯ଟଙ୍କା ଆଦାୟ କରାଯାଇଛି । ଆନନ୍ଦପୁର ଉପଖଣ୍ଡରେ ୧୩ଟି ଗାଡି ଜବତ କରାଯାଇ ସର୍ବାଧିକ ସଂଖ୍ୟକ ୩୦ ହଜାର ୧୮୪ ଟଙ୍କା ଆଦାୟ କରାଯାଇଛି । ଏପ୍ରିଲ ୧ ଠାରୁ ଜୁନ ୧ ତାରିଖ ମଧ୍ୟରେ କେନ୍ଦୁଝର ଜିଲ୍ଲାରେ ମୋଟ ୨କୋଟି ୧ଲକ୍ଷ ୨୧ହଜାର ୬୯୮ଟଙ୍କା ଜରିମାନା ଆଦାୟ କରାଯାଇଥିବାବେଳେ ଆନନ୍ଦପୁର ସବଡିଭିଜନରେ ୮୨ଲକ୍ଷ ୪୦ହଜାର ୪୩ଟି ଗାଡି ଜବତ କରାଯାଇ ୧ଲକ୍ଷ ୫୨ହଜାର୨୧୯ଟଙ୍କା ଆଦାୟ କରାଯାଇଛି । ୨୩ଟି ରେଫ ସମୟରେ ୪୦ଟି ଗାଡି ବେଆଇନ ବାଲି ପରିବହନ କରୁଥିବା ପ୍ରକାଶ କରାଯାଇଛି । ଏହି ସମୟ ମଧ୍ୟରେ କେନ୍ଦୁଝର ସବଡିଭିଜନରେ ୧୭ଟି ରେଫ କରାଯାଇ ୪ଟି ଗାଡି ଜବତ ହୋଇ ୩ଲକ୍ଷ୫୪ହଜାର ୩୦୪ଟଙ୍କା ବିଭିନ୍ନ ଜରିମାନା ବାବଦରେ ଆଦାୟହୋଇଛି । ଚମ୍ପୁଆ ଉପଖଣ୍ଡରେ ୨୫ପାଳ ରେଫ କରାଯାଇ ୫ଟି ଗାଡି ସିଜ କରାଯାଇ ଜରିମାନା ବାବଦରେ ୧୩ଲକ୍ଷ ୭୭ହଜାର ୮୭୭ଟଙ୍କା ଆଦାୟ କରାଯାଇ ରାଜ୍ୟ ରାଜସ୍ୱ ପ୍ରଦାନ କରାଯାଇଛି ।ସରକାରୀ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ ଜରିମାନା ଆକାରରେ ଏପ୍ରିଲ ୧ତାରିଖରୁ ଜୁନ ୯ ତାରିଖ ମଧ୍ୟରେ ଅର୍ଥାତ ଏହି ୭୦ଦିନ ମଧ୍ୟରେ ୧କୋଟି ୬୧ଲକ୍ଷ ୧୩ହଜାର ୭୭୭ଟଙ୍କା ଆଦାୟ ହୋଇଛି । ଲଘୁ ଖଣିଜ ରୁ ଏହି ସମୟ ସୀମା ମଧ୍ୟରେ ମୋଟ ୨କୋଟି ୧୬ଲକ୍ଷ ୧ହଜାର ୭୦୪ଟଙ୍କା ରାଜସ୍ୱ ଆକାରରେ ସରକାରୀ ତହସିଲକୁ ଯାଇଥିବା ଜଣାପଡିଛି । ସେଥିମଧ୍ୟରୁ ଆନନ୍ଦପୁର ସବଡିଭିଜନରୁ ସର୍ବାଧିକ ୧କୋଟି ୩ଲକ୍ଷ ୧୮ହଜାର ୭୧୬ଟଙ୍କା କେନ୍ଦୁଝର ସବଡିଭିଜନରୁ ୮୭ଲକ୍ଷ ୭୪ହଜାର ୪୪୫ଟଙ୍କା ଓ ଚମ୍ପୁଆ ଉପଖଣ୍ଡରୁ ୨୫ଲକ୍ଷ ୮ହଜାର ୫୩୩ଟଙ୍କା ମିଳିଛି । ବେଆଇନ ଲଘୁ ଖଣିଜ ପରିବହନ କରୁଥିବା ସମୟରେ ଜବତ ଓ ପାଇକଉଆଲଅଞ୍ଚଳରୁ ଉପଖଣ୍ଡ ପର୍ଯ୍ୟାପ୍ତ ରହିଛି । ରାଜସ୍ୱ ପାଉଣା ପରିମାଣ ନିମ୍ନ ଭେଟରେ କିନ୍ତୁ ଏହି ଏପ୍ରିଲ ୧ତାରିଖରୁ ଜୁନ ୯ ତାରିଖ ୨୦୨୬ ମଧ୍ୟରେ ମୋଟ ୩କୋଟି ୭୭ଲକ୍ଷ ୧୫ହଜାର ୪୭୧ଟଙ୍କା ରାଜସ୍ୱ ବାବଦକୁ ଯାଇଛି ।

# ସିନେଟରେ ଟ୍ରମ୍ପଙ୍କୁ ଶକ୍ତ ଝଟ୍କା

## ଯୁଦ୍ଧ କ୍ଷମତା ସୀମିତ କରିବାକୁ ପ୍ରସ୍ତାବ ପାରିତ

**ୱାଶିଂଟନ:** ଇରାନ ବିରୋଧରେ କଂଗ୍ରେସର ଅନୁମତି ବିନା ସାମରିକ କାର୍ଯ୍ୟାନୁଷ୍ଠାନ ସୀମିତ କରିବା ପାଇଁ ଆମେରିକା ସିନେଟରେ ୫୦-୪୮ ଭୋଟରେ ଏକ ପ୍ରସ୍ତାବ ପାରିତ ହୋଇଛି। ଏହି ଘଟଣାକ୍ରମ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ପାଇଁ ଏକ ବଡ଼ ରାଜନୈତିକ ପ୍ରତିବନ୍ଧକ ସୃଷ୍ଟି କରିଛି। ଏହି ନିଷ୍ପତ୍ତି ରିପବ୍ଲିକାନ ଦଳର ଆଭ୍ୟନ୍ତରୀଣ ମତଭେଦକୁ ପଦାରେ ପକାଇବା ସହ ଟ୍ରମ୍ପଙ୍କ ଇରାନ ନୀତି ଉପରେ ଚାପ ବଢ଼ାଇଛି। ଅନ୍ୟପକ୍ଷରେ ଟ୍ରମ୍ପ ସିନେଟରେ ପ୍ରସ୍ତାବ ପାରିତ ହେବାକୁ 'ଅତି ଖରାପ ଓ ଅର୍ଥହୀନ' ବୋଲି କହି ସମାଲୋଚନା କରିଛନ୍ତି।



ରିପବ୍ଲିକାନ ନିୟନ୍ତ୍ରଣରେ ଥିବା ସିନେଟରେ ଏହି ପ୍ରସ୍ତାବ ପାରିତ ହେବା ଟ୍ରମ୍ପଙ୍କ ପାଇଁ ବହୁତ ବଡ଼ ରାଜନୈତିକ ଚ୍ୟାଲେଞ୍ଜ ସୃଷ୍ଟି କରିଛି। ଏହି ପ୍ରସ୍ତାବ ପୂର୍ବରୁ ହାଉସ୍ ଅଫ୍ ରିପ୍ରେଜେଣ୍ଟେଟିଭ୍ସ (ପ୍ରତିନିଧି ସଭା)ରେ ପାରିତ ହୋଇସାରିଥିଲା। କଂଗ୍ରେସର ଉଭୟ ସଦନ ରାଷ୍ଟ୍ରପତିଙ୍କୁ ସାମରିକ କାର୍ଯ୍ୟାନୁଷ୍ଠାନରୁ ସେନା ପ୍ରତ୍ୟାହାର କରିବାକୁ ନିର୍ଦ୍ଦେଶ ଦେବା ଏକ ବଡ଼ ଘଟଣା ବୋଲି କୁହାଯାଉଛି। ଗତ ଫେବୃଆରି ୨୮ରେ ଆମେରିକା ଓ ଇସ୍ରାଏଲ ପକ୍ଷରୁ ଇରାନ ବିରୋଧରେ ଆରମ୍ଭ ହୋଇଥିବା ସାମରିକ କାର୍ଯ୍ୟାନୁଷ୍ଠାନକୁ ନେଇ କଂଗ୍ରେସ ମଧ୍ୟରେ ବଢ଼ୁଥିବା ଅସନ୍ତୋଷକୁ ଏହି ଭୋଟିଂ ସ୍ପଷ୍ଟ କରୁଛି। ରିପବ୍ଲିକାନ ଦଳର ଚାରିଜଣ ସିନେଟର-ସୁଜାନ କଲିନ୍ସ, ରାଣ୍ଡ ପଲ୍, ବିଲ୍ କାସିଡି ଏବଂ ଲିସା ମୁରକୋସ୍କି ଦଳୀୟ ନିଷ୍ପତ୍ତି ବିରୋଧରେ ଯାଇ ଡେମୋକ୍ରାଟ୍ମାନଙ୍କୁ ସମର୍ଥନ କରିଥିଲେ। ଅନ୍ୟପଟେ ଡେମୋକ୍ରାଟିକ୍ ସିନେଟର ଜନ୍ ଫେଟରମ୍ୟାନ ଏହାର ବିରୋଧରେ ଭୋଟ ଦେଇଥିବା ବେଳେ ରିପବ୍ଲିକାନ ସିନେଟର ମିଚ୍ ମ୍ୟାକକୋନେଲ ଓ ଡେଭିଡ ମ୍ୟାକକୋର୍ମିକ ଅନୁପସ୍ଥିତ ଥିଲେ। ବିତର୍କ ସମୟରେ ଡେମୋକ୍ରାଟିକ୍ ସିନେଟର ଟିମ୍ କେନ୍ କହିଥିଲେ ଯେ ଯୁଦ୍ଧ ସମ୍ପର୍କିତ ନିଷ୍ପତ୍ତି ନେବାର ସାମ୍ବିଧାନିକ ଅଧିକାର କେବଳ କଂଗ୍ରେସ ପାଖରେ ରହିଛି | ହ୍ୱାଇଟ ହାଉସ ପକ୍ଷରୁ କୁହାଯାଇଛି ଯେ ଗତ ଏପ୍ରିଲ ୭ର ଅସ୍ତ୍ରବିରତି ପରେ ଆମେରିକାର ସାମରିକ ଅଭିଯାନ ଶେଷ ହୋଇସାରିଛି, ତେଣୁ ଏହାର କୌଣସି ଆଇନଗତ ବାଧ୍ୟତାବାଧକତା ନାହିଁ।

# ଚଳନ୍ତା ଟ୍ରେନରେ ଯୁବକଙ୍କୁ ଛୁରୀ ଭୁଷି ହତ୍ୟା

**ମୁମ୍ବାଇ:** ଚଳନ୍ତା ଟ୍ରେନରେ ସାମାନ୍ୟ ଦ୍ୱାର ବନ୍ଦକୁ ନେଇ ଆରମ୍ଭ ହୋଇଥିବା ବିବାଦ ଭୟଙ୍କର ରୂପ ନେଇଛି। ମଙ୍ଗଳବାର ରାତିରେ ମୁମ୍ବାଇର ଗୋଟିଏ ଚଳନ୍ତା ଲୋକାଲ ଟ୍ରେନ ଭିତରେ ଜଣେ ୨୧ ବର୍ଷୀୟ ଯୁବକଙ୍କୁ ଛୁରୀ ଭୁଷି ହତ୍ୟା କରାଯାଇଛି। ମଙ୍ଗଳବାର ରାତିରେ ବର୍ଷା ହେବାରୁ ଟ୍ରେନର ଦ୍ୱାର ବନ୍ଦକୁ ନେଇ ଯୁକ୍ତିତର୍କ ହୋଇଥିଲା। ବାସ୍ ଏଥିପାଇଁ ଚଳନ୍ତା ଟ୍ରେନ ଭିତରେ ଏତେ ବଡ଼ ଘଟଣା ଘଟିଛି। ମୃତକ ଜଣଙ୍କ ହେଲେ ମୟଙ୍କ ଲୋହାର। ସେ ଚର୍ଚ୍ଚଗେଟ-ନାଲାସୋପାରା ଫାଷ୍ଟ ଲୋକାଲର ପ୍ରଥମ ଶ୍ରେଣୀ ବଗିରେ ଯାତ୍ରା କରୁଥିଲେ। କିନ୍ତୁ ଗୋରେଗାଓଁ ଓ କାନ୍ଦିଭଲି ଷ୍ଟେସନ୍ ମଧ୍ୟରେ ଅନ୍ୟ ଜଣେ ଯାତ୍ରୀଙ୍କ ସହ ତାଙ୍କର ବଚସା ହୋଇଥିଲା। ଏହାପରେ ମାରପିଟ ଆରମ୍ଭ ହୋଇଯାଇଥିଲା। ଶେଷରେ ମୟଙ୍କ ଲୋହାରଙ୍କୁ ରୋଶନ ସୁବର୍ଣ୍ଣ ନାମକ ଜଣେ ଯୁବକ ସର୍ବସମ୍ମୁଖରେ ଛୁରୀ ଭୁଷି ହତ୍ୟା କରିଛନ୍ତି। ଏହି ଘଟଣାରେ ଅଭିଯୁକ୍ତ ରୋଶନ ସୁବର୍ଣ୍ଣଙ୍କୁ ମୁମ୍ବାଇର କୁର୍ଲା ଅଞ୍ଚଳରୁ ପୁଲିସ ଗିରଫ କରିଛି। ଘଟଣା ସ୍ଥଳରୁ ଆସିଥିବା ଭିଡିଓ ମଧ୍ୟ ସମସ୍ତଙ୍କୁ ବିଚଳିତ କରିଛି। ଏଥିରେ ଦେଖାଯାଉଛି ଯେ କଳା ପୋଷାକ ପିନ୍ଧିଥିବା ଅଭିଯୁକ୍ତ ହାତରେ ରକ୍ତ ଲଗା ଛୁରୀ ଧରି ସେଠାରୁ ଚାଲି ଚାଲି ଯାଉଛନ୍ତି। ଟ୍ରେନ୍ର ସିଟ୍ରେ ରକ୍ତର ଦାଗ ସ୍ପଷ୍ଟ ଭାବେ ଦେଖିବାକୁ ମିଳିଛି। ସେହିପରି କିଛି ଯାତ୍ରୀ "ସେ ତାକୁ ମାରିଦେଲା, ସତରେ ମାରିଦେଲା" ବୋଲି ଚିତ୍କାର କରୁଥିବା ଶୁଣିବାକୁ ମିଳୁଛି। ଭିଡିଓରେ ଆହୁରି ଦେଖାଯାଇଛି ଯେ ଅଭିଯୁକ୍ତଙ୍କ ଶାର୍ଟର ବୋତାମ ଖୋଲା ରହିଛି। ତାଙ୍କୁ ଦେଖି ଅନ୍ୟ ଯାତ୍ରୀମାନେ ଦୂରକୁ ଘୁଞ୍ଚି ଯାଇଥିଲେ। କେହି ମଧ୍ୟ ଅଭିଯୁକ୍ତଙ୍କୁ ରୋକିବାକୁ ସାହସ କରିନଥିଲେ। ପଶ୍ଚିମ ରେଳବାଇ ପୁଲିସ କହିଛି ଯେ ଗୋରେଗାଓଁ ଓ କାନ୍ଦିଭଲି ମଧ୍ୟରେ ବର୍ଷା ସମୟରେ ଟ୍ରେନ୍ର ଦ୍ୱାର ବନ୍ଦ କରିବାକୁ ନେଇ ଦୁଇ ଯାତ୍ରୀଙ୍କ ମଧ୍ୟରେ ଝଗଡ଼ା ହୋଇଥିଲା। ଏହି ସମୟରେ କିଛି ଯାତ୍ରୀ ଅଭିଯୁକ୍ତ ରୋଶନଙ୍କୁ ମାଡ଼ ମାରିଥିଲେ। ଏଥିରେ ଉତ୍ତ୍ୟକ୍ତ ହୋଇ ଅଭିଯୁକ୍ତ ନିଜ ବ୍ୟାଗରୁ ଛୁରୀ ବାହାର କରି ମୟଙ୍କ ଲୋହାରଙ୍କୁ ଆକ୍ରମଣ କରିଥିଲା। କାରଣ ଦ୍ୱାର ବନ୍ଦକୁ ନେଇ ପ୍ରଥମେ ତାଙ୍କ ସହ ରୋଶନଙ୍କ ପାଟିତୁଣ୍ଡ ଆରମ୍ଭ ହୋଇଥିଲା। ମୟଙ୍କ ଲୋହାରଙ୍କୁ ଛୁରୀ ଭୁଷିବା ପରେ ଅଭିଯୁକ୍ତ ସେଠାରୁ ଫେରାର ହୋଇଯାଇଥିଲେ। ଘଟଣାସ୍ଥଳରେ ହିଁ ମୟଙ୍କଙ୍କ ମୃତ୍ୟୁ ହୋଇଥିଲା। ପରେ ରେଳବାଇ ପୁଲିସ ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଥିଲା। ସ୍ଥାନୀୟ ପୁଲିସ୍ ଘଟଣାର ତଦନ୍ତ କରି ଆଜି ରୋଶନଙ୍କୁ ମୁମ୍ବାଇର କୁର୍ଲା ଅଞ୍ଚଳରୁ ଗିରଫ କରିଛି। ଏଥିସହ ଘଟଣାର ଅଧିକ ତଦନ୍ତ ଆରମ୍ଭ କରିଛି। ଅନ୍ୟପକ୍ଷରେ ପୁଅକୁ ହରାଇ ଭାଙ୍ଗି ପଡ଼ିଥିବା ମୟଙ୍କଙ୍କ ମା' କାନ୍ଦି କାନ୍ଦି ନ୍ୟାୟ ଦାବି କରିଛନ୍ତି। ସେ କହିଛନ୍ତି, "ତାକୁ ଦଣ୍ଡ ଦିଅ। ମୋ ପୁଅକୁ ନ୍ୟାୟ ଦିଅ। ସେ କେବେ କାହା ସହ ଝଗଡ଼ା କରୁ ନଥିଲା। ମଙ୍ଗଳବାର ଘରୁ ବାହାରିଥିଲା, ଏପର୍ଯ୍ୟନ୍ତ ଫେରିନାହିଁ।

# ପାକ୍ ବାୟୁସୀମାରେ ପଶିଗଲା ଏୟାର ଇଣ୍ଡିଆ ବିମାନ

**ନୂଆଦିଲ୍ଲୀ:** ଏୟାର ଇଣ୍ଡିଆର ଏକ ବିମାନ ଭୁଲ୍ ବସତଃ ପାକିସ୍ତାନ ବାୟୁସୀମାରେ ପଶିବା ସହ କିଛି ସମୟ ପାକ୍ ବାୟୁସୀମାରେ ରହିଥିଲା। ଦିଲ୍ଲୀରୁ ଅମୃତସରକୁ ଉଡ଼ାଣ କରୁଥିବା ଏକ ଏୟାର ଇଣ୍ଡିଆ ବିମାନ ଅମୃତସର ବିମାନବନ୍ଦରରେ ଅବତରଣ କରିବା ପୂର୍ବରୁ ଚକ୍କର କାଟୁଥିବାବେଳେ ଭୁଲ୍ରେ କିଛି ସମୟ ପାଇଁ ପାକ୍ ବାୟୁସୀମା ଭିତରକୁ ପଶିଯାଇଥିବା ବିମାନ ସଂସ୍ଥା ପକ୍ଷରୁ କୁହାଯାଇଛି। କର୍ତ୍ତୃପକ୍ଷଙ୍କୁ ଏନେଇ ଅବଗତ କରାଯାଇଛି ଏବଂ ଉକ୍ତ ଘଟଣାର ତଦନ୍ତ ଆରମ୍ଭ ହୋଇଛି ବୋଲି ବିମାନ ସଂସ୍ଥା ପକ୍ଷରୁ କୁହାଯାଇଛି। ଜୁନ୍ ୨୨ ତାରିଖରେ ଏହି ଘଟଣା ଘଟିଥିଲା। ଏଆଇ୪୭୯ ବିମାନର ଦିଲ୍ଲୀରୁ ଅମୃତସରକୁ ଉଡ଼ାଣ କରିବା ସମୟରେ ପାଇଲଟ ପ୍ରଥମେ ବିମାନଟିକୁ ଅମୃତସର ବିମାନବନ୍ଦରରେ ଉଡ଼ାଇ ଚକ୍କର କାଟିବା ସମୟରେ ଏହା ପାକ୍ ବାୟୁସୀମାର ଅଳ୍ପକିଛି



ବାଟ ପର୍ଯ୍ୟନ୍ତ ପଳାଇଥିଲା। ଉକ୍ତ ଘଟଣାରେ ଅଧିକ ତଦନ୍ତ ଜାରି ରହିଛି। ପ୍ରାଥମିକ ସୂଚନାରୁ ଜଣାପଡ଼ିଛି ଯେ ବିମାନଟି ଏଟିସି ( ଏୟାର ଟ୍ରାଫିକ କଣ୍ଟ୍ରୋଲ୍)ର ନିର୍ଦ୍ଦେଶକୁ ଠିକ୍ ଭାବେ ଗ୍ରହଣ କରିପାରିନଥିବାରୁ ଏହା ଭୁଲ୍ ବସତଃ ଅନ୍ତର୍ଜାତୀୟ ବାୟୁସୀମାକୁ ପଶି ଯାଇଥିଲା। ମୁମ୍ବାଇରେ ସାଧାରଣତଃ ଜୁନ୍ ୧୦ ସୁଦ୍ଧା ମୌସୁମୀ ପ୍ରବେଶ କରିଥାଏ, ମାତ୍ର ଚଳିତ ବର୍ଷ ଏହା ୧୩ ଦିନ ବିଳମ୍ବରେ ଜୁନ୍ ୨୩ରେ ପହଞ୍ଚିଛି। ପୂର୍ବରୁ ୨୦୨୩ ମସିହାରେ ଜୁନ୍ ୨୫ ଏବଂ ୧୯୫୮ ତଥା ୧୯୭୪ ମସିହାରେ ସବୁଠାରୁ ବିଳମ୍ବରେ ଜୁନ୍ ୨୮ରେ ମୌସୁମୀ ଆସିଥିଲା। ବୃହନ୍ମୁମ୍ବାଇ ମ୍ୟୁନିସିପାଲିଟି କର୍ପୋରେସନ (ବିଏମ୍ସି) ର ରିପୋର୍ଟ ଅନୁଯାୟୀ, ମଙ୍ଗଳବାର ସେଣ୍ଟ୍ରାଲ ମୁମ୍ବାଇର ନାୟାର ହସ୍ପିଟାଲରେ ସବୁଠାରୁ ଅଧିକ ୭୮.୯୬ ମିଲିମିଟର ବର୍ଷା ହୋଇଛି। ପ୍ରଶାସନ ପକ୍ଷରୁ କୁହାଯାଇଛି ଯେ ରାସ୍ତାଘାଟରେ ଟ୍ରାଫିକ ସମସ୍ୟା ଉପୁଜିଥିଲେ ମଧ୍ୟ ଲୋକାଲ୍ ଟ୍ରେନ୍ ଏବଂ ବେଷ୍ଟ୍ ବସ୍ ସେବା ସ୍ୱାଭାବିକ ଭାବେ ଚାଲୁ ରହିଛି।

## ନିଜକୁ ବାସ୍ତବ ଟିଏମସି କହିଲେ ବିଦ୍ରୋହୀ ଗୋଷ୍ଠୀ

**କୋଲକାତା:** ତୃଣମୂଳ କଂଗ୍ରେସରେ ଆନ୍ତଃକନ୍ଦଳ ଏବେ ଚରମ ସୀମାରେ ପହଞ୍ଚିଥିବା ବେଳେ ଦଳର ବିଦ୍ରୋହୀ ନେତା ରତବ୍ରତ ବାନାର୍ଜୀ ମଙ୍ଗଳବାର କହିଛନ୍ତି ଯେ, ତାଙ୍କ ଗୋଷ୍ଠୀ ବାସ୍ତବ ତୃଣମୂଳ କଂଗ୍ରସ (ଟିଏମ୍ସି) କୁ ପ୍ରତିନିଧିତ୍ୱ କରୁଛି। ଦଳୀୟ ଚିହ୍ନକୁ ନେଇ କୌଣସି ବିବାଦ ଥିବା କଥାକୁ ସେ ପ୍ରତ୍ୟାଖ୍ୟାନ କରିଛନ୍ତି। ଏକ ସାମ୍ବାଦିକ ସମ୍ମିଳନୀରେ ଉଦ୍‌ବୋଧନ ଦେଇ ରତବ୍ରତ କହିଛନ୍ତି, ତାଙ୍କ ଗୋଷ୍ଠୀ ହେଉଛି ବାସ୍ତବ ତୃଣମୂଳ କଂଗ୍ରେସ। ତାଙ୍କ ପାଖରେ ସଂଖ୍ୟାଗରିଷ୍ଠତା ଅଛି। ତେଣୁ ଦଳୀୟ ଚିହ୍ନ ପାଇଁ ଦାବି କରିବାର କୌଣସି ପ୍ରଶ୍ନ ଉଠୁନି। ଅନ୍ୟପକ୍ଷେ ସାଂଗଠନିକ ପରିବର୍ତ୍ତନ ସଂକ୍ରାନ୍ତରେ ନିର୍ବାଚନ କମିସନ (ଇସି) ଓ ରାଜ୍ୟ ଶାଖାକୁ ଅବଗତ କରିବା ଏକ ରୁଟିନ୍ ପ୍ରକ୍ରିୟା ବୋଲି ସେ କହିଛନ୍ତି। ଉଲ୍ଲେଖଯୋଗ୍ୟ ଯେ, ଟିଏମ୍ସିର ୮୦ ବିଧାୟକଙ୍କ ମଧ୍ୟରୁ ପ୍ରଥମେ ୫୮ ଜଣ ଦଳୀୟ ନେତୃତ୍ୱ ବିରୋଧରେ ବିଦ୍ରୋହ କରି ଏକ ପୃଥକ୍ ଗୋଷ୍ଠୀ ଗଠନ କରିଥିଲେ। ପରେ ବିଦ୍ରୋହୀ ଗୋଷ୍ଠୀ ପ୍ରତି ୬୪ ବିଧାୟକଙ୍କ ସମର୍ଥନ ଥିବା ଦାବି କରାଯାଇଥିଲା। ଏହି ଗୋଷ୍ଠୀ ମଧ୍ୟ ୩୦ ସଦସ୍ୟ ବିଶିଷ୍ଟ ଏକ ଏନ୍ଇସି ( ଜାତୀୟ କାର୍ଯ୍ୟକାରିଣୀ କମିଟି) ଘୋଷଣା କରିଛି। ବିଦ୍ରୋହୀ ଗୋଷ୍ଠୀ ମମତାଙ୍କୁ ଦଳର ଅଧ୍ୟକ୍ଷ ପଦରୁ ହଟାଇ ଦେଇଛି। ମମତା କେବଳ ପରାମର୍ଶଦାତା ରହିପାରିବେ ବୋଲି ବିଦ୍ରୋହୀ ଗୋଷ୍ଠୀ କହିଛି।



# ପ୍ରବଳ ବର୍ଷାରେ ମୁମ୍ବାଇ ବେହାଲ

**ମୁମ୍ବାଇ:** ପ୍ରବଳ ମୌସୁମୀ ବର୍ଷା ଯୋଗୁଁ ଆର୍ଥିକ ରାଜଧାନୀ ମୁମ୍ବାଇର ସ୍ଥିତି ଗମ୍ଭୀର ହୋଇପଡ଼ିଛି। ମଙ୍ଗଳବାର ମୌସୁମୀ ପ୍ରବେଶ କରିବାର ମାତ୍ର ୨୪ ଘଣ୍ଟା ମଧ୍ୟରେ ସହରର ଅନେକ ଅଞ୍ଚଳରେ ୩୦୦ ମିଲିମିଟରରୁ ଅଧିକ ବର୍ଷା ରେକର୍ଡ କରାଯାଇଛି, ଯାହାକୁ ପାଣିପାଗ ବିଭାଗ ଅତି ପ୍ରବଳ ବର୍ଷା ଶ୍ରେଣୀରେ ରଖିଛି। ବୁଧବାର ସକାଳୁ ସହରବାସୀ ଜଳମଗ୍ନ ରାସ୍ତା, ଉପୁଡ଼ି ପଡ଼ିଥିବା ଗଛ ଏବଂ ଟ୍ରାଫିକ ଜାମର ସାମ୍ନା କରିଛନ୍ତି। ଗତ ଦଶନ୍ଧି ମଧ୍ୟରେ ଦକ୍ଷିଣ ମୁମ୍ବାଇରେ ଜୁନ୍ ମାସର ସବୁଠାରୁ ଅଧିକ ୨୪୮ ମିଲିମିଟର ବର୍ଷା ରେକର୍ଡ କରାଯାଇଛି। ମୌସୁମୀର ପ୍ରଥମ ବର୍ଷାରେ ହିଁ ଏଭଳି ବିପର୍ଯ୍ୟୟ ଦେଖି ସହରବାସୀ ଆଗାମୀ ଦିନ ପାଇଁ ଚିନ୍ତା ପ୍ରକାଶ କରିଛନ୍ତି। ପରିସ୍ଥିତିକୁ ଦୃଷ୍ଟିରେ ରଖି ଆଇଏମ୍ଡି ଆଜି ଭୋର ସମୟରେ ମୁମ୍ବାଇ ଓ ପାଲଘର ପାଇଁ 'ରେଡ୍ ଆଲର୍ଟ' ଜାରି କରିଥିଲା, ଯାହାକୁ ପରେ ସକାଳ ୭ଟାରେ 'ଅରେଞ୍ଜ ଆଲର୍ଟ'କୁ ବଦଳାଇ ଦିଆଯାଇଛି। ଥାଣେ, ରାୟଗଡ଼, ପାଲଘର ଏବଂ ସିନ୍ଧୁଦୁର୍ଗରେ ପ୍ରବଳ ବର୍ଷାର ପୂର୍ବାନୁମାନ କରାଯାଇଛି। ରାତିସାରା ହୋଇଥିବା ପ୍ରବଳ ବର୍ଷା ଯୋଗୁଁ ମାଟୁଙ୍ଗାର କିଙ୍ଗ୍ସ ସର୍କଲ, ଦାଦରର ହିନ୍ଦୁ କଲୋନୀ ଭଳି ଆବାସିକ ଅଞ୍ଚଳ ଜଳମଗ୍ନ ହୋଇପଡ଼ିଛି। ପ୍ରମୁଖ ରେଳ ଷ୍ଟେସନ 'ଦାଦର' ମଧ୍ୟ ପାଣିରେ ବୁଡ଼ି ରହିଥିବା ଦେଖିବାକୁ ମିଳିଛି। ଦାଦର ଅଞ୍ଚଳରେ ଏକ ବଡ଼ ଗଛ କାର୍ ଉପରେ ପଡ଼ିବା, ଅନେକ ଗଛ ଉପୁଡ଼ିଯିବା ଏବଂ ଘର ଓ ପାଚେରୀ ଭୁଶୁଡ଼ିବା ଭଳି ଘଟଣା ଦେଖିବାକୁ ମିଳିଛି। ବନ୍ୟା ପରିସ୍ଥିତି ଯୋଗୁଁ ଅନ୍ଧେରୀ ସବ୍‌ୱେକୁ ବନ୍ଦ କରିବାକୁ ପଡ଼ିଛି, ଯେଉଁଠାରେ ଲୋକମାନେ ଆଣ୍ଠୁଏ ପାଣିରେ ଯାତାୟାତ କରୁଥିବା ଦେଖାଯାଇଛି। ଏହି ସ୍ଥିତିକୁ ନେଇ ବିରୋଧୀ ଦଳ ନେତାମାନେ ଶାସକ ବିଜେପି ମେଣ୍ଟ ସରକାରଙ୍କୁ କଟାକ୍ଷ କରିଛନ୍ତି।



## ମୋଦୀଙ୍କୁ ନିମନ୍ତ୍ରଣ: ଖେମିନିଙ୍କ ଅନ୍ତିମ ସଂସ୍କାରରେ ଯୋଗଦେବେ

**ନୂଆଦିଲ୍ଲୀ:** ଇରାନର ପୂର୍ବତନ ସର୍ବୋଚ୍ଚ ନେତା ଆୟାତୋଲ୍ଲା ଅଲ୍ଲି ଖେମିନିଙ୍କର ଫେବ୍ରୁଆରି ୨୮ରେ ଆମେରିକା ଓ ଇସ୍ରାଏଲ ଆକ୍ରମଣରେ ମୃତ୍ୟୁ ହୋଇଥିଲା। ୩୬ ବର୍ଷ ଧରି ଇରାନର ସର୍ବୋଚ୍ଚ ନେତା ଥିବା ଖେମିନିଙ୍କ ମୃତ୍ୟୁକୁ ପାଖାପାଖି ଚାରି ମାସ ହୋଇଯାଇଥିବାବେଳେ ଇରାନ ତାଙ୍କ ଅନ୍ତିମ ସଂସ୍କାର କରିନଥିଲା। ତେବେ ଇରାନ ପକ୍ଷରୁ ଖେମିନିଙ୍କ ଅନ୍ତିମ ସଂସ୍କାର ଅତି ଭବ୍ୟ ଭାବରେ ଜୁଲାଇ ୪ ତାରିଖରୁ ଜୁଲାଇ ୯ ତାରିଖ ପର୍ଯ୍ୟନ୍ତ ଉତ୍ତର-ପୂର୍ବ ଇରାନର ପବିତ୍ର ସହର ମସହଦରେ ସମ୍ପନ୍ନ କରାଯିବ। ମସହଦ ଖେମିନିଙ୍କ ଜନ୍ମସ୍ଥାନ ମଧ୍ୟ ଥିଲା। ଇରାନ ରାଷ୍ଟ୍ରପତି ମସୁଦ ପେଜେସ୍କିଆନ୍ ଏହି ରାଜକୀୟ ଅନ୍ତିମ ସଂସ୍କାର କାର୍ଯ୍ୟକ୍ରମରେ ଯୋଗ ଦେବାକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ନିମନ୍ତ୍ରଣ କରିଛନ୍ତି। ବିଶ୍ୱର ବହୁ ବଡ଼ ବଡ଼ ବ୍ୟକ୍ତିଙ୍କୁ ଖେମିନିଙ୍କ ଏହି ଶେଷଯାତ୍ରାରେ ସାମିଲ ହେବାକୁ ଇରାନ ନିମନ୍ତ୍ରଣ କରିଛି। ତେବେ ଭାରତ ପକ୍ଷରୁ କିଏ ଏହି ଉତ୍ସବରେ ଯୋଗଦେବ ତାହା ଏବେ ସ୍ପଷ୍ଟ ହୋଇନାହିଁ। ଖେମିନିଙ୍କ ମୃତ୍ୟୁ ପରେ ଭାରତର ବିଦେଶ ସଚିବ ବିକ୍ରମ ମିଶ୍ରି ନୂଆଦିଲ୍ଲୀ ସ୍ଥିତ ଇରାନ ଦୂତାବାସକୁ ଯାଇ ସରକାରଙ୍କ ପକ୍ଷରୁ ଶୋକ ପୁସ୍ତିକାରେ ହସ୍ତାକ୍ଷର କରିଥିଲେ। ମେ ୨୦୨୪ରେ ହେଲିକପ୍ଟର ଦୁର୍ଘଟଣାରେ ତତ୍କାଳୀନ ଇରାନ ରାଷ୍ଟ୍ରପତି ଇବ୍ରାହିମ ରଇସିଙ୍କ ନିଧନ ପରେ ଭାରତ ପକ୍ଷରୁ ରାଷ୍ଟ୍ରୀୟ ଶୋକ ଘୋଷଣା କରାଯାଇ ଜାତୀୟ ପତାକା ଅର୍ଦ୍ଧ ନମିତ କରାଯାଇଥିଲା।

# ଫ୍ରାନ୍ସରେ ପ୍ରଥମ ଇବୋଲା ରୋଗୀ ଚିହ୍ନଟ

**ପ୍ୟାରିସ:** ଫ୍ରାନ୍ସରେ ପ୍ରଥମ ଥର ପାଇଁ ଜଣେ ଇବୋଲା ଆକ୍ରାନ୍ତ ରୋଗୀ ଚିହ୍ନଟ ହୋଇଥିବାରୁ ଦେଶର ସ୍ୱାସ୍ଥ୍ୟ ବିଭାଗ ସତର୍କ ହୋଇଯାଇଛି। ସ୍ୱାସ୍ଥ୍ୟ ଅଧିକାରୀମାନେ କହିଛନ୍ତି ଯେ, ଆକ୍ରାନ୍ତ ବ୍ୟକ୍ତି ନିକଟରେ ଏମିତି ଏକ ଅଞ୍ଚଳରୁ ଫ୍ରାନ୍ସକୁ ଆସିଥିଲେ, ଯେଉଁଠାରେ ଇବୋଲା ସଂକ୍ରମଣ ଦେଖାଯାଇଥିଲା। ରୋଗୀଙ୍କୁ ତୁରନ୍ତ ଏକ ବିଶେଷ ଚିକିତ୍ସା କେନ୍ଦ୍ରରେ ଭର୍ତ୍ତି କରାଯାଇ ଚିକିତ୍ସା ଚାଲିଛି। ଏହା ସହିତ ସେ କାହା କାହା ସଂସ୍ପର୍ଶରେ ଆସିଥିଲେ, ତାହାର ମଧ୍ୟ ତଦନ୍ତ ଚାଲିଛି। ଆବଶ୍ୟକ ହେଲେ ସେମାନଙ୍କୁ ଅଲଗା ରଖିବା ବ୍ୟବସ୍ଥା ମଧ୍ୟ କରାଯିବ। ଫ୍ରାନ୍ସ ସରକାର ସ୍ପଷ୍ଟ କରିଛନ୍ତି ଯେ, ବର୍ତ୍ତମାନ ପରିସ୍ଥିତି ନିୟନ୍ତ୍ରଣରେ ରହିଛି ଏବଂ ସାଧାରଣ ଲୋକଙ୍କ ପାଇଁ ତୁରନ୍ତ କୌଣସି ବଡ଼ ବିପଦ ନାହିଁ। ତଥାପି ସତର୍କତାମୂଳକ ପଦକ୍ଷେପ ଭାବେ ବିମାନବନ୍ଦର, ହସ୍ପିଟାଲ ଓ ଅନ୍ୟ ସ୍ୱାସ୍ଥ୍ୟ କେନ୍ଦ୍ରଗୁଡ଼ିକରେ ନିରୀକ୍ଷଣ ବଢ଼ାଯାଇଛି। ବିଶେଷଜ୍ଞମାନେ କହିଛନ୍ତି ଯେ, ଶୀଘ୍ର ଚିହ୍ନଟ ଓ ରୋଗୀଙ୍କୁ ପୃଥକ୍ ରଖିବା ଫଳରେ ସଂକ୍ରମଣ ବ୍ୟାପିବାର ଆଶଙ୍କା ବହୁତ କମିଯାଇଛି। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଓ ଫ୍ରାନ୍ସର ସ୍ୱାସ୍ଥ୍ୟ କର୍ତ୍ତୃପକ୍ଷ ପରିସ୍ଥିତି ଉପରେ ଘନିଷ୍ଠ ନଜର ରଖିଛନ୍ତି। ଇବୋଲା ଏକ ଅତ୍ୟନ୍ତ ଗୁରୁତର ଭୂତାଣୁଜନିତ ରୋଗ। ଏହା ଆକ୍ରାନ୍ତ ବ୍ୟକ୍ତିଙ୍କ ରକ୍ତ, ଶରୀରର ତରଳ ପଦାର୍ଥ କିମ୍ବା ସଂକ୍ରମିତ ବସ୍ତୁ ସହ ସଂସ୍ପର୍ଶରେ ଆସିଲେ ବ୍ୟାପିପାରେ। ଜ୍ୱର, ମୁଣ୍ଡବିନ୍ଧା, ଶରୀରବିନ୍ଧା, ବାନ୍ତି ଓ ରକ୍ତସ୍ରାବ ଏହାର ପ୍ରମୁଖ ଲକ୍ଷଣ। ଠିକ୍ ସମୟରେ ଚିକିତ୍ସା ନ ମିଳିଲେ ଏହା ପ୍ରାଣଘାତୀ ହୋଇପାରେ।



## ଚୀନ୍ ଯୁଦ୍ଧ ବିମାନ କିଣିବ ବାଂଲାଦେଶ

**ଢାକା :** ଅପରେସନ୍ ସିନ୍ଦୂର ସମୟରେ ଭାରତ ବିରୋଧରେ ପାକିସ୍ତାନ ବ୍ୟବହାର କରିଥିବା ଚୀନ୍ ଯୁଦ୍ଧ ବିମାନ ଜେ-୧୦ସିଇକୁ ଏବେ ବାଂଲାଦେଶ କିଣିବାପାଇଁ ଯୋଜନା କରୁଛି। ବାଂଲାଦେଶ ଏହାର ବାୟୁସେନାକୁ ଅଧିକ ସଶକ୍ତ କରିବାପାଇଁ ଚୀନ୍ରୁ ୨୪ଟି ଜେ-୧୦ସିଇ ଯୁଦ୍ଧବିମାନ କିଣିବାକୁ ସ୍ଥିର କରିଛି। ୨୦୨୬ ଅଗଷ୍ଟରେ ଚୀନ୍ ସହ ଏନେଇ ଚୁକ୍ତି ସ୍ୱାକ୍ଷର ହେବ। ତେବେ ଅପରେସନ୍ ସିନ୍ଦୂର ସମୟରେ ଭାରତୀୟ ବାୟୁସେନାର ସୁ-୩୦ ଏମ୍କେଆଇ, ଜାଗୁଆର ଏବଂ ରାଫେଲ ବିରୋଧରେ ପାକିସ୍ତାନ ସକ୍ରିୟ ଭାବେ ଚୀନ୍ର ଏହି ଯୁଦ୍ଧ ଜାହାଜକୁ ବ୍ୟବହାର କରିଥିଲା। ବାଂଲାଦେଶର 'ଫୋର୍ସେସ୍ ଗୋଲ୍ ୨୦୩୦'ର ଏହାକୁ ସବୁଠାରୁ ଏକ ବଡ଼ ଅଂଶ ଭାବେ ବିବେଚନା କରାଯାଉଛି। ଉଲ୍ଲେଖଯୋଗ୍ୟ ପ୍ରଧାନମନ୍ତ୍ରୀ ତାରିକ ରେହମାନ ନିକଟରେ ଚୀନ୍ ଗସ୍ତ କରିବା ସମୟରେ ଏହି ଚୁକ୍ତି ନେଇ ଆଲୋଚନା ହୋଇଥିଲା। ବରିଷ୍ଠ ବାଂଲାଦେଶ ଅଧିକାରୀମାନେ କହିଛନ୍ତି ଯେ ୨୦୨୬ ଅଗଷ୍ଟ ସୁଦ୍ଧା ଏକ ଔପଚାରିକ କ୍ରୟ ଚୁକ୍ତି ସ୍ୱାକ୍ଷର ହେବ। ସବୁକିଛି ଯଦି ଯୋଜନା ମୁତାବକ ଚାଲିବ ତେବେ ୨୦୨୬ ବିଳମ୍ବରେ କିମ୍ବା ୨୦୨୭ ଆରମ୍ଭରେ ଯୁଦ୍ଧ ବିମାନ ଗୁଡ଼ିକ ବାଂଲାଦେଶରେ ପହଞ୍ଚିବ।

## ମସ୍କଙ୍କ ସମ୍ପତ୍ତି ୩୩ ଲକ୍ଷ କୋଟି ଟଙ୍କା ହ୍ରାସ ପାଇଲା

**ୱାଶିଂଟନ:** ବିଶ୍ୱର ପ୍ରଥମ ଟ୍ରିଲିୟନେୟାର ହେବାର କିଛି ଦିନ ପରେ ଏଲନ ମସ୍କଙ୍କ ସମ୍ପତ୍ତି ହ୍ରାସ ପାଇଛି। ତାଙ୍କ ରକେଟ୍ କମ୍ପାନି ସ୍ପେସଏକ୍ସର ସେୟାର ମୂଲ୍ୟ ୧୬% ହ୍ରାସ ପାଇବା ଦ୍ୱାରା ମସ୍କଙ୍କ ସମ୍ପତ୍ତି ମାତ୍ର ଗୋଟିଏ ସପ୍ତାହ ମଧ୍ୟରେ ପ୍ରାୟ ୩୫୦ ବିଲିୟନ ଡଲାର (୩୩.୧୩ ଲକ୍ଷ କୋଟି ଟଙ୍କା) ହ୍ରାସ ପାଇଛି। ଫୋବର୍ସର ରିଅଲ୍ ଟାଇମ୍ ବିଲିୟନେୟାର ତାଲିକା ଅନୁଯାୟୀ,ସ୍ପେସଏକ୍ସ ସେୟାରରେ ହ୍ରାସ ପରେ ମସ୍କଙ୍କ ସମ୍ପତ୍ତି ୧.୪୫ ଟ୍ରିଲିୟନ ଡଲାରରୁ ୧.୧ ଟ୍ରିଲିୟନ ଡଲାର (୧୦୪.୧୫ ଲକ୍ଷ କୋଟି ଟଙ୍କା)କୁ ହ୍ରାସ ପାଇଛି। ଏହି ହ୍ରାସ ଏତେ ବଡ଼ ଯେ ଏହାର ମୋଟ ଆକାର ବିଶ୍ୱର ଦ୍ୱିତୀୟ ସବୁଠାରୁ ଧନୀ ବ୍ୟକ୍ତି ଲାରି ପେଜଙ୍କ ମୋଟ ସମ୍ପତ୍ତିଠାରୁ ଅଧିକ ଯାହା ପ୍ରାୟ ୨୮୫ ବିଲିୟନ ଡଲାର (୨୬.୯୮ ଲକ୍ଷ କୋଟି ଟଙ୍କା)।

# ବାଚସ୍ପତିଙ୍କୁ ଭେଟିଲେ ଶିବସେନା (ୟୁବିଟି) ସାଂସଦ

**ନୂଆଦିଲ୍ଲୀ:** ଏକନାଥ ସିନ୍ଦେଙ୍କ ନେତୃତ୍ୱାଧୀନ ସେନା ଦଳରେ ଯୋଗ ଦେଇଥିବା ୬ ଜଣ ବିଦ୍ରୋହୀ ସାଂସଦ ଲୋକସଭା ବାଚସ୍ପତି ଓମ୍ ବିର୍ଲାଙ୍କ ନିକଟରେ ଯେଉଁ ଦାବି ଉପସ୍ଥାପନ କରିଥିଲେ ସେହି ଦାବି ସଂକ୍ରାନ୍ତରେ ଜଣାଇବା ପାଇଁ ଶିବସେନା (ୟୁବିଟି) ପକ୍ଷରୁ ଆଜି ବାଚସ୍ପତିଙ୍କୁ ଅନୁରୋଧ କରାଯାଇଛି। ଶିବସେନା (ୟୁବିଟି) ସାଂସଦ ଅନୀଲ ଦେଶାଇ ଓ ଅରବିନ୍ଦ ସାୱନ୍ତ ଆଜି ବାଚସ୍ପତି ବିର୍ଲାଙ୍କୁ ଭେଟିବା ପରେ ସାମ୍ବାଦିକମାନଙ୍କୁ କହିଛନ୍ତି ଯେ, ସେମାନେ ବିଦ୍ରୋହୀଙ୍କ ଦ୍ୱାରା ଦାଖଲ କରାଯାଇଥିବା ଦାବିର ଏକ କପି ଦେବା ପାଇଁ ବାଚସ୍ପତିଙ୍କୁ ଅନୁରୋଧ କରିଛନ୍ତି। ଦେଶାଇ କହିଛନ୍ତି, ସେମାନେ



ବାଚସ୍ପତିଙ୍କୁ କହିଥିଲେ ଯେ ଦଶମ ଅନୁଚ୍ଛେଦ ଅନୁଯାୟୀ, ବିଧାୟକ ଦଳର ଯେକୌଣସି ଗୋଷ୍ଠୀ ନିଜସ୍ୱ ଭାବେ ଅନ୍ୟ ଦଳ ସହ ମିଶି ପାରିବେନି। ଏପରିକି ସେମାନଙ୍କ ପାଖରେ ଦୁଇତୃତୀୟାଂଶ ସଂଖ୍ୟାଗରିଷ୍ଠତା ଥିଲେ ମଧ୍ୟ ସେମାନେ ଏହା କରି ପାରିବେନି। ସେ କହିଛନ୍ତି, ବିଦ୍ରୋହୀ ସାଂସଦମାନେ ଯଦି ଲିଖିତ ଭାବେ କିଛି ଉପସ୍ଥାପନ କରିଛନ୍ତି, ତେବେ ବାଚସ୍ପତି ତାହା ସେମାନଙ୍କୁ ଜଣାଇବା ଉଚିତ। ଉଲ୍ଲେଖଯୋଗ୍ୟ ଯେ, ୯ ଜଣ ଶିବସେନା (ୟୁବିଟି) ସାଂସଦଙ୍କ ମଧ୍ୟରୁ ୬ ଜଣ ମହାରାଷ୍ଟ୍ର ଉପମୁଖ୍ୟମନ୍ତ୍ରୀ ଏକନାଥ ସିନ୍ଦେଙ୍କ ନେତୃତ୍ୱାଧୀନ ଶିବସେନାରେ ଯୋଗ ଦେଇଛନ୍ତି। ସାୱନ୍ତ, ଦେସାଇ ଓ ରାଜାଭାଉ ୱାଜେ ଏବେ ଶିବସେନା (ୟୁବିଟି)ରେ ଅଛନ୍ତି।

# ସଂସଦୀୟ କମିଟିରେ ହାଜର ହେଲେ ବିଲ୍ ଗେଟ୍ସ, ଦେଲେ ବିସ୍ଫୋରକ ବୟାନ

**ୱାଶିଂଟନ:** ମାଇକ୍ରୋସଫ୍ଟର ସହ-ପ୍ରତିଷ୍ଠାତା ବିଲ୍ ଗେଟ୍ସ ଆମେରିକାର ଏକ ସଂସଦୀୟ କମିଟି ସାମ୍ନାରେ ନିଜ ବ୍ୟକ୍ତିଗତ ଜୀବନକୁ ନେଇ ବିସ୍ଫୋରକ ତଥ୍ୟ ପ୍ରଘଟ କରିଛନ୍ତି। ଶୁଣାଣି ସମୟରେ ଗେଟ୍ସ ସ୍ୱୀକାର କରିଛନ୍ତି ଯେ, ୩ ଜଣ ମହିଳାଙ୍କ ସହ ତାଙ୍କର ପ୍ରେମ ସମ୍ପର୍କ ଥିଲା ଏବଂ ମୃତ ଯୌନ ଅପରାଧୀ ଜେଫ୍ରି ଏପ୍ଷ୍ଟିନ୍ ଏହି ସମ୍ପର୍କକୁ ନେଇ ତାଙ୍କୁ ବ୍ଲାକମେଲ୍ କରିବାକୁ ଯୋଜନା କରୁଥିଲା। ଆମେରିକା ଗୃହ କମିଟିର ତଦନ୍ତ ସମୟରେ ଏହି ତଥ୍ୟ ସାମ୍ନାକୁ ଆସିବା ପରେ ଏପ୍ଷ୍ଟିନ୍ ଫାଇଲକୁ ନେଇ ରାଜନୀତି ସରଗରମ ହୋଇଛି। ସ୍ୱେଚ୍ଛାକୃତ ଭାବେ କମିଟି ସାମ୍ନାରେ ହାଜର ହୋଇ ବିଲ୍ ଗେଟ୍ସ କହିଥିଲେ ଯେ, ତାଙ୍କ ସହ ଦୁଇଜଣ ରୁଷୀୟ ମହିଳା ବ୍ରିଜ୍ ଖେଳାଳି ମିଲା ଆଣ୍ଟୋନୋଭା ଏବଂ ପରମାଣୁ ବିଜ୍ଞାନୀ କରିମା ନିଗମାତୁଲିନାଙ୍କ ସହ ଥିବା ସମ୍ପର୍କ ବିଷୟରେ ଏପ୍ଷ୍ଟିନ୍ ଜାଣିଥିଲା। ଏହା ସହିତ ମେଡିକାଲ୍ ଉଦ୍ୟୋଗୀ ଆଲିସ୍ ଜାକୋବ୍ସ ନେସେଲରୋଡ୍ଙ୍କ ସହ ତାଙ୍କର ତୃତୀୟ ପ୍ରେମ



ସମ୍ପର୍କ ଥିବା କଥା ମଧ୍ୟ ସେ ସ୍ୱୀକାର କରିଛନ୍ତି। ଗେଟ୍ସ କହିଛନ୍ତି, ଏହି ସମ୍ପର୍କ ସହ ଏପ୍ଷ୍ଟିନ୍ର କୌଣସି ନେଣଦେଣ ନଥିଲା, କିନ୍ତୁ ଏହା ମୋ ପରିବାର ପାଇଁ ଅତ୍ୟନ୍ତ ଯନ୍ତ୍ରଣାଦାୟକ ଥିଲା। ଏପ୍ଷ୍ଟିନ୍ ମୋର ଏହି ଦୁର୍ବଳତାର ସୁଯୋଗ ନେଇ ଏବଂ ଅନେକ ମିଛ କଥା ଯୋଡ଼ି ତା'ସହ ପୁଣି କାମ କରିବାକୁ ମୋ ଉପରେ ଚାପ ପକାଉଥିଲା। ତେବେ ଏପ୍ଷ୍ଟିନ୍ର ଅପରାଧ ସହ ତାଙ୍କର କୌଣସି ସମ୍ପର୍କ ନାହିଁ ବୋଲି ସେ ସ୍ପଷ୍ଟ କରିଛନ୍ତି ଏବଂ ଏପ୍ଷ୍ଟିନ୍ ଭଳି ଜଣେ ଦୋଷୀ ବ୍ୟକ୍ତିଙ୍କ ସହ ସମ୍ପର୍କ ରଖିବା ତାଙ୍କର ଏକ ଭୁଲ୍ ଥିଲା ବୋଲି ମାନିଛନ୍ତି। ଗେଟ୍ସଙ୍କ ଅନୁଯାୟୀ, କେବଳ ସହାୟତା ପାଣ୍ଠି ସଂଗ୍ରହ ବିଷୟରେ ଆଲୋଚନା ପାଇଁ ସେ ୪ ବର୍ଷ ମଧ୍ୟରେ ଏପଷ୍ଟିନ୍ଙ୍କୁ ୧୨ରୁ ୧୪ ଥର ସାକ୍ଷାତ କରିଥିଲେ ଏବଂ ଦୁଇଟି ଭିଡିଓ କଲ୍ କରିଥିଲେ। ୨୦୦୮ରେ ଏପଷ୍ଟିନ୍ ଯୌନ ଅପରାଧ ପାଇଁ ଦୋଷୀ ସାବ୍ୟସ୍ତ ହେବା ପରେ ମଧ୍ୟ ଏହି ସାକ୍ଷାତକାର ଜାରି ରହିଥିଲା। ଶୁଣାଣି ସମୟରେ ଏପ୍ଷ୍ଟିନ୍ର ୨୦୧୩ ର ଏକ ଇମେଲ୍ ଡ୍ରାଫ୍ଟ ଉପରେ ପ୍ରଶ୍ନ କରାଯାଇଥିଲା, ଯେଉଁଥିରେ ଗେଟ୍ସ ଏବଂ ତାଙ୍କର ପୂର୍ବତନ କର୍ମଚାରୀ ବୋରିସ୍ ନିକୋଲିକ୍ଙ୍କ ନାମ ଥିଲା। ଏହା ସହିତ ଗେଟ୍ସଙ୍କୁ ଯୌନ ସଂକ୍ରମିତ ରୋଗ (ଏସ୍ଟିଡି) ଏବଂ ଗୁପ୍ତରେ ଔଷଧ ନେବା ଅଭିଯୋଗ ଉପରେ ପଚରାଯାଇଥିଲା। ଗେଟ୍ସ ଏହାକୁ ସମ୍ପୂର୍ଣ୍ଣ ଖାରଜ କରି କହିଛନ୍ତି, ମୋର କେବେ ବି ଏସଟିଡି ନଥିଲା ଏବଂ ମୁଁ କାହାକୁ ଲୁଚାଇ ଔଷଧ ନେଇନାହିଁ।

# କଳିଙ୍ଗରେ ଜାତୀୟ ଆନ୍ତଃ-ରାଜ୍ୟ ସିନିୟର ଆଥଲେଟିକ୍ସ ଚାମ୍ପିଅନସିପ୍ ଉଦଘାଟିତ




ଭୁବନେଶ୍ୱର,୨୪।୬(ସବ୍ୟୁ): ଆଥଲେଟିକ୍ସ ଫେଡେରେସନ ଅଫ୍ ଇଣ୍ଡିଆ ଏବଂ ଓଡ଼ିଶା ସରକାରଙ୍କ କ୍ରୀଡ଼ା ଓ ଯୁବସେବା ବିଭାଗର ମିଳିତ ସହଯୋଗରେ କଳିଙ୍ଗ ଷ୍ଟାଡିୟମଠାରେ "୬୫ତମ ଜାତୀୟ ଆନ୍ତଃ-ରାଜ୍ୟ ସିନିୟର ଆଥଲେଟିକ୍ସ ଚାମ୍ପିଅନସିପ୍ ୨୦୨୬ ଆରମ୍ଭ ହୋଇଛି । ଓଡ଼ିଶା ସରକାରଙ୍କ କ୍ରୀଡ଼ା ଓ ଯୁବସେବା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ମୁଖ୍ୟଅତିଥି ଭାବେ ଯୋଗ ଦେଇ ଏହି ପ୍ରତିଯୋଗିତାକୁ ଆନୁଷ୍ଠାନିକ ଭାବେ ଉଦଘାଟନ କରିଛନ୍ତି । ଏହି ଅବସରରେ ମନ୍ତ୍ରୀ ଶ୍ରୀ ସୂରଜ ପ୍ରତିଯୋଗୀଙ୍କୁ ଉତ୍ସାହିତ କରିବା ସହ ଓଡ଼ିଶାର କ୍ରୀଡ଼ା ଭିତ୍ତିଭୂମିର ପ୍ରଶଂସା କରିଥିଲେ । ଦେଶର ଶ୍ରେଷ୍ଠ ଆଥଲେଟ୍ମାନଙ୍କୁ ସ୍ୱାଗତ କରି ସେ ସେମାନଙ୍କର ସଫଳତା କାମନା କରିବା ସହ ଏହି ପ୍ରତିଯୋଗିତା ରାଜ୍ୟ କ୍ରୀଡ଼ା ଇତିହାସରେ ଆଉ ଏକ ସ୍ୱର୍ଣ୍ଣିମ ଅଧ୍ୟାୟ ଯୋଡ଼ିବ ବୋଲି ପ୍ରକାଶ କରିଥିଲେ ।

ଅନ୍ୟମାନଙ୍କ ମଧ୍ୟରେ ସାଉଥ୍ ଏସିଆନ୍ ଆଥଲେଟିକ୍ସ ଫେଡେରେସନ୍ର ସଭାପତି ଡ.ଲଳିତ କୁମାର ଭାନୋଟ୍, କ୍ରୀଡ଼ା ଓ ଯୁବସେବା ବିଭାଗର କମିଶନର ତଥା ଶାସନ ସଚିବ ଭୂପେନ୍ଦ୍ର ସିଂ ପୁନିଆ, କ୍ରୀଡ଼ା ନିର୍ଦ୍ଦେଶକ ଡ.ୟେଦୁଲା ବିଜୟ, ଓଡ଼ିଶା ଅଲମ୍ପିକ୍ସ ଆସୋସିଏସନ୍ ସଭାପତି ଅଭିଜିତ୍ ପାଲ ପ୍ରମୁଖ ଉପସ୍ଥିତ ଥିଲେ । ଏହି ଚାମ୍ପିଅନସିପ୍ଟି ଚଳିତ ବର୍ଷ ସେପ୍ଟେମ୍ବର ୧୯ ରୁ ଅକ୍ଟୋବର ୪ ପର୍ଯ୍ୟନ୍ତ ଜାପାନରେ ହେବାକୁ ଥିବା 'ଏସିଆନ ଗେମ୍ସ ୨୦୨୬' ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ଯୋଗ୍ୟତା ପର୍ଯ୍ୟାୟ (କ୍ୱାଲିଫାୟର୍) ଅଟେ । ଏହି ୫ ଦିନିଆ ପ୍ରତିଯୋଗିତାରେ ଦେଶର ୨୭ଟି ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳରୁ ପ୍ରାୟ ୬୩୦ ଜଣ ଶ୍ରେଷ୍ଠ ଆଥଲେଟ୍ (୩୪୨ ପୁରୁଷ ଓ ୨୮୮ ମହିଳା) ଭାଗ ନେଉଛନ୍ତି । ଏଥିରେ ମୋଟ ୪୫ଟି ମେଡାଲ୍ ଇଭେଣ୍ଟ ରହିଛି, ଯେଉଁଥିରେ ଦୌଡ଼, ହାଇଜମ୍ପ, ଲଙ୍ଗଜମ୍ପ, ହର୍ଡଲ୍ସ ଏବଂ ଜାଭେଲିନ୍ ଥ୍ରୋ ଭଳି ବିଭିନ୍ନ ଟ୍ରାକ୍ ଆଣ୍ଡ ଫିଲ୍ଡ ପ୍ରତିଯୋଗିତା ଅନ୍ତର୍ଭୁକ୍ତ କରାଯାଇଛି । ଏହି ପ୍ରତିଯୋଗିତାରେ ହରିୟାଣାରୁ ସବୁଠାରୁ ଅଧିକ ୭୦ ଜଣ ଆଥଲେଟ୍ ଭାଗ ନେଉଥିବା ବେଳେ ଓଡ଼ିଶାରୁ ୧୨ ଜଣ ମହିଳାଙ୍କ ସମେତ ମୋଟ ୨୮ ଜଣ ଆଥଲେଟ୍ ପ୍ରତିନିଧିତ୍ୱ କରିଛନ୍ତି । ଓଡ଼ିଶାର ପ୍ରମୁଖ ଖେଳାଳି ଯେପରିକି ଜାଭେଲିନ୍ ତାରକା କିଶୋର ଜେନା, ଦୌଡ଼ରାଣୀ ଶ୍ରାବଣୀ ନନ୍ଦ, ଅନିମେଶ କୁଜୁର, ଲାଲୁ ପ୍ରସାଦ ଭୋଇ, ପ୍ରଜ୍ଞା ପ୍ରସାନ୍ତି ସାହୁ ଏବଂ ସବିତା ଟପ୍ପୋ ଏହି ପ୍ରତିଯୋଗିତାରେ ଅଂଶଗ୍ରହଣ କରିଛନ୍ତି । ଆଥଲେଟିକ୍ସ ଫେଡେରେସନ ଅଫ୍ ଇଣ୍ଡିଆ ଏବଂ ଓଡ଼ିଶା ସରକାରଙ୍କ କ୍ରୀଡ଼ା ଓ ଯୁବସେବା ବିଭାଗର ମିଳିତ ସହଯୋଗରେ ଆୟୋଜିତ ଏହି ପ୍ରତିଯୋଗିତା ଜୁନ୍ ୨୮ ତାରିଖ ପର୍ଯ୍ୟନ୍ତ ଚାଲିବ ।

# ବିଶ୍ୱନାଥନ ଆନନ୍ଦଙ୍କୁ ଏସଜେଏଫଆଇ ପଦକ



ଭୁବନେଶ୍ୱର,୨୪।୬(ସବ୍ୟୁ): ୫ଥର ବିଶ୍ୱ ଚେସ ଚାମ୍ପିଅନ ବିଶ୍ୱନାଥନ ଆନନ୍ଦଙ୍କୁ ବୁଧବାର ମାଡ୍ରାସ କ୍ରିକେଟ୍ କ୍ଲବରେ ଆୟୋଜିତ ଏକ ଭବ୍ୟ ସମାରୋହରେ ଭାରତୀୟ କ୍ରୀଡା ସାମ୍ବାଦିକ ସଂଘ (ଏସଜେଏଫଆଇ) ପଦକ ପ୍ରଦାନ କରାଯାଇଛି । ଏହି ଉତ୍ସବ ତାମିଲନାଡୁ କ୍ରୀଡା ସାମ୍ବାଦିକ ସଂଘ (ଟିଏନଏସଜେଏ)ର ସହଯୋଗରେ ଏସଜେଏଫଆଇ ପକ୍ଷରୁ ଆୟୋଜନ ହୋଇଥିଲା । ଚେସ ପରିଚାଳନା ସଂଘ ଫିଡେର ଉପସଭାପତି ଭାବେ କାର୍ଯ୍ୟ କରୁଥିବା ଆନନ୍ଦ ଏସଜେଏଫଆଇ ପୁରସ୍କାର ଲାଭ କରି ଆନନ୍ଦିତ ହୋଇଛନ୍ତି । ପୂର୍ବରୁ ସୁନୀଲ ଗାଭାସ୍କର, ବିଜୟ ଅମୃତରାଜ, ପ୍ରକାଶ ପାଦୁକୋନ, ପିଟି ଉଷା ଏବଂ ମିଲଖା ସିଂ ଏସଜେଏଫଆଇ ପଦକ ପୁରସ୍କାର ପାଇଥିଲେ । ଏହି ତାଲିକାରେ ବିଶ୍ୱନାଥନ ଆନନ୍ଦ ଯୋଡି ହୋଇଛନ୍ତି । ପଦକ ପ୍ରଦାନ ଉତ୍ସବରେ ଭାରତୀୟ କ୍ରିକେଟ ଦଳର ପୂର୍ବତନ ଅଧିନାୟକ କେ ଶ୍ରୀକାନ୍ତ ଏସଜେଏଫଆଇ ପଦକ ବିଶ୍ୱ ନାଥନ ଆନନ୍ଦଙ୍କୁ ମଞ୍ଚରେ ପ୍ରଦାନ କରିଥିଲେ ।

ଆନନ୍ଦ ଖୁସି ବ୍ୟକ୍ତ କରି କହିଛନ୍ତି ଦେଶରେ ଚେସର ଅଭିବୃଦ୍ଧି ପାଇଁ ମୁଁ ଗର୍ବିତ ଅନୁଭବ କରୁଛି । ଏହା ମୋ ପାଇଁ ପ୍ରକୃତ ସଫଳତା । ଆନନ୍ଦଙ୍କ ପତ୍ନୀ ଅରୁଣା ଆନନ୍ଦଙ୍କୁ ମଧ୍ୟ ଧନ୍ୟବାଦ ଦେଇଥିଲେ । ଚେସର ଲମ୍ବା ଯାତ୍ରା ଅରୁଣାଙ୍କ ପାଇଁ ସଫଳ ହୋଇପାରିଛି ବୋଲି ଆନନ୍ଦ କହିଛନ୍ତି । ଅଲିମ୍ପିକ୍ସ ସ୍ୱର୍ଣ୍ଣ ବିଜୟୀ ହକି ଖେଳାଳି ଭି ଭାସ୍କରନଙ୍କ ସହ ବରିଷ୍ଠ ସାମ୍ବାଦିକ ଆର ମୋହନ ପ୍ରଶଂସା ପତ୍ର ପଢ଼ିଥିଲେ । ଭାସ୍କରନ କ୍ରୀଡାକୁ ପ୍ରୋତ୍ସାହିତ କରିବାରେ ଏସଜେଏଫଆଇର ଏହି କାର୍ଯ୍ୟକୁ ପ୍ରଶଂସା କରିଥିଲେ । ଏସଜେଏଫଆଇ ସଭାପତି ସରଜୁ ଚକ୍ରବର୍ତ୍ତୀ ସ୍ୱାଗତଭାଷଣ ଦେଇଥିଲେ । ଫେଡେରେସନର ସମ୍ପାଦକ ଭି ରମେଶ ଧନ୍ୟବାଦ ଦେଇଥିଲେ । ଅନ୍ୟ ବିଶିଷ୍ଟ ଅତିଥିଙ୍କ ମଧ୍ୟରେ ଜିଏମଏସକେ ଶଶୀ କିରଣ, ଶ୍ୟାମ ସୁନ୍ଦର, ଆଇଏମଏସ ମାନୁଏଲ ଆରୋନ, ଭି ସରଭନନ ଏବଂ ପୂର୍ବତନ ହକି ଖେଳାଳି ମହମ୍ମଦ ରିଆଜଙ୍କ ସହ ଅନ୍ୟ ପ୍ରଖ୍ୟାତ କ୍ରୀଡା ବ୍ୟକ୍ତିତ୍ୱ ଉପସ୍ଥିତ ଥିଲେ ।

# ସତ୍ୟ ରଞ୍ଜନ, ମନୋଜଙ୍କୁ ରୋଟାରୀ କ୍ଲବର ସମ୍ବର୍ଦ୍ଧନା



ଭୁବନେଶ୍ୱର,୨୪।୬(ସବ୍ୟୁ) କ୍ରୀଡାକୁ ପ୍ରୋତ୍ସାହିତ କରିବାରେ ଅବଦାନ ପାଇଁ ରଞ୍ଜନ, ସତ୍ୟ ଏବଂ ମନୋଜଙ୍କୁ ସମ୍ମାନିତ କରାଯାଇଛି । ପୁରୀ ଶ୍ରୀ ଜଗନ୍ନାଥଧାମ ପୁରୀ ରୋଟାରୀ କ୍ଲବର ରଜତ ଜୟନ୍ତୀ ସମାରୋହରେ ସମାଜସେବା, କ୍ରୀଡା, ସାହିତ୍ୟ ଏବଂ ମେଧାବୀ ଛାତ୍ର ଇତ୍ୟାଦି ବିଭିନ୍ନ କ୍ଷେତ୍ରରୁ ଓଡ଼ିଶାର ୨୨ ଜଣଙ୍କୁ ସମ୍ମାନିତ କରାଯାଇଛି । ରଞ୍ଜନ ମହାନ୍ତି, ସତ୍ୟ ରଞ୍ଜନ ପଟ୍ଟନାୟକ ଏବଂ ମନୋଜ କୁମାର ପାଣିଗ୍ରାହୀଙ୍କୁ ଓଡ଼ିଶାରେ ଚେସର ପ୍ରଚାର, ପ୍ରସାର ଓ ପ୍ରୋତ୍ସାହିତ କରିବାରେ ସେମାନଙ୍କର ଅବଦାନ ପାଇଁ ସମ୍ମାନିତ କରାଯାଇଛି । ରଞ୍ଜନ ମହାନ୍ତି ଜଣେ ଆଇଆରଏସ୍ ଅଧିକାରୀ, ଏପର୍ଯ୍ୟନ୍ତ ଓଡ଼ିଶାର ଏକମାତ୍ର ବ୍ୟକ୍ତି ଯିଏ ଏଆଇସିଏଫର ଯୁଗ୍ମ ସଚିବ ଏବଂ ଚେସ୍ ପ୍ରୋତ୍ସାହିତରେ ତାଙ୍କର ଅବଦାନ ପାଇଁ ଫିଡେରୁ ପ୍ରଶଂସା ପତ୍ର ପାଇସାରିଛନ୍ତି । ସତ୍ୟ ରଞ୍ଜନ ପଟ୍ଟନାୟକ ଜଣେ ପ୍ରସିଦ୍ଧ ପ୍ରଶିକ୍ଷକ, ବିଜୁ ପଟ୍ଟନାୟକ କ୍ରୀଡ଼ା ପୁରସ୍କାରପ୍ରାପ୍ତ ଏବଂ ଏଓସିଏର ବର୍ତ୍ତମାନର ସଭାପତି । ମନୋଜ କୁମାର ପାଣିଗ୍ରାହୀ ଦୁଇଥର ଓଡ଼ିଶା ରାଜ୍ୟ ଚେସ୍ ଚାମ୍ପିଅନ୍, ଜଣେ ପ୍ରସିଦ୍ଧ ପ୍ରଶିକ୍ଷକ ଏବଂ ଓଡ଼ିଶାରେ ଚେସ୍ ପ୍ରୋତ୍ସାହିତ କରିବା ପାଇଁ ନିଜର ସର୍ବୋତ୍ତମ ପ୍ରୟାସ କରିଛନ୍ତି । ପୁରୀର ହୋଟେଲ ହଲିଡେ ରିସର୍ଟରେ ଅନୁଷ୍ଠିତ ଏହି ଭବ୍ୟ ସମାରୋହରେ ମୁଖ୍ୟ ଅତିଥି ଭାବରେ ଭାରତର ପ୍ରଧାନମନ୍ତ୍ରୀଙ୍କ ସ୍ୱତନ୍ତ୍ର ପରାମର୍ଶଦାତା ଦୀପକ ଭୋହରା ଯୋଗ ଦେଇଥିଲେ ।

# ଫିଫା ବିଶ୍ୱକପ୍

# ନକଆଉଟରେ କଲମ୍ବିଆ

ନ୍ୟୁୟର୍କ,୨୪।୬(ଏଜେନ୍ସି): ଡିନିଏଲ ମୁନିଜଙ୍କ ଜମାଣିଆ ଗୋଲ ବଳରେ କଲମ୍ବିଆ ନକଆଉଟରେ ପ୍ରବେଶ କରିଛି । ବୁଧବାର ଗ୍ରୁପ କେର ଏକ ମ୍ୟାଚରେ ମୁନୋଜଙ୍କ ଗୋଲ ବଳରେ କଲମ୍ବିଆ ୧-୦ ଗୋଲରେ ଡିଆର କଙ୍ଗୋକୁ ପରାସ୍ତ କରିଛି । କଡା ସଂଘର୍ଷପୂର୍ଣ୍ଣ ମ୍ୟାଚରେ ଉଭୟ ଦଳ ଏକାଧିକ ସୁଯୋଗ ପାଇଥିଲେ । ପ୍ରଥମାର୍ଦ୍ଧ ଗୋଲଶୂନ୍ୟ ରହିଥିଲା । କଲମ୍ବିଆର ଏକାଧିକ ପ୍ରୟାସକୁ ବିଫଳ କରିଥିବା କଙ୍ଗୋ ଗୋଲକିପର ଲିଓନେଲ ଏମପାସି ଶେଷରେ ହାର ମାନିଥିଲେ । ମ୍ୟାଚର ୭୬ତମ ମିନିଟରେ ମୁନୋଜ ପେନାଲ୍ଟି ଅଞ୍ଚଳର ଡାହାଣପଟୁ କଙ୍ଗୋ ଗୋଲପୋଷ୍ଟକୁ ବଲ ମାରି ଦଳକୁ ବିଜୟ ଭେଟି ଦେଇଥିଲେ । ଉଜବେକିସ୍ତାନକୁ ୩-୧ ଗୋଲରେ ହରାଇ ଅଭିଯାନ ଆରମ୍ଭ କରିଥିବା କଲମ୍ବିଆ ୬ ପଏଣ୍ଟ ସହ ଟେବୁଲର ଶୀର୍ଷ ସ୍ଥାନ ଦଖଲ କରିବା ସହ ନକଆଉଟରେ ପ୍ରବେଶ କରିଥିଲା । ନିଜର ପ୍ରଥମ ମ୍ୟାଚରେ କଙ୍ଗୋ ସହ ପଏଣ୍ଟ ବାଣ୍ଟି ଥିବା ପର୍ତ୍ତୁଗାଲ ଉଜବେକିସ୍ତାନ ୫-୦ ଗୋଲରେ ହରାଇ ଏହି ଗ୍ରୁପର ଦ୍ୱିତୀୟ ସ୍ଥାନରେ ରହିଛି । କଙ୍ଗୋ ୧ ପଏଣ୍ଟ ସହ ତୃତୀୟ ପଏଣ୍ଟ ଥିବା ବେଳେ ଶେଷ ଲିଗ ମ୍ୟାଚରେ ଉଜବେକିସ୍ତାନକୁ ଭେଟିବ ।

## କ୍ରୋଏସିଆକୁ ପ୍ରଥମ ପଏଣ୍ଟ

କ୍ରୋଏସିଆ ଚଳିତ ବିଶ୍ୱକପରେ ପ୍ରଥମ ପଏଣ୍ଟ ହାସଲ କରିଛି । ବୁଧବାର ଗ୍ରୁପ ଏଲର ଏକ ମ୍ୟାଚରେ ୨୦୧୮ ଉପବିଜେତା କ୍ରୋଏସିଆ ୧-୦ ଗୋଲରେ ମଧ୍ୟ ଆମେରିକୀୟ ଦଳ ପାନାମାକୁ ପରାସ୍ତ କରିଥିଲା । ଏହି ମ୍ୟାଚ ପୂର୍ବରୁ ପଏଣ୍ଟ ଶୂନ୍ୟ ଥିଲେ । ଲଣ୍ଡନ ଓ ଘାନା ମ୍ୟାଚ ଗୋଲ ଶୂନ୍ୟ ରହିବା ପରେ ଉଭୟ ଦଳ ପାଇଁ ପ୍ରତିଯୋଗିତାକୁ ତିଷ୍ଠି ରହିବାକୁ ହେଲେ ପଏଣ୍ଟ ଆବଶ୍ୟକତା ଥିଲା । ଏଥିରେ କ୍ରୋଏସିଆ ସଫଳ ହୋଇଥିଲା । ବିଜୟ ସହ ୩ ପଏଣ୍ଟ ପାଇଁ କ୍ରୋ-ଏସିଆ ଟେବୁଲର ତୃତୀୟ ସ୍ଥାନକୁ ଉଠିଛି ।






# ଆଇସିସି ଟି-୨୦ ମାନ୍ୟତା :ଶ୍ରେଷ୍ଠ ୧୦ରେ ୪ ଭାରତୀୟ

ନୂଆଦିଲ୍ଲୀ,୨୪।୬(ଏଜେନ୍ସି): ଆଇସିସି ପକ୍ଷରୁ ବୁଧବାର ଟି-୨୦ ମାନ୍ୟତା ଜାରି କରାଯାଇଛି । ମାନ୍ୟତାରେ ଭାରତୀୟ ଦଳ ନିଜର ଶୀର୍ଷ ସ୍ଥାନ ବଳବତ୍ତର ରଖିଛି । ଶ୍ରେଷ୍ଠ-୧୦ ବ୍ୟାଟର ତାଲିକାରେ ୪ ଜଣ ଭାରତୀୟ ଅଛନ୍ତି । ଅଭିଶେକ ଶର୍ମା ନଂ.୧ ସ୍ଥାନରେ ରହିଛନ୍ତି । ଆୟର୍ଲାଣ୍ଡ ଓ ଇଂଲଣ୍ଡ ବିପକ୍ଷରୁ ଟି-୨୦ ତାଲିକା ଶୃଙ୍ଖଳା ପୂର୍ବରୁ ଟି-୨୦ର ଶ୍ରେଷ୍ଠ ୭ ଜଣଙ୍କ ମଧ୍ୟରୁ ୪ ଜଣ ଭାରତୀୟ ଖେଳାଳି ଅଛନ୍ତି । ଅଭିଶେକ ପ୍ରଥମ ସ୍ଥାନରେ ଥିବା ବେଳେ ଟି-୨୦ ବିଶ୍ୱକପରେ ଦମଦାର ପ୍ରଦର୍ଶନ କରିଥିବା ଇଶାନ କିଷାନ ଦ୍ୱିତୀୟ ସ୍ଥାନରେ ରହିଛନ୍ତି । ସବୁଠାରୁ ବଡ଼ କଥା ଅଭିଶେକ ଓ ଇଶାନଙ୍କ ମଧ୍ୟରେ ମାତ୍ର ୪ ପଏଣ୍ଟର ବ୍ୟବଧାନ ରହିଛି । ତୃତୀୟ ସ୍ଥାନରେ ଥିବା ପାକିସ୍ତାନର ସାହିବଜାଦା ଫରହାନ ମଧ୍ୟ ବେଶ ଦୂରରେ ନାହାନ୍ତି । ତିଲକ ବର୍ମା ଷଷ୍ଠ ସ୍ଥାନରେ ରହିଛନ୍ତି । ସୂର୍ଯ୍ୟ କୁମାର ଯାଦବ ସପ୍ତମ ସ୍ଥାନରେ ଅଛନ୍ତି । ସୂର୍ଯ୍ୟ ଭାରତୀୟ ଦଳରେ ନଥିଲେ ମଧ୍ୟ ସପ୍ତମ ସ୍ଥାନ ସୁରକ୍ଷିତ ରଖିଛନ୍ତି । ଏହି ୪ ଖେଳାଳିଙ୍କ ବ୍ୟତୀତ ଅନ୍ୟ କୌଣସି ଭାରତୀୟ ବ୍ୟାଟର ଟି-୨୦ ମାନ୍ୟତାର ଶ୍ରେଷ୍ଠ ୨୦ରେ ନାହାନ୍ତି ।

# ବିଶ୍ୱ ସୁଟିଂ ପ୍ରତିଯୋଗିତା: ଭାରତକୁ ୧୬ ପଦକ

ନୂଆଦିଲ୍ଲୀ,୨୪।୬(ଏଜେନ୍ସି): ଆଇଏସଏସଏଫ କନିଷ୍ଠ ବିଶ୍ୱ ସୁଟିଂ ପ୍ରତିଯୋଗିତାରେ ଭାରତ ୧୬ ପଦକ ଜିତିଛି । ଏଥିରେ ୫ଟି ସ୍ୱର୍ଣ୍ଣ, ୪ଟି ରୌପ୍ୟ ଓ ୭ ଟି ବ୍ରୋଞ୍ଜ ପଦକ ରହିଛି । ଭାରତୀୟ ଯୋଡି ବଂଶିକା ଚୌଧୁରୀ ଓ ଶିବ ନରୱାଲଙ୍କ ଯୋଡି ରୌପ୍ୟ ପଦକ ଜିତିଛନ୍ତି । ୧୦ ମିଟର ଏୟାର ପିସ୍ତଲ ମିଶ୍ରିତ ଯୁଗଳରେ ଭାରତୀୟ ଯୋଡି ୪୭୯.୭ ପଏଣ୍ଟ ସହ ଦ୍ୱିତୀୟ ସ୍ଥାନ ଅଧିକାର କରିଥିଲେ । ପୋଲାଣ୍ଡକୁ ସ୍ୱର୍ଣ୍ଣ ଏବଂ ଚାଇନିଜ ତାଇପେଇ ଯୋଡି ବ୍ରୋଞ୍ଜ ପଦକ ଜିତିଥିଲେ । ଭାରତ ଏହି ରୌପ୍ୟ ପଦକ ସହ ଟେବୁଲର ଶୀର୍ଷ ସ୍ଥାନରେ ରହିଛି । ଏହି ପ୍ରତିଯୋଗିତାରେ ୭୦ ମହାସଂଘରୁ ୮୦୦ରୁ ଊର୍ଦ୍ଧ୍ୱ ସୁଟର ଯୋଗଦେଇଛନ୍ତି । ଏଥିରେ ୮୪ ଜଣ ଭାରତୀୟ ସୁଟର ଅଂଶଗ୍ରହଣ କରିଥିବା ବେଳେ ୨୮ ତାରିଖରେ ପ୍ରତିଯୋଗିତା ଶେଷ ହେବ ।






# ଜାତୀୟ ମିନି ଗଲ୍ଫରେ ଓଡ଼ିଶା

ନୂଆଦିଲ୍ଲୀ,୨୪।୬(ଏଜେନ୍ସି): ଛତିଶଗଡ଼ର ରାୟପୁର ସ୍ଥିତ ଦେବରା ବିଶ୍ୱବିଦ୍ୟାଳୟରେ ଗୁରୁବାର ଠାରୁ ଏକାଦଶ ଜାତୀୟ ବରିଷ୍ଠ ମିନିଗଲ୍ଫ ପ୍ରତିଯୋଗିତା ଆରମ୍ଭ ହେବାକୁଯାଉଛି । ମିନିଗଲ୍ଫ ଆସୋସିଏସନ୍ ଅଫ୍ ଓଡ଼ିଶା ପକ୍ଷରୁ ଉଭୟ ପୁରୁଷ ଓ ମହିଳା ଦଳ ଘୋଷଣା କରାଯାଇଛି । ଉଭୟ ଦଳରେ ୧୨ ଜଣ ଲେଖାଏଁ ରହିଛନ୍ତି । ବିକାଶ ଚନ୍ଦ୍ର ପଟ୍ଟନାୟକ ପୁରୁଷ ଓ ସ୍ମୃତିରେଖା ପଟ୍ଟନାୟକ ମହିଳା ଦଳର ନେତୃତ୍ୱ ନେବେ । ଓଡ଼ିଶା ଦଳର ଖେଳାଳିଙ୍କୁ ନେଇ ୧୫ ଦିନିଆ ପ୍ରଶିକ୍ଷଣ ଶିବିର ଆୟୋଜିତ ହୋଇଥିଲା । ବୁଧବାର ଓଡ଼ିଶା ଦଳ ଛତିଶଗଡ଼ ଅଭିମୁଖେ ଯାତ୍ରା କରିଛି । ଏହି ପ୍ରତିଯୋଗିତାରେ ସାରା ଦେଶର ୨୧ ଟି ରାଜ୍ୟ ଅଂଶଗ୍ରହଣ କରିବେ । ଖେଳାଳିଙ୍କୁ ଓଡ଼ିଶା ଅଲିମ୍ପିକ୍ସ ସଂଘର ସଭାପତି ସମୀର ମହାନ୍ତି, ମିନିଗଲ୍ଫ ଆସୋସିଏସନ ଅଫ ଓଡ଼ିଶାର ଉପସଭାପତି ପ୍ରସନ୍ନଜିତ ପତି, ସଭାପତି ସତ୍ୟବ୍ରତ ମିନକେତନ, ଉପସଭାପତି ପିୟୂଷ ମହାନ୍ତି, ଯୁଗ୍ମ ସମ୍ପାଦକ ପ୍ରଦ୍ୟୁମ୍ନ ବେହେରା, ତୁଳସୀ ବିଶୋଇ, ଶ୍ରୀରାମ ମଣ୍ଡଳ, ଶୁଭଶ୍ରୀ ଦୀକ୍ଷିତ, ସରିତା ପ୍ରଧାନ ପ୍ରମୁଖ ଶୁଭକାମନା ଜଣାଇଛନ୍ତି ।

# ତାଇକୋଣ୍ଡୋ ପ୍ରତିଯୋଗିତାରେ ଆରିୟନଙ୍କ ସଫଳତା

କେନ୍ଦୁଝର,୨୪।୬(ସବ୍ୟୁ): କଟକ ଜିଲ୍ଲା ଜବାହାରଲାଲ ନେହେରୁ ଷ୍ଟାଡ଼ିୟମଠାରେ ୨୦୨୬ ଜୁନ ୧୬ ରୁ ୧୮ ତାରିଖ ପର୍ଯ୍ୟନ୍ତ ରାଜ୍ୟସ୍ତରୀୟ କ୍ୟୁରୋଗୀ ଓ ପୁମସେ ପ୍ରତିଯୋଗିତା ଅନୁଷ୍ଠିତ ହୋଇଛି । ଏହି ପ୍ରତିଯୋଗିତାରେ କେନ୍ଦୁଝର ଜିଲ୍ଲାର ଆରିୟନ ରାଜ ୧୨ ବର୍ଷ ରୁ କମ ସବଜୁନିୟର ବିଭାଗରେ ଅଂଶଗ୍ରହଣ କରି ସଫଳତା ଅର୍ଜନ କରିଛନ୍ତି । ଏଥିରେ କ୍ୟୁରୋଗୀ ୨୭ କିଗ୍ରା ବର୍ଗରେ ସର୍ଣ୍ଣପଦକ ହାସଲ କରିଛନ୍ତି । ସେ କେନ୍ଦ୍ରୀୟ ବିଦ୍ୟାଳୟ, କେନ୍ଦୁଝର ରେ ଚତୁର୍ଥ ଶ୍ରେଣୀ ରେ ଅଧ୍ୟୟନ ସହ ପାସନ ତାଇକୋଣ୍ଡ ଏକାଡେମୀ ରେ ପ୍ରଶିକ୍ଷଣ ନେଉଛନ୍ତି । ତାଙ୍କର ଏହି ସଫଳତା ପାଇଁ ପିତା ପ୍ରତାପଚନ୍ଦ୍ର ରାଜ , ମାତା ସସ୍ମିତା ଦେଓ , ପରିବାର ବର୍ଗ ଓ କୋଚ ମୋଉଲେନ୍ଦୁ ମହାନ୍ତ, ରୋହିତ ପ୍ରସାଦ , ରାଜ୍ୟ ସାଧାରଣ ସମ୍ପାଦକ ମନମୋହନ ଭଞ୍ଜ ତାଙ୍କୁ ଶୁଭେଚ୍ଛା ଓ ଶୁଭକାମନା ଜଣାଇଛନ୍ତି ।

# ଫ୍ରାନ୍ସର ଆଇରନ ମ୍ୟାନ୍ ଟୁର୍ସରେ ସଫଳ ହେଲେ ପ୍ରତ୍ୟୁଷ ରଞ୍ଜନ

ଭୁବନେଶ୍ୱର,୨୪।୬(ସବ୍ୟୁ): ସମ୍ବଲପୁର ବିଶ୍ୱବିଦ୍ୟାଳୟର ରାଜନୀତି ବିଜ୍ଞାନର ସହକାରୀ ଅଧ୍ୟାପକ ଡ଼ଃ ପ୍ରତ୍ୟୁଷ ରଞ୍ଜନ ୧୪ ଜୁନ୍ ୨୦୨୬ ତାରିଖରେ ଫ୍ରାନ୍ସର ଆୟରନମ୍ୟାନ୍ ଟୁର୍ସ ଲୋଇର ଭ୍ୟାଲି ପ୍ରତିଯୋଗିତାକୁ ୧୫ ଘଣ୍ଟା ୧୭ ମିନିଟ୍ରେ ସଫଳତାର ସହ ସମାପ୍ତ କରିଛନ୍ତି । ବିଶ୍ୱର ସବୁଠାରୁ କଠିନ ସହନଶୀଳତା ପରୀକ୍ଷାମାନଙ୍କ ମଧ୍ୟରୁ ଗଣାଯାଉଥିବା ଏହି ପ୍ରତିଯୋଗିତାରେ ୩.୮ କି.ମି. ପହଁରା, ୧୮୦ କି.ମି. ସାଇକ୍ଲିଂ ଏବଂ ୪୨.୨ କି.ମି. ମାରାଥନ୍ ଅନ୍ତର୍ଭୁକ୍ତ ଥିଲା । ଉଲ୍ଲେଖନୀୟ ଭାବେ, ଏହା ଡ଼ଃ ପ୍ରତ୍ୟୁଷ ରଞ୍ଜନଙ୍କ ଜୀବନର ମାତ୍ର ଦ୍ୱିତୀୟ ଟ୍ରାୟାଥଲନ୍ ଥିଲା । ଏହା ପୂର୍ବରୁ ସେ କେବଳ ଗୋଟିଏ ହାଫ୍-ଆୟରନ୍ ଦୂରତାର ଟ୍ରାୟାଥଲନ୍ରେ ଅଂଶଗ୍ରହଣ କରିଥିଲେ । ସମଗ୍ର ପ୍ରସ୍ତୁତି ସେ ନିଜେ କରିଥିଲେ; କୌଣସି ବ୍ୟକ୍ତିଗତ କୋଚ୍, ପେଶାଦାର ସହାୟତା ଦଳ କିମ୍ବା ଔପଚାରିକ ବାଇକ୍ ଫିଟିଂର ସହାୟତା ନେଇନଥିଲେ ।



ପ୍ରସ୍ତୁତି ଅବଧିରେ ସେ ବିଭିନ୍ନ ଆଘାତ ଓ ଶାରୀରିକ ବାଧାବିଘ୍ନର ସମ୍ମୁଖୀନ ହୋଇଥିଲେ । ତଥାପି ଭେଗାନ୍ ଜୀବନଶୈଳୀ ଓ ଭେଗାନ୍-ଅନୁକୂଳ ପୋଷଣ ଏବଂ ପୁନର୍ବାସନ ମାଧ୍ୟମରେ ସେ ପୁନର୍ବାର ସୁସ୍ଥ ହୋଇ ପ୍ରତିଯୋଗିତା ପାଇଁ ପ୍ରସ୍ତୁତ ହୋଇଥିଲେ । ରେସ୍ ଦିନରେ ମଧ୍ୟ ସେ ଅନେକ ଚ୍ୟାଲେଞ୍ଜର ସାମ୍ନା କରିଥିଲେ । ପ୍ରାୟ ସାତ ମାସ ଧରି ଖୋଲା ଜଳରେ ପହଁରିବାର ସୁଯୋଗ ନମିଳିବାରୁ ପହଁରା ଆରମ୍ଭରେ ଠଣ୍ଡା ପାଣିର ଝଟକା (Cold Water Shock) ଓ ଶ୍ୱାସକଷ୍ଟ ଅନୁଭବ କରିଥିଲେ । ସାଧାରଣତଃ ଏଭଳି ପରିସ୍ଥିତିରେ ଅନେକ ନବାଗତ ପ୍ରତିଯୋଗୀ ଭୟଭୀତ ହୋଇ ପ୍ରତିଯୋଗିତା ଛାଡ଼ି ଦିଅନ୍ତି, କିନ୍ତୁ ସେ ଧୈର୍ଯ୍ୟ ଓ ମାନସିକ ସ୍ଥିରତା ବଜାୟ ରଖି ଆଗକୁ ବଢ଼ିଥିଲେ । ସାଇକ୍ଲିଂ ପର୍ଯ୍ୟାୟରେ ଦୀର୍ଘ ଫଲ୍ସ ଫ୍ଲାଟ୍, ଉଚ୍ଚ-ନିମ୍ନ ରାସ୍ତା, ପ୍ରଯୁକ୍ତିଗତ ଭାବେ କଠିନ ଅବତରଣ, ତୀବ୍ର ମୁହାଁ ପବନ ଏବଂ ଉଷ୍ମ ପାଗ ଶରୀର ଉପରେ ଅତିରିକ୍ତ ଚାପ ସୃଷ୍ଟି କରିଥିଲା । ଏହି ସମୟରେ କ୍ଲିଟ୍ ଖୋଲିବାରେ ବିଳମ୍ବ ହେବାରୁ ଏକ ଛୋଟ ଦୁର୍ଘଟଣା ମଧ୍ୟ ଘଟିଥିଲା । ତଥାପି ସେ ପ୍ରତିଯୋଗିତା ଜାରି ରଖିଥିଲେ ଏବଂ ସଫଳତାର ସହ ଫିନିଶ୍ ଲାଇନ୍ ଅତିକ୍ରମ କରିଥିଲେ । ଡ଼ଃ ପ୍ରତ୍ୟୁଷ ରଞ୍ଜନ ଓ ତାଙ୍କ ପରିବାର ପ୍ରାୟ ୧୧ ବର୍ଷ ଧରି ଭେଗାନ୍ ଜୀବନଶୈଳୀ ଅନୁସରଣ କରୁଛନ୍ତି । ସେ ସମ୍ଭବତଃ ସମ୍ବଲପୁର ଅଞ୍ଚଳର ପ୍ରଥମ ଆୟରନମ୍ୟାନ୍ ଫିନିଶର ଏବଂ ଓଡ଼ିଶା ଓ ପୂର୍ବ ଭାରତର ପ୍ରଥମ ଭେଗାନ୍ ଆୟରନମ୍ୟାନ୍ ଫିନିଶର ହୋଇପାରନ୍ତି ।

ଡ଼ଃ ପ୍ରତ୍ୟୁଷ ରଞ୍ଜନ ନିଜ ପରିବାର ପ୍ରତି ଗଭୀର କୃତଜ୍ଞତା ଜଣାଇଛନ୍ତି । ସେ ବିଶେଷ ଭାବରେ ନିଜ ମାଆଙ୍କୁ ଧନ୍ୟବାଦ ଜଣାଇଛନ୍ତି, ଯିଏ ନିଜର କଷ୍ଟାର୍ଜିତ ଫିକ୍ସଡ୍ ଡିପୋଜିଟ୍ର ଏକ ବଡ଼ ଅଂଶ ଭାଙ୍ଗି ଏହି ଯାତ୍ରାକୁ ସମ୍ଭବ କରିଥିଲେ; ନିଜ ବାପାଙ୍କୁ, ଯିଏ କାର୍ବନ୍ ରୋଡ୍ ବାଇକ୍ କିଣିବାରେ ସହଯୋଗ କରିଥିଲେ; ଏବଂ ନିଜ ପତ୍ନୀଙ୍କୁ, ଯିଏ ସମଗ୍ର ଯାତ୍ରାରେ ତାଙ୍କ ବ୍ୟକ୍ତିଗତ ପୋଷଣ ପରାମର୍ଶଦାତା, ଫିଜିଓଥେରାପିଷ୍ଟ ଏବଂ ସର୍ବଶ୍ରେଷ୍ଠ ପ୍ରେରଣାଦାତ୍ରୀ ଭାବେ ସହଯୋଗ କରିଥିଲେ । ସେ ଆୟରନମ୍ୟାନ୍ ସୌଭାଗ୍ୟ କୁମାର ରଥଙ୍କୁ ତାଙ୍କ ପ୍ରେରଣା ଓ ସମର୍ଥନ ପାଇଁ, ଦାଶରଥୀ ପଟେଲ ସାର, ଆଶୁତୋଷ ସାର ଓ ସମ୍ବଲପୁରର ଡ଼ଃ ଝାସକେତନ ସାହୁ ସ୍ୱିମିଂ ପୁଲ ସହ ଜଡିତ ସମସ୍ତଙ୍କୁ, ପେଡାଲ ପୁଶର୍ସର ଶ୍ରୀ ଇପ୍ସିତ ଓ ଶ୍ରୀ ଆନନ୍ଦଙ୍କୁ ଏବଂ ତାଙ୍କର ସମସ୍ତ ବନ୍ଧୁ, ଗୁରୁ ଓ ଶୁଭେଚ୍ଛୁମାନଙ୍କୁ ମଧ୍ୟ କୃତଜ୍ଞତା ଜଣାଇଛନ୍ତି । "ଯଦିଓ ମୁଁ ଏକା ଫିନିଶ୍ ଲାଇନ୍ ଅତିକ୍ରମ କରିଥିଲି, ଏହି ସଫଳତା ମୋ ମାଆ, ବାପା, ପତ୍ନୀ, ଗୁରୁ, ବନ୍ଧୁ ଏବଂ ଶୁଭେଚ୍ଛୁମାନଙ୍କର ମଧ୍ୟ ସମାନ ଭାବେ । ସେମାନଙ୍କର ତ୍ୟାଗ, ସମର୍ଥନ ଓ ବିଶ୍ୱାସ ମୋତେ ଏହି ସମଗ୍ର ଯାତ୍ରାରେ ଆଗକୁ ନେଇଛି ।






Printed & Published by Satyanarayan Mohanty for Ashirbad Prakashan Pvt. Ltd. at its Press at Plot- 44 & 54, Sec.-A, Zone-D, M.I.Estate, Po.:Rasulgarh, Bhubaneswar -10. PBX-0674-7117711, News/Fax-2585740,2586665, TEL: 2585602, 0674-7117713, Advertisement : 0674-7117734 / 37, Circulation: 0674- 2583867, 7117718, Chief Editor: Gurukalyan Mohapatra, ମୁଖ୍ୟ ସମ୍ପାଦକ: ଗୁରୁକଲ୍ୟାଣ ମହାପାତ୍ର, Editor: Papu Mohanty: ସମ୍ପାଦକ: ପପୁ ମହାନ୍ତି